ବର୍ଷ-୫୫ : ସଂଖ୍ୟା-୪ ଏପ୍ରିଲ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ମନୋଯୋଗୀ ହୁଅ | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଏକାଦଶ ପରିଚ୍ଛେଦ) ଜୀବନର ଶାସକ ରୂପେ ବୁଦ୍ଧି | ... | ଶେଖ ଅବଦୁଲ କାଶମ | ... | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୯) | ... | ... | ... | ୧୨ |
| ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ | ... | ରାମକୃଷ୍ଣ ଦାସ | ... | ୧୬ |
| ମାତୃ ଆଜ୍ଞାବହ ପ୍ରପତ୍ତି | ... | ଗୋପାଳଚନ୍ଦ୍ର ମାହାନା | ... | ୧୮ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା(୮୪) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୨ |
| ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ | ... | ପ୍ରପତ୍ତି | ... | ୨୫ |
| ଦ୍ୱୈତସତ୍ତା (କବିତା) | ... | ଶ୍ରୀଅରବିନ୍ଦ | ... | ୨୮ |
| ଦ୍ୱୀପାନ୍ତରର କଥା (ଷଷ୍ଠ ପରିଚ୍ଛେଦ) ଉପେନ୍‌ର କଥା – ଧର୍ମଘଟ (୫) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୯ |
| ନୂତନ ଶିକ୍ଷାର ଆହ୍ୱାନ (୭) | ... | ଗୟାଧର ଦାଶ | ... | ୩୧ |
| ଧନ୍ୟ କରିଛ ମାଆ (କବିତା) | ... | ଧର୍ମ କୁମାର ଶତପଥି | ... | ୩୩ |
| ପ୍ରଶ୍ନବାଚୀ ଉତ୍ତର ପ୍ରଦାନର ବିଡ଼ମ୍ବନା | ... | ମନୋଜ ଦାସ | ... | ୩୪ |
| ଅମୃତ (୨) | ... | ... | ... | ୩୬ |
| କ୍ଷୁଦ୍ରତମ ପରିବାର | ... | ପ୍ରସାଦ ତ୍ରିପାଠୀ | ... | ୩୯ |
| ଆକସ୍ମିକ ନୁହେଁ ଅଲୌକିକ | ... | ସନ୍ତୋଷ ରଥ | ... | ୪୨ |
| ନେତାଜୀଙ୍କ ଜୀବନଚର୍ଯ୍ୟାରେ ଶ୍ରୀଅରବିନ୍ଦଙ୍କ ପ୍ରଭାବ | ... | ରବୀନ୍ଦ୍ରନାଥ ଦାସ | ... | ୪୪ |
| ନୈକଟ୍ୟର ବିପଦ | ... | ମନୋଜ ଦାସ | ... | ୪୮ |
| କୃତଜ୍ଞତାର ଅଶ୍ରୁ | ... | ବନମାଳୀ ଆଚାର୍ଯ୍ୟ | ... | ୫୧ |
| ହାର | ... | ... | ... | ୫୪ |
| ନୂତନ ସୃଷ୍ଟି (କବିତା) | ... | ଜ୍ୟୋତ୍ସ୍ନାରାଣୀ ଦାଶ | ... | ୫୬ |
| ମୋକ୍ଷ ମାର୍ଗର ସନ୍ଧାନ | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ସବୁକିଛି ମିଳିତ ହୋଇ ଏକ ଯୋଗାଯୋଗ ସୃଷ୍ଟି କରିଛି ଯଦ୍ୱାରା ମୁଁ ଆଉ ଅଭ୍ୟାସର ଜୀବ ହୋଇ ନ ରହେ । ଏବଂ ଏହି ନୂତନ ଅବସ୍ଥାରେ, ଏହି ଜଟିଳ ଓ ଅନିଶ୍ଚିତ ଘଟଣାବଳୀ ମଧ୍ୟରେ ତୁମର ଅଚଞ୍ଚଳ ଶାନ୍ତି ଯେପରି ପରିପୂର୍ଣ୍ଣଭାବେ ଉପଲବ୍ଧ କରିଛି ସେପରି ଆଉ କେବେ କରି ନାହିଁ । ଅଧିକନ୍ତୁ ମୋର 'ମୁଁ' ପୂର୍ଣ୍ଣରୂପେ ଲୋପ ପାଇଛି ଏବଂ ତାହା ସ୍ଥାନରେ ତୁମର ଏକମାତ୍ର ଦିବ୍ୟଶାନ୍ତି ପ୍ରତିଷ୍ଠିତ ହୋଇଛି । ସବୁକିଛି ସୁନ୍ଦର, ସୁସମଞ୍ଜସ, ପ୍ରଶାନ୍ତ, ସବୁକିଛି ତୁମ ଦ୍ୱାରା ପୂର୍ଣ୍ଣ । ପ୍ରଦୀପ୍ତ ସୂର୍ଯ୍ୟ ମଧ୍ୟରେ ତୁମେହିଁ ସମୁଜ୍ଜ୍ୱଳ, ମଧୁର ହିଲ୍ଲୋଳ ମଧ୍ୟରେ ତୁମର ଛନ୍ଦ ବହମାନ, ଆମ୍ଭମାନଙ୍କ ହୃଦୟ ମଧ୍ୟରେ ତୁମେହିଁ ପ୍ରକାଶିତ ଏବଂ ସକଳ ଜୀବ ମଧ୍ୟରେ ତୁମେ ଅଧିଷ୍ଠିତ । ଏପରି ପ୍ରାଣୀଟିଏ, ପାଦପଟିଏ ନାହିଁ, ଯିଏ ମୋତେ ତୁମ କଥା ନକହେ ଏବଂ ଯାହାକିଛି ଉପରେ ଦୃଷ୍ଟିପାତ କରେ, ତା' ଉପରେ ଲିଖିତ ତୁମରି ନାମ ।

ହେ ପ୍ରେମମୟ ପ୍ରଭୁ, ତେବେ ଅବଶେଷରେ କ'ଣ ତୁମେ ମୋର ପ୍ରାର୍ଥନା ପୂର୍ଣ୍ଣ କରିଛ, ମୁଁ କ'ଣ ସଂପୂର୍ଣ୍ଣରୂପେ ତୁମର ହୋଇଯାଇଛି, ମୋ ଚେତନା ନିଃସଂଶୟରେ ତୁମ ଚେତନା ସଙ୍ଗେ ଏକତ୍ୱ ପ୍ରାପ୍ତ ହୋଇଛି ? ଏପରି ବା ମୁଁ କ'ଣ କରିଛି ଯଦ୍ୱାରା ମୁଁ ଏହି ମହାନ୍ ସୁଖର ଅଧିକାରୀ ହୋଇ ପାରିଛି ? ମୁଁ କେବଳମାତ୍ର ଏକନିଷ୍ଠଭାବେ ଏହା କାମନା କରିଛି, ସ୍ଥିର ସଂକଳ୍ପ ସହ ଚାଲୁଛି – କିନ୍ତୁ ଏହା ଅତି ସାମାନ୍ୟ ।

କିନ୍ତୁ, ହେ ଭଗବାନ୍, ବର୍ତ୍ତମାନ ମୋ ମଧ୍ୟରେ ମୋ ଇଚ୍ଛା ନୁହେଁ, ତୁମ ଇଚ୍ଛାହିଁ ବାସ କରେ; ଏହି ସୌଭାଗ୍ୟ ଯେପରି ସମସ୍ତଙ୍କ ପକ୍ଷରେ ଫଳଦାୟକ ଓ ଲାଭଜନକ ହୁଏ ତୁମେହିଁ ତାହା କରିପାର; କାରଣ ଏହା ମଧ୍ୟଦେଇ ଯେତେଦୂର ସମ୍ଭବ ସବୁଠାରୁ ବେଶୀ ସଂଖ୍ୟକ ବ୍ୟକ୍ତି ତୁମକୁ ଉପଲବ୍ଧ କରିପାରନ୍ତି ।

ହେ ଭଗବାନ୍, ସକଳେ ତୁମକୁହିଁ ଜାଣନ୍ତୁ, ତୁମକୁ ପ୍ରେମ କରନ୍ତୁ, ତୁମର ସେବା କରନ୍ତୁ; ସମସ୍ତେ ଯେପରି ସେହି ପରମ ଆତ୍ମନିବେଦନର ଅଧିକାରୀ ହୋଇଉଠନ୍ତୁ ।

ହେ ପ୍ରେମ, ଦିବ୍ୟପ୍ରେମ, ସମସ୍ତ ଜଗତରେ ପ୍ରସାରିତ ହୁଅ, ଜୀବନକୁ ନୂତନ କରି ଗଢ଼ିଦିଅ, ବୁଦ୍ଧିକୁ ପ୍ରଦୀପ୍ତ କର, ଅହଂକାରର ସକଳ ବନ୍ଧନକୁ ଭାଙ୍ଗିଦିଅ, ଅଜ୍ଞାନର ବାଧା ଦୂର କର ଏବଂ ପୃଥିବୀର ଜ୍ୟୋତିର୍ମୟ ଅଧୀଶ୍ୱର ହୁଅ ।

କାରିକଲ, ଏପ୍ରିଲ ୧୩, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Cease inwardly from thought and word, be motionless within you, look upward into the light and outward into the vast cosmic consciousness that is around you. Be more and more one with the brightness and the vastness. Then will Truth dawn on you from above and flow in on you from all around you.

(*Essays Divine and Human*, p. 256) – Sri Aurobindo

ନିଜ ଭିତରେ ଚିନ୍ତା ଓ ବାକ୍‌ରୁ ବିରତ ରୁହ, ନିଜ ଭିତରେ ନିଶ୍ଚଳ ରୁହ, ଊର୍ଦ୍ଧ୍ୱରେ ଆଲୋକ ଭିତରକୁ ଏବଂ ତୁମ ଚତୁର୍ଦ୍ଦିଗସ୍ଥ ବ୍ୟାପକ ମହାଜାଗତିକ ଚେତନା ମଧ୍ୟକୁ ଦୃଷ୍ଟିପାତ କର । ସେ ଉଜ୍ଜ୍ୱଳତା ଏବଂ ବ୍ୟାପକତା ସହ ଅଧିକରୁ ଅଧିକ ଏକୀଭୂତ ହୁଅ । ତା'ହେଲେ ଊର୍ଦ୍ଧ୍ୱରୁ ତୁମ ଉପରେ ସତ୍ୟର ଉଦୟ ହେବ ଏବଂ ତାହା ତୁମ ଚତୁର୍ଦ୍ଦିଗରୁ ତୁମ ଉପରକୁ ପ୍ରବାହିତ ହୋଇଆସିବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ**

**(The Kingdoms and Godheads of the Greater Mind)**

**(୪)**

**ଶ୍ରୀଅରବିନ୍ଦ**

Amid the heavy sameness of the days
And contradicted by the human law,
A faith in things that are not and must be
Lives comrade of this world's delight and pain,
The child of the secret soul's forbidden desire
Born of its amour with eternity.

ଦିବସାବଳୀର ଗୁରୁଭାରଯୁକ୍ତ ସମରୂପତା ଭିତରେ ଏବଂ ମାନୁଷୀ ବିଧାନ ଦ୍ୱାରା ଅସ୍ୱୀକୃତ ହୋଇ ଯାହାସବୁ ଏଠାରେ ନାହିଁ ଅଥଚ ଦିନେ ଯାହା ଅବଶ୍ୟ ସମ୍ଭବ ହେବ, ତାହାରି ଉପରେ ଏକ ପ୍ରତ୍ୟୟ ଏହି ଜଗତର ଆନନ୍ଦ ଓ ବେଦନାର ସଙ୍ଗୀ ହୋଇ ରହିଛି, ଗୋପନ ଆତ୍ମାର ନିଷିଦ୍ଧ ବାସନାର ସନ୍ତାନ ସେ, ଶାଶ୍ୱତଙ୍କ ସହ ତା'ର ପ୍ରଣୟରୁ ସେ ସଂଜାତ ।

Our spirits break free from their environment;
The future brings its face of miracle near,
Its godhead looks at us with present eyes;
Acts deemed impossible grow natural;
We feel the hero's immortality;
The courage and the strength death cannot touch
Awake in limbs that are mortal, hearts that fail;
We move by the rapid impulse of a will
That scorns the tardy trudge of mortal time.

ଆମର ଚୈତନ୍ୟ-ସତ୍ତାସକଳ ସେଗୁଡ଼ିକର ଆବେଷ୍ଟନୀ ଭାଙ୍ଗିଦେଇ ମୁକ୍ତ ହୋଇ ଆସନ୍ତି; ଭବିଷ୍ୟତ୍ ତାହାର ଅଲୌକିକତାର ମୁଖମଣ୍ଡଳକୁ ସନ୍ନିକଟ କରିଆଣେ, ତାହାର ଭାଗବତ୍ତା ବର୍ତ୍ତମାନର ଦୃଷ୍ଟି ତୋଳି ଆମକୁ ଚାହିଁରହେ; ଅସମ୍ଭବ ବୋଲି ବିବେଚିତ କର୍ମଚୟ ସ୍ୱାଭାବିକ ହୋଇଉଠେ; ଆମ୍ଭେମାନେ ଅନୁଭବ କରୁ ବୀରର ଅମରତ୍ୱ; ଯେଉଁ ସାହସ ଓ ସାମର୍ଥ୍ୟକୁ ମୃତ୍ୟୁ ସ୍ପର୍ଶ କରିପାରେ ନାହିଁ, ତାହା ଆମର ମରଣଶୀଳ ଅଙ୍ଗରାଜିରେ, ବିଫଳ ହୃଦୟରେ ଜାଗ୍ରତ୍ ହୋଇଉଠେ; ନଶ୍ୱର ସମୟର ବିଳମ୍ବିତ କ୍ଲାନ୍ତଗତିକୁ ତାଚ୍ଛଲ୍ୟ କରୁଥିବା ଏକ ସଂକଳ୍ପ ଶକ୍ତିର କ୍ଷିପ୍ର ଆବେଗ ଦ୍ୱାରା ଆମେ ଗତିଶୀଳ ହେଉ ।

These promptings come not from an alien sphere:
Ourselves are citizens of that mother State,
Adventurers, we have colonised Matter's night.

ଏହିସବୁ ପ୍ରେରଣା କୌଣସି ଅଜଣା ଲୋକରୁ ଆସେ ନାହିଁ : ଆମେସବୁ ସେହି ଦେଶଜନନୀର ନାଗରିକ ସନ୍ତାନବୃନ୍ଦ, ଦୁଃସାହସିକ ଅଭିଯାତ୍ରୀ ଦଳ, ଜଡ଼ର ରାତ୍ରିରେ ଆମେ ସ୍ଥାପନ କରିଛୁ ଉପନିବେଶ ।

But now our rights are barred, our passports void;
We live self-exiled from our heavenlier home.

ମାତ୍ର ବର୍ତ୍ତମାନ ଆମର ଅଧିକାର ସକଳ ବାଧାପ୍ରାପ୍ତ, ଆମର ପ୍ରବେଶ ପତ୍ରମାନ ଶୂନ୍ୟ, ମୂଲ୍ୟବିହୀନ; ଆମେ ଆମର ସ୍ୱର୍ଗୀୟ ନିଳୟରୁ ଆତ୍ମ-ନିର୍ବାସିତ ହୋଇ ଜୀବନଧାରଣ କରୁଛୁ ।

An errant ray from the immortal Mind
Accepted the earth's blindness and became
Our human thought, servant of Ignorance.

ଅମର ମାନସରୁ ଆଗତ ଏକ ପଥଭ୍ରଷ୍ଟ ରଶ୍ମି ପୃଥିବୀର ଅନ୍ଧତ୍ୱକୁ ଗ୍ରହଣ କରିନେଲା ଓ ଆମର ଭାବନାରେ ପରିଣତ ହେଲା, ପାଲଟିଲା ଅଜ୍ଞାନର ପରିକର ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ମନୋଯୋଗୀ ହୁଅ

## ଶ୍ରୀମା

### ତୁମ ଭିତରେ ସ୍ୱ-ବିରୋଧିତା ପ୍ରତି ଦୃଷ୍ଟିଦିଅ

ବେଳେ ବେଳେ ଦେଖାଯାଏ ଜଣେ ଦିନ ତମାମ ବେଶ୍ ଭଲ ମଣିଷଟିଏ ଭଳି ରହିଛି, କିନ୍ତୁ ହଠାତ୍ ସେ କେମିତି କେଜାଣି ବଦମାସ ପାଲଟି ଗଲା, ଆଉ ସେ ଦିନଟା ସାରା ଯେତିକି ଭଲ ଥିଲା, ତା'ଠାରୁ ଅଧିକ ଖରାପ ହୋଇଗଲା ! କାରଣ, କେବଳ ଜଣେ ଏସବୁ ନିରୀକ୍ଷଣ କରି ନ ଥାଏ, ମୁଣ୍ଡ ଭିତରେ କେତେବେଳେ କେଉଁ ପ୍ରକାର ଚିନ୍ତା ଖେଳି ବୁଲୁଥାଏ – କେତେବେଳେ ହିଂସାତ୍ମକ, କେତେବେଳେ ଅସଦିଚ୍ଛା ସବୁ, କେତେବେଳେ ପୁଣି ନାନାଦି ଘୃଣ୍ୟ ବିଷୟମାନ ତା' ମୁଣ୍ଡ ଭିତରେ ଦୌଡ଼ଧାପଡ଼ କରୁଥା'ନ୍ତି ତାହା ସେ ନିରୀକ୍ଷଣ କରି ନ ଥାଏ । ... ସାଧାରଣତଃ, ଜଣେ ଏହା ଉପରେ ଆଦୌ ମନୋଯୋଗ ଦିଏ ନାହିଁ । କିନ୍ତୁ ଏହିସବୁକୁ ଧରିବାକୁ ହେବ ! ଯେତେବେଳେ ତୁମେ ଦେଖିବ ଯେ ଏମିତି କିଛି ତୁମ ମୁଣ୍ଡ ଭିତରେ ପ୍ରକାଶ ପାଇଲା – ସଙ୍ଗେ ସଙ୍ଗେ (ମା ଗୋଟିଏ ଭଙ୍ଗୀ ଦେଖାଇ) ତୁମେ ତାକୁ ଏମିତି ଧରି ପକାଇବ, ଖୁବ୍ ଶକ୍ତ ଭାବରେ ଧରି ପକାଇବ, ତା'ପରେ ତାକୁ ଆଲୋକ ସାମନାକୁ ଆଣି କହିବ, ''ନା ! ମୁଁ ତୋତେ ଚାହେଁ ନାହିଁ ! ମୁଁ ତୋତେ ଜମା ଚାହେଁ ନାହିଁ ! ତୋ ସଙ୍ଗେ ମୋର କିଛି କାମ ନାହିଁ ! ତୋତେ ଏଠାରୁ ଛାଡ଼ି ଚାଲିଯିବାକୁହିଁ ହେବ ଏବଂ ଆଉ କେବେ ଫେରିବୁ ନାହିଁ !''...

ଜଣେ ନିଜ ଭିତରେ ଏହିସବୁ ସ୍ୱ-ବିରୋଧୀ ଗୁଣଗୁଡ଼ାକ ରହିବା ସମ୍ପର୍କରେ ବେଶ୍ ଅଭ୍ୟସ୍ତ; କିନ୍ତୁ କେହି ଏହା ଉପରେ ଗୁରୁତ୍ୱ ଦିଏ ନାହିଁ । ଏବଂ ସେଥିପାଇଁ ତୁମ ଭିତରେ ଏହି ଗୁଣଗୁଡ଼ିକ ପଡ଼ୋଶୀ ଭଳି ଆରାମରେ ଘର ବାନ୍ଧି ଏକାଠି ରହିଛନ୍ତି । ତୁମର କାମ ହେଲା ପ୍ରଥମେ ସେହି ବିରୋଧୀ ଗୁଣଗୁଡ଼ିକୁ ଆବିଷ୍କାର କରିବା ଏବଂ ତୁମର ଚେତନାରେ ସେମାନଙ୍କୁ ଗୋଳେଇ ମିଶେଇ ହୋଇ ଯିବାକୁ ନ ଦେବା : ସେଗୁଡ଼ିକୁ ବିଶ୍ଳେଷଣ କର, ଛାଇକୁ ଆଲୁଅଠାରୁ ଅଲଗା କର । ତା'ପରେ ଛାଇଟିକୁ ଆପଣା ଭିତରୁ ବହିଷ୍କାର କରି ଦିଅ ।

### ମନୋଯୋଗୀ ହୁଅ

ଜଣେ ଯଦି ମନୋଯୋଗୀ ନ ହୁଏ, ତା'ହେଲେ ଖୁବ୍ ସହଜରେ ଗାତ ଭିତରକୁ ଖସି ପଡ଼େ : ଜଣେ ଯଦି ଭୁଲ୍ ପାଦଟିଏ ଉଠାଏ, ତା'ପରେ ତା' ପାଦ ଖସିଯାଏ ଏବଂ ତା'ପରେ ହଠାତ୍ ସିଧା ଯାଇ ଗାତ ମଝିରେ ଦୁମ୍ କରି ଗଳିପଡ଼େ । ତା'ପରେ ସେ ନିଜକୁ ପଚାରେ, ''କେମିତି ଏକଥା ହେଲା ? କେମିତି ଏ ଅଘଟଣ ଘଟିଲା ?'' ଏହାର ସିଧା ଉତ୍ତର, ପାଦଟି ଭୁଲ୍ ଭାବରେ ପକାଇଲ : ସେତେବେଳେ ସାବଧାନ ହେଲ ନାହିଁ । ତୁମେ ତୁମ ସତ୍ତାର ସେହି ଅଂଶଟିକୁ ତୁମକୁ ତା' କ୍ଷେତ୍ରକୁ ଟାଣି ନେବାକୁ ଛାଡ଼ିଦେଲ; କାରଣ ତୁମେ ତାକୁ ତୁମ ବାଟରୁ ହଟାଇ ପାରିଲ ନାହିଁ, ତୁମକୁ ଅନୁସରଣ କରିବା ଲାଗି ତାକୁ ବାଧ କଲ ନାହିଁ । ବର୍ତ୍ତମାନ ସେ ତୁମକୁ ପଛକୁ ଟାଣିବ ନାହିଁ ତ ଆଉ କ'ଣ କରିବ ।

ଜଣେ ଯଦି ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହୁଁଥାଏ, ତା' ସତ୍ତାର ଚାରି ଭାଗରୁ ତିନିଭାଗ ଶୋଇପଡ଼ିବା ଉଚିତ ନୁହେଁ । ତୁମେ ସବୁବେଳେ ସବୁଦିଗରୁ ଜାଗ୍ରତ୍ ରହିବା ଉଚିତ, ଖୁବ୍ ସତର୍କ ରହିବା ଉଚିତ । ତା' ନହେଲେ ତୁମେ ଗୋଟିଏ ଭରା ନଈରେ କିଂବା ବିଶାଳ ସମୁଦ୍ରର ଉତ୍ତାଳ ତରଙ୍ଗମାଳା ଭିତରେ ଛୋଟ ନୌକାଟି ଭଳି ଏଣେ ତେଣେ ଭାସିଯିବ । ଯଦି ତୁମେ ସାବଧାନ ନରୁହ, ଯଦି ତୁମେ ଏହି ଉତ୍ତାଳ ତରଙ୍ଗମାଳା ପ୍ରତି ସଚେତନ ନରୁହ, ଯଦି ତୁମେ ହୁଗୁଳା ହୋଇଯାଅ, ଯଦି ତୁମର ସତର୍କତା ବି ହୁଗୁଳି ଯାଏ ତା'ହେଲେ ହଠାତ୍ ତୁମେ ଦେଖିବ ଯେ ତୁମେ ଯେଉଁଠି ପହଞ୍ଚିବାକୁ ଭାବିଥିଲ ଠିକ୍ ତା'ର ବିପରୀତ ଦିଗରେ ଯାଇ ପଡ଼ିଛ ! ତୁମକୁ କିଏ ତଡ଼ି ନେଇ ଯାଇଛି, ଠିକ୍ ସେହିଭଳି ଅବସ୍ଥା ତୁମର, ଖୁବ୍ ସ୍ୱାଭାବିକ କଥା । (ଆଉ ଏପରି ବିଳାପ ମଧ୍ୟ କରୁଥିବ) ''ଆହା ! ମୁଁ ତ ସେଠିକି ଯିବାକୁ ଚାହୁଁଥିଲି କିନ୍ତୁ ହାୟ ! ମୁଁ କେମିତି ପୁଣି ଏଠି ଆସି ପହଞ୍ଚିଲି ?''

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଏକାଦଶ ପରିଚ୍ଛେଦ)

## ଜୀବନର ଶାସକ ରୂପେ ବୁଦ୍ଧି

ଶେଖ ଅବଦୁଲ କାଶମ

ବିବର୍ତ୍ତନକ୍ରମଟିର ମନୁଷ୍ୟ ସ୍ତରରେ ଆମେ ବୁଦ୍ଧିଶକ୍ତିକୁହିଁ ସର୍ବୋଚ୍ଚ ସାମର୍ଥ୍ୟ ଓ ଜୀବନର ନିୟାମକ ରୂପେ ଦେଖିବାକୁ ପାଉ । ମନୁଷ୍ୟ ତା'ର ବୁଦ୍ଧିଯୁକ୍ତ ଇଚ୍ଛା (intelligent will)କୁ ଉପଯୋଗ କରି ଆପଣାର ଜୀବନକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରି ରଖୁଛି । ବୁଦ୍ଧିହିଁ ଆପାତତଃ ଜୀବନର ସକଳ କ୍ଷେତ୍ରକୁ ଶାସନ କରୁଛି । ପ୍ରାଣୀ ସ୍ତରରେ ସହଜାତ ପ୍ରବୃତ୍ତିହିଁ ଜୀବନର ନିୟାମକ ହୋଇଥାଏ, ସେଠାରେ ସବୁକିଛି ଯନ୍ତ୍ରବତ୍ ହୋଇ ଚାଲିଥାଏ । ମାତ୍ର ମନୁଷ୍ୟ ସ୍ତରରେ ଶୃଙ୍ଖଳା ଓ ଆତ୍ମବିକାଶର ତତ୍ତ୍ୱ କାର୍ଯ୍ୟ କରିବାକୁ ଆରମ୍ଭ କରେ । ମନୁଷ୍ୟ ଆପଣା ଜୀବନର ପରିଚାଳନା ପାଇଁ ଏକ ସାଧାରଣ ବିଧାନ ଆବଶ୍ୟକ କରେ, ଜୀବନକୁ ସଂଗଠିତ ଓ ସଂବର୍ଦ୍ଧିତ କରିବା ପାଇଁ କେତେକ ନିୟମ ଅନୁସରଣ କରିବାକୁ ଚାହେଁ । ବିବର୍ତ୍ତନ ପ୍ରକ୍ରିୟାରେ ବୁଦ୍ଧିର ପ୍ରବେଶ ଫଳରେ ମନୁଷ୍ୟ ଆପଣାର ଯାବତୀୟ ପ୍ରଗତି ଘଟାଇବା ଲାଗି ସମର୍ଥ ହୋଇପାରୁଛି । ସେ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ନହୋଇ ସ୍ୱାଧୀନ ଚିନ୍ତା ମାଧ୍ୟମରେ ଜୀବନକୁ ବ୍ୟବସ୍ଥାବଦ୍ଧ କରିପାରୁଛି, ଜୀବନକୁ ଅଧିକ ସୁଖକର କରିବା ଲାଗି ଉଦ୍ୟମ କରୁଛି । ପ୍ରକୃତିଗତ ନିୟମର ସକଳ ଦାସତ୍ୱରୁ ମୁକ୍ତି ଲାଭ କରିବା ପାଇଁ ସେ ଆସ୍ପୃହା କରି ପାରୁଛି ।

ପ୍ରକୃତି ତା'ର ବିକାଶକ୍ରମରେ ନାନା ପ୍ରକାର ପରୀକ୍ଷା ନିରୀକ୍ଷା ଚଳାଇ ରଖିଛି । ସେ ମନୁଷ୍ୟ ମଧ୍ୟରେ ଆତ୍ମସଚେତନ ହେବା ଲାଗି ଚେଷ୍ଟା କରୁଛି । ପ୍ରକୃତି ମଧ୍ୟରେ ଯେଉଁ ଆତ୍ମସତ୍ତା ଅନେକ ସମ୍ଭାବନାକୁ ଧରି କ୍ରିୟାଶୀଳ ହୋଇ ରହିଛି ତାହା ମନୁଷ୍ୟ ମଧ୍ୟରେ ସଚେତନ ଭାବରେ ନାନା ପରିବର୍ତ୍ତନ ମଧ୍ୟଦେଇ ବହୁ ଭାବରେ ବିକାଶ ଲାଭ କରିବାକୁ ଚାହେଁ । ଆତ୍ମସଚେତନତାର ପର୍ବ ଆରମ୍ଭ ହେଲା ପରେ ମନୁଷ୍ୟ ବ୍ୟକ୍ତି ତଥା ମାନବଜାତି ମଧ୍ୟରେ ପ୍ରକୃତିର କ୍ରିୟାବଳି ଅଧିକ ସ୍ପଷ୍ଟ ହେବାରେ ଲାଗିଛି ତଥା ତା'ର ସଂଗଠନ-ଶକ୍ତି ମଧ୍ୟ ଅଧିକ ସୁଦୃଢ଼ ହେବାକୁ ଆରମ୍ଭ କରିଛି । ପୃଥିବୀର ଇତିହାସରେ ଏହାକୁ ଏକ ମହାନ୍ ସନ୍ଧିକ୍ଷଣ ବୋଲି କୁହାଯାଇପାରିବ । ଶ୍ରୀଅରବିନ୍ଦଙ୍କ ଭାଷାରେ – ''This turning of the consciousness upon itself and on things, which man represents, has been the great crisis, a prolonged and developing crisis, in the terrestrial evolution of the soul in Nature.''

(The Human Cycle, p. 103)

ଅର୍ଥାତ୍, ''ଆପଣା ଉପରେ ତଥା ବିଶ୍ୱମୟ ସର୍ବବସ୍ତୁ ଉପରେ ଚେତନାର ଏହି ପ୍ରତିଫଳିତ ହୋଇପାରିବା, କେବଳ ମନୁଷ୍ୟହିଁ ଯାହାର ପ୍ରତିନିଧିତ୍ୱ କରୁଛି, ପ୍ରକୃତିର ଭୂମି ଉପରେ ଆତ୍ମାର ଏହି ପାର୍ଥିବ ବିବର୍ତ୍ତନର ପର୍ଯ୍ୟାୟଟିରେ ତାହା ଏକ ମହାନ୍ ସନ୍ଧିକ୍ଷଣ, ଏକ ଦୀର୍ଘକାଳସ୍ଥାୟୀ ଓ ବିକାଶଶୀଳ ସନ୍ଧିକ୍ଷଣ ।''

ଅତୀତରେ ଇତର ପ୍ରାଣୀ ମଧ୍ୟରେ ଚେତନଶୀଳ ଜୀବନର ଆବିର୍ଭାବ ମଧ୍ୟ ସେପରି ଏକ ସନ୍ଧିକ୍ଷଣ ଥିଲା । ଭବିଷ୍ୟତରେ ପ୍ରକୃତିର ଭୂମି ଉପରେ ଅତିମାନସ ଚେତନାର ଆବିର୍ଭାବ ଫଳରେ ଯେଉଁ ବିରାଟ ପରିବର୍ତ୍ତନ ବିଧିନିର୍ଦ୍ଦିଷ୍ଟ ହୋଇ ରହିଛି ତାହା ମଧ୍ୟ ଏକ ମହାନ୍ ସନ୍ଧିକ୍ଷଣ ରୂପେ ଆମକୁ ଚମତ୍କୃତ କରିବ ।

ବୁଦ୍ଧିଗତ ବିଚାରଶକ୍ତି (intellectual reason) ମନୁଷ୍ୟର ଜ୍ଞାନର ଏକମାତ୍ର ମାଧ୍ୟମ ନୁହେଁ । ମନୁଷ୍ୟର ଯାବତୀୟ କର୍ମ, ମାନସିକ ଅବଧାରଣା, ସୌନ୍ଦର୍ଯ୍ୟାନୁଭବ, ଇନ୍ଦ୍ରିୟଗତ ସଂବେଦନଶୀଳତା, ସକଳ ପ୍ରକାର ଆବେଗ, ଇଚ୍ଛା, କଳ୍ପନା ଓ ସୃଜନର ପଛରେ ଏକ ବିଶ୍ୱଗତ ଜ୍ଞାନଶକ୍ତି ବିବିଧ ରୂପ ଗ୍ରହଣ କରି କ୍ରିୟାଶୀଳ ହୋଇ ରହିଛି । ଏହି ଜ୍ଞାନର ପ୍ରତ୍ୟେକଟି ଧାରାରେ ସ୍ୱତନ୍ତ୍ର ବିଧାନ ଓ ଶୃଙ୍ଖଳା ଦେଖିବାକୁ ମିଳେ । ବୁଦ୍ଧି ପାଖରେ ଏପରି ଏକ ସ୍ୱତନ୍ତ୍ର ସାମର୍ଥ୍ୟ ରହିଛି ଯେ ତାହା ସ୍ୱେଚ୍ଛାନୁଯାୟୀ ଆପଣାର କର୍ମରୁ ବିରତ ହୋଇ ପାରୁଛି, ଅନାସକ୍ତ ଓ ତଟସ୍ଥ ଭାବରେ କର୍ମର ବିଶ୍ଳେଷଣ କରିପାରୁଛି । ଜୀବସତ୍ତା ମଧ୍ୟରେ ଅନ୍ୟ ଯେତେ ପ୍ରକାର

ସାମର୍ଥ୍ୟ ଦେଖିବାକୁ ମିଳେ ସେସବୁ ନିଜ ନିଜ କର୍ମର ପରିଧି ଭିତରେ ଆବଦ୍ଧ ହୋଇ ରହିଥା'ନ୍ତି । କେବଳ ବୁଦ୍ଧିହିଁ ଆପଣା କର୍ମର ଆୟତନକୁ ଡେଇଁ ଏକ ବ୍ୟାପକ କ୍ଷେତ୍ର ଉପରେ କାର୍ଯ୍ୟକ୍ଷମ ହୋଇପାରେ । ବୁଦ୍ଧିର କ୍ରିୟା ବିନା ମନୁଷ୍ୟର ଅନ୍ୟାନ୍ୟ ସାମର୍ଥ୍ୟଗୁଡ଼ିକ ଫଳପ୍ରଦ ଓ ଶୃଙ୍ଖଳାଯୁକ୍ତ ହୋଇପାରନ୍ତି ନାହିଁ ।

ବୁଦ୍ଧିଗତ ବିବେଚନାଶକ୍ତି ଜ୍ଞାନାଭିମୁଖୀ ହୋଇଥାଏ । ଏହା ଆବଶ୍ୟକତା ଅନୁସାରେ କର୍ମ ମଧ୍ୟରେ ପରିବର୍ତ୍ତନ ଆଣିପାରେ, ସେଥିରେ ଉନ୍ନତି ଘଟାଇପାରେ । ବୁଦ୍ଧି ଯୋଗୁଁହିଁ କର୍ମକ୍ଷେତ୍ରରେ ସଂଯମ, ଶୃଙ୍ଖଳା, ସଂସ୍କାର, ସୁବ୍ୟବସ୍ଥା ଓ ସୁସଂଗଠନ ସମ୍ଭବ ହୋଇଥାଏ । ବୁଦ୍ଧିଗତ ବିବେଚନା ସଚେତନ କଳା ଓ ବିଜ୍ଞାନକୁ ଜନ୍ମ ଦିଏ, ଉଦ୍ଭାବନ ଓ ଆବିଷ୍କାର ଲାଗି ପଥ ଉନ୍ମୁକ୍ତ କରେ । ବୁଦ୍ଧି ପାଖରେ ରହିଛି ପର୍ଯ୍ୟବେକ୍ଷଣର ଶକ୍ତି । ବିଷୟଗୁଡ଼ିକର ଅନ୍ତର୍ନିହିତ ସତ୍ୟକୁ ଆବିଷ୍କାର କରିବାକୁ ଏହା ସମର୍ଥ । ବସ୍ତୁଗତ ସତ୍ୟଗୁଡ଼ିକୁ ଏହା ସୁସଜ୍ଜିତ ଓ ସୁବ୍ୟବସ୍ଥିତ କରି ରଖିପାରେ । ଯେଉଁଠି ବି ସତ୍ୟର ସମ୍ଭାବନା ଲୁଚି ରହିଛି ତାକୁ ଉନ୍ମୋଚିତ କରି ଆଣିବାରେ ଏହା ସାହାଯ୍ୟ କରେ । ଭାବନାଗୁଡ଼ିକୁ ନେଇହିଁ ବୁଦ୍ଧିର ଖେଳ ସଂଘଟିତ ହୋଇଥାଏ । ଏହା ଭାବାଦର୍ଶଗୁଡ଼ିକୁ ପରିପୂର୍ଣ୍ଣତା ପ୍ରଦାନ କରେ । ତାତ୍କାଳିକ ପ୍ରତିଭାସଗୁଡ଼ିକ ପଛରେ ଥିବା ସତ୍ୟକୁ ଏହା ଉଦ୍‌ଘାଟିତ କରେ । କେତେବେଳେ ଏହା ପ୍ରୟୋଜନୀୟତାଗୁଡ଼ିକର ଦାସତ୍ୱ ବରଣ କରିନିଏ, ଆଉ କେତେବେଳେ ସେସବୁ ଉପରେ ପ୍ରଭୁତ୍ୱ ବି ଜାହିର କରେ । ବୁଦ୍ଧିଗତ ବିବେଚନାଶକ୍ତି ହେଉଛି ଏକ ପ୍ରକାର ସାର୍ବଭୌମ ଶକ୍ତି ଯାହା ମନୁଷ୍ୟକୁ ଆପଣା ଉପରେ ଅଧିକାର ଲାଭ କରିବାର ସାମର୍ଥ୍ୟ ପ୍ରଦାନ କରେ । ଶ୍ରୀଅରବିନ୍ଦ ଏହି ବୁଦ୍ଧି ଶକ୍ତିକୁ ମନୁଷ୍ୟସମାଜର ସାହାଯ୍ୟକାରୀ, ଶିକ୍ଷାଦାତା, ହାତ ଧରି ଉପରକୁ ନେଇ ଯାଉଥିବା ବନ୍ଧୁ ତଥା ସଭ୍ୟତାର ଜନକ (helper, instructor, elevating friend, civiliser of mankind) ରୂପେ ଅଭିହିତ କରିଛନ୍ତି ।

କାଳକ୍ରମେ ବୁଦ୍ଧିର ସାର୍ବଭୌମତା ପ୍ରତି ମଧ୍ୟ ସଂଶୟ ଜାତ ହେବାର ଆରମ୍ଭ ହୋଇଛି । ଅନେକ କ୍ଷେତ୍ରରେ ବୁଦ୍ଧିର ସୀମାବଦ୍ଧତା ପ୍ରମାଣିତ ହୋଇଯାଉଛି । ଫଳରେ ମନୁଷ୍ୟ-ପ୍ରକୃତିର ଅନ୍ୟାନ୍ୟ ସାମର୍ଥ୍ୟଗୁଡ଼ିକୁ ଅଧିକ ମହତ୍ତ୍ୱ ଦେବାର ପ୍ରବୃତ୍ତି ଦେଖାଦେଇଛି । ଧର୍ମବିଶ୍ୱାସ ସର୍ବାଧିକ ଭାବରେ ବୁଦ୍ଧିର ପ୍ରତିଦ୍ୱନ୍ଦ୍ୱୀ ହୋଇ ବାହାରିଛି । ଧର୍ମର ଦାବି ଆଗରେ ବୁଦ୍ଧିକୁ ଚୁପ୍ ହୋଇଯିବାକୁ ପଡ଼ିଛି । ଜ୍ଞାନୋପଲବ୍ଧିର ଏପରି କେତେକ କ୍ଷେତ୍ର ରହିଛି ଯାହା ଭିତରେ ପ୍ରବେଶ କରିବା ଲାଗି ବୁଦ୍ଧିର ଆଦୌ କୌଣସି ଯୋଗ୍ୟତା ନାହିଁ । ମାତ୍ର ତଥାପି ପୃଥିବୀର ସର୍ବଶ୍ରେଷ୍ଠ ବୁଦ୍ଧିମାନ୍ ବ୍ୟକ୍ତିମାନେ ଦାବି କରନ୍ତି ଯେ ବୁଦ୍ଧିହିଁ ଜୀବନର ପ୍ରଧାନ ନିୟାମକ । ମନୁଷ୍ୟର ପ୍ରାଣ, କଳ୍ପନା, ସଂବେଗ ତଥା ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ଦିଗଗୁଡ଼ିକ ସ୍ୱାଧୀନ ହୋଇ ରହିବା ଲାଗି ପ୍ରୟାସ କରିଛନ୍ତି । କିନ୍ତୁ ତଥାପି ସାଧାରଣତଃ ଦେଖାଯାଇଛି ଯେ ସେମାନେ ବୁଦ୍ଧିର ଶାସନକୁ ସ୍ୱୀକାର କରିବା ଲାଗି ବାଧ୍ୟ ହୋଇଛନ୍ତି ।

ବୁଦ୍ଧି ଏକ ଚରମ ଅକାଟ୍ୟ ଶକ୍ତି ନୁହେଁ ବୋଲି ବର୍ତ୍ତମାନ ମନୁଷ୍ୟଜାତିର ବିଚାରଶୀଳ ମନ ବୁଝିବାକୁ ଆରମ୍ଭ କରିଛି । ଜୀବନ ଏତେ ବିଶାଳ, ଗଭୀର ଓ ବହୁମୁଖୀ ଯେ ଏହା ବୁଦ୍ଧି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଶାସିତ ହୋଇପାରିବ ନାହିଁ । ତେଣୁ ବୁଦ୍ଧିଠାରୁ ଏକ ମହତ୍ତର ଶକ୍ତି ନିଶ୍ଚୟ ରହିଥିବ, ଏପରି ଏକ କଳ୍ପନା ଓ ଆଶା କରିବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ ଅଟେ ।

କେତେକଙ୍କ ମତରେ ପ୍ରାଣଶକ୍ତି ବା ପ୍ରାଣରେ ନିହିତ ଇଚ୍ଛାଶକ୍ତି ବ୍ୟକ୍ତିର ଶାସକ ହୋଇପାରିବ । ବୁଦ୍ଧି ଯଦି ପ୍ରାଣର ଅଧୀନ ହୋଇ ରହେ ତାହାହେଲେ ଯାଇ ତାହା ଉପଯୋଗୀ ସାବ୍ୟସ୍ତ ହେବ । ଏହି ମତ ଅନୁସାରେ ବୁଦ୍ଧି ପ୍ରାଣଶକ୍ତିକୁ ଦମନ କରିବାକୁ ଯିବ ନାହିଁ । ପ୍ରାଣର ମୁକ୍ତ ଓ ସ୍ୱଚ୍ଛନ୍ଦ କ୍ରିୟା ନିମିତ୍ତ ବୁଦ୍ଧି ତାହାର ସହଯୋଗ କରିବା ଉଚିତ । ଅନ୍ୟ ଏକ ମତ ହେଲା, ବୁଦ୍ଧି ଅତିରିକ୍ତ ଭାବରେ ବିଶ୍ଳେଷଣାତ୍ମକ ଓ ସ୍ୱେଚ୍ଛାଚାରୀ ହେବା ଫଳରେ ତାହା ଜୀବନରୁ ସତ୍ୟକୁ ଅପସାରିତ କରିନିଏ । ବର୍ତ୍ତମାନ ଏହା ମଧ୍ୟ ଅନୁଭୂତ ହେଉଛି ଯେ ବୁଦ୍ଧି ଅପେକ୍ଷା ଏକ ବୃହତ୍ତର ଜ୍ଞାନ ସାମର୍ଥ୍ୟ ରହିଛି ଯାହା ଜୀବନର ସଂଗୁପ୍ତ ସତ୍ୟଗୁଡ଼ିକୁ ସ୍ପର୍ଶ କରିପାରୁଛି । ତାକୁ ସମ୍ବୋଧି (intuition) ବୋଲି କୁହାଯାଉଛି । ଏହି ସାମର୍ଥ୍ୟ ଅସ୍ତିତ୍ୱର ଉତ୍ସଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରି ଉଚ୍ଚତର ଓ ଗଭୀରତର ସତ୍ୟଗୁଡ଼ିକୁ ଆଣି ଆମ ପାଖରେ ପହଞ୍ଚାଇ ଦେଇପାରେ । ମନୁଷ୍ୟର ମନ କ୍ରମଶଃ ଆଶୟଗତତା ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛି । ଫଳରେ ଆତ୍ମାହିଁ ଜୀବନର ଏକମାତ୍ର ଯଥାର୍ଥ ନିୟାମକ ବୋଲି ବିଶ୍ୱାସ ଦୃଢ଼ୀଭୂତ ହେଉଛି । ବୁଦ୍ଧିଗତ ବିବେଚନାଶକ୍ତି ଆତ୍ମାର ମନ୍ତ୍ରଣାଦାତା ହୋଇପାରେ, ମାତ୍ର ତାହା ସର୍ବଦା ଆତ୍ମାର ଅଧୀନସ୍ଥ ହୋଇ ରହିବା ଆବଶ୍ୟକ ।

ବୁଦ୍ଧି ନିରାସକ୍ତ ଭାବରେ ଯଥାର୍ଥ ଜ୍ଞାନର ଅନ୍ୱେଷଣ

କରିବା ଉଚିତ । ଯେତେବେଳେ ତାହା ଜ୍ଞାନ ଲାଗିହିଁ ଜ୍ଞାନର ଅନ୍ୱେଷଣ କରିବ ସେତେବେଳେ ଯାଇ ତାକୁ ଯଥାର୍ଥ ଜ୍ଞାନ ଉପଲବ୍ଧ ହେବ । ବୁଦ୍ଧିକୁ କେବଳ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ବା ପ୍ରୟୋଜନୀୟତା ପୂରଣ କରିବା ନିମିତ୍ତ ଉପଯୋଗ କଲେ ତାହାର ସିଦ୍ଧି ସୀମାବଦ୍ଧ ହୋଇଯିବ । ବୁଦ୍ଧିର କ୍ରିୟାକ୍ଷେତ୍ର ବହୁ ବ୍ୟାପକ ଓ ଗଭୀର ହେବା ଉଚିତ । ପ୍ରୟୋଜନଗତ ସ୍ୱାର୍ଥର ବାହାରେ ଯେଉଁ ଉପାଦାନସବୁ ରହିଛି ତହିଁ ମଧ୍ୟରେ ବୁଦ୍ଧିଗତ ବିବେଚନା କାର୍ଯ୍ୟ କରି ସେଗୁଡ଼ିକର ଗୁଣାତ୍ମକ ସ୍ଥିତିରେ ଉନ୍ନତି ଆଣିବା ଆବଶ୍ୟକ । ଯଥାର୍ଥ ଭାବେ କାର୍ଯ୍ୟ କରିବାକୁ ହେଲେ ବୁଦ୍ଧିକୁ ନାନା ସ୍ୱାର୍ଥ, ସହଜାତ ପ୍ରବୃତ୍ତି, ଆତୁର ଇଚ୍ଛା, ବଦ୍ଧମୂଳ ଧାରଣା, ପୂର୍ବାଗ୍ରହ, ପାରମ୍ପରିକତା ଓ ସଂକୀର୍ଣ୍ଣତାରୁ ମୁକ୍ତ ହୋଇଯିବାକୁ ପଡ଼ିବ ।

ମାନବଜାତିର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ କେତେ କେତେ ବ୍ୟକ୍ତି ଓ କେତେ କେତେ ସମଷ୍ଟି ନିର୍ଦ୍ଦିଷ୍ଟ କେତେକ ନୀତିଗତ, ଧର୍ମଗତ, ସୌନ୍ଦର୍ଯ୍ୟବୋଧଗତ ବା ରାଜନୈତିକ ବିଚାରକୁ ସର୍ବସ୍ୱ କରି ସମୟ ସ୍ରୋତରେ ଭାସି ଚାଲିଛନ୍ତି । ସ୍ୱାର୍ଥ ଓ ଆସକ୍ତି ଯୋଗୁଁ ସେହି ବିଚାରଗୁଡ଼ିକ ମନୁଷ୍ୟଜାତିର ଅଗ୍ରଗତିରେ ଆଦୌ ସହାୟତା କରିପାରି ନାହାନ୍ତି, ବରଂ ଅନେକ ସମୟରେ ସେଗୁଡ଼ିକ ବିନାଶକାରୀ ସାବ୍ୟସ୍ତ ହୋଇଛନ୍ତି । ଯଦି ବ୍ୟକ୍ତି ଓ ସମଷ୍ଟିମାନେ ସ୍ୱାଧୀନ ଓ ଆସକ୍ତିରହିତ ହୋଇ ବିବେଚନାଶକ୍ତିକୁ ଉପଯୋଗ କରିଥା'ନ୍ତେ ତାହାହେଲେ ମାନବସଭ୍ୟତା ଅଧିକ ପରିମାଣରେ ଉପକୃତ ହୋଇଥା'ନ୍ତା ଏବଂ ଅନେକ ସ୍ଥାୟୀ ସିଦ୍ଧି ଲାଭ କରିଥା'ନ୍ତା । ମିଥ୍ୟା ସହିତ ସାଲିସ କରିବା, ଆଂଶିକ ସଫଳତାରେ ସନ୍ତୁଷ୍ଟ ହୋଇଯିବା ଏବଂ ହୀନତର ପ୍ରୟୋଜନୀୟତା ଆଗରେ ନିଜକୁ ବଳି ଦେଇଦେବା, ଏହା ବୁଦ୍ଧିର ଯଥାର୍ଥ ରୀତି ନୁହେଁ । ଏହି ତ୍ରୁଟି ଯୋଗୁଁ ମାନବଜାତି ଅନେକ ବିଜୟ ଓ ଗୌରବରୁ ବଞ୍ଚିତ ହୋଇଛି ।

ବୁଦ୍ଧିଗତ ବିଚାରଗୁଡ଼ିକ ସ୍ୱୟଂ କେବଳ ଆଂଶିକ ଓ ଅଯଥେଷ୍ଟ ହୋଇଥା'ନ୍ତି । ଦ୍ୱନ୍ଦ୍ୱ ଓ ସଂଶୟ ଦ୍ୱାରା ସେଗୁଡ଼ିକ ପୀଡ଼ିତ ହୋଇଥା'ନ୍ତି । ତ୍ରୁଟିଯୁକ୍ତ ବିଚାର ଅନେକ ସମୟରେ ନୈରାଶ୍ୟଜନକ ପରିଣାମ ଘେନି ଆସିଥାଏ । ବିଚାରଗୁଡ଼ିକ ଜୀବନର ସମ୍ପୂର୍ଣ୍ଣ ସତ୍ୟ ବୋଲି ଦୃଢ଼ ଭାବେ କୁହାଯାଇ ପାରିବ ନାହିଁ । କେତେକ ନିର୍ଦ୍ଦିଷ୍ଟ ବିଚାର ଜୀବନକୁ ପରିପୂର୍ଣ୍ଣତା ଆଣି ଦେଇ ପାରିବ ବୋଲି ପୂର୍ଣ୍ଣ ନିର୍ଭରଯୋଗ୍ୟ ଭାବେ ଆମେ ଘୋଷଣା କରି ପାରିବା ନାହିଁ । ବୁଦ୍ଧିପ୍ରେରିତ କୌଣସି ବିଚାର ତାହା ଯେତେ ଶକ୍ତିଶାଳୀ ହେଲେ ସୁଦ୍ଧା ମନୁଷ୍ୟ ଜୀବନର ଏକମାତ୍ର ବିଧାୟକ ଓ ନିୟାମକ ହୋଇପାରିବ ନାହିଁ । କାରଣ ଜୀବନର ରଙ୍ଗଢଙ୍ଗ, ଗତିପ୍ରକୃତି ବହୁବିଚିତ୍ର ଓ ଅତି ରହସ୍ୟମୟ, ମାନସିକ ଧାରଣା ଓ ବୁଦ୍ଧିପ୍ରେରିତ ପରିମାପ ଠାରୁ ତାହା ଖୁବ୍ ଊର୍ଦ୍ଧ୍ୱରେ । ଶ୍ରୀଅରବିନ୍ଦ କହନ୍ତି – ''Life escapes from the formulas and systems which our reason labours to impose on it; it proclaims itself too complex, too full of infinite potentialities to be tyrannised over by the arbitrary intellect of man.'' (The Human Cycle, p. 108)

ଅର୍ଥାତ୍, ''ଆମର ବୁଦ୍ଧି ଅନେକ ପରିଶ୍ରମ କରି ଜୀବନ ଉପରେ ଯେଉଁ ସୂତ୍ର ବା ସଂହିତାଗୁଡ଼ିକୁ ନେଇ ଲଦିଦେବାର ପ୍ରୟାସ କରୁଥାଏ, ଜୀବନ ନିୟତହିଁ ସେସବୁର ଫାଶ ଭିତରୁ ବାହାରକୁ ପଳାଇଯାଏ; ଜୀବନ ଆପଣାକୁ ବୁଦ୍ଧି ଲାଗି ଅତୀବ ଜଟିଳ ଓ ବହୁମୁଖୀ ବୋଲି ଘୋଷଣା କରେ; ଆପଣାକୁ ଅନନ୍ତ କେତେ ନା କେତେ ସମ୍ଭାବନା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବାର ଘୋଷଣା କରେ, ଯାହାକୁ ମନୁଷ୍ୟ ବୁଦ୍ଧିର ସ୍ୱେଚ୍ଛାଚାରୀ ଅନ୍ଧ ଦୌରାତ୍ମ୍ୟ କଦାପି କବଳିତ କରିପାରିବ ନାହିଁ ।''

ମାନବଜୀବନର ଯାବତୀୟ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ବୁଦ୍ଧିଶକ୍ତିର କେବଳ ଆଂଶିକ ଓ ସୀମାବଦ୍ଧ ପ୍ରୟୋଗ ହୋଇ ଆସିଛି । ଫଳରେ ଜୀବନର ବହୁସୀମାବିଶିଷ୍ଟ ସମଗ୍ରତାଗୁଡ଼ିକୁ ଶାସିତ କରି ରଖିବାରେ ମନୁଷ୍ୟଜାତି ବିଫଳ ହୋଇଛି । କୌଣସି କ୍ଷେତ୍ରରେ ବି ସିଦ୍ଧି ପରିପୂର୍ଣ୍ଣ ହୋଇ ପାରି ନାହିଁ । ବୁଦ୍ଧିର ଅପୂର୍ଣ୍ଣ ପ୍ରୟୋଗ ଫଳରେ ନିମ୍ନତର ଜୀବନାଙ୍ଗଗୁଡ଼ିକ ଅପରିବର୍ତ୍ତିତ ହୋଇ ରହିଯାଇଛନ୍ତି, ଏକ ଉନ୍ନତତର ସ୍ଥିତିକୁ ଆସି ପାରି ନାହାନ୍ତି । ବୁଦ୍ଧି ଭିତରେ କୌଣସି ଏକ ସ୍ୱୟଂସମ୍ପୂର୍ଣ୍ଣ ଆଲୋକର ପ୍ରବେଶ ହୋଇ ନାହିଁ । କେବଳ ପର୍ଯ୍ୟବେକ୍ଷଣ ଓ ଅଳ୍ପ କେତୋଟି ପ୍ରୟୋଗ ଭିତରେ ବୁଦ୍ଧିର କ୍ରିୟା ସୀମିତ ହୋଇ ରହିଯାଇଛି । ତେଣୁ ବୃହତ୍ତର ଅନୁଭୂତି ଲାଭ କରିବା ସମ୍ଭବ ହୋଇ ପାରି ନାହିଁ ।

ନାନା ବିଫଳତା ସତ୍ତ୍ୱେ ଏହି ବିଶ୍ୱାସ ବଞ୍ଚି ରହିଛି ଯେ ମନୁଷ୍ୟର ବୁଦ୍ଧି ଆପଣାର ସକଳ ପ୍ରତିବନ୍ଧକଗୁଡ଼ିକୁ ଦିନେ ଅତିକ୍ରମ କରିଯିବ । ବୁଦ୍ଧି ଆପଣାକୁ ଆହୁରି ଶୋଧିତ କରିବ,

ଆପଣାର ପରିସରକୁ ଆହୁରି ପ୍ରସାରିତ କରିବ । ଜୀବନର ଯେଉଁ ଉପାଦାନଗୁଡ଼ିକ ଏବେ ବିଦ୍ରୋହ କରୁଛନ୍ତି, ଶୃଙ୍ଖଳିତ ହୋଇ ରହୁ ନାହାନ୍ତି, ତାହାରି ଉପରେ ନିୟନ୍ତ୍ରଣ ରଖିବାକୁ ବୁଦ୍ଧି ସମର୍ଥ ହେବ । ସତତ ଜ୍ଞାନରହିଁ ଅନୁସନ୍ଧାନରେ ଲାଗି ରହିଥିବାରୁ ବୁଦ୍ଧିଠାରୁ ଆମେ ଅନେକ କିଛି ଆଶା କରିପାରିବା । ମନୁଷ୍ୟ ଭିତରେ ବିଚାରକଟିଏ ସର୍ବଦା ଜାଗ୍ରତ୍ ହୋଇ ରହିଆସିଛି । ସେ ଧୈର୍ଯ୍ୟପୂର୍ବକ ସତ୍ୟର ଆବିଷ୍କାର ଲାଗି ଚେଷ୍ଟା ଚଳାଇ ରଖିଛି । ସବୁକଥାକୁ ବିଶ୍ଳେଷଣ କରିବାରେ ସେ ଉଦ୍ୟତ ହୋଇ ରହିଛି । ଦର୍ଶନ, ବିଜ୍ଞାନ, କଳା, ଶିକ୍ଷା ଆଦି କ୍ଷେତ୍ରରେ ବୁଦ୍ଧିଶକ୍ତିର କେତେ କେତେ ପ୍ରୟୋଗ ଓ ପ୍ରୟାସ ହୋଇ ଚାଲିଛି । ବିଜ୍ଞାନ କ୍ଷେତ୍ରରେ ନାନା ପ୍ରକାର ବିରାଟ ଆବିଷ୍କାର ବୁଦ୍ଧିର କ୍ରମବର୍ଦ୍ଧମାନ ସାମର୍ଥ୍ୟକୁ ପ୍ରମାଣିତ କରୁଛି । ମାତ୍ର ଏସବୁ କେବଳ ଭୌତିକ ଉପର ସ୍ତରଟାରେହିଁ ଘଟୁଛି । ଗଭୀରରେ ସତ୍ୟର ଅନେକ ଇଲାକା ଏପର୍ଯ୍ୟନ୍ତ ଅନାବିଷ୍କୃତ ହୋଇ ରହିଛି । ସୁତରାଂ ବୁଦ୍ଧିଶକ୍ତିକୁ ଆହୁରି ବହୁଦୂରକୁ ଯିବାକୁ ହେବ । ଜୀବନ-ଅସ୍ତିତ୍ୱର ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହେବାକୁ ବାକି ରହିଛି । ବୃହତ୍ତର ଓ ଗଭୀରତର ବିଷୟଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିବା ଲାଗି ବୁଦ୍ଧିକୁ ଆହୁରି ଅନେକ ପ୍ରୟାସ କରିବାକୁ ହେବ ।

ବୁଦ୍ଧିଗତ ବିଚାରଣା କ୍ଷେତ୍ରରେ ରହିଥିବା ଗୁଡ଼ାଏ ସୀମାବଦ୍ଧତା ନାନା ଅସୁବିଧା ଓ ବିରୋଧକୁ ଜନ୍ମ ଦେଇଛି । ଏଥିଯୋଗୁଁ ଜୀବନକ୍ଷେତ୍ରର ବହୁମୁଖିତାକୁ ସମ୍ମୁଖୀନ ହେବା ସମ୍ଭବ ହେଉ ନାହିଁ । ବୁଦ୍ଧିଶକ୍ତି ଜୀବନକୁ ଖଣ୍ଡ ଖଣ୍ଡ କରି ଦେଖେ, କୃତ୍ରିମ ଶ୍ରେଣୀବିଭାଗକୁ ଅବଲମ୍ବନ କରି ସତ୍ୟର ଅନୁସନ୍ଧାନ କରେ । ସୀମାବଦ୍ଧ ସଂଗୃହୀତ ତଥ୍ୟଗୁଡ଼ିକୁ ନେଇ ଏହା ଯେଉଁ ସିଦ୍ଧାନ୍ତ ଗଢ଼େ ତାହା ବେଶୀ ଦିନ ସ୍ଥାୟୀ ହୋଇପାରେ ନାହିଁ । ଅନ୍ୟ ନୂତନ ତଥ୍ୟ ସେହି ସିଦ୍ଧାନ୍ତକୁ ପରେ ଭୁଲ୍ ପ୍ରମାଣିତ କରେ । ମନୁଷ୍ୟ ସମ୍ମୁଖରେ ଦୁଇଟି ଜଗତ୍ ଦୃଶ୍ୟ ହୁଏ, ଗୋଟିଏ ହେଉଛି ଶୁଦ୍ଧ ଧାରଣାଗୁଡ଼ିକର ଜଗତ୍ ଏବଂ ଅନ୍ୟଟି ହେଉଛି ପ୍ରକୃତ ଜୀବନର ଜଗତ୍ । ଏ ଦୁଇଟି ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରିବାରେ ବୁଦ୍ଧି ସମର୍ଥ ହୋଇ ପାରୁ ନଥିବାରୁ ଯାବତୀୟ ସମସ୍ୟା ଉପୁଜିବାରେ ଲାଗିଛି । ପ୍ରକୃତ ଜୀବନର ଜଗତ୍ ବୁଦ୍ଧିର ପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରୁ ଖସି ଚାଲିଯାଉଛି । ଇନ୍ଦ୍ରିୟଜ୍ଞାନ ସାହାଯ୍ୟରେ କିଛିଟା ସାଲିସ କରି ନେଲେ ସମସ୍ୟାସଂକୁଳ ଜୀବନରେ ସ୍ଥାୟୀ ସମାଧାନ ମିଳିପାରିବ ନାହିଁ । ବରଂ ଏହାର ପରିଣାମ କେତେକ ବିକୃତିକୁ ଜନ୍ମ ଦେବ । ଏ ପ୍ରସଙ୍ଗରେ ଶ୍ରୀଅରବିନ୍ଦ କହନ୍ତି – ''The reason of man struggling with life becomes either an empiric or a doctrinaire.'' (The Human Cycle, p. 110)

ଅର୍ଥାତ୍, ''ଜୀବନ ସହିତ କନ୍ଦଳ କରି ବର୍ତ୍ତିରହିବାକୁ ଚାହୁଁଥିବା ମଣିଷର ସକଳ ବୁଦ୍ଧି ଓ ବିଚାରଣା କେବଳ ଏକ ଯଥାର୍ଥ ସିଦ୍ଧାନ୍ତହୀନ ଇନ୍ଦ୍ରିୟାନୁଭବସର୍ବସ୍ୱ ବୈଜ୍ଞାନିକଟିଏ ଗଢ଼ି ଥୋଇଦେବ ନଚେତ୍ ଗୋଟାଏ ନିର୍ଦ୍ଦିଷ୍ଟ ମତକୁ ଏକମାତ୍ର ଗଣ୍ଡି କରି ଧରିଥିବା ଜଣେ ବ୍ୟକ୍ତିର ସୃଷ୍ଟି କରିବ ।''

ବୁଦ୍ଧି ଯଦି କେବଳ ମନୁଷ୍ୟର ସ୍ୱାର୍ଥ ସାଧନ ନିମିତ୍ତ ବା ତା'ର ଆତୁର ଇଚ୍ଛାଗୁଡ଼ିକର ପରିପୂରଣ ସକାଶେ କାର୍ଯ୍ୟ କରିବ, ଅଥବା ସାମାନ୍ୟ କିଛି ସତର୍କତାମୂଳକ ଆତ୍ମସଂଯମର ବ୍ୟବସ୍ଥା କରି ସନ୍ତୁଷ୍ଟ ହୋଇ ରହିଯିବ, ତାହାହେଲେ ତାହା ସ୍ୱକୀୟ ଦାୟିତ୍ୱ ନିର୍ବାହରୁ ମୁହଁ ଫେରାଇ ଚାଲିଯାଉଛି ବୋଲି କହିବାକୁ ହେବ । କେବଳ ଏକ ସମୀକ୍ଷକ ବା ପର୍ଯ୍ୟବେକ୍ଷକ ହୋଇ ରହିବା ବୁଦ୍ଧିର ଏକମାତ୍ର କର୍ତ୍ତବ୍ୟ ନୁହେଁ । ତାହା ତାତ୍କାଳିକ ସମ୍ଭାବନାର ସଂକୀର୍ଣ୍ଣ ସୀମାଗୁଡ଼ିକୁ ଡେଇଁ ଚାଲିଯିବା ଲାଗି ସମର୍ଥ ହେବା ଉଚିତ । ଉଚ୍ଚତର ସମ୍ଭାବନା ଓ ମହତ୍ତର ଆଦର୍ଶ ଆଡ଼କୁ ବୁଦ୍ଧି ସର୍ବଦା ପ୍ରୟାସଶୀଳ ନ ହେଲେ ସେ ତା'ର ଦାୟିତ୍ୱ ଯଥାର୍ଥ ଭାବେ ତୁଲାଉଛି ବୋଲି କୁହାଯିବ ନାହିଁ । ବୁଦ୍ଧିଗତ ସାମର୍ଥ୍ୟଟି ପ୍ରାଣଗତ ଓ ଭୌତିକ ବ୍ୟାବହାରିକତା ମଧ୍ୟରେ ସୀମିତ ହୋଇ ରହିବା ଉଚିତ ନୁହେଁ । ମନୁଷ୍ୟ ପ୍ରକୃତି ଭିତରେ ଏପରି କିଛି ଅଛି ଯାହା ତାହାର ବୁଦ୍ଧି ଓ ବିଚାରଣାକୁ ଉଚ୍ଚତର ସ୍ତରକୁ ଉତ୍ତୋଳିତ କରିନେବାକୁ ଚାହେଁ ଏବଂ ଆତ୍ମ-ଅତିକ୍ରମଣ ଲାଗି ତାକୁ ଉତ୍ପ୍ରେରିତ କରେ ।

ସାଧାରଣତଃ ଏହା ପରିଲକ୍ଷିତ ହୁଏ ଯେ ଉଚ୍ଚତର ଆଦର୍ଶ ଲାଗି ପ୍ରୟାସ କରିବା ସମୟରେ ବୁଦ୍ଧିଗତ ବିଚାରଣା ଆପଣାକୁ ଜୀବନଠାରୁ ବିଚ୍ଛିନ୍ନ କରି ପକାଏ । ଏହା ଆସକ୍ତିରହିତ ଓ ମୋହମୁକ୍ତ ଜ୍ଞାନରେ ପହଞ୍ଚିବା ପାଇଁ ପ୍ରୟାସ କରିଥାଏ, ମାତ୍ର ସହଜାତ ପ୍ରବୃତ୍ତି ଓ ଆବେଗଗୁଡ଼ିକ ଭିତରେ ରହିଥିବା ଜ୍ଞାନକୁ ଏହା ଆୟତ୍ତ କରିପାରେ ନାହିଁ । ବିଜ୍ଞାନ ଓ ଦର୍ଶନ ମଧ୍ୟ କଦାପି ସମ୍ପୂର୍ଣ୍ଣ ମୋହମୁକ୍ତ ଓ ଆସକ୍ତିରହିତ ହୋଇପାରନ୍ତି ନାହିଁ । ସେମାନେ ଆପଣାର ସ୍ୱକୀୟ ଧାରଣା, ସ୍ୱକୀୟ ସିଦ୍ଧାନ୍ତ ଓ ସୂତ୍ରଗୁଡ଼ିକ ପ୍ରତି ଆସକ୍ତ ହୋଇ ରହିଥା'ନ୍ତି ଏବଂ ଜୀବନର ବହୁମୁଖୀତାକୁ ମହତ୍ତ୍ୱ ଦିଅନ୍ତି ନାହିଁ । ଆଦର୍ଶବାଦୀ, ବିଚାରକ,

ଦାର୍ଶନିକ, କବି, କଳାକାର ଓ ନୀତିବାଦୀମାନେ ଆପଣାର ବିଚାର ଓ କଳ୍ପନାରାଜ୍ୟରେ ଜୀବନଯାପନ କରନ୍ତି, ମାତ୍ର ସେହି ବିଚାରଗୁଡ଼ିକ ଦ୍ୱାରା ସେମାନଙ୍କ ବ୍ୟାବହାରିକ ଜୀବନକୁ ସେମାନେ ଅନୁଶାସିତ କରିପାରନ୍ତି ନାହିଁ । ଜଗତ୍ ଉପରେ ସେମାନଙ୍କ ଶକ୍ତିଶାଳୀ ପ୍ରଭାବ ପରୋକ୍ଷଭାବେ ପଡ଼େ ସତ, ମାତ୍ର ପ୍ରତ୍ୟକ୍ଷ ଭାବେ ବା ସଫଳ ଭାବରେ ସଂଗଠିତ କୌଣସି କ୍ରିୟା ଦ୍ୱାରା ସେମାନେ ଜଗତ୍ ଲାଗି ବିଶେଷ କିଛି କରିପାରନ୍ତି ନାହିଁ । ଅବଶ୍ୟ ଏକଥା ସ୍ମରଣୀୟ ଯେ ସମାଜରେ ଆଦର୍ଶ ତଥା ଆଦର୍ଶବାଦୀଙ୍କର ଏକ ବିଶେଷ ଆବଶ୍ୟକତା ରହିଛି । ସେମାନେ ଜୀବନରେ ସ୍ୱାଦ ଓ ରସ ଭରି ଦିଅନ୍ତି । ମାତ୍ର ଆଦର୍ଶକୁ ଯେତେବେଳେ ସୂତ୍ରବଦ୍ଧ କରି ଦିଆଯାଏ, ତାହା ତତ୍କ୍ଷଣାତ୍ ବିଫଳ ହେବାକୁ ଆରମ୍ଭ କରେ । ଆଦର୍ଶ ସବୁବେଳେ ଜୀବନାଭିମୁଖୀ ଓ ଜୀବନନିଷ୍ଠ ହେବା ଉଚିତ ।

ଜୀବନର ପ୍ରତ୍ୟେକ ବସ୍ତୁ ପଛରେ ଏକ ପରମ ନିର୍ବିଶେଷ ଅନନ୍ତ ସତ୍ତା ବିଦ୍ୟମାନ ରହିଛନ୍ତି । ପ୍ରତ୍ୟେକ ବସ୍ତୁ ବା ବ୍ୟକ୍ତି ଆପଣା ମାର୍ଗରେ ତାହାରି ସନ୍ଧାନ କରିବାରେ ଲାଗିଛନ୍ତି । ସୃଷ୍ଟି ମଧ୍ୟରେ ଭଗବାନଙ୍କର ଅନନ୍ତ ସମ୍ଭାବନା ଓ ଅନନ୍ତ ବୈଚିତ୍ର୍ୟ ରୂପାୟିତ ହେବାରେ ଲାଗିଛି । ବୁଦ୍ଧି ଦେଇ ଏ ବିଷୟର ବିଚାର କରିବାକୁ ଗଲେ କୌଣସି ଥଳକୂଳ ମିଳେ ନାହିଁ । ବୁଦ୍ଧିର କ୍ରିୟାକ୍ଷେତ୍ର ସୀମାବଦ୍ଧ । ଯାହା ଅପରିମେୟ ଓ ଅନନ୍ତ ସମ୍ଭାବନାଯୁକ୍ତ ତାହା ବୁଦ୍ଧିର ଅଗମ୍ୟ । ଯାହାକିଛି ଆୟତନସିଦ୍ଧ ଓ ଅନ୍ତବିଶିଷ୍ଟ ତାହା ଉପରେହିଁ ବୁଦ୍ଧି କିଛି ନିର୍ଣ୍ଣୟ ଦେଇପାରେ, ତାକୁ ନେଇ ସଫଳତାର ସହିତ କିଛି କାର୍ଯ୍ୟ କରିପାରେ । ମନୁଷ୍ୟ ଭିତରେ ଅନନ୍ତ ସମ୍ଭାବନା ଅନ୍ତର୍ନିହିତ ହୋଇରହିଛି । ଏହାର ବିଭିନ୍ନ ସାମର୍ଥ୍ୟ ଓ ପ୍ରବୃତ୍ତି ଆପଣାର ସ୍ୱକୀୟ ପରମ ସ୍ତରଟିର ଅନ୍ୱେଷଣ କରୁଛି । ତେଣୁ ବୁଦ୍ଧି ସେହି ସାମର୍ଥ୍ୟଗୁଡ଼ିକ ଉପରେ କଠୋର ଭାବେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ବ୍ୟକ୍ତି ପକ୍ଷରେ ତାହା ଅସହ୍ୟ ହୋଇଉଠେ । ପ୍ରତ୍ୟେକ ବ୍ୟକ୍ତି ଭିତରେ ସାମର୍ଥ୍ୟ ଓ ପ୍ରବୃତ୍ତିଗୁଡ଼ିକର ମାତ୍ରା ଓ ପଦ୍ଧତିରେ ମଧ୍ୟ ବିଭିନ୍ନତା ଦେଖାଯାଏ । ଏହି ଜଟିଳତା ଭିତରେ ପ୍ରବେଶ କରି କାର୍ଯ୍ୟ କରିବା ବୁଦ୍ଧି ପକ୍ଷରେ କଷ୍ଟକର ବ୍ୟାପାର । ମନୁଷ୍ୟ ଭିତରେ ଉଭୟ ସାଧାରଣ ଓ ଅସାଧାରଣ ସମ୍ପଦ ନିହିତ ରହିଅଛି । ପରମ ଅନନ୍ତ ପ୍ରତ୍ୟେକ ମନୁଷ୍ୟ ଭିତରେ ବିଦ୍ୟମାନ ରହିଛନ୍ତି ଯାହାଙ୍କର ଗତିଧାରା ଅନୁସରଣ କରିବା ବୁଦ୍ଧି ପକ୍ଷରେ ସମ୍ଭବ ନୁହେଁ । ସୁତରାଂ ବୁଦ୍ଧିଗତ ବିଚାରଣା ଓ ବୁଦ୍ଧିସମ୍ପନ୍ନ ଇଚ୍ଛା ମନୁଷ୍ୟର ବିବର୍ତ୍ତନ କ୍ରମରେ ସହାୟକ ହୋଇଥିଲେ ମଧ୍ୟ ସେମାନେ ମନୁଷ୍ୟ ଜୀବନର ନିୟାମକ ହୋଇପାରିବେ ନାହିଁ ।

ବୁଦ୍ଧି ଜୀବନର ଶାସକ ରୂପେ ସ୍ଥାନ ଗ୍ରହଣ କରିପାରିବ କି ନାହିଁ ସେ ସମ୍ପର୍କରେ ଶ୍ରୀଅରବିନ୍ଦ ପରିଶେଷରେ ତାଙ୍କର ଅଭିମତ ପ୍ରକାଶ କରି କହୁଛନ୍ତି – ''The reason can govern, but only as a minister, imperfectly, or as a general arbiter and giver of suggestions which are not really supreme commands, or as one channel of the sovereign authority, because that hidden Power acts at present not directly but through many agents and messengers. The real sovereign is another than the reasoning intelligence.''

(The Human Cycle, p. 112)

ଅର୍ଥାତ୍, ''ବୁଦ୍ଧି ଓ ବୁଦ୍ଧିଗତ ବିଚାରଣା ଅବଶ୍ୟ ଶାସନ କରିପାରିବ, ମାତ୍ର ଅଧିପତି ଭାବରେ ନୁହେଁ, କେବଳ ମନ୍ତ୍ରଣାଦାତା ବା ମନ୍ତ୍ରୀ ହିସାବରେ ହିଁ ତାହା କରିପାରିବ । ତାହା ଖାଲି ଅପୂର୍ଣ୍ଣ ଭାବରେ ଶାସନ କରିପାରିବ; କେବଳ ଜଣେ ସାଧାରଣ ବିଚାରକ ହୋଇ ବସିପାରିବ, କେବଳ ପରାମର୍ଶ ଦେବ । ମାତ୍ର ସେହି ପରାମର୍ଶଟିକୁ ପ୍ରକୃତରେ କଦାପି ଅଲଂଘନୀୟ ହୁକୁମ ବୋଲି କୁହାଯାଇ ପାରିବ ନାହିଁ, ଅଥବା ସେହି ସାର୍ବଭୌମ ପରମ କର୍ତ୍ତୃତ୍ୱଙ୍କର ଏକ ମାଧ୍ୟମ ବୋଲି କୁହାଯିବ ନାହିଁ । କାରଣ ସେହି ପ୍ରଚ୍ଛନ୍ନ ପରମଶକ୍ତି ବର୍ତ୍ତମାନ ଆଦୌ ପ୍ରତ୍ୟକ୍ଷଭାବେ କାର୍ଯ୍ୟ କରୁ ନାହାନ୍ତି, ତାଙ୍କର ଅନେକ ପ୍ରତିନିଧି ତଥା ବାର୍ତ୍ତାବହମାନଙ୍କ ଜରିଆରେହିଁ କାର୍ଯ୍ୟ କରୁଛନ୍ତି । ଯିଏ ପ୍ରକୃତରେ ଅସଲ ଅଧିପତି ହୋଇ ବସିଛନ୍ତି ସେ ଆମର ଏହି ତର୍କଶୀଳ ବୁଦ୍ଧି ଆଦୌ ନୁହନ୍ତି, ସେ ଅନ୍ୟ କେହି ।''

ମନୁଷ୍ୟର ଆତ୍ମଚେତନା ଯେଉଁ ଦିନ ବୁଦ୍ଧିଗତ ମନୋଭୂମିଟିର ସୀମାକୁ ପାର ହୋଇଯିବ ଏବଂ ପରମ ଅନନ୍ତ ସତ୍ତାଙ୍କ ସହିତ ଏକାତ୍ମତା ଲାଭ କରିବ, ସେହିଦିନହିଁ ମନୁଷ୍ୟ ନିଜ ଭିତରେ ତଥା ବାହ୍ୟ ପରିବେଶରେ କାର୍ଯ୍ୟ କରୁଥିବା ପ୍ରକୃତି ଉପରେ ପ୍ରଭୁତ୍ୱ ଲାଭ କରିପାରିବ । ❑

পৃଥ୍ବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୯)

### ଶ୍ରୀଅରବିନ୍ଦଙ୍କର ଏକାନ୍ତବାସ ଓ ପତ୍ର ବିନିମୟ :

ଶ୍ରୀଅରବିନ୍ଦ ଏକାନ୍ତବାସରେ ଥିବା ସମୟରେ ତାଙ୍କର କର୍ମ ଓ ସମୟ ସମ୍ବନ୍ଧରେ ଏକ ପତ୍ରରେ ଜନୈକ ସାଧକଙ୍କୁ ଉଲ୍ଲେଖ କରିଥିଲେ : ''... ମୋତେ ଯାହା କରିବାକୁ ପଡୁଛି ସେଥିପାଇଁ ଚବିଶ ଘଣ୍ଟା ଅତ୍ୟନ୍ତ କମ୍ ସମୟ ।''

(୦୩.୦୯.୧୯୩୦)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ପୃ.୧୯୧)

ପୁନଶ୍ଚ ଅନ୍ୟ ଏକ ପତ୍ରରେ ଲେଖିଥିଲେ : ''ତୁମେ ବୁଝିପାରୁ ନାହଁ ଯେ ସାଧାରଣ ଚିଠିପତ୍ର, ଅସଂଖ୍ୟ ରିପୋର୍ଟ୍ ଆଦିରେ ମୋତେ ବାରଘଣ୍ଟା ସମୟ ଦେବାକୁ ପଡୁଛି । ଏଥିପାଇଁ ମୋତେ ଅପରାହ୍ଣରେ ତିନିଘଣ୍ଟା ଓ ସାରାରାତି, ସକାଳ ଛ'ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି । ତେଣୁ ମୁଁ ଯଦି ବହୁ ପ୍ରଶ୍ନ ଥିବା ଏକ ଦୀର୍ଘ ପତ୍ର ପାଏ ତେବେ ସଙ୍ଗେ ସଙ୍ଗେ ତାହାର ଉତ୍ତର ଦେବା ହୁଏତ ସମ୍ଭବ ହୁଏ ନାହିଁ । କିନ୍ତୁ ସେଥିରେ ଏପରି ବିଚଳିତ ହୋଇପଡ଼ିବା ଓ ଯୋଗ-ସାଧନା ଛାଡ଼ି ଦେବାକୁ ଇଚ୍ଛା କରିବା ଅତ୍ୟନ୍ତ ଅଯୌକ୍ତିକ ।

(୧୭.୦୬.୧୯୩୩)

(ତତ୍ରୈବ : ପୃ. ୧୯୦)

*

''... ମୁଁ ଯଦି ପତ୍ରାଳାପ ଉପରେ ଏତେ ଗୁରୁତ୍ୱ ଦେଇଛି ତା'ର କାରଣ ହେଉଛି ମୋର କେନ୍ଦ୍ରୀୟ ଲକ୍ଷ୍ୟ ଦିଗରେ ଏହାର ଏକ ଫଳପ୍ରଦ ଭୂମିକା ଥିଲା । ଅନେକ ସାଧକଙ୍କୁ ଏହା ଆଳସ୍ୟ ପରିତ୍ୟାଗ କରି ଆଧ୍ୟାତ୍ମିକ ଅନୁଭୂତିର ପଥରେ ଚାଲିବା ପାଇଁ ସାହାଯ୍ୟ କରିଛି, ଅନେକଙ୍କ ପାଇଁ ଏହା ଛୋଟ ଛୋଟ ଅନୁଭୂତିର ସଙ୍କୁଚିତ ସୀମା ଭାଙ୍ଗିଦେଇ ଉପଲବ୍ଧିର ଏକ ପ୍ଲାବନ ଆଣି ଦେଇଛି, ଆହୁରି କେତେକ ସାଧକ ଯେଉଁମାନେ ବର୍ଷ ବର୍ଷ ଧରି ନିତାନ୍ତ ନୈରାଶ୍ୟଜନକ ଅବସ୍ଥାରେ ପଡ଼ିଥିଲେ ସେମାନଙ୍କ ଭିତରେ ଏହା ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ଦେଇଛି ଓ ଅନ୍ଧକାର ଭିତରୁ ସେମାନେ ଏକ ଆଲୋକର ଉନ୍ମୋଚନ ଭିତରେ ପ୍ରବେଶ କରିଛନ୍ତି । ଅବଶ୍ୟ ନିଃସନ୍ଦେହରେ କେତେକେ ଅଛନ୍ତି ଯେଉଁମାନେ ଏଥିରୁ ଆଦୌ ଲାଭବାନ୍ ହୋଇ ନାହାନ୍ତି ବା ଅତି ସାମାନ୍ୟ ଲାଭ ପାଇଛନ୍ତି । ଏପରି ମଧ୍ୟ କେତେକେ ଅଛନ୍ତି ଯେଉଁମାନେ କି ଏଣୁ ତେଣୁ ଅନେକ କଥା ଲେଖି ଆମର ସମୟ ନଷ୍ଟ କରିଛନ୍ତି । କିନ୍ତୁ ଆମ ସହିତ ପତ୍ରାଳାପ କରୁଥିବା ଅଧିକାଂଶ ସାଧକଙ୍କ ବିଷୟରେ ମୁଁ କହିପାରିବି ଯେ ସେମାନଙ୍କର ଯଥାର୍ଥ ଅଗ୍ରଗତି ହୋଇଛି । ଅବଶ୍ୟ ଏଥିରେ କିଛି ସନ୍ଦେହ ନାହିଁ ଯେ ପତ୍ରାଳାପ ନୁହେଁ, କିନ୍ତୁ ସେହି ଦିବ୍ୟଶକ୍ତି ଯାହାକି ଭୌତିକ ପ୍ରକୃତି ଉପରେ ନିଜର ପ୍ରଭାବକୁ ବୃଦ୍ଧି କରି ଚାଲିଛି, ତାହାହିଁ ଏହାସବୁ କରିବା ପାଇଁ ସମର୍ଥ ହୋଇଛି । କିନ୍ତୁ ଏଥିପାଇଁ ଏକ ପ୍ରବାହର ପଥ ଆବଶ୍ୟକ ଥିଲା ଓ ପତ୍ରାଳାପ ଦ୍ୱାରା ତାହା ସମ୍ଭବ ହୋଇଛି । ଅନେକଙ୍କ ପାଇଁ ମଧ୍ୟ ଏହାର କୌଣସି ଆବଶ୍ୟକତା ନଥିଲା । ଅନ୍ୟ କେତେକଙ୍କ ପାଇଁ ଏହା ମଧ୍ୟ ଉପଯୋଗୀ ନଥିଲା । ଯଦି ଏହା କେବଳ ବୁଦ୍ଧିଗତ ପ୍ରଶ୍ନ ପଚାରିବା ହୋଇଥା'ନ୍ତା ତାହାହେଲେ ଏହା ସଂପୂର୍ଣ୍ଣ ମୂଲ୍ୟହୀନ ହୋଇ ଥାଆନ୍ତା । କିନ୍ତୁ ଏହି ପତ୍ରାଳାପର ମୁଖ୍ୟଭାଗ ସାଧନା ଓ ଅନୁଭୂତି ସମ୍ପର୍କରେହିଁ ଥିଲା ଏବଂ ତାହାରି ଫଳରେହିଁ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ପ୍ରମାଣିତ ହେଉଛି ।

କିନ୍ତୁ ସମୟକ୍ରମେ ଏହି ପତ୍ରାଳାପ ଅତ୍ୟଧିକ ବୃଦ୍ଧି ପାଇଲା ଓ ଏହା ଏକ ଅସମ୍ଭବ ଆକାର ଧାରଣ କଲା । ତଥାପି ଏହି ବନ୍ୟାକୁ ରୋକିବା ବା ଏହା ଭିତରୁ ବାଛବିଚାର କରିବା ଖୁବ୍ କଷ୍ଟସାଧ୍ୟ ଥିଲା । କାରଣ ଏହାକୁ ଲୋକମାନେ ଭୁଲ୍ ବୁଝି ଥାଆନ୍ତେ । ତେଣୁ ଆମ୍ଭମାନଙ୍କୁ ଏଥିରୁ ନିସ୍ତାର ପାଇବା ନିମିତ୍ତ ଏକ ବାଟ ଖୋଜିବାକୁ ହେଉଛି ଓ ଏପର୍ଯ୍ୟନ୍ତ ଆମେ ଏହା ସାମାନ୍ୟ ମାତ୍ର ହାଲୁକା ହେବାର ଏକ ବାଟ କେବଳ ପାଇଛୁ । ଏଥିପାଇଁ ସହଜ ପଥ ହେଉଛି ଯେଉଁମାନେ ନିଜକୁ ଉନ୍ମୋଚିତ କରି ପାରିଛନ୍ତି, ସେମାନେ ବର୍ତ୍ତମାନ ମୁଖ୍ୟତଃ ଆନ୍ତର ସମ୍ପର୍କ ଓ ବାର୍ତ୍ତା-ବିନିମୟ ଉପରେ ନିର୍ଭର କରନ୍ତୁ ଓ ଦରକାର ପଡ଼ିଲେ କଦବା କ୍ୱଚିତ୍ ପତ୍ରାଳାପର ସାହାଯ୍ୟ

ନିଅନ୍ତୁ – କେତେକେ ଏହିପରି କରିବା ଆରମ୍ଭ କରି ଦେଇଛନ୍ତି । ମୁଁ ଭାବୁଛି ପରିଶେଷରେ ଆମେ ଏହାକୁ ହ୍ରାସ କରି ଚଳେଇ ପାରିବା ଭଳି ଅନୁପାତହିଁ ରଖିବୁ ।

(୧୨.୦୧.୧୯୩୪)
(ତତ୍ରୈବ : ପୃ. ୧୮୪ - ୮୫)

*

''ମୁଁ ଦିନକୁ ଦଶଘଣ୍ଟା କରି 'ତୁଚ୍ଛ' ପତ୍ରସବୁ ଲେଖି ଏକ ନୂଆ ମାନବଜାତି ସୃଷ୍ଟି କରିବା ସଂପର୍କରେ ତୁମେ ଯେଉଁ ପ୍ରଶ୍ନ ଉଠାଇଛ ତାହା ମୁଁ ବୁଝିପାରୁ ନାହିଁ । ନିଶ୍ଚିତରୂପେ ତାହା ସମ୍ଭବ ନୁହେଁ । ଗୁରୁତ୍ୱପୂର୍ଣ୍ଣ ପତ୍ର ଲେଖିବା ଦ୍ୱାରା ମଧ୍ୟ ନୂତନ ମାନବଜାତି ସମ୍ଭବ ହେବ ନାହିଁ ବା ଏପରି କି ମୁଁ ଯଦି ସୁନ୍ଦର କବିତା ଲେଖିବାରେ ସମୟ ଦିଏ ତେବେ ତାହା ଦ୍ୱାରା ମଧ୍ୟ ଏକ ନୂତନ ମନୁଷ୍ୟଜାତିର ନିର୍ମାଣ ହୋଇପାରିବ ନାହିଁ । ପ୍ରତ୍ୟେକ କର୍ମର, ତା' ନିଜ ସ୍ଥାନରେ ଗୁରୁତ୍ୱ ରହିଛି । ଗୋଟିଏ ବିଦ୍ୟୁତ୍ କଣା, ଗୋଟିଏ ଅଣୁ ବା ଗୋଟିଏ ଶସ୍ୟଦାନା ସ୍ୱୟଂ ଖୁବ୍ ଛୋଟ ଜିନିଷ ହୋଇପାରନ୍ତି । କିନ୍ତୁ ପୃଥିବୀ ନିର୍ମାଣ କାର୍ଯ୍ୟରେ ନିଜ ନିଜ ସ୍ଥାନରେ ସେସବୁ ସଂପୂର୍ଣ୍ଣ ଅପରିହାର୍ଯ୍ୟ । ପୃଥିବୀ କେବଳ ପର୍ବତ, ସୂର୍ଯ୍ୟାସ୍ତ ଓ ମେରୁଜ୍ୟୋତିସବୁରେ ନିର୍ମିତ ନୁହେଁ – ଯଦିଓ ଏସବୁର ମଧ୍ୟ ନିଜ ନିଜର ସ୍ଥାନ ରହିଛି । ସବୁକିଛି ନିର୍ଭର କରେ ଏଗୁଡ଼ିକ ପଛରେ କେଉଁ ଶକ୍ତି ରହିଛି ଓ ସେସବୁ କର୍ମର କି ଉଦ୍ଦେଶ୍ୟ ରହିଛି ତାହା ଉପରେ – ତାହା କେବଳ କ୍ରିୟା କରୁଥିବା ଦିବ୍ୟ ବିଶ୍ୱଶକ୍ତିକୁହିଁ ଜଣା ଏବଂ ମୁଁ ଏହା ସହିତ ଯୋଗ କରିପାରେ ଯେ ଏହି ଶକ୍ତି ମନ ଦ୍ୱାରା ବା ମଣିଷର ମାନଦଣ୍ଡ ଅନୁସାରେ କାର୍ଯ୍ୟ କରେ ନାହିଁ, ଏହା କାର୍ଯ୍ୟ କରେ ଏକ ମହତ୍ତର ଚେତନା ଅନୁଯାୟୀ ଯାହାକି ଗୋଟିଏ କ୍ଷୁଦ୍ର ବିଦ୍ୟୁତ୍ ଅଣୁଠାରୁ ଆରମ୍ଭ କରି ଏକ ବିଶାଳ ଜଗତ୍ ଗଢ଼ିଦେଇପାରେ ଏବଂ ଜୀବକୋଷ ବା ସ୍ନାୟୁଗ୍ରନ୍ଥିସବୁକୁ ବ୍ୟବହାର କରି ତାହାକୁ ଏଠାରେ ଜଡ଼ ଭିତରେ ମନ ଓ ଆତ୍ମାର କାର୍ଯ୍ୟର ଆଧାର କରିପାରେ ଏବଂ ଜଣେ ରାମକୃଷ୍ଣ ବା ନେପୋଲିୟନ୍ ବା ସେକ୍ସପିୟରଙ୍କୁ ସୃଷ୍ଟି କରିପାରେ । ଜଣେ ମହାନ୍ କବିଙ୍କର ଜୀବନ କ'ଣ ଖାଲି ପ୍ରଜ୍ୱଳ ଓ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗଠିତ ? ଗୋଟିଏ 'କିଙ୍ଗ୍‌ଲିଅର୍' ବା 'ହାମ୍‌ଲେଟ୍' ସୃଷ୍ଟି କରିବା ପୂର୍ବରୁ ଲେଖକଙ୍କୁ କେତେ ତୁଚ୍ଛ ବିଷୟରେ ବ୍ୟସ୍ତ ରହିବାକୁ ପଡ଼ିଥିବ । ପୁଣି ତୁମ ନିଜର ବିଚାର ଅନୁସାରେ ଲୋକମାନେ ଛନ୍ଦ, ମାତ୍ରା ଓ ଉଚ୍ଚାରଣର ବିଭିନ୍ନ ଢଙ୍ଗ ସଂପର୍କରେ ତୁମର ପାଟିତୁଣ୍ଡ ନେଇ – ସେମାନେ ଏମାନଙ୍କୁ ପାଟିତୁଣ୍ଡହିଁ କହିବେ – ଯଦି ଥଟ୍ଟା କରନ୍ତି ତେବେ ସେମାନଙ୍କୁ ଯୁକ୍ତିଯୁକ୍ତ ବୋଲି କୁହାଯିବ ନାହିଁ କି ? ସେମାନେ ମଧ୍ୟ କହିପାରନ୍ତି ଏହି ବ୍ୟକ୍ତିଟି ଏପ୍ରକାର ଅଯଥା ନୀରସ ଗଦ୍ୟଜାତୀୟ ବିଷୟରେ କାହିଁକି ସମୟ ନଷ୍ଟ କରୁଛି ? ଯେତେବେଳେ ସେ ସେହି ସମୟରେ ସୁନ୍ଦର କବିତା, ମଧୁର ସଙ୍ଗୀତ ସୃଷ୍ଟି କରି ପାରନ୍ତା ? କିନ୍ତୁ ଯେ କାମ କରୁଥାଏ ତାକୁ କେଉଁ ସାମଗ୍ରୀକୁ ନେଇ କାର୍ଯ୍ୟ କରିବାକୁ ହେବ ତାହା ସେ ଜାଣେ ଓ ତାହାକୁ ସମ୍ମାନ କରେ ଏବଂ ସେ ମଧ୍ୟ ଜାଣେ ଯେ ସେ କାହିଁକି ଏହିସବୁ ତୁଚ୍ଛ ଓ କ୍ଷୁଦ୍ର ଟିକିନିଖି ବିଷୟରେ ବ୍ୟସ୍ତ ରହିଛି ଏବଂ ତା'ର ପ୍ରଯତ୍ନର ପୂର୍ଣ୍ଣତାରେ ଏହାର ସ୍ଥାନ କ'ଣ ।

(ଡିସେମ୍ବର, ୧୯୩୩)
(ତତ୍ରୈବ : ପୃ. ୧୮୫-୮୬)

*

*ପ୍ରଶ୍ନ : ଏହା କ'ଣ ସତ୍ୟ ନୁହେଁ ଯେ ଆମେ ଆପଣଙ୍କଠାରୁ ଯେଉଁ ପତ୍ର ପାଉ ତାହା ଶକ୍ତିରେ ପୂର୍ଣ୍ଣ ହୋଇଥାଏ ?*

ଉତ୍ତର : ହଁ ସେଥିରେ ଶକ୍ତି ଦିଆଯାଇଥାଏ ।

*

*ପ୍ରଶ୍ନ : ମନେହୁଏ ଯେଉଁମାନେ ଆପଣଙ୍କ ନିକଟକୁ ପତ୍ର ଲେଖୁ ନାହାନ୍ତି ସେମାନଙ୍କର ସେଥିଯୋଗୁଁ ବିଶେଷ କିଛି କ୍ଷତି ହେଉ ନାହିଁ, ତାହାର କାରଣ କ'ଣ ?*

ଉତ୍ତର : ହୁଏତ ସାଧନା ପାଇଁ ସେମାନଙ୍କର ସେତିକି ଉତ୍ସାହ ନାହିଁ କିଂବା ନିଜର ଅସୁବିଧାଗୁଡ଼ିକୁ ଖୋଲି ଉପସ୍ଥାପନ କରିବା ପାଇଁ ସେମାନେ ସେପରି ଆବଶ୍ୟକତା ଅନୁଭବ କରୁ ନାହାନ୍ତି । କାରଣ ସେମାନଙ୍କୁ ହୁଏତ ନିଶ୍ଚୟାତ୍ମକ ଅନୁଭୂତିର କୌଣସି ଧାରା ମିଳିଯାଇଛି ଓ ଦୃଢ଼ ବିଶ୍ୱାସର ସହିତ ସେମାନେ ତାହାକୁ ଅନୁସରଣ କରୁଛନ୍ତି ।

(୨୪.୦୯.୧୯୩୩)
(ତତ୍ରୈବ : ପୃ. ୧୮୭)

*

*ପ୍ରଶ୍ନ : ଏପରିକି ଯେଉଁମାନେ ଆପଣଙ୍କ ନିକଟକୁ ବରାବର ଲେଖନ୍ତି ନାହିଁ ଓ ନିଶ୍ଚୟାତ୍ମକ ଅନୁଭୂତିର ଏକ ଧାରା*

*ଅନୁସରଣ କରନ୍ତି, ସେପରି କ୍ଷେତ୍ରରେ କ'ଣ ଏହି ବିପଦ ନାହିଁ ଯେ ସେମାନଙ୍କ ପାଇଁ ଭୁଲ୍ ଅନୁପ୍ରେରଣା ଓ ଭ୍ରାନ୍ତ ରଚନାସବୁ ଆସିପାରେ ଓ ଅନୁଭୂତିର ବିଭିନ୍ନତା ବା ପୂର୍ଣ୍ଣତାରୁ ସେମାନେ ବଞ୍ଚିତ ହୋଇ ପାରନ୍ତି ?*

ଉତ୍ତର : ହଁ, ଏହି ଉଭୟ ଧରଣର ବିପଦ ରହିଛି । ଏପରିକି ଯେଉଁମାନଙ୍କ ପାଇଁ କୌଣସି ସାଂଘାତିକ ବାଧାବିଘ୍ନ ଆସେ ନାହିଁ ସେମାନେ ଏହି ଦ୍ୱିତୀୟ ପ୍ରକାରର ବିପଦର ସମ୍ମୁଖୀନ ହୋଇ ପାରନ୍ତି ଯେ ସେମାନେ ସେହି ଗୋଟିଏ ଧରଣର ଅନୁଭୂତିର ସ୍ତରରେ ସର୍ବଦା ରହିଥିବେ । ପୁଣି ଅନେକେ ମଧ୍ୟ କିଛି ଲେଖନ୍ତି ନାହିଁ । କାରଣ ତା' ଫଳରେ ଦ୍ରୁତ ଗତିରେ ଅଗ୍ରସର ହେବା ପାଇଁ ସେମାନଙ୍କ ଉପରେ ଯେଉଁ ଚାପ ପଡ଼ିବ ସେଥିପାଇଁ ସେମାନେ ସେପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନ ଥା'ନ୍ତି ।

(୨୫.୦୯.୧୯୩୩)
(ତତ୍ରୈବ : ପୃ. ୧୮୭-୮୮)

*

*ପ୍ରଶ୍ନ : ଆପଣଙ୍କୁ ପ୍ରଶ୍ନମାନ ପଚାରିବା ଦ୍ୱାରା ଯୋଗ-ସାଧନାରେ ଏକ ସାହାଯ୍ୟ ହୋଇ ନଥାଏ କି ?*

ଉତ୍ତର : ସାଧକ ତା' ନିଜର ବିଭିନ୍ନ ଆନ୍ତର ଗତିବିଧି ବିଷୟରେ ପ୍ରଶ୍ନସବୁ ପଚାରିବାର ଉଦ୍ଦେଶ୍ୟ ହେଉଛି ସେସବୁ ବିଷୟରେ ଜ୍ଞାନାଲୋକ ପ୍ରାପ୍ତ ହେବା । ଆନ୍ତର ଗତିବିଧିସବୁ ସମ୍ବନ୍ଧରେ ଭାବ-ପ୍ରକାଶକ ଉକ୍ତିସବୁ ତାକୁ ସମର୍ପଣ କରିବାରେ ସାହାଯ୍ୟ କରିଥାଏ ।

(୦୩.୦୪.୧୯୩୪)
(SABCL, Vol. 26, P. 182)

*

ଲେଖା ମାଧ୍ୟମରେ ବାହ୍ୟ ନିର୍ଦ୍ଦେଶ ବା ଉପଦେଶ ଦେବା ଏବଂ ଆନ୍ତର ସାହାଯ୍ୟ କରିବା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ଏକ ଉତ୍ତର ଥିଲା : ''ମୁଁ ଯାହା ଲେଖେ ତାହା ସାଧାରଣତଃ କେବଳ ମନକୁ ସାହାଯ୍ୟ କରେ, ଏବଂ ତାହା ମଧ୍ୟ ଖୁବ୍ କମ୍ । କାରଣ ମୁଁ ଯାହା ଲେଖେ ଲୋକମାନେ ତାହା କମ୍ ବୁଝନ୍ତି, ସେମାନେ ତା' ଉପରେ ନିଜ ବ୍ୟାଖ୍ୟାନ ଛିଡ଼ା କରାଇଦିଅନ୍ତି । ଆନ୍ତର ସାହାଯ୍ୟ କିନ୍ତୁ ସଂପୂର୍ଣ୍ଣ ଭିନ୍ନ ବିଷୟ । ସେ କ୍ଷେତ୍ରରେ କୌଣସି ପ୍ରକାର ବିଭ୍ରାନ୍ତିର ପ୍ରଶ୍ନ ନାହିଁ, କାରଣ ଏହା କେବଳ ମନ ନୁହେଁ, ଚେତନାର ଉପାଦାନ ପର୍ଯ୍ୟନ୍ତ ପହଞ୍ଚି ଥାଏ ।''
('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ପୃ. ୧୮୮)

*

## ଶ୍ରୀଅରବିନ୍ଦଙ୍କ ଏକାନ୍ତବାସର କାରଣ

ଶ୍ରୀଅରବିନ୍ଦଙ୍କର ଏକାନ୍ତବାସର କାରଣ ସମ୍ବନ୍ଧେ ତାଙ୍କର ନିଜସ୍ୱ ଉକ୍ତିରୁ କିଛି :

''ନା, ବିଷଣ୍ଣତା, କଠୋରତା, ଘୋର ତପସ୍ୟା ବା ନିଃସଙ୍ଗ ଐଶ୍ୱର୍ଯ୍ୟ ଏ ଯୋଗର ଆବଶ୍ୟକ ଅଙ୍ଗ ନୁହେଁ । ମୁଁ ଯଦି ବରାବର ମୋ ପ୍ରକୋଷ୍ଠରେ ରହୁଛି ତାହା ଏକାନ୍ତବାସ ପାଇଁ, କୌଣସି ବିଶେଷ ଆସକ୍ତି ଯୋଗୁଁ ନୁହେଁ । ଏପରି ସଂପୂର୍ଣ୍ଣ ବାହ୍ୟାବସ୍ଥାକୁ ଯୋଗରେ ଏକ ମହାନ୍ ଅଗ୍ରଗତିର ଆବଶ୍ୟକ ଚିହ୍ନ ରୂପେ ଉପସ୍ଥାପିତ କରିବା, ଏକାନ୍ତବାସକୁ ଯୋଗର ଲକ୍ଷ୍ୟ ବୋଲି ବିଚାର କରିବା ନିତାନ୍ତ ହାସ୍ୟାସ୍ପଦ । ତେଣୁ ତୁମେ ଏଥିପାଇଁ ଉଦ୍‌ବିଗ୍ନ ହେବାର ଆବଶ୍ୟକତା ନାହିଁ, ତୁମଠାରୁ କୌଣସି ଏକାନ୍ତବାସ ଦାବି କରାଯାଉ ନାହିଁ ।''

(୧୯୩୨)
(ତତ୍ରୈବ : ପୃ. ୧୯୨)

*

''ମୁଁ ତୁମକୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ଭବିଷ୍ୟତରେ ସଂପର୍କ ଛିନ୍ନ କରିବାର ମୋର କୌଣସି ଉଦ୍ଦେଶ୍ୟ ନାହିଁ । ଯାହାକିଛି କଟକଣାର ବ୍ୟବସ୍ଥା ହୋଇଛି ତାହା ଅନିବାର୍ଯ୍ୟ କାରଣ ଯୋଗୁଁହିଁ ହୋଇଛି, ମୋର ଏକାନ୍ତବାସ ସଂପୂର୍ଣ୍ଣ ଅପରିହାର୍ଯ୍ୟ ଥିଲା, ତାହା ନ ହୋଇଥିଲେ ମୁଁ ବର୍ତ୍ତମାନ ଯେଉଁଠି ପହଞ୍ଚିଛି ଅର୍ଥାତ୍ ବ୍ୟକ୍ତିଗତ ଭାବରେ ଲକ୍ଷ୍ୟର ଯେତେ ନିକଟରେ ପହଞ୍ଚିଛି, ତାହା ସମ୍ଭବ ହୋଇ ନଥା'ନ୍ତା । ଯେତେବେଳେ ଲକ୍ଷ୍ୟରେ ପୂରା ପହଞ୍ଚି ଯାଇହେବ ସେତେବେଳେ ଅବସ୍ଥା ଭିନ୍ନ ହେବ । ତୁମର ଯଦି ଏତେ ଦୀର୍ଘ ସମୟ ଧରି ଅଭୂତପୂର୍ବ ଶାନ୍ତି ରହି ପାରିଛି ତାହା ମୋର ନିରନ୍ତର ଆନ୍ତର ଚାପ ହେତୁ । ଏଥିପାଇଁ ପ୍ରାପ୍ୟ ପ୍ରଶଂସାର ପୂରାଭାଗ ମୁଁ ମୋର ପ୍ରତିରୂପ କୃଷ୍ଣଙ୍କୁ ଦେବା ପାଇଁ ଅସ୍ୱୀକାର କରୁଛି ।

(୧୪.୦୮.୧୯୪୫)
(ତତ୍ରୈବ : ପୃ. ୧୯୨)

*

*ପ୍ରଶ୍ନ : ମୁଁ ଯିବା ପୂର୍ବରୁ ଆଉ ଥରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ପ୍ରାର୍ଥନା କରୁଛି । ମୁଁ ଜାଣେ ଏହା ନିୟମର ବିରୋଧ, କିନ୍ତୁ ଜଣେ ଭକ୍ତ ପାଇଁ ଏହି ନିୟମ ଟିକେ କୋହଳ କଲେ ସେ କିଛି ମନେକରିବେ ନାହିଁ ବୋଲି ଆଶାକରେ ।*

ଉତ୍ତର : ଦୁଃଖର ବିଷୟ, ଏହା ଅସମ୍ଭବ । ଏ ଅବସ୍ଥାରେ କୌଣସି ସ୍ୱତନ୍ତ୍ର ବ୍ୟକ୍ତିଗତ ଦର୍ଶନ ଦିଆଯାଇ ପାରିବ ନାହିଁ – ଏହା କୌଣସି ନିୟମର ବିଷୟ ନୁହେଁ ବରଂ ଶ୍ରୀଅରବିନ୍ଦ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିପାଇଁ ଏହା ଏକ ଆବଶ୍ୟକତା ।

(୧୭.୦୮.୧୯୩୪)
(ତତ୍ରୈବ : ପୃ. ୧୯୩)

*

*ପ୍ରଶ୍ନ : ଆପଣ କେବେ ନିଜ ଏକାନ୍ତବାସରୁ ବାହାରିବେ ?*

ଉତ୍ତର : ଏହା ଏପରି ଏକ ବିଷୟ, ଯାହା ସଂପର୍କରେ ବର୍ତ୍ତମାନ କୌଣସି କଥା କୁହାଯାଇ ପାରିବ ନାହିଁ । ମୋର ଏକାନ୍ତବାସର ଏକ ଉଦ୍ଦେଶ୍ୟ ରହିଛି, ପ୍ରଥମେ ସେହି ଉଦ୍ଦେଶ୍ୟ ପୂରଣ ହେବା ଆବଶ୍ୟକ ।

(୨୫.୦୮.୧୯୩୩)
(ତତ୍ରୈବ : ପୃ. ୧୯୩)

*

*ପ୍ରଶ୍ନ : ଆପଣ ଯଦି ବର୍ଷକୁ ମାତ୍ର ତିନି ଥର ଦର୍ଶନ ଦେବା ପରିବର୍ତ୍ତେ ମାସକୁ ଥରେ ଦର୍ଶନ ଦେବା ପାଇଁ ବାହାରକୁ ଆସନ୍ତେ ତେବେ ଖୁବ୍ ଭଲ ହୁଅନ୍ତା । ଏହା କ'ଣ ସମ୍ଭବ ?*

ଉତ୍ତର : ମୁଁ ଯଦି ମାସକୁ ଥରେ ବାହାରକୁ ଆସି ଦର୍ଶନ ଦେବି ତେବେ ତାହାର ପ୍ରଭାବ ଏକ ତୃତୀୟାଂଶ କମିଯିବ ।

(୦୨.୦୩.୧୯୩୩)
(ତତ୍ରୈବ : ପୃ. ୧୯୩)

*

*ପ୍ରଶ୍ନ : ଆପଣ କ'ଣ ଅତିମାନସ ଅବତରଣ ପରେ ଏକାନ୍ତବାସରୁ ବାହାରକୁ ଆସିବେ ?*

ଉତ୍ତର : ଅବତରଣ ପରେହିଁ ତାହା ସ୍ଥିର କରାଯିବ ।

(୨୩.୦୯.୧୯୩୫)
(ତତ୍ରୈବ : ପୃ. ୧୯୩ - ୧୯୪)

*

''ମୋର ଏକାନ୍ତବାସ କିଛି ନୂଆ ନୁହେଁ । ଏପରିକି ଚିଠିପତ୍ର ଦ୍ୱାରା ହେଉଥିବା ସଂପର୍କ ମଧ୍ୟ ବନ୍ଦ କରିଦେବା ନୂଆ କଥା ନୁହେଁ – ଏପରି ବ୍ୟବସ୍ଥା ଅନେକ ଦିନ ଧରି ଚାଲିଛି । ଏହି ନିୟମକୁ ମୁଁ ମୋ ନିଜର କୌଣସି ବ୍ୟକ୍ତିଗତ ରୁଚି ବା ପସନ୍ଦ-ଅପସନ୍ଦ ଦ୍ୱାରା ସ୍ଥିର କରି ନାହିଁ । ଏହାର କାରଣ ହେଉଛି ଏହି ଚିଠିପତ୍ରରେ ମୋର ଅଧିକାଂଶ ସମୟ ଓ ଶକ୍ତି ବ୍ୟୟିତ ହେଲା ଓ ମୁଁ ଦେଖିଲି ଯଦି ମୋର ଏହି କାର୍ଯ୍ୟକ୍ରମକୁ ପରିବର୍ତ୍ତନ ନକରେ ଓ ମୋର ପ୍ରକୃତ କାର୍ଯ୍ୟ ଦିଗରେ ଆବଶ୍ୟକ ଶକ୍ତି ନଦିଏ, ତେବେ ମୋର ଅସଲ କାର୍ଯ୍ୟଟି ଅବହେଳିତ ବା ଅସମାପ୍ତ ରହିଯିବାର ବିପଦ ରହିଛି । ଏହି ବାହ୍ୟ କାର୍ଯ୍ୟର ବାସ୍ତବ ପରିଣାମ ମଧ୍ୟ ନିତାନ୍ତ ନଗଣ୍ୟ, ଏହିସବୁ କାର୍ଯ୍ୟ ଫଳରେ ଆଶ୍ରମର ବିଶେଷ କିଛି ଆଧ୍ୟାତ୍ମିକ ପ୍ରଗତି ହେଲା ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । ବିଶ୍ୱସଂକଟର ବର୍ତ୍ତମାନ ସମୟରେ ଯେତେବେଳେ ମୋତେ ଅସାଧ୍ୟ ବିପତ୍ତି ଓ ବିପର୍ଯ୍ୟୟକୁ ନିବାରଣ କରିବା ପାଇଁ ସବୁ ସମୟରେ ସତର୍କ ଓ ଏକାଗ୍ର ରହିବାକୁ ପଡୁଛି ଓ ପଡ଼ିବ ଏବଂ ଏହା ବ୍ୟତୀତ ମଧ୍ୟ ମୁଖ୍ୟ ଓ ବିଶେଷ ଧରଣର ଆନ୍ତର ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଯେତେବେଳେ ସମାନ ଧରଣର ଏକାଗ୍ରତା ଓ ନିରନ୍ତର ଅଧ୍ୟବସାୟର ଆବଶ୍ୟକତା ରହିଛି, ସେତେବେଳେ ମୋର ବର୍ତ୍ତମାନର ନିୟମକୁ ଉଠାଇ ଦେବା ଆଦୌ ସମ୍ଭବ ନୁହେଁ । (ଅଧିକନ୍ତୁ ଏପରିକି ବ୍ୟକ୍ତିଗତ ଭାବରେ ମଧ୍ୟ ସାଧକର ନିଜ ହିତ ଦୃଷ୍ଟିରୁ ଏହି ମୁଖ୍ୟ ଆଧ୍ୟାତ୍ମିକ କାର୍ଯ୍ୟଟି ସଂପନ୍ନ ହେବା ଉଚିତ, କାରଣ ଏହାର ସାଫଲ୍ୟ ଏପରି ଅବସ୍ଥା ସୃଷ୍ଟି କରିବ ଯେତେବେଳେ ନିଜର ବାଧାବିଘ୍ନକୁ ଅତିକ୍ରମ କରିବା ସାଧକ ପକ୍ଷରେ ଅଧିକ ସହଜ ହେବ ।) ତଥାପି ମୁଁ ମୋର ନିୟମକୁ ଭାଙ୍ଗିଛି, କେବଳ ତୁମ ନିମିତ୍ତହିଁ ଭାଙ୍ଗିଛି । ମୁଁ ବୁଝିପାରୁ ନାହିଁ ଏହାକୁ କିପରି ପ୍ରେମର ଅଭାବ ବା କଠିନ ପ୍ରସ୍ତରସୁଲଭ ଉଦାସୀନତା ବୋଲି କୁହାଯିବ ।''

(୨୯.୦୫.୧୯୪୨)
(ତତ୍ରୈବ : ପୃ. ୧୯୧)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ

**ରାମକୃଷ୍ଣ ଦାସ**

ପ୍ରେମ ଭଗବାନଙ୍କ ଭାଗବତୀ ଦିବ୍ୟ-ଶକ୍ତି । ପ୍ରେମ ଦ୍ୱାରାହିଁ ଭଗବାନ୍ ଏହି ସୃଷ୍ଟି କରିଅଛନ୍ତି ଓ ଧାରଣ କରି ରଖିଅଛନ୍ତି । ସେହି ଦିବ୍ୟ-ପ୍ରେମ ସଂସାରରେ ଆସି ମାନୁଷୀ ପ୍ରେମରେ ବିକୃତ ହୋଇଯାଇଅଛି । ତଥାପି ସେହି ବିକୃତ ପ୍ରେମ ମନୁଷ୍ୟ, ପଶୁ, ପକ୍ଷୀ ଆଦି ସମସ୍ତ ପ୍ରାଣୀ ମଧ୍ୟରେ ପିତା, ମାତା, ସ୍ତ୍ରୀ, ପୁତ୍ର ଓ ମିତ୍ର ରୂପେ ସମ୍ବନ୍ଧ ସ୍ଥାପନ କରି ଏକକୁ ଅନ୍ୟ ପ୍ରତି ଆକର୍ଷିତ କରି ବାନ୍ଧି ରଖିଅଛି । ଯଦି ଏହି ପ୍ରେମକୁ ନିର୍ବାସିତ କରି ଦିଆ ହୁଏ, ତେବେ ପ୍ରତ୍ୟେକର ପରସ୍ପର ମଧ୍ୟରୁ ସମ୍ବନ୍ଧ ବିଚ୍ଛେଦ ହେବ ଏବଂ ସଂସାର ବିଶୃଙ୍ଖଳାରେ ପରିଣତ ହୋଇ ନଷ୍ଟ ହୋଇଯିବ । ପ୍ରେମର ଅତୁଳନୀୟ ଶକ୍ତି । ପ୍ରେମହିଁ ପ୍ରେମାସ୍ପଦ ଭଗବାନଙ୍କୁ ପ୍ରକଟ କରିପାରେ, ପ୍ରେମିକକୁ ଦିବ୍ୟ-ଭାଗବତ ସ୍ୱରୂପରେ ରୂପାନ୍ତରିତ କରିପାରେ, ପୁଣି ଉଭୟଙ୍କୁ ଏକ କରି ସ୍ୱୟଂ ମିଳି ଏକାକାର ହୋଇଯାଏ । ଏହି ଏକାକାର ଅବସ୍ଥା ସଙ୍ଗେ ପ୍ରେମିକ, ପ୍ରେମାସ୍ପଦ ଓ ପ୍ରେମ ପୃଥକ୍ ରହି ପ୍ରେମିକକୁ ଦିବ୍ୟ-ପ୍ରେମାମୃତ ଆସ୍ୱାଦନ କରାଏ । ସେ'ନେଇ ଦିବ୍ୟ ପ୍ରେମ ଅଲୌକିକ, ବୁଦ୍ଧି ପକ୍ଷେ ଦୁରାଧିଗମ୍ୟ, କେବଳ ଅନୁଭବର ବସ୍ତୁ ।

ପ୍ରେମହିଁ ଭଗବାନଙ୍କୁ ବଶ କରିବାରେ ସମର୍ଥ । ଶତ-ଐଶ୍ୱର୍ଯ୍ୟଯୁକ୍ତ ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କୁ ପ୍ରେମହିଁ ଗୋପୀମାନଙ୍କ ପାଖେ ଲବଣି ପାଇଁ ନୃତ୍ୟ କରାଇ ଥିଲା । ପ୍ରେମହିଁ ତ୍ରୈଲୋକ୍ୟନାଥଙ୍କୁ ନନ୍ଦରାଣୀଙ୍କ ଉଗାଳରେ ବନ୍ଧନ କରାଇ ଥିଲା । ସେହି ପ୍ରେମ କେଉଁଠି ଭଗବାନଙ୍କୁ ଭକ୍ତର ଭୃତ୍ୟ ରୂପେ ସେବା କରାଇ ଥିଲା, ସାରଥି କରାଇ ଭକ୍ତର ରଥ ସଞ୍ଚାଳନ କରାଇ ଥିଲା, କେଉଁଠି ସଖା ରୂପେ ଗୋରୁ ଚରାଇ ଦୁଗ୍ଧ ଦୁହାଁଇ ଥିଲା । ସର୍ବ-ସ୍ୱତନ୍ତ୍ର, ସର୍ବ-ସମର୍ଥ ଭଗବାନଙ୍କୁ ବି ସେହି ପ୍ରେମ ଭକ୍ତର ହୃଦୟ ମନ୍ଦିରରେ ବନ୍ଦି କରି ରଖିଥିଲା ।

ଭକ୍ତ ପ୍ରେମରେ ଭଗବାନଙ୍କୁ ପୂଜା କରେ, ତାଙ୍କ ଦର୍ଶନ ସକାଶେ ବ୍ୟାକୁଳ ହୋଇ ପଡ଼େ; ତାଙ୍କ କ୍ଷଣମାତ୍ର ବିୟୋଗରେ ମୃତ୍ୟୁଠାରୁ ଅଧିକ ଦୁଃଖ ଅନୁଭବ କରେ, ପ୍ରେମିକ-ଭକ୍ତର ଭଗବାନହିଁ ସର୍ବସ୍ୱ । ସେ ଭଗବାନଙ୍କ ସକାଶେ ଜୀବିତ ରହେ, ମୃତ୍ୟୁକୁ ବରଣ କରେ, ଭଗବାନଙ୍କ ସଙ୍ଗେ ତିନିଲୋକର ଦୁଃଖକୁ ସୁଖ ରୂପେ ଅନୁଭବ କରେ । ଭଗବାନଙ୍କ ଛଡ଼ା ସ୍ୱର୍ଗ ସୁଖକୁ ବି ଜଳାଞ୍ଜଳି ଦିଏ । ସେ ସବୁକିଛି ତ୍ୟାଗ କରି କେବଳ ପ୍ରିୟତମର ଦର୍ଶନ ଆଶାରେ ଜୀବନ ଧାରଣ କରି ପ୍ରତୀକ୍ଷା କରୁଥାଏ ।

ଏହି ଦିବ୍ୟ ପ୍ରେମ ଭକ୍ତି-ଯୋଗରେ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରେ । ଅନ୍ୟାନ୍ୟ ଯୋଗରେ ଭକ୍ତି-ଯୋଗ ପରି ଯଦ୍ୟପି ଏହାର ପ୍ରଧାନ ସ୍ଥାନ ନ ଥାଏ, ତଥାପି ଏହାର ଆଶ୍ରୟ ନ ହେଲେ କୌଣସି ସାଧନା ସଫଳ ହୁଏ ନାହିଁ । ଏହି ପ୍ରେମର ଅଙ୍ଗ ହେଉଛି – ଶ୍ରଦ୍ଧା ଏବଂ ଉତ୍ସାହ । ଶ୍ରଦ୍ଧା, ଉତ୍ସାହ ବିନା କୌଣସି ଯୋଗ ବି ଅଗ୍ରସର ହୋଇପାରେ ନାହିଁ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ – ପ୍ରେମ, କର୍ମ ଓ ଜ୍ଞାନକୁ ସମାନ ସ୍ଥାନ ଦିଆଯାଇଛି । ଏକକୁ ଅବହେଳା ପ୍ରଦର୍ଶନ ବା ଗୌଣସ୍ଥାନ ଦିଆଯାଇ ନାହିଁ । ପ୍ରେମ ବିନା କର୍ମ ନୀରସ, ଜ୍ଞାନ ଶୁଷ୍କ, ସାଧନା ଭାର ସ୍ୱରୂପ ହୁଏ । ଏହା ସଙ୍ଗେ ପ୍ରେମର ସଞ୍ଚାର ହେଲେ ନୀରସତାରେ ରସର ସଞ୍ଚାର ହୁଏ, ଶୁଷ୍କରେ ଜୀବନୀ ଶକ୍ତି ପ୍ରବେଶ କରେ, ନିରାଶାରେ ଆଶା ଦେଖାଯାଏ, ଅସମ୍ଭବରେ ସମ୍ଭାବନା ଦୃଷ୍ଟିଗୋଚର ହୁଏ । ଏହି ପ୍ରେମ ସାଧନାମାର୍ଗକୁ ନମନୀୟ, କୋମଳ, ଆନନ୍ଦମୟ କରି ସାଧକକୁ ତାହାର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇ ଦିଏ । ଏଠାରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରେମ ସମ୍ବନ୍ଧେ ଆଲୋଚନା କରିବା ।

ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ କେବଳ ଭଗବାନଙ୍କ ସକାଶେ ବ୍ୟାକୁଳ ହୋଇ ଅସହ୍ୟ ବିରହ ବେଦନାରେ କାତର ହୋଇ ତାଙ୍କ ଦର୍ଶନ ଲାଭ କରିବା ସକାଶେ ପ୍ରେମ କରେ ନାହିଁ । ସେ ପ୍ରେମ କରେ ଭଗବାନଙ୍କୁ ତାହାର ପ୍ରତ୍ୟେକ ସତ୍ତାରେ – ମନ, ପ୍ରାଣ ଓ ଜଡ଼ ଶରୀରରେ ଅଭିବ୍ୟକ୍ତ କରିବାକୁ, ଭଗବାନଙ୍କ ସଙ୍ଗେ ଅବିଚ୍ଛେଦ୍ୟ ଏକତ୍ୱ ପ୍ରାପ୍ତ କରିବାକୁ; ସେହି ଏକହିଁ ସଙ୍ଗେ ଭଗବାନଙ୍କଠାରୁ ପୃଥକ୍ ରହି ତାଙ୍କ ଯନ୍ତ୍ର ହେବାକୁ । ଏହି ପାର୍ଥିବ ଶରୀର ତ୍ୟାଗ କରି ଦିବ୍ୟଧାମରେ ଦିବ୍ୟ ଶରୀରରେ ଭଗବାନଙ୍କ ସହଚର ହେବା ପୂର୍ଣ୍ଣଯୋଗ ସାଧକର ଲକ୍ଷ୍ୟ ନୁହେଁ । ପ୍ରେମର ଲକ୍ଷ୍ୟ ସମସ୍ତ ସତ୍ତାକୁ

ଭଗବାନଙ୍କ ଚରଣରେ ସମର୍ପଣ କରି ତାଙ୍କ ଦ୍ୱାରା ରୂପାନ୍ତରିତ ହୋଇ ଏହି ମୃତ୍ୟୁପୁରୀକୁ ଦିବ୍ୟ-ଧାମରେ ପରିଣତ କରିବା ।

ସେ'ନେଇ ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ ଦ୍ୱାରାହିଁ ସାଧନା ଆରମ୍ଭ ହୁଏ । ମନ, ପ୍ରାଣ, ଶରୀରର ସମସ୍ତ କର୍ମକୁ ଭଗବାନ୍ ଅଥବା ଗୃହସ୍ଥ ଚୈତ୍ୟ-ପୁରୁଷଙ୍କୁ ସମର୍ପଣ କରିବା ଦ୍ୱାରା ଚୈତ୍ୟ-ପୁରୁଷ ଜାଗ୍ରତ୍ ହୁଅନ୍ତି । ଏହି ଚୈତ୍ୟ-ପୁରୁଷ ବ୍ୟକ୍ତି ସତ୍ତା, ଭଗବାନଙ୍କ ଅଂଶ, କ୍ରମ-ବିକାଶ ଅନୁସାରେ ବିକାଶଶୀଳ । କିନ୍ତୁ ଏହା ଅନ୍ନମୟ, ପ୍ରାଣମୟ, ମନୋମୟ ପୁରୁଷଠାରୁ ଭିନ୍ନ; ହୃଦୟର ଗଭୀରନିବାସୀ ହୃତ୍‌ପୁରୁଷ । ଏହି ହୃତ୍‌ପୁରୁଷ ସୁପ୍ତ; ମନ, ପ୍ରାଣ ଓ ଶରୀର କ୍ରିୟାରେ ଆବୃତ । ସାଧନା ଦ୍ୱାରା ଏହି ସତ୍ତା ଜାଗ୍ରତ୍ ଓ ବିକଶିତ ହେଲେ ସମ୍ମୁଖକୁ ଆସେ; ମନ, ପ୍ରାଣକୁ ପଶ୍ଚାତକୁ କରି ସେମାନଙ୍କର ନେତୃତ୍ୱ ଗ୍ରହଣ କରେ । ଏହି ହୃତ୍‌ପୁରୁଷ ଦିବ୍ୟ, ଚିନ୍ମୟ, ଭଗବାନଙ୍କ ପ୍ରତିଭୂ, ଭଗବାନଙ୍କ ଦିବ୍ୟଗୁଣରେ ବିଭୂଷିତ । ଏହାର ସମସ୍ତ କ୍ରିୟା, ସମସ୍ତ ଗତିବୃତ୍ତି ଭଗବାନଙ୍କ ସକାଶେ । ଏହି ହୃତ୍-ପୁରୁଷ ଭଗବାନଙ୍କ ସଂକଳ୍ପ ଦ୍ୱାରା ସର୍ବଦା ଚାଳିତ । ଏହାର ସ୍ୱାଭାବିକ ଧର୍ମ ଭଗବାନଙ୍କ ପ୍ରତି ସମ୍ପୂର୍ଣ୍ଣ ଆତ୍ମଦାନ । ଏହାର ମନ, ପ୍ରାଣ ପରି ଦାବି ନାହିଁ, କାମନା ବାସନା ନାହିଁ, ନିଜ ତୃପ୍ତି ବା ସନ୍ତୋଷ ସକାଶେ ଏହା କିଛି କରେ ନାହିଁ । ଏହା ସମସ୍ତ କର୍ମ କରେ, ସର୍ବସ୍ୱ ସମର୍ପଣ କରେ ନିଃସ୍ୱାର୍ଥ ଭାବରେ ଭଗବାନଙ୍କୁ । ସେ'ନେଇ ପୂର୍ଣ୍ଣ ଯୋଗରେ ପ୍ରଥମେ ଏହି ହୃତ୍-ପୁରୁଷଙ୍କୁ ଜାଗ୍ରତ୍ କରାହୁଏ । ସେ ଜାଗ୍ରତ୍ ହୁଅନ୍ତି ଅଭୀପ୍ସା ଓ ସମର୍ପଣ ଦ୍ୱାରା । ଏହା ଜାଗ୍ରତ୍ ହେଲେ ଯଥାର୍ଥ ଭାବେ ଭଗବାନଙ୍କୁ ପ୍ରେମ କରିପାରେ ।

ଯଦି ହୃତ୍-ପୁରୁଷ ହାତରେ ସାଧନାର ସମସ୍ତ ଭାର ଅର୍ପଣ କରି ତାଙ୍କୁ ପୂର୍ଣ୍ଣ ନେତୃତ୍ୱ କରିବାକୁ ଦିଆ ନ ହୁଏ, ସେ ମନ, ପ୍ରାଣ ପଶ୍ଚାତରେ ରହି କ୍ରିୟା କରନ୍ତି । ମନ, ପ୍ରାଣ ସୁଯୋଗ ପାଇ ତାଙ୍କର କ୍ରିୟାରେ ସହଯୋଗୀ ନ ହୋଇ ନିଜ କାମନା-ବାସନା ତୃପ୍ତ କରିବାକୁ ଚେଷ୍ଟା କରନ୍ତି; କିନ୍ତୁ ମନ, ପ୍ରାଣ ସେତେବେଳେ କ୍ରିୟାଶୀଳ ଥିବାରୁ ସେହି ଆତ୍ମଦାନ ଏବଂ ପ୍ରେମରେ ନିଜ ବାସନା, କାମନା ଓ ଦାବିକୁ ମିଶ୍ରିତ କରି ଏହା ପରିବର୍ତ୍ତେ ଭଗବାନଙ୍କଠାରୁ ଚାହାନ୍ତି ଆତ୍ମତୃପ୍ତି । ସେ'ନେଇ ଶ୍ରୀଅରବିନ୍ଦଙ୍କ ଯୋଗର ଆରମ୍ଭରେ ହୃତ୍-ପୁରୁଷଙ୍କୁ ଜାଗ୍ରତ୍ କରି ସମ୍ମୁଖକୁ ନେଇ ଆସିବାକୁ ହୁଏ । ସେ ହୁଏ ନେତା; ମନ, ପ୍ରାଣ ହୁଅନ୍ତି ତାହାର ଆଜ୍ଞାନୁବର୍ତ୍ତୀ ।

ହୃତ୍-ପୁରୁଷର ଗତି ସ୍ୱାଭାବିକ ରୂପେ ଭଗବାନଙ୍କ ଆଡ଼କୁ । ତାଙ୍କର ସମସ୍ତ କ୍ରିୟା ହୁଏ ଭଗବାନଙ୍କ ସକାଶେ । ସେ ସମସ୍ତ ପ୍ରଯତ୍ନ କରନ୍ତି ନିଜେ ଓ ନିଜର ଯାହାକିଛି, ବିଶେଷଭାବେ ଭଗବାନଙ୍କୁ ଦେଇ ପ୍ରେମ କରିବାକୁ । ସେ କେବଳହିଁ ପ୍ରେମ କରିବା ଜାଣନ୍ତି । ଏହା ବଦଳରେ କ'ଣ ମିଳିବ – ଦୁଃଖ ବା ସୁଖ, ହାନି ବା ଲାଭ, ବିପଦ ବା ସମ୍ପଦ, ମୃତ୍ୟୁ ବା ଅମରତ୍ୱ କିଛି ବି ଭାବନ୍ତି ନାହିଁ । ଏହି ହୃତ୍‌ପୁରୁଷ ଆତ୍ମଦାନ ଓ ଭଗବାନଙ୍କ ପ୍ରତି ପ୍ରେମ କରିବା ଦ୍ୱାରା ତାଙ୍କର ପଶ୍ଚାତରେ ଥିବା ମନ-ପ୍ରାଣ, କାମନା-ବାସନା ତ୍ୟାଗ କରି ଶୁଦ୍ଧ ହୋଇ ତାଙ୍କର ଅନୁସରଣ କରନ୍ତି । ସେତେବେଳେ ମନ, ପ୍ରାଣ ଓ ଶରୀର ବ୍ୟାକୁଳ ହୋଇ ପଡ଼ନ୍ତି ଭଗବତ୍ ସେବାରେ ନିଜକୁ ଅର୍ପଣ କରିଦେବାକୁ – କେବଳ ଭଗବତ୍ ସେବା ସକାଶେ ଯହିଁରେ ଲେଶମାତ୍ର ସ୍ୱାର୍ଥ ନ ଥାଏ, ଏପରିକି ଭଗବାନଙ୍କ ଦର୍ଶନ ପର୍ଯ୍ୟନ୍ତ ଚାହିଁ ନ ଥାଏ । ଯଦି ସାଧାରଣରୁ ସାଧାରଣ ମନର ବିଚାର, ପ୍ରାଣର ଗତି, ଶରୀରର କ୍ରିୟା ଭଗବାନଙ୍କୁ ଅର୍ପଣ ନ ହୋଇ ବାକି ରହିଯାଏ, ତେବେ ସେ ହଜାର ମୃତ୍ୟୁର ଦୁଃଖ ଅନୁଭବ କରେ । ଭଗବାନଙ୍କ ଦର୍ଶନ ସକାଶେ ବ୍ୟାକୁଳ ନ ହୋଇ ସେ ବ୍ୟାକୁଳ ହୁଏ, ଖୁବ୍ ବ୍ୟାକୁଳ ହୁଏ – କେବଳ ସବୁକିଛି ଭଗବାନଙ୍କୁ ଦେଇଦେବାକୁ । ଯଦି କେହି ବିନା ସର୍ତ୍ତରେ ଭଗବାନଙ୍କୁ ସର୍ବସ୍ୱ ଦେଇଦିଏ, ଲେଶମାତ୍ର ବଞ୍ଚେଇ ନ ରଖେ, ତେବେ ଭଗବାନ୍ ମଧ୍ୟ ନିଜକୁ ଲେଶମାତ୍ର ବଞ୍ଚେଇ ନ ରଖି ସର୍ବସ୍ୱ ଦେଇଦିଅନ୍ତି । ଭଗବାନ୍ ଦିବ୍ୟ, ଚିନ୍ମୟ; ତାଙ୍କୁ ଧାରଣ କରିବା ବ୍ୟକ୍ତି ମଧ୍ୟ ଦିବ୍ୟ, ଚିନ୍ମୟ ହେଲେ ଭଗବାନଙ୍କୁ ଧାରଣ କରି ପାରିବ । ସୁତରାଂ ସାଧକର ମନ, ପ୍ରାଣ ଓ ଶରୀରକୁ ଭଗବାନ୍ ରୂପାନ୍ତର କରି ସେଥିରେ ସ୍ୱୟଂ ପ୍ରକାଶିତ ହୁଅନ୍ତି । ତାହାର ମନ-ପ୍ରାଣ କେବଳ ଭଗବତ୍ ଦିବ୍ୟ ପ୍ରେମକୁ ଅନୁଭବ କରେ ନାହିଁ – ସମସ୍ତ ସତ୍ତା, ଏପରିକି ଶରୀରର କୋଷ ପର୍ଯ୍ୟନ୍ତ ଜାଗ୍ରତ୍ ହୋଇ ତାହା ଅନୁଭବ କରନ୍ତି ଏବଂ ତାହା ମଧ୍ୟରେ ଏକ ହୋଇଯାଆନ୍ତି ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା *୬୫୧ - ୬୫୨*)

**– ରାମକୃଷ୍ଣ ଦାସ** ❑

শ্রী প্রপত্তিঙ্কর জন্মশতবার্ষিকী শ্রদ্ধাঞ্জলি :

# ମାତୃ ଆଜ୍ଞାବହ ପ୍ରପତ୍ତି

## ଗୋପାଳଚନ୍ଦ୍ର ମାହାନା

ଭଗବାନଙ୍କର ଗୁଣକୀର୍ତ୍ତନ କରିବା ସହଜସାଧ୍ୟ ହୋଇପାରେ, କିନ୍ତୁ ଅବତାରଗଣଙ୍କର ଗୁଣକୀର୍ତ୍ତନ କରିବା ସେତେ ସହଜସାଧ୍ୟ ନୁହେଁ ଏବଂ ତତୋଽଧିକ ଆୟାସସାଧ୍ୟ ଅବତାର ବା ଭଗବାନଙ୍କର ଭକ୍ତ ସମ୍ବନ୍ଧେ କିଛି କହିବା – ସେ ପ୍ରକୃତରେ କ'ଣ ଥିଲେ ଏବଂ ଅନ୍ତରରେ କ'ଣ ହୋଇ ଉଠୁଥିଲେ – ଏହା ଜାଣିବା ପ୍ରକୃତରେ କଠିନ ।

ଜଣେ ଜୀବନୀ-ଲେଖକଙ୍କୁ ଶ୍ରୀଅରବିନ୍ଦଙ୍କ ବାଣୀ ଥିଲା : ''... ମୋ ଦୃଷ୍ଟିରେ ମଣିଷର ଯଥାର୍ଥ ମୂଲ୍ୟ ତାହାର ଶିକ୍ଷା, ପଦବୀ, ଯଶ ବା ଜୀବିକା କ'ଣ – ଏସବୁ ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର କରେ ପ୍ରକୃତରେ ସେ କ'ଣ ଏବଂ ଅନ୍ତରରେ କ'ଣ ହୋଇ ଉଠୁଛି ।''

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ' : ପୃ. ୨୫୪)

ଲୋକ-ଦୃଷ୍ଟିର ଅନ୍ତରାଳରେ ଗୁରୁଙ୍କର ଅଦୃଶ୍ୟ ହସ୍ତର ପ୍ରତ୍ୟକ୍ଷ ଚାଳନାରେ ଭକ୍ତର ଜୀବନ-ତରୀ ଭାସି ଚାଲିଥାଏ – 'A Mighty Hand leads us still through all.'

(Savitri, p. 154)

ଜୀବନର ଜୁଆର-ଭଟ୍ଟା ଅତିକ୍ରମ କରି, ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରକୁ ପ୍ରାପ୍ତ ହୋଇ, 'ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ...', ଜନ୍ମଜନ୍ମାନ୍ତର ଧରି ଚାଲିଥାଏ ତା'ର ସତ୍ୟ ପଥରେ ଆରୋହଣ, 'Ascent to the Truth.'

ଗୀତାର ଭାଷାରେ –

''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥''

(ଗୀତା : ଅଧ୍ୟାୟ-୨, ଶ୍ଳୋକ-୨୩)

ଭକ୍ତ ଦେହାନ୍ତର ପ୍ରାପ୍ତ ପରେ ମଧ୍ୟ 'ପୂର୍ବାଭ୍ୟାସେନ' ନୂତନ ଶରୀରରେ ନିଜର ଆରୋହଣ ବଜାୟ ରଖିଥାଏ –

'ନ ହି କଲ୍ୟାଣକୃତ୍ କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି ।'

(ଗୀତା : ଅଧ୍ୟାୟ-୬, ଶ୍ଳୋକ-୪୦)

ଆଶ୍ରମ ଶିଶୁଗଣଙ୍କ ସହିତ ପ୍ରଶ୍ନୋତ୍ତର ସମୟରେ ଶ୍ରୀମା ସେମାନଙ୍କର ଏଠାରେ ଏକତ୍ର ହେବା ସମ୍ବନ୍ଧେ ଏହି ମର୍ମରେ କହିଥିଲେ ଯେ ତୁମ୍ଭେମାନେ ତୁମ୍ଭମାନଙ୍କର ଅତୀତ ଜୀବନସବୁରେ ଏହି ମାର୍ଗରେ ଆସିବାକୁ ଶହ ଶହ ବର୍ଷ ଧରି ତୀବ୍ର ଆସ୍ପୃହା ସହିତ ସାଧନା କରିଥିବାରୁ ଆଜି ଏଠାରେ ଏକତ୍ର ହୋଇଛ । କିନ୍ତୁ ଏସବୁ କଥା ତୁମ୍ଭେମାନେ ସମସ୍ତେ ଭୁଲି ଯାଇଛ, କିନ୍ତୁ ମୁଁ ଜାଣେ ... ।

''ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥''

(ଗୀତା : ଅଧ୍ୟାୟ - ୪, ଶ୍ଳୋକ - ୫)

'ପୂର୍ବାଭ୍ୟାସେନ' ଏକ ଜୀବାତ୍ମା ଏହି ଜନ୍ମରେ 'କାଙ୍ଗାଳି' ନାମରେ ନାମିତ ହୋଇ ଏକ ଶୁଭମୁହୂର୍ତ୍ତରେ ମାତୃ-ଚରଣରେ ଶରଣାପନ୍ନ ହେଲେ । ମଧୁମୟୀ ମା ତାଙ୍କୁ 'ପ୍ରପତ୍ତି' ନାମରେ ନାମିତ କରି ଭକ୍ତ-ଶିଶୁକୁ ସାନନ୍ଦେ ଗ୍ରହଣ କଲେ ।

ଏହି ପ୍ରପତ୍ତି ପ୍ରକୃତରେ କ'ଣ ଥିଲେ ଏବଂ ସେ ଅନ୍ତରରେ କ'ଣ ହୋଇ ଉଠୁଥିଲେ ?

ସେଦିନ ଥିଲା ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଏକ ଅପରୂପ ସନ୍ଧ୍ୟା । 'ଶ୍ରୀଅରବିନ୍ଦ-ଆକସନ୍' ସମ୍ବନ୍ଧେ ପ୍ଲେ-ଗ୍ରାଉଣ୍ଡରେ ପ୍ରପତ୍ତିଙ୍କର ଏକ ଭାଷଣରେ ସେ ସ୍ପଷ୍ଟ ଭାବରେ ଜୋର୍ ଦେଇ କହିଥିଲେ, 'It is the Divine command, we just carry out.' (ଏହା ଏକ ଦିବ୍ୟ ଆଦେଶ, ଆମେ ଖାଲି କାର୍ଯ୍ୟକାରୀ କରୁଛୁ ।)...

ଦିବ୍ୟ ଆଦେଶ ପାଳନକାରୀ ପ୍ରପତ୍ତି ଅନ୍ତରରେ ହୋଇ ଉଠିଥିଲେ 'ମାତୃ ଆଜ୍ଞାବହ ସେବକ' ।

ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଆରମ୍ଭ ହେବାର ଠିକ୍ ପୂର୍ବରୁ ଶ୍ରୀଅରବିନ୍ଦଙ୍କ ବାଣୀ ଭାରତର ପ୍ରତି କୋଣରେ ପହଞ୍ଚାଇବାକୁ ଶ୍ରୀମା ଯେତେବେଳେ ଆଗ୍ରହ ପ୍ରକାଶ କଲେ ଏବଂ ସେଥିପାଇଁ ଉଦାରଙ୍କୁ ଆଶ୍ରମ ବାହାରକୁ ପଠାଇବାକୁ ଠିକ୍ କଲେ, ସେତେବେଳେ ଉଦାର ମା'ଙ୍କୁ କହିଲେ ଯେ ସାତଦିନ ପରେ ଯିବେ । ମା ଆଶ୍ଚର୍ଯ୍ୟ ହୋଇ ଜୋର୍‌ରେ କହି ଉଠିଥିଲେ, 'Seven days ! too late !!' ଠିକ୍ ଏହି ଘଟଣାର ପୂର୍ବରୁ ଶ୍ରୀ ରାମକୃଷ୍ଣ ଦାସ ଏବଂ ପ୍ରପତ୍ତି ଦୃଢ଼ ପ୍ରତିଜ୍ଞ

ହୋଇ ସାରିଥିଲେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ପୂର୍ବରୁ ଓଡ଼ିଶାର ପ୍ରତି କୋଣରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବାଣୀ ପହଞ୍ଚାଇବେ ଏବଂ ଓଡ଼ିଶାରେ ପ୍ରପତ୍ତି ତାଙ୍କର ଜୀବନକାଳ ଭିତରେ ପାରୁପର୍ଯ୍ୟନ୍ତ ଏହି କାର୍ଯ୍ୟ ସମ୍ପାଦନ କରି ଯାଇଛନ୍ତି । ଯନ୍ତ୍ରୀର ଅନେକ ତ୍ରୁଟିବିଚ୍ୟୁତି ଲୋକ-ବିଚାରରେ ଧରା ପଡ଼ିପାରେ, କିନ୍ତୁ ଶ୍ରୀମା ସବୁବେଳେ ତାଙ୍କ ସନ୍ତାନଗଣଙ୍କର ସମ୍ଭାବନା (possibility) ଉପରେ ଜୋର୍ ଦେଇହିଁ ତାଙ୍କର କର୍ମ କରି ନେଉଥିଲେ – ଏବେ ବି କରି ନେଉଛନ୍ତି ।

ଆଉ ସେ ପ୍ରକୃତରେ କ'ଣ ଥିଲେ ?

ସେ ଥିଲେ, ଉପନିଷଦ୍ ଭାଷାରେ କହିବାକୁ ଗଲେ, ଏକ 'ସୁପର୍ଣ୍ଣା' । ନବଜ୍ୟୋତି କାର୍ଯ୍ୟାଳୟର ସଙ୍ଗଠନରୂପକ ସମାନ ବୃକ୍ଷରେ 'ଦ୍ୱା ସୁପର୍ଣ୍ଣା' ଭିତରୁ ସେ ଥିଲେ ଅନ୍ୟତମ । ଅନ୍ୟ ଜଣକ ଥିଲେ ଶ୍ରୀ ରାମକୃଷ୍ଣ ଦାସ । ତାଙ୍କ ସହିତ ପ୍ରଥମ ମିଳନ ପରେ ଯେତେବେଳେ ବିଚ୍ଛେଦ-ମୁହୂର୍ତ୍ତ ଆସୁଥିଲା ସେତେବେଳେ ପ୍ରପତ୍ତିଙ୍କ ଆଖିରୁ ଅବାରିତ ଅଶ୍ରୁ ଝରି ପଡୁଥିଲା – କିନ୍ତୁ ଏହି ଅଶ୍ରୁପାତ ବେଶୀ ଦିନର ନଥିଲା – ଯଥାର୍ଥ ମୁହୂର୍ତ୍ତରେ ଚିରସଙ୍ଗୀ ସାଜି ସମାନ ବୃକ୍ଷରେ 'ଦ୍ୱା ସୁପର୍ଣ୍ଣା' ବସିଲେ । ଜଣେ 'ଅନୁମନ୍ତା', ଅନ୍ୟ ଜଣେ 'ଭୋକ୍ତା' ।

ସଙ୍ଗଠନ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ମୂଳ ସ୍ପନ୍ଦନ ଆସେ ଅନୁମନ୍ତା ବାବାଜିଙ୍କ ପାଖକୁ । ସେ କିନ୍ତୁ ଏହି ସ୍ପନ୍ଦନକୁ ସନ୍ଦେହ କରି ବାରଂବାର ପ୍ରତ୍ୟାଖ୍ୟାନ କରିବାକୁ ଲାଗିଲେ । କିନ୍ତୁ ଶେଷରେ ପ୍ରତ୍ୟାଖ୍ୟାନ କରିବାକୁ ଅକ୍ଷମ ହୋଇ ମା'ଙ୍କ ଚରଣରେ ସେହି ସ୍ପନ୍ଦନକୁ ନିବେଦନ କଲେ ଏବଂ ଏହାର ଉତ୍ସ ଦିବ୍ୟ କି ଅଦିବ୍ୟ ମା'ଙ୍କୁ ପଚାରିଲେ । ମା'ଙ୍କଠାରୁ ଯଥାର୍ଥ ଉତ୍ତର ପାଇ ସଙ୍ଗଠନ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ନେଲେ । ଓଡ଼ିଶାରେ ସଙ୍ଗଠନ କାର୍ଯ୍ୟର ଅୟମାରମ୍ଭ ହେଲା ।

ଭୋକ୍ତା ପ୍ରପତ୍ତି ମଧ୍ୟ ସ୍ୱଧର୍ମର ବଶବର୍ତ୍ତୀ ହୋଇ ସନ୍ଦେହର ଜାଲରେ ଛନ୍ଦି ଅନୁମନ୍ତାଙ୍କୁ କହିଲେ ଯେ ଓଡ଼ିଶାରୁ ଏହି ଯେଉଁ ଲୋକମାନଙ୍କର ଭିଡ଼ ଆଶ୍ରମରେ ଜମୁଛି, ଏଇଟା ଗୋଟିଏ 'ଭେଡ଼ିଆ ଧସାଣ' ! ବାବାଜି ନିଜସ୍ୱ ଅମାୟିକ ଭଙ୍ଗୀରେ କହିଲେ ଯେ ଦେଖନ୍ତୁ, ଭିକାରିକୁ ଗୋଟିଏ ଦୁଇଟି ପଇସା ପକେଟରୁ କାଢ଼ି ଦେବାକୁ ଲୋକମାନେ ବେଶ୍ ଚିନ୍ତା କରନ୍ତି ଏବଂ କୁଣ୍ଠାବୋଧ ସହିତ ପଇସା ଦେଇଥା'ନ୍ତି, ଆଉ ଏମାନେ ସାରା ବର୍ଷ ଧରି ଅଳ୍ପ ଅଳ୍ପ ଅର୍ଥ ସଞ୍ଚୟ କରି ଏଠାକୁ ଆସୁଛନ୍ତି, ଆଉ ଇଏ 'ଭେଡ଼ିଆ ଧସାଣ' !! କେବେ ନୁହେଁ – ମା'ଙ୍କ ପାଇଁହିଁ ଏମାନେ ଏଠାକୁ ଆସୁଛନ୍ତି ।

ପ୍ରପତ୍ତିଙ୍କର ପରତେ ହେଲା ନାହିଁ, ବାରଂବାର ଏମିତି ସନ୍ଦେହ ପ୍ରକାଶ କରି ବାବାଜିଙ୍କ ସହିତ ଯୁକ୍ତି କରୁଥା'ନ୍ତି – ଶେଷରେ ସେ ବାବାଜିଙ୍କୁ କହିଲେ, 'ତେବେ ଏ ବିଷୟରେ ଆପଣ ମାଆଙ୍କୁ ଲେଖି ପଚାରନ୍ତୁ, କଥା ଛିଣ୍ଡିଯିବ ।' – 'ମୋର ତ ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ, ମୁଁ କାହିଁକି ମା'ଙ୍କୁ ଲେଖିବାକୁ ଯିବି ? ଆପଣ ଲେଖି ଜଣାନ୍ତୁ ।' – ବାବାଜିଙ୍କର ଏହି ସରଳ ଉତ୍ତର ଥିଲା ।

ପ୍ରପତ୍ତି ମା'ଙ୍କୁ ପ୍ରଶ୍ନ କଲେ, 'ମାଆ, ଆଶ୍ରମକୁ ଓଡ଼ିଶାରୁ ଲୋକମାନଙ୍କର ଏହି ଯେଉଁ ସ୍ରୋତ ଦିନକୁ ଦିନ ବଢ଼ି ଚାଲିଛି, ଏଥିରେ କ'ଣ କିଛି ସତ୍ୟତା ରହିଛି ନା ଖାଲି ତୀର୍ଥଭ୍ରମଣ ?' 'The subliminal part of Orissa-people is opened to the New Light.' ('ଓଡ଼ିଶା ଲୋକଙ୍କର ମଗ୍ନଚେତନ ଅଂଶ ନୂତନ ଆଲୋକ ପ୍ରତି ଉନ୍ମୁକ୍ତ ହୋଇଛି ।') – ଏହାହିଁ ଥିଲା ମାଆଙ୍କ ଉତ୍ତର ।

ଅନୁମନ୍ତା ଓ ଭୋକ୍ତାଙ୍କର ସନ୍ଦେହମୋଚନ ପରେ ଓଡ଼ିଶାରେ 'ପାଠଚକ୍ର' ଗଠନର ସୁଅ ବହିଲା । ସେତେବେଳେ ବାବାଜି ମହାରାଜ ଅମୃତ ଦା'ଙ୍କ ମାଧ୍ୟମରେ ଓଡ଼ିଶାରେ ମା'ଙ୍କ କାର୍ଯ୍ୟର ଧାରା ସମ୍ବନ୍ଧେ ଲେଖି ଜଣାଉ ଥିଲେ । ଦିନେ ମା ଅମୃତଙ୍କୁ ପଚାରିଲେ, 'ପ୍ରକୃତରେ ସେମାନେ କିଛି କରୁଛନ୍ତି ନା ନାମକୁ ମାତ୍ର କେନ୍ଦ୍ରମାନ ଏମିତି ଗଠନ କରି ଯାଉଛନ୍ତି ?' ଏହା ପରଠାରୁ ଆରମ୍ଭ ହେଲା ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ମା'ଙ୍କ ନିକଟକୁ ପ୍ରତ୍ୟେକ କେନ୍ଦ୍ରର ରିପୋର୍ଟ୍ ଲେଖା ।

ଏହା ପରେ ଆରମ୍ଭ ହେଲା 'ଯୁବ-ଛାତ୍ର ସମାଜ' । ଏହି ସଙ୍ଗଠନର ମୂଳଦୁଆକୁ ଦୃଢ଼ ରୂପେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ କେତେକ ସୁଚିନ୍ତିତ ପ୍ରାରମ୍ଭିକ ପଦକ୍ଷେପର କାର୍ଯ୍ୟାବଳି ମା'ଙ୍କ ନିକଟରେ ପ୍ରଣବଙ୍କ ମାଧ୍ୟମରେ ଉପସ୍ଥାପିତ କରାଗଲା – ମା ଲେଖିଲେ, 'It is very good, you are sure of my Blessings.'

ଆଶ୍ରମରେ, ନବଜ୍ୟୋତି କାର୍ଯ୍ୟାଳୟରେ ଏହି ଦୁଇ ମହାନ୍ ଆତ୍ମାଙ୍କର ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ଅକ୍ଳାନ୍ତ ଆନ୍ତରିକ ଶ୍ରମସେବାର ଫଳସ୍ୱରୂପ ଦିବ୍ୟଜନନୀ ଅତ୍ୟନ୍ତ ପ୍ରୀତ ହୋଇ କିରୀଟ ଯୋଷୀଙ୍କୁ କହିଥିଲେ, 'First Orissa, then Bengal.'

ଏବଂ, 'ଶ୍ରୀଅରବିନ୍ଦ ଆକ୍‌ସନ' କିପରି ଭାବରେ ଆରମ୍ଭ କରାଯିବ – ଏହି ବିଷୟରେ ଉଦାର ମା'ଙ୍କୁ ପ୍ରଶ୍ନ କରିବାରୁ ମା ତାଙ୍କୁ କହିଥିଲେ, 'Ask Navajyoti ...'

ପ୍ରକୃତରେ ଉତ୍କଳ ଜନନୀଙ୍କର ଏହି ଦୁଇ ବରପୁତ୍ର ସୌଭାଗ୍ୟବାନ୍ । ମା'ଙ୍କର ଏକ ନବବର୍ଷ ବାଣୀ 'No words – act'ର ଏ ଦୁହେଁ ଜୀବନ୍ତ ବିଗ୍ରହ ।

ପ୍ରପତ୍ତିଙ୍କର ସତ୍‌ସଙ୍ଗ ଲାଭ କରି, ତାଙ୍କର ସହକର୍ମୀ ହୋଇ ତାଙ୍କ ସହିତ କର୍ମ କରିବାର ସୁଯୋଗ ଲାଭ କରି ମଧ ତାଙ୍କର କର୍ମ-ସାଧନା ସମ୍ବନ୍ଧେ 'ଯୋଗସ୍ଥଃ କୁରୁ କର୍ମାଣି' ବା 'ଯୋଗଃ କର୍ମସୁ କୌଶଳମ୍' ପ୍ରତ୍ୟକ୍ଷ କରିବା ବେଶ୍ କଠିନ ।

ଦିନେ ପ୍ରେସ କାମ ପରେ ସନ୍ଧ୍ୟା ସମୟରେ ଅଫିସ ବାରଣ୍ଡାରେ ମୁଁ ପ୍ରପତ୍ତିଙ୍କୁ ଏକୁଟିଆ ଭେଟି ପ୍ରେସ କାମର ଯାବତୀୟ ଅସୁବିଧା କଥା ତାଙ୍କୁ ବଖାଣିବାରୁ ସେ ମୋତେ ପାଖରେ ବସାଇ ଶାନ୍ତ, ଗମ୍ଭୀର ଭାବରେ କହିଲେ, 'ଦେଖ, ଏହି ଯେଉଁ ଆମର ନବଜ୍ୟୋତି ଅଫିସ ଆଜି ଦେଖୁଛ, ପ୍ରେସ ବା ଗେଷ୍ଟ୍ ହାଉସ ଦେଖୁଛ, ଏସବୁକୁ ଆରମ୍ଭ କରିବାର ପ୍ରେରଣା ବିଶେଷ କରି ବାବାଜି ମହାରାଜଙ୍କ ପାଖକୁ ଊର୍ଦ୍ଧ୍ୱରୁ ଆସେ । ଆମେ ଦୁଇ ଜଣ ବସି ପ୍ରାର୍ଥନା ମାଧ୍ୟମରେ ମା'ଙ୍କୁ ଲେଖୁ ଏବଂ ମା କାମ ଆରମ୍ଭ କରିବାକୁ ଆଶୀର୍ବାଦ ଦିଅନ୍ତି । ଆମେ କାମ ଆରମ୍ଭ କରିଦେଉ । ଠିକ୍ ସମୟରେ ଟଙ୍କା ପଇସା ଆସିଯାଏ, କାମ କରିବାକୁ ସାଧକମାନେ ବି ଆସିଯାଆନ୍ତି । ଆମେ କେବେହେଲେ ଆଗରୁ ସବୁ କିଛି ଯୋଜନା କରି ଏସବୁ କରି ନାହୁଁ । ତୁମେ ଅପେକ୍ଷା କର, ଦେଖିବ ସବୁ ଠିକ୍ ହୋଇଯିବ ।' ତାହାହିଁ ହେଲା, ତାହାହିଁ ହେଉଛି ।

ଆଶ୍ରମର ଟ୍ରଷ୍ଟିମାନେ ଅନେକ କ୍ଷେତ୍ରରେ ପ୍ରପତ୍ତିଙ୍କର କର୍ମ-ସଙ୍ଗଠନ ନେଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମୁକ୍ତ କଣ୍ଠରେ କହିଥିବାର ଶୁଣାଯାଏ, 'ପ୍ରପତ୍ତିଙ୍କର କାମରେ ବାଧା ଦିଅନ୍ତୁ ନାହିଁ ।'

ଆଶ୍ରମର ବିଭିନ୍ନ ବିଭାଗର ପରିଚାଳନା ଦାୟିତ୍ୱରେ ଥିବା ବୟୋଜ୍ୟେଷ୍ଠ ସାଧକମାନେ ଅନେକ ସମୟରେ ବାବାଜି ଏବଂ ପ୍ରପତ୍ତିଙ୍କୁ ଭେଟିଲେ ଏମିତି କହିବାର ମୁଁ ଅନେକଥର ଶୁଣିଛି : 'ଆମେ ଓଡ଼ିଶାରୁ ସାଧକ-ସାଧିକା ଚାହୁଁ । ଓଡ଼ିଶାର ଲୋକମାନେ ବେଶ୍ ମାତୃଭକ୍ତ । ଯଦି କେହି ଆସି ରହିବାକୁ ଚାହୁଁଥାଏ, ତେବେ ଆମକୁ ଖବର ଦେବେ ।' ... ବର୍ତ୍ତମାନ ଆଶ୍ରମର ଅଧିକାଂଶ ବିଭାଗରେ ଯେତେ ପୁରୁଣା ଓଡ଼ିଆ ସାଧକ-ସାଧିକା ଦେଖୁଛୁ ସେମାନେ ସମସ୍ତେ ଏହି ଦୁଇ ଜଣଙ୍କ ମାଧ୍ୟମରେ ଆଶ୍ରମରେ ଆସି ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏ ତ ଗଲା ପ୍ରପତ୍ତିଙ୍କର ଆଶ୍ରମରେ ରହିଥିବା ସାଧକ-ସାଧିକାମାନଙ୍କ ପ୍ରତି କର୍ତ୍ତବ୍ୟ । କିନ୍ତୁ ଆମର ଗେଷ୍ଟ୍ ହାଉସସବୁ ନିର୍ମିତ ହେବାର ବହୁ ପୂର୍ବରୁ ଦର୍ଶନାର୍ଥୀମାନଙ୍କର ରହିବା ବନ୍ଦୋବସ୍ତ ସେ କେମିତି ଏକୁଟିଆ କରୁଥିଲେ, ସେ ବିଷୟରେ ଲେଖିବା ନିଷ୍ପ୍ରୟୋଜନ – ସେହି ଦର୍ଶନାର୍ଥୀମାନେହିଁ ଜାଣନ୍ତି ତାଙ୍କର କର୍ତ୍ତବ୍ୟବୋଧ ଏବଂ କର୍ମ-ସାଧନା ।

ମାତୃକର୍ମରେ ଯେତେବେଳେ ପ୍ରପତ୍ତି ଓଡ଼ିଶା ଯାଉଥିଲେ ଭୋଜନ, ଶୟନ, ବିଶ୍ରାମର କିଛି ଠିକ୍‌ଠିକଣା ରହୁ ନଥିଲା । କେତେବେଳେ ଚାଲି ଚାଲି ଅନୁଜସମ ତରୁଣ ମାତୃକର୍ମୀଙ୍କ ସହ ଥଟ୍ଟା ତାମସା କରି ତ କେତେବେଳେ ଠେଲା ଗାଡ଼ିରେ ବସି, କେତେବେଳେ ନୌକାରେ ତ କେତେବେଳେ ମଟର ଗାଡ଼ିରେ ବସି ବା କେତେବେଳେ ଆକାଶମାର୍ଗରେ ଗତି କରି ଯାଉଥିଲେ, ସେତେବେଳେ କ'ଣ ଥିଲା ତାଙ୍କର ମନୋଭାବ ?

ସେଦିନ ଥିଲା ଓଡ଼ିଶା-ଭୂମି ପ୍ରଥମ କରି ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାବଶେଷ ସ୍ପର୍ଶ କରିବାର ଶୁଭଦିବସ । ସନ୍ଧ୍ୟାରେ ଏକ ବିଶେଷ ଅଧିବେଶନରେ ପ୍ରପତ୍ତି ଭାଷଣ ଶେଷ କରି ବସିବାକୁ ଯିବା ସମୟରେ ଶ୍ରୋତୃବୃନ୍ଦଙ୍କ ମଧ୍ୟରୁ ଜଣେ ଅଚାନକ ଭାବରେ ପ୍ରଶ୍ନ କଲେ : 'ଶ୍ରୀମା-ଶ୍ରୀଅରବିନ୍ଦ ତାଙ୍କ ଯୋଗ ପ୍ରଚାର କରିବାକୁ ତ କେବେ ଚାହାଁନ୍ତି ନାହିଁ, ଆପଣ କାହିଁକି ଏଠାକୁ ଯୋଗ ପ୍ରଚାର କରିବାକୁ ଆସିଛନ୍ତି ?'

ପ୍ରପତ୍ତି ଧୀରେ ଉଠି ଛିଡ଼ା ହେଲେ ଏବଂ ତାଙ୍କ ଅନ୍ତରରୁ ସ୍ୱତଃ ଏହି ଉତ୍ତର ଆସିଲା, 'ମୁଁ ପ୍ରଚାର କରିବାକୁ ଆସି ନାହିଁ, ପ୍ରସାର କରିବାକୁ ଆସିଛି ।' ଏକ ଶାନ୍ତିପୂର୍ଣ୍ଣ ବାତାବରଣରେ ଉପସ୍ଥିତ ସମସ୍ତ ଜନତା ପ୍ରପତ୍ତିଙ୍କର ଏହି ସରଳ ଉତ୍ତର ଶୁଣି ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ ।

ଆଜି ଆଉ ପ୍ରପତ୍ତି ନାହାନ୍ତି, ତାଙ୍କର 'ଦେହାନ୍ତ' ହୋଇ ଯାଇଛି, ଆମେ କେବେ ହେଲେ 'ମୃତ୍ୟୁ' ହୋଇଛି ବୋଲି କହିବୁ ନାହିଁ । ଶ୍ରୀଅରବିନ୍ଦ ଏହି 'ମୃତ୍ୟୁ' ସମ୍ବନ୍ଧରେ କହିଛନ୍ତି –

''ଯେପରି ଦେହର ବାଲ୍ୟ, ଯୌବନ, ଜରା, ସେହିପରି ଦେହାନ୍ତରପ୍ରାପ୍ତି – ମରଣ ନାମ ମାତ୍ର; ମୃତ୍ୟୁ ନାମ ଶୁଣି ଆମ୍ଭେମାନେ ଭୟ ପାଉ, ଦୁଃଖ ପାଉ; ଯଦି ଏହାକୁ

ଯଥାର୍ଥରେ ବୁଝି ଥାଆନ୍ତୁ ତେବେ ଦୁଃଖ ବା ଭୟ ପାଆନ୍ତୁ ନାହିଁ । ଯଦି ଆମ୍ଭେମାନେ ଶିଶୁର ଯୌବନ ପ୍ରାପ୍ତିକୁ ଦେଖି ଶିଶୁର ମରଣ ବୋଲି ଭାବି କାନ୍ଦି କହନ୍ତୁ, ଆହା ! ଆମର ସେହି ପ୍ରିୟ ଶିଶୁ କୁଆଡ଼େ ଗଲା, ଏହି ତରୁଣ ତ ସେହି ଶିଶୁ ନୁହେଁ, ଆମର ସୁନାର ଚାନ୍ଦ କୁଆଡ଼େ ଗଲା – ତେବେ ଆମର ବ୍ୟବହାରକୁ ସମସ୍ତେ ଅଜ୍ଞାନପ୍ରସୂତ ହାସ୍ୟକର ବ୍ୟାପାର ବୋଲି କହନ୍ତେ; କାରଣ ଏହି ଅବସ୍ଥାନ୍ତର ପ୍ରାପ୍ତି ପ୍ରକୃତିର ନିୟମ, ଏକହିଁ ପୁରୁଷ ବାଳକ ଦେହରେ ଓ ଯୁବକ ଦେହରେ ବାହ୍ୟ ପରିବର୍ତ୍ତନର ଅତୀତ ହୋଇ ସ୍ଥିର ଭାବରେ ରହିଛନ୍ତି । ଜ୍ଞାନୀମାନେ ସାଧାରଣ ମନୁଷ୍ୟମାନଙ୍କର ମରଣର ଭୟ ଓ ଦୁଃଖ ଦେଖି ତାହା ହାସ୍ୟକର ଓ ଘୋର ଅଜ୍ଞାନଜନିତ ବୋଲି ବୁଝନ୍ତି, କାରଣ ଦେହାନ୍ତର ପ୍ରାପ୍ତି ପ୍ରକୃତିର ନିୟମ, ସ୍ଥୂଳ ଦେହରେ ଓ ସୂକ୍ଷ୍ମ ଦେହରେ ଏକହିଁ ପୁରୁଷ ବାହ୍ୟ ପରିବର୍ତ୍ତନର ଅତୀତ ହୋଇ ସ୍ଥିର ଭାବରେ ରହିଛନ୍ତି । ଅମୃତର ସନ୍ତାନ ଆମେ, କିଏ ମରେ, କିଏ ମାରେ ? ମୃତ୍ୟୁ ଆମକୁ ସ୍ପର୍ଶ କରିପାରେ ନାହିଁ – ମୃତ୍ୟୁ ଏକ ଫାଙ୍କା ଆବାଜ, ମୃତ୍ୟୁ ଭ୍ରମ, ମୃତ୍ୟୁ ନାହିଁ ।''

('ଶ୍ରୀଅରବିନ୍ଦଙ୍କର ମୂଳ ବଙ୍ଗଳା ରଚନାବଳୀ' : ପୃ. ୧୪୦)

ଶରୀରରେ ଥିବାବେଳେ ଭକ୍ତ, ସାଧକ ଏବଂ ଜିଜ୍ଞାସୁମାନଙ୍କ ସହିତ ମା'ଙ୍କର ସମ୍ପର୍କ ଏବଂ ଦେହାନ୍ତର ପ୍ରାପ୍ତି ପରେ ମଧ୍ୟ ସେମାନଙ୍କ ସହିତ ଶ୍ରୀମାଶ୍ରୀଅରବିନ୍ଦଙ୍କର ସମ୍ପର୍କ କିପରି ରହିଥାଏ ?

ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତି ଆକୃଷ୍ଟ ବ୍ୟକ୍ତିଗଣଙ୍କ ସହିତ ମା'ଙ୍କର ଏକ ବିଶେଷ ବ୍ୟକ୍ତିଗତ ବନ୍ଧନ ରହିଛି । ଏହା ଏକେବାରେ ସୁସ୍ପଷ୍ଟ ଯେ ଏ କ୍ଷେତ୍ରରେ ଦୂରତ୍ୱର କୌଣସି ମୂଲ୍ୟ ନାହିଁ, ଜଣେ ଫ୍ରାନ୍ସରେ ରହି ପାରିଥାଏ, ପୃଥିବୀର ଅନ୍ୟ ପ୍ରାନ୍ତରେ ରହି ପାରିଥାଏ କିଂବା ଏହି ପଣ୍ଡିଚେରୀରେ ରହି ପାରିଥାଏ, କିନ୍ତୁ ତା' ସହିତ ମା'ଙ୍କର ଏହି ବନ୍ଧନ ସର୍ବଦା ସକ୍ରିୟ ଓ ଜୀବନ୍ତ ହୋଇ ରହିଥାଏ ।

ପୁନଶ୍ଚ, ସେ ଯେଉଁମାନଙ୍କୁ ଶିଷ୍ୟ ହିସାବରେ ଗ୍ରହଣ କରିଛନ୍ତି, ସେ ଯାହାଙ୍କୁ 'Yes' ବୋଲି କହିଛନ୍ତି, ଏ କ୍ଷେତ୍ରରେ ସେମାନଙ୍କ ସହିତ ବନ୍ଧନଠାରୁ ଅଧିକ ତାଙ୍କର ଏକ ବିଭୂତି ('an emanation of me') ରହିଥାଏ । ...

ଶ୍ରୀମା ଏହି ମର୍ମରେ ବାର ବାର କହିଥିଲେ ଯେ ଯିଏ ମୋର ସ୍ପର୍ଶ ପାଇଛି, ଯାହାର ମୁହୂର୍ତ୍ତକ ପାଇଁ ମୋ ନିମିତ୍ତ ଯଥାର୍ଥ ଆସ୍ପୃହା ଏବଂ ପ୍ରେମ ଜାଗ୍ରତ୍ ହୋଇଛି, ସେ ଏ ଜନ୍ମ ସକାଶେ ତଥା ଭବିଷ୍ୟତର ସମସ୍ତ ଜନ୍ମ ସକାଶେ ମୋରହିଁ ହୋଇ ରହିବ । ମୁଁ ତା' ଗଳାରେ ଏକ ସୁନାର ହାର ପିନ୍ଧାଇ ଦେଇଛି, ତା'ର ହୃଦୟ ଅନନ୍ତ କାଳ ସକାଶେ ମୋରହିଁ ହୋଇ ରହିବ, ରହିବାକୁ ବାଧ୍ୟ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା
ପ୍ରକାଶିତ "A Flame of Gratitude"
ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

ଏକ ଅତ୍ୟନ୍ତ ଶକ୍ତିଶାଳୀ ଶବ୍ଦ ... ସଂସ୍କୃତ ଶବ୍ଦ ''ଓମ୍'' ।
ଭାରତବର୍ଷରେ ଏହା ଅନ୍ତର୍ନିହିତ ଦିବ୍ୟଶକ୍ତିର ଅଭିବ୍ୟକ୍ତି ଭାବରେ ବ୍ୟବହୃତ ହୁଏ । ତହିଁ, ପ୍ରତ୍ୟେକ ଧ୍ୟାନ, ପ୍ରତି ଏକାଗ୍ର ଅଭିନିବେଶ, ପ୍ରତ୍ୟେକ ଯୌଗିକ କ୍ରିୟା ସହ ଏହା ସଂଯୁକ୍ତ ।
ଏହି ''ଓମ୍'' ଧ୍ୱନି ଅନ୍ୟ ଯେକୌଣସି ଧ୍ୱନି ଅପେକ୍ଷା ଶାନ୍ତି, ସମାହିତି ଏବଂ ଶାଶ୍ୱତୀର ଅନୁଭୂତି ଅଧିକ ମାତ୍ରାରେ ଉଦ୍ରେକ କରାଏ ।
... ଯେଉଁ ଦିବ୍ୟନିର୍ଯ୍ୟାସ ଏହା ଉଜ୍ଜୀବିତ କରେ, ତାହା ସହ ଜଣକର ସମ୍ପର୍କ ସ୍ଥାପନ କରାଇବା ଦିଗରେ ଏହାର ରହିଛି ପ୍ରକୃତ ଶକ୍ତି ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୮୪)

ମହେନ୍ଦ୍ରନାଥ ସ୍ୱାଇଁ

**ଶାନ୍ତି ପାଇଁ ପ୍ରାର୍ଥନା :**

ଫେବ୍ରୁଆରୀ ୧୪, ୧୯୧୪ ମସିହାର ପ୍ରାର୍ଥନାରେ ମା' ଲେଖୁଛନ୍ତି –

''PEACE, peace upon all the earth!

May all escape from the ordinary consciousness and be delivered from the attachment for material things; may they awake to the knowledge of Thy divine presence, unite themselves with Thy supreme consciousness and taste the plenitude of peace that springs from it.

Lord, Thou art the sovereign Master of our being. Thy law is our law, and with all our strength we aspire to identify our consciousness with Thy eternal consciousness, that we may accomplish Thy sublime work in each thing and at every moment.

Lord, deliver us from all care for contingencies, deliver us from the ordinary outlook on things. Grant that we may henceforth see only with Thy eyes and act only by Thy will. Transform us into living torches of Thy divine love.

With reverence, with devotion, in a joyful consecration of my whole being I give myself, O Lord, to the fulfilment of Thy law.

Peace, peace upon all the earth!

ଅର୍ଥାତ୍, ''ଶାନ୍ତି, ସମଗ୍ର ବିଶ୍ୱରେ ଶାନ୍ତି ବିରାଜିତ ହେଉ ! ସମସ୍ତ ମନୁଷ୍ୟ ସାଧାରଣ ଚେତନାର କବଳରୁ ରକ୍ଷା ପାଆନ୍ତୁ, ଏବଂ ବସ୍ତୁମାନଙ୍କର ଆକର୍ଷଣରୁ ମୁକ୍ତ ହୋଇ ଯାଆନ୍ତୁ; ସେମାନଙ୍କ ଭିତରେ ତୁମର ଦିବ୍ୟ ଉପସ୍ଥିତିର ଜ୍ଞାନକୁ ଜାଗ୍ରତ କରାନ୍ତୁ, ତୁମର ଦିବ୍ୟ ଚେତନା ସହିତ ବାନ୍ଧି ହୋଇ ଏକାକାର ହୋଇ ଯାଆନ୍ତୁ ଏବଂ ଏହା ଭିତରୁ ପ୍ରଚୁର ପରିମାଣରେ ଯେଉଁ ପ୍ରଶାନ୍ତି ଉତ୍ସାରିତ ହେଉଛି ତା'ର ସ୍ୱାଦ ଚାଖନ୍ତୁ ।

''ହେ ପ୍ରଭୁ, ତୁମେ ହେଉଛ ଆମ ସତ୍ତାର ସାର୍ବଭୌମ କର୍ତ୍ତା । ତୁମର ବିଧାନ ହେଉଛି ଆମ ବିଧାନ, ଏବଂ ଆମର ସକଳ ଶକ୍ତି ବିନିଯୋଗ କରି ଆମେ ଅଭୀପ୍ସା କରୁଛୁ ତୁମର ଚିରନ୍ତନ ଚେତନା ସହିତ ଆମ ଚେତନାକୁ ମିଶାଇ ଦେବା ପାଇଁ, ଫଳରେ ଆମେ ତୁମର ଆନନ୍ଦମୟ କର୍ମକୁ ସଂପାଦନ କରି ପାରିବୁ ପ୍ରତ୍ୟେକ ବସ୍ତୁ ଭିତରେ ଏବଂ ପ୍ରତି ମୁହୂର୍ତ୍ତରେ ।

''ହେ ପ୍ରଭୁ, ସମସ୍ତ ପ୍ରକାର ଦୈନନ୍ଦିନ କ୍ଷୁଦ୍ର ଘଟଣାବଳୀର ଦୁଶ୍ଚିନ୍ତା ଭିତରୁ ଆମକୁ ମୁକ୍ତି ପ୍ରଦାନ କରନ୍ତୁ, ଜିନିଷପତ୍ରମାନଙ୍କ ପ୍ରତି ଆମର ଯେଉଁ ପ୍ରଚଳିତ ଧାରଣା ରହିଛି ସେଥିରୁ ମଧ୍ୟ ଆମକୁ ମୁକ୍ତ କରି ଦିଅନ୍ତୁ । ଆମକୁ ଏହି ବର ପ୍ରଦାନ କରନ୍ତୁ ଯେପରି ଆମେ ଏଣିକି କେବଳ ତୁମ ଆଖିରେ ଜଗତକୁ ଦେଖିପାରୁ ଏବଂ ତୁମ ଇଚ୍ଛାନୁସାରେ ସକଳ କାର୍ଯ୍ୟ କରିପାରୁ । ତୁମର ଦିବ୍ୟପ୍ରେମ ଦ୍ୱାରା ଆମ ସମସ୍ତଙ୍କୁ ଏକ ଜ୍ୱଳନ୍ତ ଆଲୋକ ବର୍ତ୍ତିକାରେ ରୂପାନ୍ତରିତ କରି ଦିଅନ୍ତୁ ।

''ଶ୍ରଦ୍ଧା ଓ ଭକ୍ତିର ସହିତ ମୋର ସମଗ୍ର ସତ୍ତାକୁ ଏକ ଆନନ୍ଦପୂର୍ଣ୍ଣ ନିବେଦନ ସହ ମୁଁ ନିଜକୁ ସମର୍ପିତ କରି ଦେଉଛି, ହେ ପ୍ରଭୁ, ତୁମର ଦିବ୍ୟ ବିଧାନର ପରିପୂର୍ଣ୍ଣତା ନିମନ୍ତେ ।

''ଶାନ୍ତି, ସମଗ୍ର ବିଶ୍ୱରେ ଶାନ୍ତି ବିରାଜିତ ହେଉ !''

ଉକ୍ତ ପ୍ରାର୍ଥନାଟିରେ ମା' ଅନ୍ୟାନ୍ୟ ଜିନିଷ ସହିତ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା କହୁଛନ୍ତି । ଗୋଟିଏ ହେଲା ordinary consciousness ବା ସାଧାରଣ ନିମ୍ନ ଚେତନାରୁ ମୁକ୍ତି ଏବଂ ଦ୍ୱିତୀୟଟି attachment for material things ବା ଜଡ଼ବସ୍ତୁମାନଙ୍କର ଆସକ୍ତିରୁ ମୁକ୍ତି । ପୃଥିବୀପୃଷ୍ଠରେ ଯେତେ ପ୍ରକାରର ଅମଙ୍ଗଳକର କାର୍ଯ୍ୟ ହେଉଛି, ସେ ସମସ୍ତର କାରଣ ହେଉଛି ଜଡ଼ବସ୍ତୁମାନଙ୍କ ପ୍ରତି ଆମର ଦୁର୍ବାର ଆକର୍ଷଣ । ଆମେ

ଦିନରାତି କଠିନ ପରିଶ୍ରମ କରି କିପରି ଅଧିକରୁ ଅଧିକ ଧନସମ୍ପତ୍ତି ଠୁଳ କରିପାରିବା କେବଳ ସେହିକଥାହିଁ ଚିନ୍ତା କରୁଛେ । ଏହି ଧନସମ୍ପତ୍ତି ଆମକୁ ସଂସାରରେ ସ୍ୱଚ୍ଛନ୍ଦରେ ବଞ୍ଚିବାରେ ସାହାଯ୍ୟ କରିବ; ଆମ ଜୀବନ ବଞ୍ଚିବାର ମାଧ୍ୟମ ହୋଇ ରହିବ । ଅଥଚ ଆମ ପାଖରେ ଥିବା ଅଧିକାଂଶ ଜିନିଷ ଆମକୁ ସୁଖୀ ଜୀବନଟିଏ କଟାଇବା ପାଇଁ ସାହାଯ୍ୟ କରିପାରୁ ନାହିଁ ଅଥବା ଆରାମ ଦେଇ ପାରୁ ନାହିଁ । କେତେକ ଦ୍ରବ୍ୟ କେବଳ ମାତ୍ର ଆଭିଜାତ୍ୟସୂଚକ, ଆଉ କେତେକ ଆଳଙ୍କାରିକ । ପୁନଶ୍ଚ ସାଧାରଣ ନିମ୍ନ ଚେତନାରେ ରହିବା ହେତୁ ଉର୍ଦ୍ଧ୍ୱରୁ ଆସୁଥିବା ଆଧ୍ୟାତ୍ମିକ ଚେତନା ଆମ ପାଖକୁ ଓହ୍ଲାଇ ଆସିଲେ ମଧ୍ୟ ଆମେ ତାକୁ ଆମ ଅଜ୍ଞାନ, ଅହଂକାର, ଜଡ଼ତା ଏବଂ ବିଭାଜନ ପ୍ରକ୍ରିୟା ଦ୍ୱାରା ଓଜନ କରୁଛେ ଏବଂ ଆମ ସୁବିଧା ଅନୁସାରେ ତା'ର ଅର୍ଥ କରୁଛେ ଏବଂ ବ୍ୟବହାର ମଧ୍ୟ କରୁଛେ, ଫଳତଃ ଆଧ୍ୟାତ୍ମିକ ଚେତନା ତା'ର ଈପ୍‌ସିତ କାର୍ଯ୍ୟ କରିପାରୁ ନାହିଁ ।

ପୃଥିବୀପୃଷ୍ଠରେ, ସମଗ୍ର ପୃଥିବୀବାସୀଙ୍କ ଭିତରେ ଜଣେ ହୋଇ ଦିବ୍ୟଜନନୀ ଶ୍ରୀମା ପରମପ୍ରଭୁଙ୍କ ପାଖରେ ଯୋଡ଼ହସ୍ତ ହୋଇ ନିବେଦନ କରୁଛନ୍ତି, ''ହେ ପ୍ରଭୁ, ତୁମେ ଆମ ଚେତନାର ସାର୍ବଭୌମ ଅଧିକାରୀ, ତୁମେ ଯେଉଁ ନିୟମ କରୁଛ ଆମେ ତାକୁ ମାନି ଚଳିବୁ; ଆମ ଚେତନାକୁ ତୁମର ଅନନ୍ତ ଚିରନ୍ତନ ଚେତନା ସହ ମିଶାଇ ଦେବାକୁ ଆମେ ଅଭୀପ୍‌ସା କରୁଛୁ । ପ୍ରଭୁ ଆମକୁ ଏହି କ୍ଷୁଦ୍ର କ୍ଷୁଦ୍ର ପାର୍ଥିବ ଜଞ୍ଜାଳରୁ ମୁକ୍ତ କରି ଦିଅ । ପୃଥିବୀପୃଷ୍ଠ ଅନ୍ଧକାରରେ ପରିପୂର୍ଣ୍ଣ; ଆଲୋକ ନ ଆସିଲେ ଅନ୍ଧାର ଦୂରୀଭୂତ ହେବ ନାହିଁ । ହେ ପ୍ରଭୁ, ଆମର ଦୃଷ୍ଟିଭଙ୍ଗି ଅତ୍ୟନ୍ତ ସାଧାରଣ । ସେଥିପାଇଁ ଆମେ ତୁମ ଆଖିରେ ଜଗତ୍ ଦେଖିବାକୁ ଏବଂ ତୁମ ଇଚ୍ଛାରେ ସମସ୍ତ କାର୍ଯ୍ୟ କରିବାକୁ ଆମକୁ ଅନୁମତି ପ୍ରଦାନ କର ।''

ଏଠାରେ ମା' "living torches" କଥାଟି ଉଲ୍ଲେଖ କରିଛନ୍ତି । ପ୍ରଭୁଙ୍କର ଦିବ୍ୟପ୍ରେମର ଆଲୋକ ବର୍ତ୍ତିକା ଯାହାକି ଜୀବନ୍ତ, ଯାହା କଦାଚିତ୍ ନିର୍ବାପିତ ହୁଏ ନାହିଁ, ତାହା ସଦାସର୍ବଦା ଆଲୋକ ପ୍ରଦାନ କରି ଚାଲିଥିବ; ଆମେ ଏହାହିଁ ଚାହୁଁଛୁ ପ୍ରଭୁ, ଆମକୁ ଜୀବନ୍ତ ଆଲୋକ ବର୍ତ୍ତିକାଟିଏ କରି ଦିଅ ।

ଆମେ ସମସ୍ତେ ବାହ୍ୟ ଘଟଣାବଳି, ଦୃଶ୍ୟ, ଅନ୍ୟମାନଙ୍କର କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ହେଉଛେ, ସେଥିରୁ ସୁରକ୍ଷିତ ରହିବା ପାଇଁ ସର୍ବଦା ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ନିଜ ଭିତରେ ସଂଗ୍ରାମ କରି ଚାଲିଛେ । ଏହାକୁ ଲକ୍ଷ୍ୟ କରି ଦିବ୍ୟଜନନୀ ଶ୍ରୀମା କହିଛନ୍ତି –

"... at least ninety-nine parts of an individual's character are made of soft butter ... on which if one presses one's thumb, an imprint is made.

Now, everything is a "thumb": an expressed thought, a sentence read, an object looked at, an observation of what someone else does, and of one's neighbour's will. And all these ... are ... intermingled, ... each one trying to get the uppermost and causing a kind of perpetual conflict within, ..."

(MCW, Vol. - 6, pp. 256 - 257)

''... ଅନ୍ତତଃ ଗୋଟିଏ ବ୍ୟକ୍ତି ଚରିତ୍ରର ଅନେଶତ ଭାଗ ହେଉଛି କୋମଳ ଲହୁଣିରେ ନିର୍ମିତ । ... ଯାହା ଉପରେ ଯଦି ଜଣେ ତା'ର ବୃଦ୍ଧାଙ୍ଗୁଷ୍ଠିର ଚାପ ପ୍ରଦାନ କରେ ତାହାହେଲେ ସେଠାରେ ସେହି ଅଙ୍ଗୁଠିର ଛାପ ବା ଚିହ୍ନ ରହିଯାଏ ।

''ବର୍ତ୍ତମାନ ତୁମ ଚତୁଃପାର୍ଶ୍ୱରେ ଯାହାସବୁ ଘଟିଯାଉଛି ସେ ସମସ୍ତ ହେଉଛନ୍ତି ଗୋଟିଏ ଗୋଟିଏ 'ବୃଦ୍ଧାଙ୍ଗୁଷ୍ଠି' : ଯଥା ପ୍ରକାଶ ଲାଭ କରୁଥିବା ଏକ ଚିନ୍ତା ବା ଭାବନା, ପଠନ କରୁଥିବା ଏକ ବାକ୍ୟ, କୌଣସି ଏକ ବସ୍ତୁର ଦର୍ଶନ, କେହି କରୁଥିବା କୌଣସି କାର୍ଯ୍ୟକୁ ନିରୀକ୍ଷଣ ଏବଂ ଜଣଙ୍କର ପଡ଼ୋଶୀଙ୍କର ଇଚ୍ଛା । ଏବଂ ଏ ସମସ୍ତ ପରସ୍ପର ମଧ୍ୟରେ ଛନ୍ଦାଛନ୍ଦି, ... ପ୍ରତ୍ୟେକ ଇଚ୍ଛା କରୁଛନ୍ତି ଅନ୍ୟକୁ ଅତିକ୍ରମ କରି ଶୀର୍ଷ ସ୍ଥାନକୁ ଉଠିଯିବା ପାଇଁ ଏବଂ ଭିତରେ ଏକ ନିରବଚ୍ଛିନ୍ନ ସଂଘର୍ଷ ସୃଷ୍ଟି କରି ଚାଲିଛନ୍ତି ... ।''

ଉପରେ ବର୍ଣ୍ଣିତ ସଂଘର୍ଷରୁ ରକ୍ଷା ପାଇବା ନିମନ୍ତେ ଦିବ୍ୟଜନନୀ ଶ୍ରୀମାଙ୍କର ଆଶୀର୍ବାଦ କିପରି ସାହାଯ୍ୟ କରେ ତା'ର ଏକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା –

'ମ' ନାମକ ଜନୈକା ମହିଳା ବହୁତ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ । ସନ୍ଦେହ ଓ କାମନା ବାସନାରେ ଅସହ୍ୟ ଶାରୀରିକ ଯନ୍ତ୍ରଣା ଭୋଗ କରିବା ସଙ୍ଗେ ସଙ୍ଗେ ସେ ଅସୁସ୍ଥ ହୋଇ ପଡ଼ିଲେ । ଆଶ୍ରମରୁ ବାହାରକୁ ଯାଇ ତାଙ୍କର ଜଣେ ବନ୍ଧୁଙ୍କ ଘରେ ରହିବା ପାଇଁ ଶେଷରେ ସେ ସ୍ଥିର କରି ଶ୍ରୀମାଙ୍କର ଅନୁମତି ମାଗିଲେ ଓ ଅନୁମତି ମଧ୍ୟ ପାଇଗଲେ ।

ଆଶ୍ରମରୁ ଦୂରରେ ରହି ସେ ନିଜର ବିକ୍ଷିପ୍ତ ଚିନ୍ତା ଓ ଭାବନାକୁ ଲକ୍ଷ୍ୟ କରିବାକୁ ଲାଗିଲେ । ଆଶ୍ରମରେ ଅବସ୍ଥାନ କରିବାରେ ତାଙ୍କର ଯେତେ ବେଶୀ ଅସୁବିଧା ଓ ବାଧାବିଘ୍ନ ହେଲେ ମଧ୍ୟ ଆଶ୍ରମ ବାହାରେ ରହିବା ତାଙ୍କ ପକ୍ଷରେ ଆଦୌ ସମ୍ଭବ ନୁହେଁ । ସେ ପଣ୍ଡିଚେରୀ ଫେରି ଆସିଲେ । ପଣ୍ଡିଚେରୀରେ ଆସି ରହିଲା ପରେ ସେ ପୁନରାୟ ଶ୍ରୀମାଙ୍କର ଦର୍ଶନ ପାଇଁ ନିଜ ଭିତରେ ଏକ ଆଲୋଡ଼ନ ଅନୁଭବ କଲେ ଏବଂ ସାକ୍ଷାତ୍କାର ପାଇଁ ଲେଖିଲେ । ସାକ୍ଷାତ୍କାର ମଞ୍ଜୁର କରାଯାଇଥିଲା । ସେ ଭାବିଥିଲେ ସାକ୍ଷାତ୍କାର ସମୟରେ ମା'ଙ୍କୁ ତାଙ୍କର ଅଗ୍ନିପରୀକ୍ଷା ଓ କିପରି ସେଥିରୁ ମୁକ୍ତ ହୋଇ ସମୁଚିତ ସିଦ୍ଧାନ୍ତ ଗ୍ରହଣ କରିବାକୁ ସେ ସକ୍ଷମ ହୋଇ ପାରିଲେ ସେହିସବୁ ବିଷୟରେ ସେ କଥାବାର୍ତ୍ତା ହେବେ । କିନ୍ତୁ ଶ୍ରୀମାଙ୍କ ନିକଟରେ ପହଞ୍ଚିବା କ୍ଷଣି ତାଙ୍କର ସିଦ୍ଧାନ୍ତ ଏକେବାରେ ବଦଳି ଗଲା । ଏହା ପରିବର୍ତ୍ତେ ସେ ମା'ଙ୍କ ସହ ଅନ୍ୟ ଏକ ମହିଳାଙ୍କ ସମ୍ବନ୍ଧରେ କଥାବାର୍ତ୍ତା ଆରମ୍ଭ କରି କହିଲେ ଯେ ସେ ଏକ ବିରଳ ଆତ୍ମା ଏବଂ ମା' ତାଙ୍କୁ କେତେ ବେଶୀ ଭଲ ପାଆନ୍ତି ଓ ତାଙ୍କ କାର୍ଯ୍ୟକୁ ଅନୁମୋଦନ କରନ୍ତି । ମା'ଙ୍କ ନିକଟରେ ଥିବା ସମୟରେ ସେ ସମସ୍ତ ସମୟ ସେହି ମହିଳାଙ୍କ କଥାରେହିଁ ବିତାଇ ଦେଲେ । ଆଣ୍ଠୁମାଡ଼ି ବସିଥିବା ଭଙ୍ଗିରୁ ଉଠି ଯିବାକୁ ଉଦ୍ୟତ ହେବା କ୍ଷଣି ଶ୍ରୀମା ପଚାରିଲେ, ''ତୁମେ କିପରି ଅଛ ? ତୁମେ କ'ଣ ସୁସ୍ଥ ନଥିଲ ?''

ଶ୍ରୀମାଙ୍କ ଚକ୍ଷୁରୁ ପ୍ରବାହିତ ଅନନ୍ତ କରୁଣା ଓ ପ୍ରେମ 'ମ'ଙ୍କୁ ସମ୍ପୂର୍ଣ୍ଣ ରୂପେ ବିଗଳିତ କରି ଦେଇଥିଲା । ସେ ଶ୍ରୀମାଙ୍କ କଥାର ଉତ୍ତର ଦେବା ପାଇଁ ଆଉ ଭାଷା ପାଇଲେ ନାହିଁ । ସେ ଦିବ୍ୟ ଜନନୀଙ୍କ କ୍ଷମାସାଗର ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ବୁଡି ଯାଉଥିବା ପରି ଅନୁଭବ କଲେ । ଶ୍ରୀମା ତାଙ୍କର ଦୋଷୀ ପରି ମନେ କରୁଥିବା ସମସ୍ତ ଭାବନାକୁ ସତେ ଅବା ଧୋଇଧାଇ ପରିଷ୍କାର କରିଦେଲେ ।

('ସୁଧା ସମାଚାର' ପୁସ୍ତକର ପୃଷ୍ଠା. ୨୧୧)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother
(୨) Musing on the Mother's Prayers and Meditations – Shyam Kumari

## ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱରର ସମ୍ପାଦକ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ହାଇସ୍କୁଲ ବିଭାଗ (ନବମ ଓ ଦଶମ ଶ୍ରେଣୀ)ରେ ଗଣିତ ଓ ବିଜ୍ଞାନ ପଢ଼ାଇବା ପାଇଁ B.Sc. (PCM) ଓ B.Ed ଶିକ୍ଷାଗତ ଯୋଗ୍ୟତା ଥାଇ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ସେହିପରି ଉପଯୁକ୍ତ ଯୋଗ୍ୟତା ସଂପନ୍ନ ଜଣେ ସଙ୍ଗୀତ ଶିକ୍ଷକ ମଧ୍ୟ ଆବଶ୍ୟକ ।

ଶିକ୍ଷକ ଚୟନ କ୍ଷେତ୍ରରେ ମାତୃଭକ୍ତ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଉପଯୁକ୍ତ ପ୍ରମାଣପତ୍ର ସହ ଏପ୍ରିଲ ୩୦ ତାରିଖ ସୁଦ୍ଧା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିମ୍ନୋକ୍ତ ଠିକଣାରେ ଆବେଦନ କରିବାକୁ ଅନୁରୋଧ ।

ଯୋଗାଯୋଗ : ଶ୍ରୀ ବିନୋଦ କୁମାର ସାହୁ, ସମ୍ପାଦକ,
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର, ପିନ୍ : ୭୫୧ ୦୩୦,
ମୋବାଇଲ୍ : ୯୪୩୭୨ ୧୩୧୫୫

# ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ

## ପ୍ରପତ୍ତି

ସାମାଜିକ କ୍ଷେତ୍ରରେ ଆଧ୍ୟାତ୍ମିକ ସତ୍ୟର ପ୍ରୟୋଗ ଅତି ଗଭୀର ଓ ଜଟିଳ ପ୍ରଶ୍ନ । ସମାଜ ଏକ ଅତି ବିଶାଳ ଓ ବହୁମୁଖୀ ବସ୍ତୁ – ସମାଜର ଶିକ୍ଷା, ଶିଳ୍ପ, ସାହିତ୍ୟ, ବାଣିଜ୍ୟ, ରାଜନୀତି, ସମାଜନୀତି, ଆଚାର-ବ୍ୟବହାର, ନାନାପ୍ରକାର କ୍ରିୟାକର୍ମ ରହିଛି । ଏ ଭିତରେ ନାନାପ୍ରକାର ଗୋଷ୍ଠୀ ଓ ଶ୍ରେଣୀ, ବିଭିନ୍ନ ମନୋଭାବ ଓ ବିଭିନ୍ନ ସ୍ୱଭାବର ବ୍ୟକ୍ତି ରହିଛନ୍ତି । ଏ କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ସତ୍ୟ ଓ ଆଲୋକକୁ କିପରି ପ୍ରୟୋଗ କରାଯାଇପାରେ ? ଏପରି ଏକ ଆଧ୍ୟାତ୍ମିକ ସତ୍ୟ ଓ ଆଲୋକକୁ ଯେ ଜୀବନର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଇ ସମାଜକୁ ଉନ୍ନତ ଓ ମହାନ୍ କରାଯାଇପାରେ, ଏହାର ଯୁକ୍ତିସଙ୍ଗତ ଭିତ୍ତି କ'ଣ ? ଅତୀତରେ ବିଭିନ୍ନ ମହାପୁରୁଷଙ୍କ ଆବିର୍ଭାବ କାଳରେ ଯେତେବେଳେ ଧର୍ମର ପୁନରୁତ୍ଥାନ ଓ ପ୍ରଭାବ ଦେଖା ଦେଇଛି ସେତେବେଳେ କିଛିକାଳ ପର୍ଯ୍ୟନ୍ତ ଗୋଟିଏ ନୂତନ ଶୃଙ୍ଖଳା, ନୂତନ ଆଲୋକ ବା ଶକ୍ତି ଜନସମାଜ ମଧ୍ୟରେ କାର୍ଯ୍ୟ କରିଛି, କିନ୍ତୁ ଧୀରେ ଧୀରେ ସେହି ଅଧ୍ୟାତ୍ମ-ଆଲୋକ, ଜ୍ୟୋତି ଓ ସାମର୍ଥ୍ୟ ସ୍ତିମିତ ହୋଇଛି ବା ଜନସମାଜର ଅଧସ୍ତନ ଗୋଷ୍ଠୀ ତାକୁ ଆତ୍ମସାତ୍ କରିଛି । ଯେପର୍ଯ୍ୟନ୍ତ ଧର୍ମ ଓ ଅଧ୍ୟାତ୍ମ ବସ୍ତୁ ଏକ କ୍ଷୁଦ୍ର ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ରହିଛି ସେତେଦିନ ପର୍ଯ୍ୟନ୍ତ ଏହା ନିରାପଦ, କିନ୍ତୁ ଯେଉଁ ମୁହୂର୍ତ୍ତରେ ଏହା ତାହାର ସୀମିତ ଗଣ୍ଡି ଓ ଗୋଷ୍ଠୀ ପରିତ୍ୟାଗ କରି ବୃହତ୍ତର ଜନ-ସମାଜର କଲ୍ୟାଣ ଦିଗରେ ଅଗ୍ରସର ହୋଇଛି, ତାହାର ବହୁ ବିକୃତି ଦେଖା ଦେଇଛି ଏବଂ ଅନ୍ଧକାର-ଶକ୍ତି ତାକୁ ଗ୍ରାସ କରିଛି । ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଖ୍ରୀଷ୍ଟ ଧର୍ମ, ମୁସଲମାନ ଧର୍ମ ପ୍ରଭୃତି ବିଭିନ୍ନ ମହାନ୍ ଧର୍ମଗୁଡ଼ିକର କେବଳ ଖୋଳମାତ୍ର ରହିଛି । ବାହ୍ୟ ଆବରଣ, କେତେକ ନୀତି ନିୟମ, କ୍ରିୟାକର୍ମ, ଆଚାର ଓ ପଦ୍ଧତିକୁ ଛାଡ଼ି ଦେଲେ, ସାଧାରଣ ସାମାଜିକ ଜୀବନରେ ଏହି ମହାନ୍ ଧର୍ମଗୁଡ଼ିକର ଆଉ କିଛି ଦେଖାଯାଏ ନାହିଁ । ଏପରି ଏକ ବିଭିନ୍ନ ଧର୍ମର ଗୋଷ୍ଠୀଗତ ବିଚାର, ସଂକୀର୍ଣ୍ଣତା, ସାମ୍ପ୍ରଦାୟିକତାରୁ ଯେଉଁ ଗୁରୁତର ଯୁଦ୍ଧ, ହିଂସାତ୍ମକ ବୀଭତ୍ସକାଣ୍ଡ ସୃଷ୍ଟି ହୋଇଛି ତାହା ମନୁଷ୍ୟ ସମାଜର ଇତିହାସକୁ କଳଙ୍କିତ କରିଛି । ସୁତରାଂ ଯୁକ୍ତି-ବୁଦ୍ଧିବାଦୀ ମନୁଷ୍ୟ ଧର୍ମକୁ ଏକ ଶଠତା, ଠକାମି ଓ ଭଣ୍ଡାମିର ଆଖ୍ୟା ଦେବାକୁ ପଶ୍ଚାତ୍ପଦ ହୋଇ ନାହିଁ । ଏହା ସତ୍ତ୍ୱେ ସାଧାରଣ ଜନସମାଜ ମଧ୍ୟରେ ଧର୍ମ ଓ ନୀତି ନାମରେ, ଭୁଲ୍ ବା ଠିକ୍ ହେଉ ଗୋଟାଏ କିଛି କ୍ରିୟାକର୍ମ ନିରବଚ୍ଛିନ୍ନ ଭାବରେ ଚାଲିଛି । ଏପରି ଯେଉଁ ଦେଶମାନଙ୍କରେ ଧର୍ମକୁ ବାଦ୍ ଦିଆ ଯାଇଥିଲା, ଯେପରି କମ୍ୟୁନିଜମ୍-ପ୍ରଧାନ ସୋଭିଏତ୍ ରୁଷରେ, ସେଠାରେ ମଧ୍ୟ ଆଜିକାଲି ଲୋକଙ୍କୁ ଗିର୍ଜା ବା ଚର୍ଚ୍ଚକୁ ଯିବାର ଅନୁମତି ମିଳିଛି ଏବଂ ଆସ୍ତେ ଆସ୍ତେ ଧାର୍ମିକତା ପ୍ରତି ଏକ ଉଦାର ମନୋଭାବ ଦେଖା ଦେଉଛି । ଏହିସବୁ ବିଷୟ ପ୍ରତି ଗଭୀର ଭାବେ ଦୃଷ୍ଟିପାତ କଲେ ସାମାଜିକ ଜୀବନରେ ଆଧ୍ୟାତ୍ମିକ ସତ୍ୟର ପ୍ରୟୋଗ କଥା ଯେତେବେଳେ ଆମ୍ଭେମାନେ କହୁଛୁ, ତାହାର ଯଥାର୍ଥ ଅର୍ଥ କ'ଣ, କେଉଁ ପ୍ରକାର ଆଧ୍ୟାତ୍ମିକ ସତ୍ୟ ବର୍ତ୍ତମାନ ସମାଜରେ ପ୍ରୟୋଗ କରାଯାଇ ପାରିବ, ବର୍ତ୍ତମାନ ପରିସ୍ଥିତିରେ ସମାଜର କେଉଁ କେଉଁ ଭାଗରେ ଏହା ପ୍ରଥମେ ପ୍ରୟୋଗ କରାଯାଇ ପାରିବ, ସାଧାରଣ ମନୁଷ୍ୟ ଯେ ଖାଦ୍ୟବସ୍ତୁ-ସଂସ୍ଥାନରେ ସମଗ୍ର ଦିନ ଅତିବାହିତ କରୁଛି, ତାହା ପାଖରେ ଏପରି ଏକ ଆଧ୍ୟାତ୍ମିକ ବାଣୀ ପହଞ୍ଚାଇବାରେ କୌଣସି ମୂଲ୍ୟ ଅଛି କି ? ଏହି ଆଧ୍ୟାତ୍ମିକତାର ଅର୍ଥ ପୁନର୍ବାର ଗୋଟାଏ ନୂତନ ଧର୍ମ ବା ପୁରାତନ ଧର୍ମର ନୂତନ ସଂସ୍କରଣ ରୂପେ ପ୍ରଚାର କରିବା ହେବ ନାହିଁ କି ? ଅନ୍ୟତମ ପ୍ରଶ୍ନ ହେଲା ଏପରି ଏକ ଆଧ୍ୟାତ୍ମିକତା ଯଦିବା ମନୁଷ୍ୟ ସମାଜ ମଧ୍ୟରେ ପ୍ରବେଶ କରାଇ ଦିଆହୁଏ ତେବେ ତାହା କେତେ କାଳ ତିଷ୍ଠି ରହିପାରିବ ? ମନୁଷ୍ୟର ଅନ୍ଧକାର, ଅଜ୍ଞାନ, ବର୍ବର ପଶୁ-ପ୍ରକୃତି ଯେକୌଣସି ଉଚ୍ଚତର ଆଲୋକ ଓ ଶକ୍ତିକୁ ଯେତେବେଳେ ଭକ୍ଷଣ କରିପାରୁଛି ସେତେବେଳେ ଏହି ଆଧ୍ୟାତ୍ମିକତା ଯେ ସାଧାରଣ ଜନତାର ଅଜ୍ଞାନ ପ୍ରକୃତି ସମ୍ମୁଖରେ ବେଶୀକାଳ ତିଷ୍ଠି ପାରିବ, ତାହା ସମ୍ଭବ ମନେହେଉ ନାହିଁ !

ଏହିସବୁ ପ୍ରଶ୍ନ ପ୍ରତି ଦୃଷ୍ଟିପାତ କଲେ ସମସ୍ୟାଟି ଯେ ଅତି ଜଟିଳ ତାହା ସହଜରେ ଅନୁମାନ କରି ହେବ । ସୁତରାଂ ସାମାଜିକ କ୍ଷେତ୍ରରେ 'ଆଧ୍ୟାତ୍ମିକତା'ର ପ୍ରୟୋଗ ପୂର୍ବରୁ ଆମ୍ଭେମାନେ ଶ୍ରମସ୍ୱୀକାର କରି 'ଆଧ୍ୟାତ୍ମିକତା'ର ଯଥାର୍ଥ ସ୍ୱରୂପ କ'ଣ ତାହା ବିଶେଷ ଭାବେ ସ୍ମରଣ ରଖିବା ଉଚିତ । ...

ଧର୍ମ ଓ ଆଧ୍ୟାତ୍ମିକତା ମଧ୍ୟରେ ପାର୍ଥକ୍ୟ ବହୁତ । ଉଭୟ ଭିନ୍ନ ଭିନ୍ନ ବସ୍ତୁ । ଅନେକେ ଧର୍ମକୁ ଆଧ୍ୟାତ୍ମିକତା ସଙ୍ଗରେ ମିଶାଇ ଦେଇଥା'ନ୍ତି । ସାଧାରଣତଃ ଧର୍ମ ଏକ ସଂକୀର୍ଣ୍ଣ ସାମ୍ପ୍ରଦାୟିକ, ଗୋଷ୍ଠୀଗତ, ଆଚାର ପଦ୍ଧତି ଓ କର୍ମକାଣ୍ଡ । ଧର୍ମ ସର୍ବଦାହିଁ ମନ ନିର୍ମିତ । ଏହାର କ୍ରିୟାକର୍ମ ଯାନ୍ତ୍ରିକ ଏବଂ ବହୁ ପରିମାଣରେ ବାଧ୍ୟତାମୂଳକ । ମନୁଷ୍ୟ ପ୍ରକୃତିରେ ଯେଉଁ ବୈଚିତ୍ର୍ୟ ଓ ପ୍ରକାରଭେଦ ରହିଛି ଧର୍ମ ତାହାକୁ ଅସ୍ୱୀକାର କରି ପ୍ରତ୍ୟେକକୁ ଗୋଟାଏ ଛାଞ୍ଚରେ ପକାଇ ଗଢ଼ି ନେବାକୁ ଚାହେଁ ।

ପ୍ରତ୍ୟେକ ଧର୍ମର ଉତ୍ପତ୍ତି ଏକ ଆଧ୍ୟାତ୍ମିକ ଉପଲବ୍ଧି ବା ଅନୁଭୂତି ମଧ୍ୟରୁ । ମୂଳତଃ ଏହି ଉପଲବ୍ଧି ଧର୍ମ-ପ୍ରତିଷ୍ଠାତାମାନଙ୍କର ଥାଏ । କିନ୍ତୁ ଯେପରି ଭାବରେ, ଯେଉଁ ଅବସ୍ଥାରେ ସେ ସେହି ଉପଲବ୍ଧି ଲାଭ କରିଥାଆନ୍ତି, ସମସ୍ତଙ୍କୁ ସେହି ଅବସ୍ଥାରେ ଲାଭ କରିବାକୁ ହେବ ବୋଲି ବିଧି-ବିଧାନ କରି ବସନ୍ତି । ଏହି ଯାନ୍ତ୍ରିକ ବିଧି-ବିଧାନକୁ ଛାଡ଼ି ଦେଇ, ପ୍ରତ୍ୟେକ ଧର୍ମର ମୂଳରେ ଥିବା ସତ୍ୟକୁ ଦେଖିଲେ ବୁଝାଯିବ ଯେ ତାହା ଆଧ୍ୟାତ୍ମିକ ସତ୍ୟ ଉପରେ ପ୍ରତିଷ୍ଠିତ । ତାହା ଯଥାର୍ଥ ଦିବ୍ୟ-ଅନୁଭୂତି ପ୍ରସୂତ ।

ଧର୍ମର ମୂଳସୂତ୍ର ଏହି ଯେ ଏହା ମନୁଷ୍ୟ ଓ ଦୃଶ୍ୟମାନ ଜଗତର ଅନ୍ତରାଳରେ ଅବସ୍ଥିତ ପରମ ଅଖଣ୍ଡ ଦିବ୍ୟସତ୍ତାଙ୍କ ମଧ୍ୟରେ ଏକ କ୍ଷୀଣ ସେତୁ ନିର୍ମାଣ କରେ । ମନୁଷ୍ୟକୁ ଦିବ୍ୟତ୍ୱ ପ୍ରଦାନ କରିବା ନିମିତ୍ତ ଏହା ଏକ ପଥ, ଯାହା ଖୁବ୍ ସଂକୀର୍ଣ୍ଣ, ଦୁର୍ବଳ, ଅସ୍ପଷ୍ଟ, ଯାନ୍ତ୍ରିକ ଓ ନିୟମାବଦ୍ଧ । ମନୁଷ୍ୟ ତାକୁହିଁ ଅନୁସରଣ କରି, ସେହି କ୍ରିୟାକର୍ମ ମଧ୍ୟରେ ଅନ୍ଧ ଓ ମୂକଭାବରେ ପଡ଼ି ରହି, ଧର୍ମ ପାଳନ କରୁଛି ବୋଲି ଗଡ଼ୁଲିକା ମାର୍ଗରେ ଚାଲିଥାଏ । ମନ୍ଦିରକୁ, ଚର୍ଚ୍ଚକୁ ବା ମସଜିଦକୁ ଯିବା ଅଧିକାଂଶ ଲୋକଙ୍କର ଗୋଟାଏ ଅଭ୍ୟାସ ଏବଂ ଆତ୍ମତୃପ୍ତିକର ବ୍ୟବସ୍ଥାରେ ପରିଣତ ହୋଇଥାଏ । ଏହା ଦ୍ୱାରା ''କିଛି କରାଯାଇଛି ବୋଲି'' ମନରେ ତୃପ୍ତି ଆସେ ଏବଂ ଧର୍ମଭୟ ମଧ୍ୟ ଦୂର ହୁଏ । ପୂଜା, ବ୍ରତ, ହୋମ, ଯଜ୍ଞ, ବହୁବିଧ ଅନୁଷ୍ଠାନ ଆଦି ଦ୍ୱାରା ଧର୍ମ-ଜୀବନ ଅଯଥା ଭାରାକ୍ରାନ୍ତ ହୋଇଛି । ତହିଁରେ ଯଥାର୍ଥ ଐଶ୍ୱରିକ ଭାବର ଏକାନ୍ତ ଅଭାବ । ନିଷ୍ଠା ଓ ଆନ୍ତରିକତା ଆଦିର ଚିହ୍ନବର୍ଣ୍ଣ ଏହି ପ୍ରକାର ବିଧି-ବିଧାନ ମଧ୍ୟରେ ନଥାଏ । ଧର୍ମର ମୂଳ ଉପଲବ୍ଧିକୁ ଛାଡ଼ି ତାହା ଗୋଟାଏ ପଦ୍ଧତି ଓ ବିଧି ବିଧାନରେ ପରିଣତ ହୋଇଥାଏ । ସାମାଜିକ ନିୟମ, ବ୍ୟବସ୍ଥା ଓ କର୍ତ୍ତବ୍ୟ ଦୃଷ୍ଟିରୁ ଏସବୁ କରାଯାଏ । ବାସ୍ତବରେ କହିବାକୁ ଗଲେ ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ ଏହାର କୌଣସି ସମ୍ପର୍କ ନାହିଁ । ଏ ବିଷୟରେ ଶ୍ରୀମା ସ୍ପଷ୍ଟ କହିଛନ୍ତି :

"People follow religion by social habit, in order not to get into the bad books of others. For instance, in a village it is difficult not to go to religious ceremonies, for all your neighbours will point at you. But that has absolutely nothing to do with spiritual life, nothing at all."

(MCW, Vol. 8, P. 147)

ଅର୍ଥାତ୍, ''ସାଧାରଣ ଲୋକ ଯେଉଁ ଧର୍ମ ପାଳନ କରନ୍ତି ତାହା ଗୋଟାଏ ସାମାଜିକ ଅଭ୍ୟାସ । ଏପରି ଧର୍ମ ପାଳନ ଦ୍ୱାରା ସେମାନେ ସମାଜର ଚକ୍ଷୁଶୀଳ ହେବେ ନାହିଁ । ଅଧିକାଂଶ ଗ୍ରାମରେ, ଉଦାହରଣ ସ୍ୱରୂପ, କୌଣସି ଗ୍ରାମବାସୀ ପକ୍ଷରେ ଧର୍ମଗତ ଉତ୍ସବମାନଙ୍କରେ ଯୋଗ ନଦେବା ସମ୍ଭବ ନୁହେଁ, କାରଣ ଏପରି ଆଚରଣ କଲେ ଅନ୍ୟାନ୍ୟ ବ୍ୟକ୍ତି ସେହି ବ୍ୟକ୍ତିକୁ ଆଙ୍ଗୁଠି ଦେଖାଇବେ । କିନ୍ତୁ ଏସବୁର ଆଧ୍ୟାତ୍ମିକ ଜୀବନ ସଙ୍ଗେ କୌଣସି ସମ୍ପର୍କ ନାହିଁ, ଏକେବାରେ ନାହିଁ ।''

ଏପରିକି ଯେଉଁଠାରେ ଯଥାର୍ଥରେ କିଛି ଗଭୀରତର, ମହତ୍ତର ଧର୍ମଭାବର ପ୍ରତିଷ୍ଠା ହୋଇଛି, ତାହା ମଧ୍ୟ ଆଧ୍ୟାତ୍ମିକତାଠାରୁ ଶହେକୋଶ ଦୂରରେ । ଧର୍ମ, ସମଗ୍ର ଜୀବନର କର୍ମକୁ ଦୁଇ ଭାଗରେ ବିଭକ୍ତ କରି, ଗୋଟିଏ ଭାଗରେ ଈଶ୍ୱର ସେବା, ପୂଜା, ଭକ୍ତି ଓ ଶ୍ରଦ୍ଧା ଆଦି କର୍ମକୁ ପ୍ରାଧାନ୍ୟ ଦିଏ ଏବଂ ଅନ୍ୟ ଭାଗରେ ସାଂସାରିକ କର୍ମକୁ ଏକ ଗୌଣ ଏବଂ ଅପବିତ୍ର କର୍ମ ବୋଲି ଦୂରରେ ରଖେ । ଧର୍ମ-ଜୀବନରେ ସଂସାରର ସମସ୍ତ କର୍ମ ଗୃହୀତ ହୁଏ ନାହିଁ । ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନରେ ସମସ୍ତ ଜୀବନର ରୂପାନ୍ତର ପ୍ରଶ୍ନହିଁ ପ୍ରଧାନ ପ୍ରଶ୍ନ, ଯେଉଁ ପ୍ରଶ୍ନ ଧର୍ମ-ଜୀବନରେ ଥରେ ବି ଉଠେ ନାହିଁ । ଧର୍ମ-ଜୀବନରେ ପ୍ରକୃତି ଓ ଚେତନା ଯେପରି ଥାଏ ସେହିପରି ଛାଡ଼ି ଦିଆଯାଏ, କିନ୍ତୁ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନରେ ପ୍ରକୃତିର ରୂପାନ୍ତର ବ୍ୟତୀତ ଆଧ୍ୟାତ୍ମିକ ସାଧନାର କୌଣସି ବିଶେଷ ମୂଲ୍ୟ ନାହିଁ । ଏ କ୍ଷେତ୍ରରେ ଧର୍ମ-ଜୀବନ ଆଧ୍ୟାତ୍ମିକ ଆଲୋକ, ଶକ୍ତି ଓ ସାମର୍ଥ୍ୟଠାରୁ ବହୁ ଦୂରରେ । ଧର୍ମଗତ ବିଦ୍ୱେଷ, ମୂର୍ଖତା, ହିଂସା ଓ ସାମ୍ପ୍ରଦାୟିକତା ଏତେ ବେଶୀ ବଢ଼ିଛି, ଫଳରେ ଏ ଯୁଗର ମନୁଷ୍ୟ ଧାର୍ମିକ ହେବା ଅପେକ୍ଷା ଧର୍ମହୀନ ହେବାକୁ ବେଶୀ ପସନ୍ଦ କରୁଛି । ଧର୍ମମତର ଦ୍ୱାହି ଦେଇ ସମୟ

ସମୟରେ ସମଗ୍ର ଦେଶରେ ଯେଉଁସବୁ ଗୁରୁତର ଯୁଦ୍ଧବିଗ୍ରହ ଓ ସାମ୍ପ୍ରଦାୟିକ ବିଭୀଷିକାମାନ ଘଟି ଯାଇଛି, ଆଉ ସେହିପରି ଧର୍ମକୁ ଧରି ରଖିବାର ଆଦୌ ଆବଶ୍ୟକତା ନାହିଁ । ଅନ୍ୟକଥା ହେଲା ଏପରି ଏକ ଧର୍ମାନୁସରଣ ଦ୍ୱାରା ବୃହତ୍ତର ମାନବସମାଜର କୌଣସି କଲ୍ୟାଣ ସାଧନ ହେବ ବୋଲି ଅନୁମାନ କରାଯାଏ ନାହିଁ । ଧର୍ମାନୁଶାସନ ଓ ଧର୍ମାନୁସରଣ ମଧ୍ୟରେ ଏପରି କିଛି ଅଛି ଯାହା ଅନେକ ସମୟରେ ବିଜ୍ଞାନର ଆବିଷ୍କୃତ ସତ୍ୟ ସଙ୍ଗେ ଖାପଖାଏ ନାହିଁ । ଏଥିରେ ଧର୍ମ ବିଜ୍ଞାନ ତଥା ଉନ୍ନତ ଜୀବନଧାରାର ମଧ୍ୟ ବିରୋଧ କରିଛି । ଗଭୀରଭାବେ ଦୃଷ୍ଟିପାତ କଲେ ଦେଖାଯିବ ଯେ ଧର୍ମ ଏକ ମଧ୍ୟଯୁଗୀୟ ଘଟଣା ହୋଇ ସାରିଛି । ମଧ୍ୟ ଯୁଗରେ ଏହାର ପ୍ରଚାର ଓ ଆବଶ୍ୟକତା ଥିଲା, ଏବେ ନାମକୁ ମାତ୍ର ବିଭିନ୍ନ ଧର୍ମ ଥିଲେ ମଧ୍ୟ ଏପରି ଧର୍ମକୁ କେହି ଆଚରଣ କରୁଛି ବୋଲି କୁହାଯାଇ ନପାରେ । ଏପରିକି ସ୍ୱାମୀ ବିବେକାନନ୍ଦ ବାରଂବାର କହିଥିଲେ ଯେ ଧର୍ମର ପୂର୍ଣ୍ଣତା ତେବେହିଁ ଆସିବ, ଯେବେ ପ୍ରତ୍ୟେକ ବ୍ୟକ୍ତି ତା' ଜୀବନର ଧର୍ମ (ସ୍ୱଧର୍ମ) ଆବିଷ୍କାର କରିପାରିବ । ଭଗବତ୍ ଗୀତାରେ ଉଲ୍ଲିଖିତ ଧର୍ମ କୌଣସି ସାମ୍ପ୍ରଦାୟିକ ଧର୍ମ ନୁହେଁ, ଆତ୍ମାର ଧର୍ମ, ଭାଗବତ ଧର୍ମ ।

ସୁତରାଂ ଆମ୍ଭେମାନେ ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ କଥା କହିଲା ବେଳେ ପୁନର୍ବାର ସମାଜରେ ଏକ ନୂତନ ଧର୍ମର ପ୍ରବର୍ତ୍ତନ କଥା କହୁ ନାହିଁ, ଏପରି ଏକ ଧର୍ମ ପ୍ରତିଷ୍ଠାର ଆବଶ୍ୟକତା ନାହିଁ, ଆଉ ଏହା ଜନ-ସମାଜରେ ଗୃହୀତ ହେବ ନାହିଁ । ବରଂ ବର୍ତ୍ତମାନ ସମାଜକୁ ବିଭିନ୍ନ ଧର୍ମରୁ ମୁକ୍ତ କରି ଏକ ଉଚ୍ଚତର ଅବସ୍ଥାକୁ ଉଠାଇ ନେବାକୁ ହେବ ଏବଂ ମନୁଷ୍ୟର ଭାବୀ ରୂପରେଖ ଏହି ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମଦୃଷ୍ଟିରେ କ'ଣ ହେବ, ତାହା ଦେଖାଇ ଦେବାକୁ ହେବ; ଯେଉଁମାନେ ଧାର୍ମିକ ମନୋଭାବ ସହ ରହିଯିବାକୁ ଚାହିଁବେ, ସେମାନେ ଅଧ୍ୟାତ୍ମ ଜୀବନର ମୂଳସୂତ୍ରଠାରୁ ବହୁ ଦୂରରେ ରହିବେ । ତେବେ, ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ମନୁଷ୍ୟର ଆଧ୍ୟାତ୍ମିକ ବିବର୍ତ୍ତନ ପକ୍ଷରେ ଧର୍ମର ଅବଦାନ ଅସ୍ୱୀକାର କରି ହେବ ନାହିଁ । ବର୍ତ୍ତମାନ ସମୟ ଆସିଛି ଯେତେବେଳେ ବିଭିନ୍ନ ଧର୍ମକୁ ଅତିକ୍ରମ କରି ଏକ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଜୀବନରେ ପହଞ୍ଚିବାକୁ ହେବ ।

ଧାର୍ମିକତା ଯେପରି ଅଧ୍ୟାତ୍ମଜୀବନ ନୁହେଁ ସେହିପରି ନୈତିକତା ମଧ୍ୟ ଆଧ୍ୟାତ୍ମିକତା ନୁହେଁ । ନୈତିକ ଜୀବନ ପୂର୍ଣ୍ଣ ରୂପେ ମନୋଗଠିତ, ମନ-ଚାଳିତ ଓ ମନ-ନିୟନ୍ତ୍ରିତ । ସଂଯତ, ଶୃଙ୍ଖଳିତ, ଆଦର୍ଶ ପଥରେ ଧାବିତ ମନ ନୈତିକ ଆସନରେ ଅଧିରୂଢ଼ ହୋଇପାରେ ଏବଂ ବହୁ ଗୁଣରେ ବିଭୂଷିତ ଏବଂ ଉନ୍ନତ ହୋଇପାରେ; ମାତ୍ର ତାହା ଆଧ୍ୟାତ୍ମିକ ଜୀବନର ଧାର ଧାରେ ନାହିଁ । ନୈତିକ ଦୃଷ୍ଟିରେ ଯେଉଁ ବ୍ୟକ୍ତି ଅତି ମହାନ୍, ପୂଜ୍ୟ ଓ ପ୍ରଶଂସନୀୟ, ଆଧ୍ୟାତ୍ମିକ ଦୃଷ୍ଟିରେ ତାହାର କୌଣସି ମୂଲ୍ୟ ନଥାଇପାରେ । ଉଦାହରଣ ସ୍ୱରୂପ ଜଣେ ଦାନୀ, ଉଦାର ଓ ମୁକ୍ତହସ୍ତ ବ୍ୟକ୍ତି ଏବଂ ଜଣେ କୃପଣ ଓ ସଞ୍ଚୟକାମୀ ବ୍ୟକ୍ତିର ମୂଲ୍ୟ ଅଧ୍ୟାତ୍ମ ଦୃଷ୍ଟିରେ ସମାନ । ଯେଉଁ ବ୍ୟକ୍ତି ଦାନପରାୟଣ ଓ ଉଦାର ତାହାର ସ୍ୱାଭାବିକ ବୃତ୍ତି ସମ୍ପ୍ରସାରଣ; ଯେଉଁ ବ୍ୟକ୍ତି କୃପଣ ବା ସଞ୍ଚୟକାମୀ ତାହାର ସ୍ୱାଭାବିକ ବୃତ୍ତି ଆକୁଞ୍ଚନ । ସମ୍ପ୍ରସାରଣ ଓ ଆକୁଞ୍ଚନ ଏକ ପ୍ରକୃତିର ଦୁଇଟି ଧାରା । ସ୍ଥଳବିଶେଷରେ ପ୍ରକୃତି ସଙ୍କୁଚିତ ହୋଇଯାଏ, ସ୍ଥଳ ବିଶେଷରେ ଏହା ସମ୍ପ୍ରସାରିତ ହୋଇଯାଏ । କିନ୍ତୁ ପ୍ରକୃତି ଏକ, କେବଳ ପ୍ରକାଶର ଧାରାରେ ପାର୍ଥକ୍ୟ ଦେଖାଯାଏ । ଯଦିଓ ସାମାଜିକ ଏବଂ ନୈତିକ ଦୃଷ୍ଟିରେ ଏହା ଏକ ଗୁରୁତର ପାର୍ଥକ୍ୟ, ପ୍ରକାର ଭେଦ; ମାତ୍ର ଅଧ୍ୟାତ୍ମ-ଦୃଷ୍ଟିରେ ଏହା ଏକହିଁ ପ୍ରକାର ବସ୍ତୁ । ସେହିପରି ଆକର୍ଷଣ (attraction), ପ୍ରେମ ବା ଅନୁରାଗ ଯାହା; ଘୃଣା, ବିଦ୍ୱେଷ, ପ୍ରତ୍ୟାହାର ବା ପଳାୟନହିଁ ତାହା । ଉଭୟ ବସ୍ତୁ ପ୍ରେମ ଓ ଘୃଣା, ଆକର୍ଷଣ ଓ ପ୍ରତ୍ୟାହାର ଏକହିଁ ବସ୍ତୁ – ଏକହିଁ ବୃତ୍ତି, ଏକହିଁ ଧାରାର ଦୁଇଟି ଭିନ୍ନ ଭିନ୍ନ ରୂପ । ଯାହାକୁ ଆମେ ଭଲ ପାଉ, ତାହା ଯେଉଁ ବୃତ୍ତିରୁ ଉତ୍ପନ୍ନ, ଯାହାକୁ ଆମେ ଘୃଣା କରୁ, ତାହା ସେହି ବୃତ୍ତିରୁ ଉତ୍ପନ୍ନ । ଉଭୟର ଉପାଦାନ ପ୍ରାଣଶକ୍ତି, ଉଭୟ ଉପଜୀବ୍ୟ ପ୍ରାଣସତ୍ତା । ପ୍ରେମ, ଘୃଣା ଓ ଉଦାସୀନତା (Love, hate and indifference) ଏକହିଁ ବସ୍ତୁ । ଏହି ସତ୍ୟ ଅଧ୍ୟାତ୍ମଦୃଷ୍ଟି ଖୋଲିଗଲେ ବୁଝି ହୁଏ । ନୈତିକତା ଅନେକ ସମୟରେ ଆଧ୍ୟାତ୍ମିକ ଦୃଷ୍ଟି ଉନ୍ମୋଚନ ପଥରେ ବାଧକ ମଧ୍ୟ ହୋଇଥାଏ । ନୈତିକତାର ବନ୍ଧନ ଏତେ ସୁଦୃଢ଼ ଏବଂ ଏପରି କଠୋର ଯେ ବ୍ୟକ୍ତି ସେଥିରୁ ଚ୍ୟୁତ ହେଲେ ମନେ କରେ ଯେ ତାହାର ସର୍ବନାଶ ହେଲା, କିନ୍ତୁ ଅଧ୍ୟାତ୍ମ ଜୀବନରେ ଏକ ଗଭୀରତର ଓ ମହତ୍ତର ଶୃଙ୍ଖଳା ଥାଏ, କିନ୍ତୁ ତାହା ଭାଗବତ ସଙ୍କଳ୍ପ ଓ ଇଚ୍ଛା ଦ୍ୱାରା ପରିଚାଳିତ ହେଉଥିବାରୁ ସ୍ଥାନ ଓ କାଳ ବିଶେଷରେ ଆବଶ୍ୟକୀୟ ପରିବର୍ତ୍ତନକୁ ବୁଝିପାରେ । ନୈତିକ ଦୃଷ୍ଟିରେ ନିରୀହ ଶିଶୁ ଓ ସ୍ତ୍ରୀମାନଙ୍କୁ ହତ୍ୟା କରିବା ଘୋର ଦୁଷ୍କର୍ମ, କିନ୍ତୁ

ହନୁମାନ ଲଙ୍କା ପୋଡ଼ିବା ବେଳେ ବହୁ ଶିଶୁ ଓ ସ୍ତ୍ରୀଲୋକମାନଙ୍କୁ ଅଗ୍ନିରେ ନିକ୍ଷେପ କରିଥିଲେ । ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ଶହ ଶହ ବ୍ୟକ୍ତିଙ୍କୁ ହତ୍ୟା କରିଥିଲେ । ଏ ମହାନ୍ ବ୍ୟକ୍ତି ଦ୍ୱୟଙ୍କୁ ନରହତ୍ୟା ଦୋଷ ତ' ଲାଗିବା ଦୂରକଥା, ବରଂ ସେମାନେ ମହାନ୍ ଯୋଗୀ ଭଗବାନଙ୍କ ଯନ୍ତ୍ର ରୂପେ ଜଗତ୍ ବନ୍ଦନୀୟ ଓ ପୂଜ୍ୟ । ଏଥିରୁ ସ୍ପଷ୍ଟ ବୁଝାଯିବ ଯେ ନୈତିକ ଦୃଷ୍ଟିରେ ଯାହା ସତ୍ୟ ଓ ପାଳନୀୟ ତାହା ଅଧ୍ୟାତ୍ମ-ଦୃଷ୍ଟିରେ ସତ୍ୟ ଓ ପାଳନୀୟ ନହୋଇପାରେ ।

(କ୍ରମଶଃ)

❑❑❑

# ଦ୍ୱୈତସତ୍ତା

## ଶ୍ରୀଅରବିନ୍ଦ

ଏକହିଁ ଶରୀରେ ମୋର ଦୁଇ ସତ୍ତା ବିରାଜିତ ।
ପଶ୍ଚାତୁଁ ପୁରୁଷ କରେ ପ୍ରକୃତିକୁ ନିରୀକ୍ଷଣ
ଦୀପ୍ତ ବାହ୍ୟସତ୍ତା ସହ ପୁରୋଭାଗେ କ୍ରୀଡ଼ାରତ,
କାଳ-ଜନ୍ମା ଜୀବ ଏକ ବହି ମନ ମାନବର ।

ଆକାଶ, ସାଗର ସମ ଶାନ୍ତ, ସୀମାହୀନ,
ପୁରୁଷ ଜାଣେ ସେ ନିଜେ ଶାଶ୍ୱତ ତନୟ ।
ବିଶାଳ ଭାସ୍ୱର ମନ, ବିମୁକ୍ତ ହୃଦୟ;
ଏଷଣା ତାଙ୍କର ପ୍ରଭୁତ୍ୱର ରାଜଦଣ୍ଡ ।

କ୍ଷୁଦ୍ରସତ୍ତା ପ୍ରକୃତିର ଆବେଗେ ଚାଳିତ,
ଚିନ୍ତାଶୀଳ ତ୍ରୁଟି ମଧ୍ୟେ ଶିଖେ ନରଧର୍ମ;
ଲଭି ସର୍ବଜ୍ଞାନ, ସେ ମହାନେ କର ସମର୍ପଣ
ତାଙ୍କ ମନ ଏବଂ ପ୍ରାଣ, ମୁକୁର ଓ ମୁଖାଟିଏ ପରି ।

ସତେ ବା ବିଗ୍ରହ ଏକ ପ୍ରତୀକ ନୃତ୍ୟର
ଅନ୍ତରାଳେ କ୍ରୀଡ଼ା ଚାଲେ ସର୍ବଜ୍ଞ ଓ ଅଜ୍ଞତାର ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Dual Being"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଦ୍ୱୀପାନ୍ତରର କଥା
## (ଷଷ୍ଠ ପରିଚ୍ଛେଦ)
## ବାରୀନ୍ଦ୍ର କୁମାର ଘୋଷ

### ଉପେନ୍‌ର କଥା – ଧର୍ମଘଟ
### (୫)

ଜେଲଖାନାର ପ୍ରକୃତ ରୂପ ଯେପରି ସେହିଦିନ ଆମ ଆଖିରେ ଫୁଟି ଉଠିଲା । ବଞ୍ଚି ରହି ଦେଶକୁ ଫେରିବାର ଆଉ କୌଣସି ଆଶା ଆମର ତ ନାହିଁ – କେହି ଫାଶୀ ପାଇ ମରିବ, କେହି ବା ପାଗଳ ହୋଇ ମରିବ । ଆଉ ଯଦି ମରିବାକୁ ହେବ ତେବେ ଆଉ ସ୍ୱହସ୍ତରେ ଏଇ ଯନ୍ତ୍ରଣାର ବୋଝ ଉଠାଇବା କାହିଁକି ? ପ୍ରାୟ ସମସ୍ତେ ହିଁ ସ୍ଥିର କଲେ ଯେ ଯେତେ ଦିନ ଯାଏ ଆମ ପାଇଁ କୌଣସି ବିଶେଷ ବ୍ୟବସ୍ଥା କରା ନଯାଏ, ସେତେ ଦିନ ପର୍ଯ୍ୟନ୍ତ କାମ ଦାମ ହେବ ନାହିଁ । ଏ ଦିଗରେ ଆମେ ଚରମ କଥା ଶୁଣାଇ ଦେଇ କପାଳକୁ ଆଦରି ମୃତବତ୍ ରହିଲୁ, ଅନ୍ୟ ଦିଗରେ କର୍ତ୍ତୃପକ୍ଷ ମଧ୍ୟ ତାଙ୍କର ତୁଣୀରରୁ ଚୋଖା ଚୋଖା ବାଣ ଛାଡ଼ିବାକୁ ଆରମ୍ଭ କଲେ ।

ବେଶ୍ ଏକରକମର ଗଜ-କଚ୍ଛପର ଯୁଦ୍ଧ ଆରମ୍ଭ ହେଲା । ଏହାର କିଛିଦିନ ପୂର୍ବରୁ ଚୁଁଚୁଡ଼ାର ନନିଗୋପାଳ ଏବଂ ଡାକ୍ତାର ପୁଲିନ୍‌ବାବୁ ପ୍ରଭୃତି ତିନି, ଚାରି ଜଣ ଆସି ପହଞ୍ଚିଥିଲେ । ନନିଗୋପାଳ ଛୋଟ ବୟସର ହେଲେ ବି ତାକୁ ଘଣା ପେଲିବା ଭଳି କଠୋର କାର୍ଯ୍ୟ ଦିଆଗଲା । ସେ ବି ବାଧ୍ୟ ହୋଇ ଧର୍ମଘଟରେ ଯୋଗ ଦେଲା । ଅନ୍ୟ ସମସ୍ତ କଏଦୀଙ୍କ ଠାରୁ ଅଲଗା କରି ଆମକୁ ପୃଥକ୍ ଏକ ବ୍ଲକ୍‌ରେ ବନ୍ଦ ରଖି କର୍ତ୍ତୃପକ୍ଷ ଆମ ପାଇଁ ବଛା ବଛା ପଠାଣ ପ୍ରହରୀ ନିଯୁକ୍ତ କଲେ । ଖାଦ୍ୟର ପରିମାଣ ଆହୁରି କମାଇ ଦିଆଗଲା; ଏବଂ ଯେପରି ଆମେ ପରସ୍ପର ସହିତ କୌଣସି ପ୍ରକାରର କଥାବାର୍ତ୍ତା କରି ନ ପାରୁ ସେ ବିଷୟରେ ବି ସତର୍କତାର ଅଭାବ ନ ଥିଲା । ପାଇଖାନାକୁ ଯାଇ ହୁଏତ କଥା କହିବୁ, ସେଥିଲାଗି ସାମନାରେ ପ୍ରହରୀ ଛିଡ଼ା ହୋଇ ରହିଥାଏ । କିନ୍ତୁ ବନ୍ଧନକୁ ଶକ୍ତ ଭାବେ ବାନ୍ଧିବାକୁ ଗଲେ ଅନେକ ସମୟରେ ଛିଣ୍ଡିଯାଏ, ଆଉ ଆଇନ ପ୍ରତି ଯେଉଁମାନଙ୍କର ଭକ୍ତି ନାହିଁ, କେବଳ ଭୟ ଦେଖାଇ ସେମାନଙ୍କୁ ଆଇନ ଅନୁସାରେ ଚଳାଇବାକୁ ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର ।

ଆମେ ପ୍ରଧାନତଃ ତିନୋଟି ଜିନିଷ ଚାହିଁଲୁ – ଭଲ ଖାଇବା, ପିନ୍ଧିବା, ପରିଶ୍ରମରୁ ଅବ୍ୟାହତି ଏବଂ ପରସ୍ପର ସହ ମିଳାମିଶାର ସୁବିଧା ।

ମଝିରେ ମଝିରେ ଆମ ପ୍ରତ୍ୟେକଙ୍କୁ ଚାରି, ପାଞ୍ଚଟି କୋଠରି ଅନ୍ତରରେ ରଖି ବନ୍ଦ କରାହେଲା । ଫଳରେ କଥାବାର୍ତ୍ତା ପୂର୍ବରୁ ଧୀରେ ଧୀରେ ହେଉଥିଲା, ବର୍ତ୍ତମାନ ଚିତ୍କାର କରି କଥା ହେବାକୁ ଲାଗିଲୁ । ହାତକଡ଼ିରେ ବାନ୍ଧି ରଖିଲେ ବି ମଣିଷର ମୁହଁ ତ ଆଉ ବନ୍ଦ କରାଯାଇ ପାରେନା । କର୍ତ୍ତୃପକ୍ଷଙ୍କର ଯେପରି ସାପ ଚୁଚୁନ୍ଦ୍ରା ଧରିବା ପରି ଅବସ୍ଥା ହେଲା । ସୁନାମ ବା Prestigeର ଖାତିରରେ ଆମର ଦାବି ଶୁଣିବାକୁ ଯେପରି ବେଳ ନାହିଁ, ଆଉ ସେପଟେ ଧର୍ମଘଟ ବି ଭାଙ୍ଗେ ନାହିଁ । ଏମିତି ସମୟରେ ଆମର ନୂତନ ସୁପରିନ୍‌ଟେଣ୍ଡେଣ୍ଟ୍ ବଦଳି ହୋଇ ପୁରାତନ ସୁପରିନ୍‌ଟେଣ୍ଡେଣ୍ଟ୍ ଫେରି ଆସିଲେ । ତାଙ୍କ ପରାମର୍ଶରେ ଚିଫ୍ କମିଶନର ଆମର କେତେ ଜଣଙ୍କୁ ସହଜ କାର୍ଯ୍ୟ ଦେଇ ଜେଲ ବାହାରକୁ ପଠାଇ ଦେବାର ବ୍ୟବସ୍ଥା କଲେ । ଆମେ କହିଲୁ ଯେ, ସମସ୍ତଙ୍କୁ ଯଦି ଜେଲ ବାହାରକୁ ପଠାଯାଏ, ତା'ହେଲେ ଆମେ ବାହାରେ କାର୍ଯ୍ୟ କରିବାକୁ ସ୍ୱୀକାର କରିବୁ, ନଚେତ୍ ପୁନରାୟ ଜେଲକୁ ଫେରି ଆସିବୁ ।

ପ୍ରାୟ ଦଶ, ବାର ଜଣଙ୍କୁ ନଡ଼ିଆ ଗଛର ପହରାବାଲା କରି ସେସବୁର ଦେଖାଶୁଣା ପାଇଁ ବାହାରକୁ ପଠାଗଲା । ନଡ଼ିଆ ଗଛ ସରକାରୀ ସମ୍ପତ୍ତି । ସେଥିରୁ ଯେପରି ନଡ଼ିଆ ଚୋରି ହୋଇ ନଯାଏ ତାହା ଦେଖିବା ପ୍ରହରୀର କାର୍ଯ୍ୟ । କାମ ଖୁବ୍ ସହଜ, କିନ୍ତୁ ସମସ୍ତଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ରଖା ହେଲା, ଯେପରି ପରସ୍ପରର ପଛପଟ କେବଳ ଦେଖାଯିବ ।

ଜେଲଖାନାରେ କିନ୍ତୁ ଧର୍ମଘଟ ଚାଲୁ ରହିଲା । ନନ୍ଦ ଗୋପାଳ ଏବଂ ନନିଗୋପାଳଙ୍କୁ କିଛିଦିନ ପରେ ଭାଇପାର ଦ୍ୱୀପରେ ଗୋଟିଏ ଛୋଟ ଜେଲକୁ ବଦଳି କରାହେଲା । ସେଠାକୁ ଯାଇ ନନିଗୋପାଳ ଆହାର ତ୍ୟାଗ କଲା । ଜେଲର ସମସ୍ତଙ୍କୁ ଯେ ବାହାରକୁ ପଠାଇବାର କଥା ଥିଲା, ତାହା ଆଉ କାର୍ଯ୍ୟରେ ପରିଣତ ହେଲା ନାହିଁ ।

ଏପଟେ ଯେଉଁମାନଙ୍କୁ ଜେଲ ବାହାରକୁ କାମ କରିବାକୁ ପଠାଯାଇଥିଲା, ସେମାନେ ସମସ୍ତେ ଏକଜୁଟ ହୋଇ କର୍ମ ତ୍ୟାଗ କଲେ । ପରସ୍ପରର ଠିକଣାର ସନ୍ଧାନ ନେଇ ଧର୍ମଘଟର ଆୟୋଜନ କରିବାକୁ ପ୍ରାୟ ଏକ ମାସ ଅତିବାହିତ ହୋଇଗଲା । ତିନି ମାସର ଶାସ୍ତି ପାଇ ସେମାନେ ଯେତେବେଳେ ଜେଲକୁ ଫେରି ଆସିଲେ, ସେତେବେଳେ ଦେଖାଗଲା ଯେ ଜେଲଖାନାର ଧର୍ମଘଟ ପ୍ରାୟ ଭାଙ୍ଗି ଯାଇଛି । ନିରାଶ ହୋଇ ଅଧିକାଂଶ ହିଁ କାମ କରିବାକୁ ଆରମ୍ଭ କରି ଦେଇଛନ୍ତି । ନନିଗୋପାଳକୁ ଚାରିଦିନ ଅନଶନ ପରେ ଜେଲକୁ ଫେରାଇ ଅଣାହେଲା; ତା'ର ନାକରେ ରବରର ନଳି ପୂରାଇ ଅଳ୍ପ ଅଳ୍ପ ଦୁଗ୍ଧ ପାନର ବ୍ୟବସ୍ଥା କରାଗଲା, କାଳେ ସେ ମରିଗଲେ କର୍ତ୍ତୃପକ୍ଷର ବଦନାମ ହେବ । ପରେ ସେ ଧର୍ମଘଟର କର୍ମ ଭୋଗର ବୋଝ ନନିଗୋପାଳ, ବୀରେନ୍ ପ୍ରଭୃତି ଦୁଇ, ତିନି ଜଣ ପିଲାଙ୍କୁ ବୋହିବାକୁ ହୁଏ । ଶାସ୍ତି ପରେ ଶାସ୍ତି ପାଇ, ବିଫଳ ମନୋରଥ ହୋଇ ଜଣ ଜଣ କରି ସମସ୍ତେହିଁ ଧର୍ମଘଟ ଛାଡ଼ିଲେ; ଶେଷରେ ଏକା ନନିଗୋପଳ ଯେପରି ମରଣପଣ କରି ବସି ରହିଲା ।

ଦିନ ପରେ ଦିନ କଟିଗଲା, ନନିଗୋପାଳ କଙ୍କାଳ ପରି ଶୀର୍ଣ୍ଣ ହୋଇପଡ଼ିଲା; କିନ୍ତୁ ନିଜର ଜିଦ୍ ଛାଡ଼ିଲା ନାହିଁ । ଯେତେବେଳେ ସେ ଦେଢ଼ ମାସରୁ ଅଧିକ କାଳ ଅନଶନକ୍ଲିଷ୍ଟ, ସେତେବେଳେ ବି ତାକୁ ଛିଡ଼ା କରାଇ ହାତକଡ଼ିରେ ଝୁଲାଇ ରଖିବାକୁ କର୍ତ୍ତୃପକ୍ଷ ସଙ୍କୋଚ ବୋଧ କରି ନଥିଲେ । ଫଳରେ ଦେଖୁ ଦେଖୁ ପୁଣି ଅନଶନର ବ୍ରତ ଚାରିଆଡ଼େ ବ୍ୟାପୀ ଗଲା ଏବଂ କର୍ତ୍ତୃପକ୍ଷଙ୍କର ଶତ ସାବଧାନତା ସତ୍ତ୍ୱେ ଇନ୍ଦୁଭୂଷଣ, ଉଲ୍ଲାସକର ଓ ନନିଗୋପାଳର କଥା ଦେଶର କାନରେ ଆସି ପହଞ୍ଚିଗଲା । ସମ୍ବାଦପତ୍ରରେ ସେଇସବୁ ବିଷୟ ଆଲୋଚନା ହେବା ଫଳରେ ଗଭର୍ଣ୍ଣମେଣ୍ଟ ଡାକ୍ତର ଲୁକିସ୍ ସାହେବଙ୍କୁ ତଦନ୍ତ ନିମନ୍ତେ ପୋର୍ଟବ୍ଲେୟାରକୁ ପଠାଇଲେ । ଲୁକିସ୍ ସାହେବର ରିପୋର୍ଟ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ, କିନ୍ତୁ ତାଙ୍କର ରିପୋର୍ଟ ଫଳରେ ଉଲ୍ଲାସକରକୁ ମାନ୍ଦ୍ରାଜର ପାଗଳ ଗାରଦକୁ ପଠାଇ ଦିଆଗଲା ଏବଂ ଅନ୍ୟ ସମସ୍ତେ ଅଳ୍ପଦିନ ପାଇଁ ଟିକିଏ ଶ୍ୱାସରୁଦ୍ଧ ଅବସ୍ଥାରୁ ବଞ୍ଚି ଗଲେ ।

ନନିଗୋପାଳକୁ ଅନେକ ବୁଝାଇ ସୁଝାଇ ତା'ର ବନ୍ଧୁବାନ୍ଧବମାନେ ଖାଦ୍ୟ ଖାଇବାକୁ ରାଜି କରାଇଲେ, ଏହାର ଅଳ୍ପଦିନ ପରେହିଁ ଯେଉଁମାନେ ତିନି ମାସ ଶାସ୍ତି ନେଇ ଜେଲଖାନାକୁ ଆସିଥିଲେ, ସେମାନଙ୍କ ସମୟ ବିତି ଯିବାରୁ ସେମାନଙ୍କୁ ପୁଣି ଜେଲର ବାହାରକୁ ପଠାଇ ଦିଆଗଲା ।

ଧର୍ମଘଟର ପ୍ରଥମ ପର୍ବ ଏହିଠାରେ ସମାପ୍ତ ହେଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ୍ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

— ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୭)


## ଗୟାଧର ଦାଶ


*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ବୈଦିକ ଓ ଉପନିଷଦ୍ ଯୁଗୀୟ ଶିକ୍ଷା

ବେଦରେ ଶିକ୍ଷା ଶବ୍ଦଟି ବିନୟ ଓ ପ୍ରବୋଧ (Prabodha) ଅର୍ଥରେ ବ୍ୟବହୃତ ହୋଇଛି । ବିନୟର ଅର୍ଥ ହେଲା ଅନ୍ତରସ୍ଥ ଶକ୍ତିରାଜିର ବହିଷ୍କରଣ ବା ଉଦ୍‌ଘାଟନ ଏବଂ ପ୍ରବୋଧର ଅର୍ଥ ହେଲା ଜାଗ୍ରତ୍ କରିବା, ସଚେତନ କରାଇବା ଏବଂ ଶିଶୁର ସର୍ବାଙ୍ଗୀନ ବିକାଶ ସାଧନ କରିବା । ଏହି ଶିକ୍ଷା ଶବ୍ଦଟି ଉପନିଷଦ୍‌ରେ ବିଦ୍ୟା ଅର୍ଥରେ ବ୍ୟବହୃତ ହୋଇଛି । ଉପନିଷଦ୍ କହେ 'ସା ବିଦ୍ୟା ଯା ବିମୁକ୍ତୟେ' । ତାହାହିଁ ବିଦ୍ୟା ଯାହା ଆମକୁ ମୁକ୍ତି ଦିଏ । ସକଳ ଅଜ୍ଞାନତା, ଅସାମର୍ଥ୍ୟ, ସଂକୀର୍ଣ୍ଣତା, ବିଭେଦତା, ସୀମିତତା, ଅପୂର୍ଣ୍ଣତା ତଥା ସକଳ ବନ୍ଧନ ଓ ଅହଂରୁ ମୁକ୍ତିହିଁ ବିଦ୍ୟାର ଲକ୍ଷ୍ୟ । ପରାବିଦ୍ୟା ସତ୍ୟର ପ୍ରତ୍ୟକ୍ଷ ଜ୍ଞାନ ଓ ଅପରାବିଦ୍ୟା ସତ୍ୟର ପରୋକ୍ଷ ଜ୍ଞାନ ପ୍ରଦାନ କରିଥାଏ । ଏତତ୍ ବ୍ୟତୀତ ଉପନିଷଦ୍ ଓ ବ୍ରାହ୍ମଣରେ ଶିକ୍ଷାର ଅର୍ଥ ଅଧ୍ୟୟନ ବୋଲି ଗ୍ରହଣ କରାଯାଇଛି ଯାହାର ଅର୍ଥ ହେଲା ଗୁରୁ ବା ସତ୍ୟର ନିକଟକୁ ଯିବା । ସୁତରାଂ ବେଦ ଓ ଉପନିଷଦ୍‌ର ଶିକ୍ଷା ବିଶେଷତଃ ଆତ୍ମ-ଉପଲବ୍ଧି, ଆତ୍ମ-ପରିପୂର୍ଣ୍ଣତାକୁ ବୁଝାଏ । ସେଥିପାଇଁ ଅଥର୍ବ ବେଦ (୮.୧.୬)ରେ କୁହାଯାଇଛି ଯେ ହେ ମନୁଷ୍ୟ ! 'ତେ ଉଦ୍‌ଯାନମ୍' ଅର୍ଥାତ୍, ଉତ୍ଥାନ ପାଇଁ ତୁମେ ମନୁଷ୍ୟ ଜୀବନ ପାଇଛ । 'ନ ଅବଯାନମ୍' ଅର୍ଥାତ୍, ଅବନତି ନିମନ୍ତେ ନୁହେଁ । ବିକଶିତ ହେବା ମନୁଷ୍ୟର ଜନ୍ମଗତ ଅଧିକାର । 'ଜୀବତୁଂ ତେ ଦକ୍ଷତାତିଂ କୃଣୋମି' ଅର୍ଥାତ୍ – ତୁମକୁ ସ୍ଫୂର୍ତ୍ତିଦାୟକ ଜୀବନ ଧାରଣର ସକଳ ସୁଯୋଗ ପ୍ରଦାନ କରାଯାଇଛି । ମୋକ୍ଷ ପ୍ରାପ୍ତି ପର୍ଯ୍ୟନ୍ତ ତୁମର ଜୀବନ ଉନ୍ମୁକ୍ତ । ଇତର ଜନ୍ତୁଠାରେ ସେହି ସୁ-ଅବସର ଅଲଭ୍ୟ । ସୁତରାଂ ବୈଦିକ ଓ ଉପନିଷଦୀୟ ଯୁଗର ଶିକ୍ଷା ଆତ୍ମାଭିମୁଖୀ ସହ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା । ଗୁରୁ-ଶିଷ୍ୟ ପରମ୍ପରାଟି ଉଚ୍ଚକୋଟୀର ଥିଲା । ଶ୍ରଦ୍ଧା, ଉପାସନା ଓ ଯୋଗ ସାଧନା ମାଧ୍ୟମରେ ତଥା ଗୁରୁଙ୍କର ପ୍ରତ୍ୟକ୍ଷ ସାହଚର୍ଯ୍ୟ ଓ ପ୍ରଭାବ ଦ୍ୱାରା ଶିକ୍ଷାର ମାନଦଣ୍ଡଟି ସୁଦୃଢ଼ ହୋଇ ପାରୁଥିଲା । ଗୁରୁ ଓ ଶିଷ୍ୟ ଉଭୟ ଥିଲେ ଶିକ୍ଷାର୍ଥୀ । ଭଗବାନ୍ ବା ପରମ ସତ୍ୟ ଓ ଶିଷ୍ୟ ମଧ୍ୟରେ ଗୁରୁ ଥିଲେ ଏକ ମାଧ୍ୟମ (Channel) ବା ଯୋଗସୂତ୍ର ।

ବୈଦିକ ଓ ଉପନିଷଦୀୟ ଯୁଗରେ ଚାରୋଟି ବର୍ଣ୍ଣ ବ୍ୟବସ୍ଥା ଥିଲା ଯଥା – ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ସିନ୍ଧୁ ଉପତ୍ୟକାରେ ଗଢ଼ି ଉଠିଥିବା ସେ ସମୟରେ ଆର୍ଯ୍ୟ ସଭ୍ୟତାରେ ଏହି ଚାରୋଟି ବର୍ଣ୍ଣ ବ୍ୟବସ୍ଥା ରହିଥିବା ସତ୍ତ୍ୱେ କେବଳ ଶୂଦ୍ର ବର୍ଣ୍ଣର ପିଲାମାନେ ଗୁରୁକୁଳ ଶିକ୍ଷାରୁ ବଞ୍ଚିତ ହେଉଥିଲେ । ସେଥିପାଇଁ ସମାଜରେ ଉଭୟ ଆନୁଷ୍ଠାନିକ (Formal) ଓ ଅଣ-ଆନୁଷ୍ଠାନିକ (Non-formal) ଶିକ୍ଷା ପ୍ରଚଳିତ ଥିଲା । ସୁତରାଂ ଯେଉଁ ପିଲାମାନେ ଗୁରୁକୁଳ ଶିକ୍ଷାରୁ ବଞ୍ଚିତ ହେଉଥିଲେ ସେମାନଙ୍କୁ ଘର, ମନ୍ଦିର, ପାଠଶାଳା, ଚତୁଷ୍ପାଠୀ ଆଦି ବିଭିନ୍ନ ସ୍ଥାନରେ ଶିକ୍ଷା ଦିଆ ଯାଉଥିଲା । ଯେଉଁମାନେ ଗୁରୁକୁଳରୁ ଶିକ୍ଷା ପାଇ ଗାର୍ହସ୍ଥ୍ୟ ଜୀବନଯାପନ କରିବାକୁ ସମାଜକୁ ଫେରି ଆସନ୍ତି ସେମାନେ ମଧ୍ୟ ଏପରି ଶିକ୍ଷାଦାନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଗୁରୁକୁଳରେ ମୁଖ୍ୟତଃ ସଂସ୍କୃତ ଭାଷା ବ୍ୟବହାର କରାଯାଉଥିଲା ଯାହା ବେଦାଧ୍ୟୟନରେ ସହାୟକ ହେଉଥିଲା । ସେଠାରେ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ନଥିଲା କି ଶିକ୍ଷା ସମାପ୍ତ ହେବା ପରେ କୌଣସି ପ୍ରମାଣ ପତ୍ର ମଧ୍ୟ ମିଳୁ ନଥିଲା । କାରଣ ଶିକ୍ଷାର ଯୋଗ୍ୟତା ପ୍ରମାଣ ପତ୍ର ନୁହେଁ, ବରଂ ସ୍ୱୟଂ ଶିକ୍ଷାର୍ଥୀ । ଶିଷ୍ୟ ଯାହା ଶିକ୍ଷା କରିଥାଏ ତାହାକୁ ଜୀବନରେ ପ୍ରୟୋଗ କରିବାର ସୁଯୋଗ ପାଏ ଏବଂ ନିଜର ଆଚରଣ ଓ ଉଚ୍ଚାରଣ ଦ୍ୱାରା ସମାଜର ମଙ୍ଗଳ ନିମନ୍ତେ ସେବା ମନୋବୃତ୍ତି ନେଇ କର୍ମ କରିବାହିଁ ଜୀବନ ଧାରଣର ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଥାଏ । ଧୀରେ ଧୀରେ ଆତ୍ମଶୁଦ୍ଧି ଘଟେ ଏବଂ ଏହା ବିଶ୍ୱଶୁଦ୍ଧିର ପ୍ରଥମ ପଦକ୍ଷେପ ରୂପେ କାର୍ଯ୍ୟ କରେ । ଏତତ୍ ଦ୍ୱାରା ସମାଜରେ ଐକ୍ୟ ଓ ଶାନ୍ତି ପ୍ରତିଷ୍ଠା ହୁଏ ।

ଗୁରୁକୁଳ ଶିକ୍ଷା ଏକ ମହାନ୍ ଆଦର୍ଶର ପରମ୍ପରା ଉପରେ ପ୍ରତିଷ୍ଠିତ ଥିଲା । ଏହା ବିଶେଷତଃ ବ୍ୟକ୍ତି ଆତ୍ମାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛି; କିନ୍ତୁ ସମାଜ ଓ ଜଗତ୍ ଆତ୍ମାର ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ନାହିଁ । ବ୍ୟକ୍ତି, ସମାଜ ଓ ଜଗତ୍ ଏହି ତିନୋଟି ଗୋଟିଏ ସୂତ୍ରରେ ବନ୍ଧା । ଜଣେ ଅନ୍ୟକୁ ନେଇ ବଢ଼େ । କେହି କାହାରିକୁ ଛାଡ଼ି ଦେଇ ଚାଲି ଯାଏନା । ଜଣେ ଅନ୍ୟକୁ ଲୋଡ଼ି ପରିପୂର୍ଣ୍ଣତା ହାସଲ କରିଥାଏ । ସଂସାର ତ୍ୟାଗୀ ଶିକ୍ଷା ଯଥାର୍ଥ ଶିକ୍ଷା ନୁହେଁ । ସତ୍ୟ ଚେତନାର କ୍ରମ ବିକାଶଧାରା ହେଉଛି ଯଥାର୍ଥ ଶିକ୍ଷା । ସେହି ସମୟରେ ସତ୍ୟ-ଚେତନାକୁ ଜାଣିବା ଓ ଉପଲବ୍ଧି କରିବା ଦିଗରେ ଶିକ୍ଷା ଏକ ଦିବ୍ୟ ସାଧନ ରୂପେ କାର୍ଯ୍ୟ କରୁଥିଲା ।

**ବ୍ରାହ୍ମଣ୍ୟ ଯୁଗୀୟ ଶିକ୍ଷା**

ବେଦର ତିନୋଟି ଉପଶାଖା ବା ବିଭାଗ ରହିଛି । ଯଥା – ସଂହିତା, ବ୍ରାହ୍ମଣ ଓ ଆରଣ୍ୟକ । ସଂହିତା ହେଉଛି ସଂଗୃହୀତ ବା ସଂକଳନ ଗ୍ରନ୍ଥ । ବେଦର ମନ୍ତ୍ର ସମଷ୍ଟିକୁ ମଧ୍ୟ ସଂହିତା କୁହାଯାଏ । ଋଗ୍‌ବେଦରେ ଦେବତାଙ୍କ ଉଦ୍ଦେଶ୍ୟରେ ମନ୍ତ୍ରମାନ ରହିଛି । ସେହି ମନ୍ତ୍ରର ଅର୍ଥ କ'ଣ ଏବଂ ତାହା କେଉଁ କାର୍ଯ୍ୟରେ ବିନିଯୁକ୍ତ କରିବାକୁ ହେବ ତାହା ବୁଝାଇବା ପାଇଁ ଯେଉଁ ଗ୍ରନ୍ଥ ରଚିତ ହୋଇଛି, ତାହାକୁ ବ୍ରାହ୍ମଣ କୁହାଯାଏ । ମହର୍ଷି ପତଞ୍ଜଳିଙ୍କ ଭାଷାରେ – ''ବେଦଜ୍ଞ ବ୍ରହ୍ମବିଦ୍ ମହର୍ଷିଗଣ ବେଦମନ୍ତ୍ରର ଯେଉଁ ବ୍ୟାଖ୍ୟାନ କରିଛନ୍ତି ତାହାକୁ 'ବ୍ରାହ୍ମଣ' କୁହାଯାଏ ।'' ଏହି ବ୍ରାହ୍ମଣ ଭାଗଟି ବେଦର କର୍ମକାଣ୍ଡ ଅନ୍ତର୍ଭୁକ୍ତ । ଧାର୍ମିକ କ୍ରିୟାପଦ୍ଧତି, ଯଜ୍ଞାନୁଷ୍ଠାନ, ପୂଜା, ଉପାସନା କିପରି ସଠିକ୍ ଭାବେ କରାଯାଇ ପାରିବ ତାହାର ଉପାୟ ବା ପନ୍ଥା କର୍ମକାଣ୍ଡରେ ନିହିତ । ଏହା ମଧ୍ୟ ସ୍ୱୀକୃତ ଯେ ଯେଉଁ ବ୍ୟକ୍ତି ସଜ୍ଞାନ ଓ ନିଷ୍ଠାର ସହ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରେ ସେ ଏକ ଦୀର୍ଘ ଓ ସୁଖମୟ ଜୀବନ ବଞ୍ଚିଥାଏ ଏବଂ ସ୍ୱର୍ଗରେ ସ୍ଥାନ ପାଇଥାଏ । ଏପରିକି ସେହି ବ୍ୟକ୍ତି ବିଶ୍ୱଶକ୍ତିମାନଙ୍କୁ ଯଜ୍ଞ, ତପ ଦ୍ୱାରା ଗତିଶୀଳ କରାଇବାରେ ସମର୍ଥ ହୋଇଥାଏ ଏବଂ ସେହି ଅନୁସାରେ ବାଞ୍ଛିତ ଫଳ ମଧ୍ୟ ପାଇଥାଏ । ସେଥିପାଇଁ ବୈଦିକ ଯୁଗରେ କର୍ମକାଣ୍ଡର ପ୍ରାଧାନ୍ୟ ଅଧିକ ଥିଲା ଏବଂ ସମୟାନୁକ୍ରମେ ଏହି ଧାର୍ମିକ କ୍ରିୟା ପଦ୍ଧତି ତଥା ଯଜ୍ଞ-କ୍ରିୟା ରୀତି ଓ ପଦ୍ଧତିକୁ ସମାଜରେ ଅଧିକ ଗୁରୁତ୍ୱ ଦିଆଗଲା । ପୂଜା, ଉପାସନା, ପ୍ରାର୍ଥନା, ଯଜ୍ଞକ୍ରିୟା ଆଦିରେ ମନ୍ତ୍ର ବା ଶ୍ଳୋକମାନଙ୍କୁ କିପରି ଭାବେ କେଉଁ ଦେବତାଙ୍କ ପ୍ରୀତ୍ୟର୍ଥେ ଉପଯୋଗ କରାଯାଇପାରିବ ସେ ପ୍ରକାର ରୀତି-ପଦ୍ଧତି 'ବ୍ରାହ୍ମଣ' ନାମରେ ପରିଗଣିତ ହେଲା । ଏହିପରି ଭାବେ ଧାର୍ମିକ କ୍ରିୟା ପଦ୍ଧତି ଓ ଯଜ୍ଞକ୍ରିୟା ଆଦି ବାଞ୍ଛିତ ଲକ୍ଷ୍ୟ ହାସଲ ନିମିତ୍ତ ମନୁଷ୍ୟର ଜୀବନକୁ ଗତିଶୀଳ କଲା । ଯେଉଁମାନେ ନିର୍ଦ୍ଦିଷ୍ଟଭାବେ ଏହି ଯଜ୍ଞକାର୍ଯ୍ୟ, ପୂଜା, ଉପାସନା ଆଦିରେ ବ୍ରତୀ ହେଲେ ସେମାନେ ବ୍ରାହ୍ମଣ ଭାବେ ପରିଗଣିତ ହେଲେ । ଧୀରେ ଧୀରେ ତାହା ଏକ ଜାତିରେ ପରିଣତ ହେଲା । ସମାଜରେ ବ୍ରାହ୍ମଣମାନଙ୍କର ଆଧିପତ୍ୟ ବଢ଼ିଗଲା । ସେହି ସମୟରେ ଯଦିଓ ଉପନିଷଦୀୟ ଶିକ୍ଷା ବଳବତ୍ତର ଥିଲା ତଥାପି ଧାର୍ମିକ କ୍ରିୟାନୁଷ୍ଠାନ ସମାଜରେ ବ୍ୟାପକ ହେବାରୁ ଶିକ୍ଷାଟି ଧର୍ମାଭିମୁଖୀ ହେଲା । ଉପନିଷଦୀୟ ଯୁଗର ଶିକ୍ଷା ବିଶେଷତଃ ତତ୍ତ୍ୱାଭିମୁଖୀ, ଜ୍ଞାନ ସମ୍ବଳିତ ଥିଲା ଏବଂ ମୁକ୍ତି ବା ମୋକ୍ଷପ୍ରାପ୍ତି ଶିକ୍ଷାର ଅନ୍ତିମ ଲକ୍ଷ୍ୟ ଥିଲା । ସେତେବେଳେ ମିଥିଳା ରାଜ୍ୟଟି ଶିକ୍ଷାର କେନ୍ଦ୍ରସ୍ଥଳ ଥିଲା । ଏହା ବିଦେହ ନାମରେ ପରିଚିତ ଥିଲା । ରାଜା ଜନକଙ୍କ ଦରବାରରେ ଜ୍ଞାନଚର୍ଚ୍ଚା ହେଉଥିଲା ଏବଂ ଜ୍ଞାନୀ, ମୁନି ଋଷିମାନେ ଏହି ଚର୍ଚ୍ଚାରେ ଭାଗ ନେଉଥିଲେ । ଉପନିଷଦୀୟ ଯୁଗର ଋଷି କପିଳ ସାଂଖ୍ୟଦର୍ଶନ, ପତଞ୍ଜଳି ଯୋଗଦର୍ଶନ ଗୌତମ ନ୍ୟାୟଦର୍ଶନ, କଣାଦ ବୈଶେଷିକ ଦର୍ଶନ ଓ ଜୈମିନି ମୀମାଂସା ଦର୍ଶନର ପ୍ରଣେତା ଥିଲେ । ଏତଦ୍ ବ୍ୟତୀତ ଅନେକ ଦର୍ଶନତତ୍ତ୍ୱର ପ୍ରଣେତା ଋଷିମାନେ ହିଁ ଥିଲେ । ବ୍ରାହ୍ମଣ୍ୟ ଯୁଗରେ ଯଦିଓ ଜ୍ଞାନଚର୍ଚ୍ଚା ହେଉଥିଲା ତଥାପି ଶିକ୍ଷାଟି ଧୀରେ ଧୀରେ ବେଶୀ ମାତ୍ରାରେ କର୍ମ ଓ ଧର୍ମାଭିମୁଖୀ ହେଲା । ସମାଜରେ କର୍ମକାଣ୍ଡର ପ୍ରାଧାନ୍ୟ ରହିଲା ଏବଂ ବେଶୀ ମାତ୍ରାରେ ପୂଜା, ଉପାସନା, ଯଜ୍ଞାନୁଷ୍ଠାନ, ଧାର୍ମିକ କ୍ରିୟାନୁଷ୍ଠାନ ପ୍ରତି ଲୋକମାନେ ଆକୃଷ୍ଟ ହେଲେ । ଜୀବନଧାରା ମଧ୍ୟ ବଦଳିଗଲା । ଶିକ୍ଷା ପଦ୍ଧତି ବେଶୀ ମାତ୍ରାରେ ଜୀବନଧାରା ସହିତ ସଂପୃକ୍ତ ହେଲା ଏବଂ ବ୍ୟାପକ ହେଲା । ଏହି ସମୟରେ ମଧ୍ୟ ଗୁରୁକୁଳ ଶିକ୍ଷାଟି ବେଶୀ ଲୋକପ୍ରିୟ ଥିଲା ଏବଂ ଶିକ୍ଷାର କେନ୍ଦ୍ରସ୍ଥଳ ରୂପେ ବିଭିନ୍ନ ଆଶ୍ରମ ଓ ବିହାରଗୁଡ଼ିକ କାର୍ଯ୍ୟ କରୁଥିଲେ । ବର୍ଣ୍ଣ ବ୍ୟବସ୍ଥାଟି ଧୀରେ ଧୀରେ ଜାତି ବ୍ୟବସ୍ଥାରେ ପରିଣତ ହେଲା । ତଥାପି ଏକ ସୁସଙ୍ଗଠିତ ଜୀବନ ଓ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ନାରୀ ଶିକ୍ଷାକୁ ପ୍ରୋତ୍ସାହନ ମିଳୁ ନଥିଲା । ସମାଜରେ ନୈତିକ ଶିକ୍ଷା ପ୍ରଚଳିତ ଥିଲା ଏବଂ ଧୀରେ ଧୀରେ

ଜୀବନଧାରାଟି ଅଧିକ କଠୋର ହୋଇ ପଡ଼ିଲା । ରୀତି, ନୀତି, ପ୍ରଥା, ବ୍ରତ, ଉପାସନା, ପୂଜା ଆଦି ଜୀବନଧାରାକୁ ଏକ କଠୋର ବିଧାନ ମଧ୍ୟରେ ବାନ୍ଧି ଦେଇଥିଲା । ଚେତନାର ବିକାଶ ଧାରାରେ ଏହି ସମୟଟି ମଧ୍ୟ ରହିଲା ନାହିଁ । ତେଣୁ ଏକ ମଧ୍ୟମ ପନ୍ଥାର ଆଦର୍ଶକୁ ନେଇ ବୌଦ୍ଧଧର୍ମ ପ୍ରସାରିତ ହେଲା ।

(କ୍ରମଶଃ) ❑

# ଧନ୍ୟ କରିଛ ମାଆ

## ଧର୍ମ କୁମାର ଶତପଥି

ଧନ୍ୟ କରିଛ ମାଆ ମୋତେ ତୁମେ
ନିଜକୁ ଚିହ୍ନାଇ ଦେଇ,
ଖୋଲି ଦେଇଅଛ ପଥ ମୋ ଆଗରେ,
ତୁମ ଦରଶନ ପାଇଁ ।।୧।।

ଧନ୍ୟ ମୁଁ ଆଜି ତୁମ ସାଧନାର
ସହାୟକ ଗ୍ରନ୍ଥ ପଢ଼ି,
ଗଢ଼ିଅଛ ମୋତେ ତୁମ ପୂଜା ପାଇଁ
ଅଭୀପ୍‌ସାର ଟିକି କଢ଼ି ।।୨।।

ପବନେ ଦୋହଲେ ଝାଞ୍ଜିରେ ଝାଉଁଳେ
ତଥାପି ପାଖୁଡ଼ା ମେଲେ,
ତୁମ କରୁଣାର ମୁଗ୍ଧ ପରଶ
ରୂପ ରଙ୍ଗ ବାସ ଭରେ ।।୩।।

ଧନ୍ୟ କରିଛ ତୁମ ସରଜନା
ମଧୁରିମାମୟ ଯାହା,
ହାତ ମୋର ଧରି ଦେଖାଇ ଦେଇଛ
ଦିବ୍ୟ ଜୀବନର ରାହା ।।୪।।

ବିସ୍ମିତ ହୁଏ ବିଶ୍ୱାସେ ଗାଏ
ତୁମ କୀର୍ତ୍ତି ଗୁଣାବଳୀ,
ମୋ ହୃଦୟେ ଆଙ୍କେ ଭିନ୍ନ ଏକ ରାଜ୍ୟ
ଦିବ୍ୟ ଭବ୍ୟ ସ୍ନେହ ଢାଳି ।।୫।।

ତୁମକୁ ବୁଝିବା ତୁମକୁ ଜାଣିବା
ମୋ ପାଇଁ ଅମୃତୋପମ,
ଧନ୍ୟ ମୁଁ ଆଜି ତୁମ ଛବି ଚାହିଁ
ସୁଖ-ଦୁଃଖ ଲାଗେ ସମ ।।୬।।

ତୁମ ଚଲା ପଥେ ଚାଲିଛି, ଚାଲିବି
ନ ପଡ଼ିବି ତିଳେ ଥକି,
ଥକି ଗଲେ ପଥେ ବିଶ୍ୱାସ ରହିଛି
ନେବ ମୋତେ କୋଳେ ଟେକି ।। ୭।। ❑



# ପ୍ରଶ୍ନବାଚୀ ଉତ୍ତର ପ୍ରଦାନର ବିଡ଼ମ୍ବନା

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ପ୍ରଶ୍ନବାଚୀ ଉତ୍ତର ପ୍ରଦାନର ବିଡ଼ମ୍ବନା**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଜଣେ ବନ୍ଧୁଙ୍କ ସହ ଯାଇଥିଲି ଜଣେ ମାନୀଗୁଣୀ ଅଧ୍ୟାପକଙ୍କ ଘରକୁ । ପ୍ରାୟ ଅଧଘଣ୍ଟାଏ ରହିବାକୁ ପଡ଼ିଲା । କଥାବାର୍ତ୍ତା ହେଉଥିଲା ମୋ ବନ୍ଧୁ ଏବଂ ଅଧ୍ୟାପକଙ୍କ ଭିତରେ । ପ୍ରୀତିପ୍ରଦ କଥାବାର୍ତ୍ତା; କିନ୍ତୁ ମୋତେ କାହିଁକି ଅଶ୍ୱସ୍ତି ଲାଗୁଥିଲା । ପରେ ନୀରବରେ ଅନୁଶୀଳନ କରି କାରଣ ହୃଦୟଙ୍ଗମ କଲି ।

ବନ୍ଧୁ ଯେଉଁ ପ୍ରଶ୍ନ ପଚାରୁଥିଲେ ତା'ର ଉତ୍ତର ଅଧ୍ୟାପକ ମହାଶୟ 'ହଁ' କିଂବା 'ନା' ଅଥବା ସିଧା ବିବୃତି ଭାବରେ ନଦେଇ ଆଉ ଗୋଟିଏ ପ୍ରଶ୍ନ ରୂପେ ଦେଉଥିଲେ । ଯୋଡ଼ିଏ ତିନୋଟି ସଂଳାପ ମନେ ଅଛି । ବନ୍ଧୁ ପଚାରିଲେ, ''ଆପଣଙ୍କ ସନ୍ଦର୍ଭ ପଢ଼ିବା ନିମନ୍ତେ ଆପଣ ତେବେ ଦିଲ୍ଲୀ ସେମିନାରକୁ ଯିବେ ?''

ଉତ୍ତର : ''କ'ଣ, ଯାଆନ୍ତି ନାହିଁ ?''

ପ୍ରଶ୍ନ : ''ଆଶା କରେଁ ଆପଣଙ୍କ ଯିବା ଆସିବା ବିମାନ ଖର୍ଚ୍ଚ ସେମାନେ ବହନ କରିବେ ।''

ଉତ୍ତର : ''ଆଉ କ'ଣ କରନ୍ତେ ନାହିଁ ?''

ପ୍ରଶ୍ନ : ''ନୂଆବୋଉଙ୍କୁ ସାଥିରେ ନେଉଛନ୍ତିଟି ?''

ଉତ୍ତର : ''ଆଉ କ'ଣ, ଏଠି ଛାଡ଼ିଦେଇ ଯାଆନ୍ତି ?''

ଏ ତିନୋଟି ଯାକ ପ୍ରଶ୍ନର ସରଳ ଉତ୍ତର ଗୋଟାଏ ଗୋଟାଏ 'ହଁ' ଯୋଗେ ଦିଆଯାଇ ପାରିଥା'ନ୍ତା । ଅଧ୍ୟାପକ କାହିଁକି ପ୍ରଶ୍ନ ଯୋଗେ ଉତ୍ତର ଦେଉଥିଲେ, ତାହାର ହେତୁ ଠାବ କଲେ ଆମେ ବାତାବରଣରେ ଆମ ଅଜାଣତରେ ଯେଉଁ ଅନେକ ପ୍ରକାର ଅଶ୍ୱସ୍ତିର ଉପାଦାନ ସଞ୍ଚାର କରି ପକାଉଁ ତାହା କରନ୍ତୁ ନାହିଁ ।

ଆତ୍ମରକ୍ଷା ଦିଗରେ ପ୍ରୟାସ ଆମ ପ୍ରକୃତିର ସହଜାତ ସ୍ୱତଃସ୍ଫୂର୍ତ୍ତ ଗୁଣ । ବାଲ୍ୟକାଳରେ ଆମକୁ ପ୍ରାୟତଃ ବହୁବାର ଏଭଳି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯାହା ଆମ ସ୍ୱାଧୀନତା ଉପରେ ଆକ୍ରମଣର ନାମାନ୍ତର । ''ଏତେବେଳ ଯାଏ ଯାଇଥିଲୁ କୁଆଡ଼େ ?'' ''ଏ ବହିର ମଲାଟ ଛିଣ୍ଡାଇ ପକାଇଲା କିଏ ?'' ''ତୋତେ ସେ ଝରକା ବନ୍ଦ କରି ଶୋଇବାକୁ କହିଥିଲି ପରା ? କାହିଁକି ଖୋଲା ରଖିଛୁ ?'' ଇତ୍ୟାଦି ଇତ୍ୟାଦି ନରମ ଆକ୍ରମଣ ଆସିଥାଏ ଅଭିଭାବକ ଏବଂ ଶିକ୍ଷକମାନଙ୍କ ପାଖରୁ । ଆଚରଣ ନରମ ହେଲେ ମଧ୍ୟ ଆମକୁ ଆତ୍ମରକ୍ଷା କରିବାକୁ ପଡ଼ିଥାଏ ମୃଦୁମନ୍ଦ ଉପାୟରେ – ଥରେ ଥରେ କିଞ୍ଚିତ୍ ମିଥ୍ୟା ସହକାରେ ।

ସେ ନରମ ଆକ୍ରମଣ ପ୍ରତି ନରମ ବିଦ୍ରୋହ ଭାବ ଏବଂ ମିଥ୍ୟା କଥନଜନିତ ଗ୍ଲାନିବୋଧ ସାମାନ୍ୟ ହେଲେ ମଧ୍ୟ ଅବଚେତନରେ ଲିପିବଦ୍ଧ ହୋଇ ରହିଥା'ନ୍ତି । ଯଦି ଆମ ଭିତରେ ସ୍ୱାଭାବିକ ଉଦାର ଭାବର ବିକାଶ ହୋଇ ନଥାଏ, ତେବେ ସାବାଳକ ଜୀବନରେ ମଧ୍ୟ ନିରୀହ ପ୍ରଶ୍ନଟିଏ ନରମ ଆକ୍ରମଣ ବୋଲି ଅବଚେତନ ଦ୍ୱାରା ବିବେଚିତ ହୁଏ ଏବଂ ଆତ୍ମରକ୍ଷାର ପ୍ରବୃତ୍ତି ସାଧାରଣ ତଥ୍ୟଗତ ଉତ୍ତରକୁ ମଧ୍ୟ ପ୍ରଶ୍ନ ରୂପେ ଅଭିବ୍ୟକ୍ତ କରି ପ୍ରତି-ଆକ୍ରମଣ କରୁଥାଏ ।

ଏହି ପ୍ରଶ୍ନଧର୍ମୀ ଉତ୍ତର ଦାନ ଶୈଳୀର ଅନ୍ୟ ଦୁଇଟି କାରଣ ହେଲେ (୧) ନିଜକୁ ଚତୁର ଅଥବା witty ଭାବରେ ପ୍ରତିପାଦିତ କରିବାର ଆକାଙ୍‌କ୍ଷା ଏବଂ (୨) ମାମୁଲି ଅହଂଭାବ ।

ପ୍ରଥମଟିର ଦୃଷ୍ଟାନ୍ତଟିଏ ମନେ ଅଛି । ଏକ ଛାତ୍ର ସମ୍ମିଳନୀ ନିମନ୍ତେ ଚାନ୍ଦା ସଂଗ୍ରହ କରିବା ଉଦ୍ଦେଶ୍ୟରେ ଚାରି ପାଞ୍ଚଜଣ ଛାତ୍ର ଗୋଟାଏ ସମ୍ଭ୍ରାନ୍ତ କ୍ଲବ ଘରେ ପହଞ୍ଚିଲେ । ସେଠାରେ ଚାରି ପାଞ୍ଚଜଣ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସେମାନେ ସୌଜନ୍ୟ ସହକାରେ ଛାତ୍ରମାନଙ୍କର ଆଗମନର କାରଣ ଜିଜ୍ଞାସା କଲେ ଏବଂ ପ୍ରତିନିଧି ଦଳର ମୁଖପାତ୍ର ଉଦ୍ଦେଶ୍ୟ ବ୍ୟକ୍ତ କଲେ ।

''ବେଶ୍, ବେଶ୍ !'' କହି ଜଣେ ଭଦ୍ରଲୋକ ତାଙ୍କ ମନି ବ୍ୟାଗ୍ ବାହାର କରୁଥିଲେ । ଅନ୍ୟ ଜଣେ ସ୍ୱାଭାବିକ କଣ୍ଠରେ କହିଲେ, ''ପିଲାଏଁ ଯେତେବେଳେ ଚାନ୍ଦା ପାଇଁ ଯିବ, ସେତେବେଳେ ତୁମ ଅଧ୍ୟକ୍ଷଙ୍କଠାରୁ ବା ଅଭ୍ୟର୍ଥନା ସମିତିର କର୍ମକର୍ତ୍ତାଙ୍କଠାରୁ ଖଣ୍ଡିଏ ପରିଚୟ ପତ୍ର ଆଣିଥିବ । ଅନେକ ସମୟରେ କେତେକେ ମିଛ କହି ଚାନ୍ଦା ନିଅନ୍ତି ନାହିଁ କି ?''

ଛାତ୍ରମାନଙ୍କ ମୁଖପାତ୍ର ଜବାବ ଦେଲେ ''ଅନେକ ସମୟରେ କେତେକେ ସତ କହି ଚାନ୍ଦା ନିଅନ୍ତି ନାହିଁ କି ?''

ବେଶ୍ ! ମନି ବ୍ୟାଗ୍ ବାହାର କରିଥିବା ଭଦ୍ରଲୋକ ସେ ଗୋଟିକ ପୁଣି ପକେଟରେ ପୂରାଇ ଦେଲେ ଓ କହିଲେ, ''ଯାଇପାର ! ତୁମ ଉତ୍ତରରେ ଆମେ ଚମତ୍କୃତ ।''

ଦ୍ୱିତୀୟ କାରଣ (ମାମୁଲି ଅହଂକାର) ସମ୍ପର୍କରେ କିଛି କହିବା ଅନାବଶ୍ୟକ ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୯୩-୯୬) ❑


**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଅମୃତ

## (୨)

ଆଶ୍ରମ ଗଠନର ପ୍ରାରମ୍ଭିକ ଦିନମାନଙ୍କରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସହିତ ସାଧକମାନଙ୍କର ଅତୀତ ଜୀବନ ସମ୍ବନ୍ଧେ ବେଶ୍ କଥାବାର୍ତ୍ତା ହେଉଥିଲା । ଅମୃତଙ୍କ ଜୀବନରେ ଅତୀତର ଯେଉଁସବୁ ଶକ୍ତି ବା ମହାନ୍ ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ସେମାନେ ହେଲେ ମୋଜେସ୍ (ଖ୍ରୀ.ପୂ. ଚତୁର୍ଦ୍ଦଶ ଶତାବ୍ଦୀର ପାଖାପାଖି : ଇସ୍ରାଏଲୀମାନଙ୍କର ଉଚ୍ଚପଦସ୍ଥ ବିଖ୍ୟାତ ଧାର୍ମିକ ନେତା), ମାଇକେଲ୍ ଏଞ୍ଜେଲୋ (ଖ୍ରୀ. ୧୪୭୫-୧୫୬୪ : ଇତାଲୀୟ ବିଖ୍ୟାତ ଚିତ୍ରକର, ଭାସ୍କର ଓ ସ୍ଥପତି) ଏବଂ ଭିକ୍ଟର ହ୍ୟୁଗୋ (ଖ୍ରୀ. ୧୮୦୨-୧୮୮୫ : ଫ୍ରାନ୍ସର ଖ୍ୟାତନାମା ଔପନ୍ୟାସିକ ଓ ନାଟ୍ୟକାର); ମାତ୍ର ସମସ୍ତେ ଥିଲେ ଅମୃତଙ୍କର ବର୍ତ୍ତମାନ ଚରିତ୍ରର ସମ୍ପୂର୍ଣ୍ଣ ବିପରୀତ । ଅମୃତ ଥିଲେ ଭଦ୍ର ଓ ଅମାୟିକ ସ୍ୱଭାବର ।

ଆଶ୍ରମର ସେହି ପ୍ରାରମ୍ଭିକ ଅବସ୍ଥାରେ ଅମୃତଙ୍କର ଅନ୍ୟାନ୍ୟ କର୍ମ ଭିତରେ ଏକ ବିଶେଷ କର୍ମ ଥିଲା – ଶ୍ରୀଅରବିନ୍ଦ ହାତ ଧୋଇବା ବେଳେ ପାଣି ଢାଳି ଦେବା । ଥରେ କୌଣସି କାରଣରୁ ଅମୃତଙ୍କର ଆସିବାକୁ ବିଳମ୍ବ ହୋଇ ଯାଇଥିବାରୁ ଶ୍ରୀଅରବିନ୍ଦ ତାଙ୍କ ପାଇଁ ଅପେକ୍ଷା କରି ବସି ରହିଥିଲେ ।

ପରବର୍ତ୍ତୀ କାଳରେ ଅମୃତଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ଥିଲା – ସକାଳ ଛ'ଟାରୁ କାମ ଆରମ୍ଭ ହୋଇ ରାତି ନ'ଟା କି ଦଶଟା ପର୍ଯ୍ୟନ୍ତ ଲାଗି ରହିବା । ବ୍ୟାଙ୍କ୍ କାମ, ମନିଅର୍ଡ଼ର, ସାଧକମାନଙ୍କ ପାଖରୁ ଚିଠିପତ୍ର ରଖିବା (ମା'ଙ୍କୁ ନେଇ ଦେବା ପାଇଁ), ଘରୋଇ ସେବାରେ ନିଯୁକ୍ତ ଦରମା ପାଉଥିବା ସେବକମାନଙ୍କର ଦାୟିତ୍ୱ, ଆଶ୍ରମବାସୀମାନଙ୍କ ସକାଶେ ବିଭିନ୍ନ ଘରଗୁଡ଼ିକୁ ଭଡ଼ାରେ ନେବା, ସାଧକ-ସାଧିକାମାନଙ୍କର ଅସୁମାରି ଆପତ୍ତି ଶୁଣିବା, ସେସବୁକୁ ମା'ଙ୍କ ସାମନାରେ ଉପସ୍ଥାପନ କରିବା ଏବଂ ମା'ଙ୍କର ମୌଖିକ ବା ଲିଖିତ ଉତ୍ତରସବୁକୁ ସେମାନଙ୍କୁ ଜଣାଇ ଦେବା – ଏହିସବୁ ହେଲା ଅମୃତଙ୍କର ନିତିଦିନିଆ କର୍ମ । ପ୍ରାୟ ସମସ୍ତ ବ୍ୟାପାରରେ ତାଙ୍କ ମୁହଁରୁ ଏହି ଗୋଟିଏ କଥା ବାହାରି ଆସୁଥିଲା, ''ମୁଁ ମା'ଙ୍କୁ ପଚାରିବି ।'' ଜଣେ ସିଦ୍ଧ କର୍ମଯୋଗୀ ସଦୃଶ ତାଙ୍କର କର୍ମଜନିତ କୌଣସି କ୍ଳାନ୍ତି ନଥିଲା, କଷ୍ଟବୋଧ ନଥିଲା, ବିଶ୍ରାମ ବି ନଥିଲା । ସେ ଅକ୍ଳାନ୍ତ ଭାବରେ ସମସ୍ତଙ୍କ ସହିତ ପ୍ରୀତିପୂର୍ଣ୍ଣ ବନ୍ଧୁତ୍ୱଭାବ ବଜାୟ ରଖି ସାଧକ-ସାଧିକାମାନଙ୍କର ଅଗଣିତ ଦାବି, ଅଭିଯୋଗକୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଶୁଣି ମା'ଙ୍କ ସହାୟତାରେ ସେମାନଙ୍କୁ ଅତି ସରଳ ସମାଧାନର ପନ୍ଥା ବତାଇ ଦେଉଥିଲେ । ଏପରିକି ବେଳେ ବେଳେ ସେ ଅସୁସ୍ଥ ଥିବାବେଳେ ବି ସକାଳ ଛ'ଟାରେ ତାଙ୍କ ଦରଜାରେ ଅଭିଯୋଗକାରୀ ସାଧକ-ସାଧିକାମାନଙ୍କର ଭିଡ଼ ଜମିଯାଉଥିଲା ।

ଏହି ଧରଣର ଏକ ବ୍ୟାପାରରେ ଗୋଟିଏ ମଜା କଥା ଶୁଣନ୍ତୁ : 'କ' ନାମକ ଜଣେ ସାଧକ ନିଜର ଖର୍ଚ୍ଚ ପାଇଁ ଆଶ୍ରମରୁ ବେଶ୍ ଟଙ୍କା ନେଉଥିଲେ । ମା' ନିଜର ଅନିଚ୍ଛା ସତ୍ତ୍ୱେ ଏହା ମଞ୍ଜୁର କରୁଥିଲେ । ଦିନେ ମା' ଏ ବିଷୟରେ ଅମୃତଙ୍କୁ ନିଜର ଅସନ୍ତୋଷ ପ୍ରକାଶ କଲେ । ତା'ପରେ 'କ' ଯେତେବେଳେ ନିଜର ପ୍ରାପ୍ୟ ଟଙ୍କା ନେବା ସକାଶେ ଅମୃତଙ୍କ ଅଫିସକୁ ଆସିଲେ, ଅମୃତ ଅଫିସରୁ ଉଠି ବାହାରକୁ ଯିବା ପାଇଁ ପ୍ରସ୍ତୁତ ହେଲେ । 'କ' ତାଙ୍କୁ ପଚାରିଲେ, ''ଆପଣ କେତେବେଳେ ଫେରିବେ ?'' ଅମୃତ କହିଲେ, ''ଆପଣ ଏଠାରୁ ଚାଲିଯିବା ପରେ ।''

ଦିନେ ଶ୍ରୀଅରବିନ୍ଦ ମା'ଙ୍କ ସମ୍ବନ୍ଧେ ଅମୃତଙ୍କୁ କହିବାକୁ ଯାଇ କହିଲେ, ''ସେମାନେ ଜାଣନ୍ତି ନାହିଁ 'ସେ' କେତେ ମହୀୟସୀ ।'' ଯୁବକ ଅମୃତ ଶ୍ରୀଅରବିନ୍ଦଙ୍କୁ ପଚାରି ବସିଲେ, ''ସେ କ'ଣ ବେଶ୍ ଉଚ୍ଚକୋଟୀର ?'' – ''ହଁ, ମୋ'ଠାରୁ ଅଧିକ । ମୁଁ ପଛ ଦରଜା ଦେଇ ଭଗବାନଙ୍କୁ ପାଇଛି । ସେ କିନ୍ତୁ ସାମନା ଦରଜାରେ ପ୍ରବେଶ କରି ତାଙ୍କୁ ଲାଭ କରିଛନ୍ତି ।'' – ''କିନ୍ତୁ ସେ ତ' କୌଣସି ସମ୍ପର୍କ ରଖୁ ନାହାନ୍ତି ।'' (ସେତେବେଳେ ମା' କ୍ୱଚିତ୍ ବାହାରକୁ ବାହାରୁ ଥିଲେ ।) – ''(ଆଶ୍ୱାସନା ଦେବା ଭଙ୍ଗୀରେ) କିନ୍ତୁ ଦିନେ ପରମପ୍ରଭୁଙ୍କର ସେବା ମାଧ୍ୟମରେ ସେ ତା' କରିବାକୁ ଅନୁଗ୍ରହପୂର୍ବକ ବାଧିତ ହେବେ । ଆଉ ସେହିଦିନ ହେବ ଏକ ମହାନ୍ ଦିବସ ।''

ଆଉ ମା'ଙ୍କ ସହିତ ଅମୃତଙ୍କର ସମ୍ବନ୍ଧ ! ଆରମ୍ଭରୁହିଁ ସରଳ ଶିଶୁସୁଲଭ । ଯେତେବେଳେ ଶ୍ରୀଅରବିନ୍ଦ 'ମୀରା' କହିବାକୁ ଯାଇ 'ମା' କହି ଅଟକି ଯାଉଥିଲେ ଏବଂ ପରେ ପରେ 'ମୀରା'ଙ୍କୁ 'ମା' ଡାକିବାକୁ ଆରମ୍ଭ କରିଥିଲେ । ଏବଂ

୧୯୨୬ରେ ଅଧିମାନସ ସିଦ୍ଧି ପରେ ଯେତେବେଳେ ଶ୍ରୀଅରବିନ୍ଦ ଆଶ୍ରମ ପରିଚାଳନାର ସମସ୍ତ ଦାୟିତ୍ୱ ମା'ଙ୍କ ଉପରେ ନ୍ୟସ୍ତ କରି ନିଜେ ଅନ୍ତରାଳକୁ ଚାଲିଗଲେ ଏବଂ ମା'ଙ୍କୁ ସମ୍ମୁଖକୁ ଆଣିଲେ ସେତେବେଳେ ଯେଉଁ କେତେଜଣ ମୁଷ୍ଟିମେୟ ସାଧକ 'ମୀରା'ଙ୍କୁ 'ଦିବ୍ୟଜନନୀ' ବୋଲି ବିନା ଦ୍ୱିଧାରେ ସର୍ବାନ୍ତଃକରଣରେ ମାନି ନେଇଥିଲେ ତନ୍ମଧ୍ୟରୁ ଅମୃତ ଅନ୍ୟତମ । ମା'ଙ୍କୁ ପ୍ରଣାମ କରିବା ସମୟରେ ଅମୃତଙ୍କର ଛୋଟ ଶିଶୁ ସଦୃଶ ପ୍ରଣାମ କରିବାର ଭଙ୍ଗୀ ଏକ ଦେଖିବାର ଦୃଶ୍ୟ ।

ଯେଉଁଦିନ ସନ୍ଧ୍ୟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବେ, ସେହିଦିନ ସକାଳେ ଅତ୍ୟନ୍ତ କଷ୍ଟରେ ତାଙ୍କର ଝିଆରୀ କୁମୁଦା'ଙ୍କ ସହାୟତାରେ ସେ ମା'ଙ୍କୁ ପ୍ରଣାମ କରିବା ପାଇଁ ଗଲେ । (ଅବଶ୍ୟ ପ୍ରତିଦିନ କୁମୁଦା'ଙ୍କ ସହିତ ସକାଳେ ସେ ମା'ଙ୍କ ପାଖକୁ ଯାଉଥିଲେ ।) ସେଦିନ ସେ ମା'ଙ୍କ କୋଳରେ ଛୋଟ ଶିଶୁ ଭଳି ନିଜର ମଥାକୁ ରଖି ଏପଟ ସେପଟ ଦୋଳାୟିତ କଲେ । ସ୍ନେହମୟୀ ମା' ବି ତାଙ୍କର ସମଗ୍ର ଶରୀରରେ ନିଜର ବରଦହସ୍ତ ବୁଲାଇ ଦେଉଥିଲେ । ଅପୂର୍ବ ସେ ଦୃଶ୍ୟ ! ବୋଧହୁଏ ମା ଓ ପୁଅ ଏ ବିଷୟରେ ସଜାଗ ଥିଲେ ଯେ ଏହାହିଁ ଶେଷ ଭୌତିକ ପ୍ରଣାମ !

ଆଉ ଏକ ପୁରୁଣା ଦିନର କଥା । ମା' ପ୍ରତିଦିନ ସକାଳେ କଦଳୀକୁ ଭଲ ଭାବରେ ମଣ୍ଡ କରି ଦୁଧ ସହିତ ମିଶାଇ ଶ୍ରୀଅରବିନ୍ଦଙ୍କୁ ଖାଇବାକୁ ଦେଉଥିଲେ । ଦିନେ କୌଣସି ଜରୁରୀ ସରକାରୀ କାମରେ ତାଙ୍କୁ ସେହି ନିର୍ଦ୍ଦିଷ୍ଟ ସମୟରେ ବାହାରକୁ ଯିବାକୁ ହେବ । ଅବଶ୍ୟ ଏକଥା ଶ୍ରୀଅରବିନ୍ଦଙ୍କ ସ୍ୱୀକୃତି ସହିତ ମା' ସିଦ୍ଧାନ୍ତ ନେଇଥିଲେ । ସାତଦିନ ଆଗରୁ ମା' ଅମୃତଙ୍କୁ ଡାକିଲେ ଏବଂ ସମସ୍ତ କଥା କହି କଦଳୀ-ଦୁଧର ପ୍ରସ୍ତୁତି କିପରି କରାଯାଏ ତାଙ୍କୁ ଦେଖାଇଲେ । ମା' ଏଇ ରୂପେ ଅବିଚ୍ଛିନ୍ନ ଭାବରେ ପାଞ୍ଚଦିନ ଧରି ଅମୃତଙ୍କୁ ନିଜେ ଏହାକୁ ପ୍ରସ୍ତୁତ କରି ଦେଖାଇଲେ । ଷଷ୍ଠ ଦିନ ମା' ଅମୃତଙ୍କୁ କହିଲେ, ''ମୋ ସାମନାରେ ତୁମେ ପ୍ରସ୍ତୁତ କର ।'' ବେଶ୍ ସନ୍ତୁଷ୍ଟ ହୋଇ ସପ୍ତମ ଦିନ ମା' ଜରୁରୀ କାମରେ ବାହାରି ଗଲେ । ଅମୃତ ସପ୍ତମ ଦିନ ଏକୁଟିଆ ତାହା ପ୍ରସ୍ତୁତ କରି ଗୁରୁଦେବଙ୍କୁ ଅର୍ପଣ କଲେ । କିନ୍ତୁ କେମିତି ହୋଇଛି ବୋଲି ସାହସ କରି ତାଙ୍କୁ ପଚାରି ପାରିଲେ ନାହିଁ । ମା' ଯଥା ସମୟରେ ଫେରି ଆସିଲେ । ଅମୃତ ମା'ଙ୍କୁ କହିଲେ, ''ମା, ଆଜି କ୍ଷୀର-କଦଳୀର ପ୍ରସ୍ତୁତି କେମିତି ହୋଇଥିଲା ତାହା ଗୁରୁଦେବଙ୍କୁ ପଚାରିବେ ତ !'' – ''ଠିକ୍ ଅଛି, ମୁଁ ପଚାରିବି ।'' ମା' ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ଫେରି ଆସିବା ପରେ ଅମୃତ ମା'ଙ୍କୁ ପୁଣି ସେହି କଥା ପଚାରିଲେ । ମା' କହିଲେ, ''ଶ୍ରୀଅରବିନ୍ଦ କହିଲେ ଯେ ଏହା ଠିକ୍ ଥିଲା କିନ୍ତୁ ଚେତନାର ଟିକିଏ ଅଭାବ ଥିଲା ।'' ଅମୃତ ଅତ୍ୟନ୍ତ ବିନମ୍ର ଭାବରେ ହାତଯୋଡ଼ି ମନ୍ଦ ହାସ୍ୟରେ ମା'ଙ୍କୁ କହିଲେ, ''ମା, ତୁମ ଚେତନା, ଆଉ ମୋ ଚେତନା ... !''

ମା'ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ନିର୍ଦ୍ଦେଶରେ ଜଣେ ଉଚ୍ଚକୋଟୀର ସାଧକଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର ଖାଦ୍ୟ ବା ପାନୀୟ ପ୍ରସ୍ତୁତି କଥା ଯେତେବେଳେ ଉଠାଇଛି, ନିମ୍ନପ୍ରଦତ୍ତ ଘଟନାଟି ଏଠାରେ ଉପସ୍ଥାପନା କଲେ ପ୍ରାସଙ୍ଗିକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ଯଦିଓ ଏହା ଅମୃତଙ୍କ ସମ୍ବନ୍ଧେ ନୁହେଁ ତଥାପି ସୁପାଠ୍ୟ ।

ଘଟନାଟି ମୃତ୍ୟୁଞ୍ଜୟ-ଦା'ଙ୍କୁ ନେଇ । ସେତେବେଳେ ଶ୍ରୀଅରବିନ୍ଦଙ୍କ ସକାଶେ ଗୋଟାଏ ଗ୍ଲାସ ସପୁରି ରସର ପ୍ରସ୍ତୁତି ଭାର ମା' ମୃତ୍ୟୁଞ୍ଜୟ-ଦା'ଙ୍କ ଉପରେ ନ୍ୟସ୍ତ କରିଥିଲେ । ପବିତ୍ର-ଦା'ଙ୍କ ଘରେ ସେ ଏହା ପ୍ରସ୍ତୁତ କରୁଥିଲେ ଏବଂ ମା' ସ୍ୱହସ୍ତରେ ଶ୍ରୀଅରବିନ୍ଦଙ୍କୁ ଅର୍ପଣ କରୁଥିଲେ । ମା'ଙ୍କର କଡ଼ା ନିର୍ଦ୍ଦେଶ ଥିଲା, ସେଥିରେ ଶର୍କରା ଜାତୀୟ ଦ୍ରବ୍ୟ କିଛି ବି ଯେପରି ମିଶାଯିବ ନାହିଁ ।

ସେତେବେଳେ ବଡ଼ ବଡ଼ ମାଟି ହାଣ୍ଡିରେ ସପୁରିସବୁ ନିୟମିତ ବାହାରୁ ଆଶ୍ରମକୁ ଆସୁଥିଲା । ସେଥରକ ଯେଉଁ କେତୋଟି ହାଣ୍ଡି ଆସିଥିଲା ତାହା ପ୍ରାୟ ଶେଷ ହେବା ଉପରେ । ମୃତ୍ୟୁଞ୍ଜୟ-ଦା'ଙ୍କ ମନ ବେଶ୍ ଦୁଃଖ । କାହିଁକି ନା ପ୍ରତ୍ୟେକ ଦିନ ସେ ଗୋଟିଏ ଗ୍ଲାସ ରସ ତିଆରି କରି ମା'ଙ୍କ ହାତରେ ଦିଅନ୍ତି ଆଉ ଶ୍ରୀଅରବିନ୍ଦଙ୍କ ଭୋଜନ ପରେ ସେମିତି ସେ ଗ୍ଲାସଭର୍ତ୍ତି ରସ ଫେରି ଆସେ । ଶେଷ ସପୁରିର ବେଳ ଆସିଲା । ମୃତ୍ୟୁଞ୍ଜୟ-ଦା' ଗୁରୁଦେବଙ୍କୁ ହୃଦୟଭରି ସ୍ମରଣ କରିବା ପରେ ରସ ପ୍ରସ୍ତୁତ କରି ପ୍ରତିଦିନ ଭଳି ମା'ଙ୍କ ହାତରେ ଗ୍ଲାସଟିକୁ ପଠାଇଲେ । ମା' ଦେଖିଲେ ଯେ ଶ୍ରୀଅରବିନ୍ଦ ପୂରା ରସ ମନତୃପ୍ତିରେ ପାନ କରି ଗ୍ଲାସକୁ ମୁଖ ଉପରେ ଓଲଟାଇ ଧରି ବିନ୍ଦୁ ବିନ୍ଦୁ ଝରୁଥିବା ରସତକ ବି ପାନ କଲେ । ମା' ଏସବୁକୁ ନୀରବରେ ଦେଖୁଥିଲେ ଏବଂ ପରେ ମୃତ୍ୟୁଞ୍ଜୟ-ଦା'ଙ୍କ ନିକଟକୁ ଆସି ପଚାରିଲେ, ''ମୃତ୍ୟୁଞ୍ଜୟ ! ଫଳ ରସରେ କେତେ ଚାମଚ ଚିନି ମିଶାଇଥିଲ ?'' – ''ମା, ଦେଖନ୍ତୁ ... ଏଥରକ ସମସ୍ତ ସପୁରି ...'' – କଥାରେ ବାଧା ଦେଇ ମା' ଗମ୍ଭୀର

ହୋଇ ପଚାରିଲେ, ''ମୁଁ ପଚାରୁଛି, ଫଳ ରସରେ କେତେ ଚାମଚ ଚିନି ମିଶାଇଥିଲ ?'' – ''ମା, ବାର ଚାମଚ !'' ମା' ଶୁଣି ଚୁପ୍‌ଚାପ୍ ଚାଲିଗଲେ ।

ଶବରୀ ଚାଖି ଚାଖି ମିଠାଫଳ ଶ୍ରୀରାମଙ୍କୁ ଯେତେବେଳେ ଅର୍ପଣ କରିଛି, ସେତେବେଳେ ଦିବ୍ୟଜନନୀ ଆଉ କ'ଣ କହିବେ ? ଚାଖି ଚାଖି ବାର ଚାମଚ ଚିନି ମିଶାଇବା ପରେ ଉପଯୁକ୍ତ ସ୍ୱାଦ ହେବା ପରେ ପ୍ରଭୁବତ୍ସଳ ମୃତ୍ୟୁଞ୍ଜୟ-ଦା' ଆଉ ଚିନି ମିଶାଇ ନଥିଲେ । ଏବଂ ହୃଦୟରେ ଏ ସିଦ୍ଧାନ୍ତ ବି ନେଇଥିଲେ ଯେ ବରଂ ମା'ଙ୍କ ପାଖରୁ ଗାଳି ଖାଇବି କିନ୍ତୁ ଗୁରୁଦେବଙ୍କୁ ଆଜି ଶେଷ ଫଳର ରସ ଚଖାଇବି !

(ଉପରୋକ୍ତ ଦୁଇଟି ଘଟନା ସୌଭାଗ୍ୟବଶତଃ ସ୍ୱର୍ଗତଃ ରବୀନ୍-ଦା'ଙ୍କର କଣ୍ଠରୁ ଶୁଣିବାକୁ ପାଇଥିଲୁ ।)

ଶ୍ରୀଅରବିନ୍ଦଙ୍କ ଖାଦ୍ୟ ସମ୍ବନ୍ଧେ ଆଉ ଗୋଟିଏ କଥା । ଏହା ସେହି ସମୟର କଥା ଯେତେବେଳେ ଶ୍ରୀଅରବିନ୍ଦ ଶରୀର ଉପରେ ଖାଦ୍ୟ ସାମଗ୍ରୀର ପ୍ରଭାବ ନେଇ ପରୀକ୍ଷା-ନିରୀକ୍ଷା କରୁଥିଲେ । ଯେପରିକି ଏକାଦିକ୍ରମେ ପନ୍ଦର, କୋଡ଼ିଏ ଦିନ ଉପବାସ କରିବା ଏବଂ ଉପବାସ ଭଙ୍ଗ କରି ତତ୍‌କ୍ଷଣାତ୍ ପେଟପୂରା ଭୋଜନ କରିବା ... ଇତ୍ୟାଦି ।

ସେହି ସମୟର କଥା । ଥରେ ଶ୍ରୀଅରବିନ୍ଦ ଅମୃତଙ୍କୁ ବଜାରକୁ ପଠାଇ ବେଶ୍ ବଡ଼ ଆକାରରେ ମୁଣ୍ଡାଏ ଅଫିମ ଆଣିଲେ ଏବଂ ପୂରା ମୁଣ୍ଡାକଯାକ ଅଫିମ ଖାଇବାକୁ ଆରମ୍ଭ କରି ଏକାଥରକେ ସବୁତକ ଖାଇ ଦେଲେ । ଅମୃତ ପରେ ଲକ୍ଷ୍ୟ କଲେ ଗୁରୁଙ୍କର କିଛି ବି ହେଲା ନାହିଁ ।

ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ପ୍ରଥମ ସମ୍ପର୍କ ସ୍ଥାପନର ସମୟ କଥା ମନେ ପକାଇ ଅମୃତ କହୁଥିଲେ, ସେ କେମିତି ସ୍କୁଲ ଛୁଟି ହେଲେ ଶ୍ରୀଅରବିନ୍ଦଙ୍କ ବାସଭବନକୁ ଛୁଟି ଆସୁଥିଲେ ଏବଂ କ୍ଲାନ୍ତ ହୋଇ ଆସି ଥିବାରୁ ମସିଣା ଉପରେ ଚିତ୍ ହୋଇ ଶୋଇ ପଡୁଥିଲେ ଆଉ ଶ୍ରୀଅରବିନ୍ଦ ତାଙ୍କ ପାଖରେ ସେଇ ମସିଣା ଉପରେ ବସି ଧୀରେ ଧୀରେ ତାଙ୍କର ବରଦହସ୍ତ ଅମୃତଙ୍କ ଦେହରେ ବୁଲାଇ ଦେଉଥିଲେ । ସେତେବେଳେ ଅମୃତ ସ୍ପଷ୍ଟ ରୂପେ ଆଘ୍ରାଣ କରୁଥିଲେ ଏକ ବିଶେଷ ଧରଣର ସୁବାସ, ଯାହାକି ଶ୍ରୀଅରବିନ୍ଦଙ୍କ ଶରୀରରୁ ମହକୁ ଥାଏ । ପରେ ଶ୍ରୀମା କହିଥିଲେ ଯେ ଶ୍ରୀଅରବିନ୍ଦଙ୍କ ଶରୀରରୁ ପଦ୍ମପୁଷ୍ପର ଏକ ମନ୍ଦମଧୁର ସୁବାସ ସଦାବେଳେ ମହକୁ ଥାଏ ।

ଆଉ ଶ୍ରୀଅରବିନ୍ଦଙ୍କର ତାଗିଦା ! – ଥରେ ସାବାଳକ ଅମୃତ ବୁଢ଼ିଆଣୀ ଜାଲ ସାମନାରେ ଛିଡ଼ା ହୋଇ ଲକ୍ଷ୍ୟ କରୁଥିଲେ କେମିତି ପୋକଟିଏ ଜାଲରେ ପଡ଼ିଯିବାରୁ ବୁଢ଼ିଆଣୀଟି କେଉଁଠି ଥିଲା ହଠାତ୍ ସେ ଜାଗାରେ ପହଞ୍ଚି ପୋକଟିକୁ କାବୁ କରିନେଲା ! ବେଶ୍ ମଜା ଲାଗିଲା । ଏହି ଧରଣର ମଜା ଆହୁରି ଦେଖିବା ପାଇଁ ସେ ତଳୁ ପିମ୍ପୁଡ଼ିଗୁଡ଼ାକୁ ଧରି ଗୋଟିକ ପରେ ଗୋଟିଏ ସେଇ ଜାଲକୁ ଛାଟିବାକୁ ଲାଗିଲେ ଏବଂ ଜାଲ ଉପରେ ବୁଢ଼ିଆଣୀଟିକୁ ଏପଟ ସେପଟ ଦଉଡ଼ାଇ ତାକୁ ଖାଦ୍ୟ ଯୋଗାଇବାକୁ ଲାଗିଲେ । କି ଆନନ୍ଦ ! ଏହି ଦୃଶ୍ୟଟି ଉପରେ ଶ୍ରୀଅରବିନ୍ଦଙ୍କ ନଜର ପଡ଼ିବା ମାତ୍ରେ ସେ ଜୋର୍‌ରେ ଗୋଟିଏ ଧମକରେ ଅମୃତଙ୍କର ସେଇ ମଜାକୁ ବନ୍ଦ କଲେ । କେବଳ ସେଇ ମୁହୂର୍ତ୍ତ ପାଇଁ ନୁହେଁ, ସେ ସାରା ଜୀବନ ତମାମ ଏହିପରି ଅମୂଳକ ଭାବେ କୀଟପତଙ୍ଗଙ୍କୁ ନାଶ କରି ମଜା ଦେଖିବାର ଖୁସିରୁ ତାଙ୍କୁ ମୁକ୍ତ କରିଦେଇଥିଲେ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ମୋର ସକଳ ସନ୍ତାନମାନଙ୍କୁ, ସେମାନେ ପୃଥିବୀର ଯେ କୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି, ଯେଉଁ ଆଶୀର୍ବାଦ ପ୍ରଦାନ କରାଯାଇଥାଏ ତାହା ତୋତେ ପ୍ରଦାନ କରୁଛି ଏବଂ ତୋତେ କହୁଛି, ''ନିଜକୁ ପ୍ରସ୍ତୁତ କର, ମୋ ସାହାଯ୍ୟ ତୋ ସହ ସବୁବେଳେ ରହିବ ।''

– ଶ୍ରୀମା

# କ୍ଷୁଦ୍ରତମ ପରିବାର

## ପ୍ରସାଦ ତ୍ରିପାଠୀ

ସ୍କୁଲର ଅପା, ଭାଇଙ୍କର ପ୍ରବଳ ଚିନ୍ତା, ଅଭିଭାବକମାନେ ଏବେ ପିଲାମାନଙ୍କ ବିଷୟରେ କହିଲେ କିଛି ଶୁଣୁ ନାହାନ୍ତି । ଜଣେ ଉଦାହରଣ ଦେଲେ – ''ଥରେ ଶ୍ରେଣୀରେ ଗୋଟିଏ ପିଲା ମୋବାଇଲ ଆଣି ଦେଖୁଥିଲା । ଅନ୍ୟ ପିଲାମାନେ ମୋତେ ଅଭିଯୋଗ କଲେ । ମୁଁ ତା'ଠାରୁ ମୋବାଇଲ ନେଇଗଲି । ତା'ପରେ ସେ ଆଉ କାହା କାହା ପାଖରେ ମୋବାଇଲ ଅଛି ବୋଲି କହିଲା । ସେ ସମସ୍ତଙ୍କ ପାଖରୁ ମୋବାଇଲ ମୁଁ ନେଇ ଆସିଲି । କହିଲି ଛୁଟି ପରେ ମୋ ପାଖରୁ ନେଇଯିବ । ସମସ୍ତେ ଆସି ନେଇଗଲେ । ମାତ୍ର ପ୍ରଥମ ପିଲାଟି, କାହିଁକି ତା'ଠାରୁ ମୋବାଇଲ ନେଇଗଲି ବୋଲି ମୋ ସଙ୍ଗେ ଅନେକ ଯୁକ୍ତିତର୍କ କଲା । ମୁଁ ତାକୁ ମୋବାଇଲ ନ ଦେଇ କହିଲି ତୁମର ମାଆ କିଂବା ବାପା କେହି ଆସିଲେ ତାଙ୍କୁ ମୋବାଇଲ ଦେଇଦେବି । ଘରେ କହିବ – ମାଆ କିଂବା ବାପା କେହି ଆସିଲେ ତୁମେ ଯାହା ଯାହା ତର୍କ ସବୁ କରୁଥିଲ ସେସବୁ କୁହାଯିବ ଏବଂ ତା'ପରେ ମୋବାଇଲ ଦେଇଦେବି । ପିଲାଟି ଚାଲିଗଲା । ଅଳ୍ପ ସମୟ ପରେ ପିଲାର ମାଆ ମୋତେ ଫୋନ୍ କରି ପଚାରିଲେ – ଭାଇ, ଆପଣ ପୁଅର ମୋବାଇଲ ରଖିଛନ୍ତି । ମୁଁ କହିଲି, ହଁ, ମୁଁ ରଖିଛି । ଆପଣ କିଂବା ତା'ର ବାପା ଆସିଲେ ଦେଇଦେବି । ସେ କହିଲେ ଠିକ୍ ଅଛି, ମୁଁ ଚାରିଟା ବେଳକୁ ଯାଇ ନେଇ ଆସିବି । ମୁଁ କହିଲି, ହଉ ଆସନ୍ତୁ । ମାତ୍ର ଦୁଇଟା ବେଳକୁ ସେ ଆସି ମୋତେ ଖୋଜିଲେ । ଅନ୍ୟମାନେ କହିଲେ ଭାଇ ଚାରିଟା ବେଳକୁ ଆସିବେ । ଭଦ୍ର ମହିଳା ଫେରିଗଲେ । ପୁଣି ଘରକୁ ଯାଇ ମୋତେ ଫୋନ୍ କଲେ । ଭାଇ, ମୋ ପୁଅକୁ ଦେଖିଛନ୍ତି । ମୁଁ କହିଲି ନାହିଁ । ମୁଁ ତ ଘରେ ଅଛି । ପୂରା ବ୍ୟସ୍ତ ହୋଇ କାନ୍ଦି କାନ୍ଦି କହିଲେ, କ'ଣ କରିବି । ମୋ ମୁଣ୍ଡ କାମ କରୁ ନାହିଁ । ଆଜି ସକାଳୁ କହିଲା, ଯଦି ଭାଇଙ୍କଠାରୁ ମୋବାଇଲ ଆଣି ନ ଦେଉ, ମୁଁ ଘର ଛାଡ଼ି ପଳାଇବି । କେତେବେଳୁ ଗଲାଣି । ସ୍କୁଲକୁ ତ ଯାଇ ନାହିଁ । କୁଆଡ଼େ ଗଲା, ଏବେ ମୁଁ କ'ଣ କରିବି ? ମୋର ସେଇ ଗୋଟିଏ ବୋଲି ପୁଅ । ଆଉ ତ ପୁଅ ଝିଅ କେହି ନାହିଁ । କହୁଥା'ନ୍ତି, ପୁଣି କାନ୍ଦୁଥା'ନ୍ତି । ଭାଇ ସତ କହୁଛି, ମୋତେ ବହୁତ ଡର ଲାଗିଲା । ମୋବାଇଲ ଛଡ଼େଇ କରି ରଖିଛି । ଦେବି ନାହିଁ ବୋଲି କହି ନାହିଁ । ତା'ପରେ ସ୍କୁଲର ଆଉ ଜଣେ ଭାଇଙ୍କୁ ଧରି ତା'ର ସାଙ୍ଗମାନଙ୍କ ଘରକୁ ଗଲି । କୋଉଠି ନ ପାଇ ପୁଣି ତାଙ୍କ ଘରକୁ ଗଲାବେଳକୁ ତା'ର ମା' କହିଲେ ଯେ ଭାଇ, ସେ ତା'ର ମାମୁଁ ଘରକୁ ସାଇକେଲରେ ପଳାଇଛି । ଏଠାରୁ ପ୍ରାୟ ପନ୍ଦର କୋଡ଼ିଏ କିଲୋମିଟର ହେବ । ମୁଁ ବିରକ୍ତ ହୋଇ କହିଲି, ଜାଣିଲେ ତ ମୋତେ ଫୋନ୍ କଲେ ନାହିଁ । ସେ ଟିକେ ବ୍ୟସ୍ତ ହୋଇ କହିଲେ, ମୁଁ ହଠାତ୍ ଆଶ୍ୱସ୍ତ ହୋଇଗଲି, ତେଣୁ ଭୁଲି ଗଲି ଆଉ ମନେ ପଡ଼ିଲା ନାହିଁ ।''

ଏହା ଗୋଟିଏ ଘଟଣା ନୁହେଁ । ଏଭଳି ଅନେକ ଘଟଣା ଅଛି । ଯେଉଁଠାରେ ପରିବାରରେ ମାତ୍ର ଗୋଟିଏ ଛୁଆ ଯୋଗୁଁ ସେଠାରେ ପରିବାରର ବୟସ୍କମାନେ ସବୁବେଳେ ଆତଙ୍କିତ ହୋଇ ରହୁଛନ୍ତି । ଖବର ବାହାରୁଛି – ନାବାଳକ-ନାବାଳିକା ଦୁଇଜଣ ପରସ୍ପର ପ୍ରେମ କରୁଥିଲେ, ମାତ୍ର ସେମାନଙ୍କର ଘରୁ ସମର୍ଥନ ନ ପାଇବାରୁ ଉଭୟ ଆତ୍ମହତ୍ୟା କରିଛନ୍ତି । କିଏ ମଟର ସାଇକେଲ, ଆପଲ ମୋବାଇଲ, ବୁଲେଟ୍ ମୋଟର ସାଇକେଲ ଇତ୍ୟାଦି ଅନାବଶ୍ୟକ ଅଥଚ ଅତ୍ୟଧିକ ମୂଲ୍ୟବାନ୍ ବସ୍ତୁସବୁ ଘରେ ମାଗି ନପାଇବା ବେଳେ ହୁଏତ ଘର ଛାଡ଼ି ପଳାଉଛନ୍ତି କିଂବା ଆତ୍ମହତ୍ୟା କରି ଦେଉଛନ୍ତି । ସେମାନଙ୍କର ଏପରି ଆଚରଣରେ ସମସ୍ତେ ଭୟଭୀତ, ଆତଙ୍କିତ ହୋଇ ରହୁଛନ୍ତି ।

ଅତୀତରେ ଯୌଥ ପରିବାର ଥିଲା । ପରିବାରରେ ଗୋଟିକରୁ ଅଧିକ ପିଲା ରହୁଥିଲେ । ଜଣକ ଉପରେ ସମସ୍ତ କିଛି କେନ୍ଦ୍ରୀଭୂତ ହେଉ ନଥିଲା । ପରେ ପରେ ପରିବାର ଛୋଟରୁ ଆହୁରି ଛୋଟ ହୋଇଗଲା । ସେତେବେଳେ ଗୋଟିଏ ପରିବାରରେ ଦୁଇଟି ପିଲା ଥିଲେ । ପରିବାର ନିୟୋଜନ ବାଲା ଫର୍ମୁଲା ଦେଲେ ''ଆମେ ଦୁଇ – ଆମର ଦୁଇ'' । ତା'ପରେ ପୁଣି ''ଆମେ ଦୁଇ, ଆମର ଏକ'' ବୋଲି ସ୍ଲୋଗାନ ହେଲା । ଦେଖାଗଲା ଆଜିକାଲି ଅଧିକାଂଶଙ୍କ ଘରେ ମାତ୍ର ଗୋଟିଏ ପିଲା । ଏବେ ସବୁଠାରୁ କ୍ଷୁଦ୍ରତମ ପରିବାର । ମାଆ, ବାପା ଏବଂ ଗୋଟିଏ ଛୁଆ । ସ୍ୱାଭାବିକ ଭାବରେ ଛୁଆଟି ଉପରେ

ସମସ୍ତ ଦୃଷ୍ଟି କେନ୍ଦ୍ରୀଭୂତ ହେଲା । ପିଲାଦିନେ ନିଶ୍ଚୟ ପ୍ରବଳ ଗେହ୍ଲା ହୋଇଥିବ । ବଡ଼ ହେଲେ ଭଲ ସ୍କୁଲରେ, ବେଶ୍ ଖର୍ଚ୍ଚ କରି ପାଠ ପଢ଼ା ହୋଇଥିବ । ତା'ର ଯେପରି ମନ ଦୁଃଖ ନ ହୁଏ ସେଥିପାଇଁ ଯାହା ବି ଫରମାଇସ୍ ହେବ ପ୍ରଥମେ କରା ହେଉଥିବ । ଏଥିରେ ଅସ୍ୱାଭାବିକତା କିଛି ନାହିଁ । ମାତ୍ର ପିଲାଟି ପ୍ରତି ଅଧିକ ଶ୍ରଦ୍ଧାଶୀଳ କିଂବା ସହାନୁଭୂତିଶୀଳ ହେବା ଦ୍ୱାରା ପିଲାଟି ମଧ୍ୟରେ ମଧ୍ୟ ଏକ ମାତ୍ରାଧିକ ଗୌରବ ଏବଂ ଗୁରୁତ୍ୱ ପ୍ରକାଶ ପାଉଛି । ପରବର୍ତ୍ତୀ କାଳରେ ତାହାହିଁ ସମସ୍ୟା ସୃଷ୍ଟି କରୁଛି ।

ସରକାରଙ୍କର ସ୍ଲୋଗାନ ଅନାବଶ୍ୟକ ନୁହେଁ । କାରଣ ତାହା ଅତ୍ୟନ୍ତ ଜରୁରୀ । ଅତୀତରେ ଭାରତ ପୃଥିବୀର ଦ୍ୱିତୀୟ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଥିଲା । ଚୀନ୍ ଥିଲା ପ୍ରଥମ । ଏବେ ଚୀନ୍‌ର ଜନସଂଖ୍ୟା ଦ୍ୱିତୀୟ, ଭାରତ ପ୍ରଥମ ହୋଇ ସାରିଲାଣି । ତେଣୁ ''ଆମେ ଦୁଇ, ଆମର ଏକ'' ଯଥାର୍ଥ । ତେବେ ଗୋଟିଏ ସନ୍ତାନ ଜନ୍ମ କରିବା ଅଭିଭାବକମାନଙ୍କ ଉପରେ ଏକ ଅଭିଶାପ କି ? ତେଣୁ ପିଲାମାନଙ୍କର ସମସ୍ୟା ପାଇଁ ଅଭିଭାବକମାନେ ଅଧିକ ସଚେତନ ହେବା ଆବଶ୍ୟକ । କେଉଁ ସବୁ ବିଷୟ ପ୍ରତି ଅଭିଭାବକ ହୁଅନ୍ତୁ ବା ଶିକ୍ଷକ-ଶିକ୍ଷୟତ୍ରୀ ହୁଅନ୍ତୁ ଦୃଷ୍ଟି ଦେବା ନିହାତି ଆବଶ୍ୟକ ସେ ସମ୍ପର୍କରେ ନିମ୍ନରେ କିଛି ସୂଚନା ଦିଆଗଲା –

୧. ପିଲାଟି ସାନ ଥିବାବେଳେ ତା'ପ୍ରତି ଅଧିକ ଦୃଷ୍ଟି ଦେବା ସ୍ୱାଭାବିକ । ଏହାର ଆବଶ୍ୟକତା ମଧ୍ୟ ଅଛି । ସେଥିପାଇଁ ଯେଉଁ ପିଲାମାନେ ନିଜ ମାଆବାପା ବା ଆତ୍ମୀୟମାନଙ୍କ ପାଖରେ ପିଲା ଦିନେ ଲାଳିତପାଳିତ ହୋଇ ନ ଥାଆନ୍ତି ସେମାନେ ପ୍ରାୟତଃ ରୁକ୍ଷ ହେବାର ଦେଖାଯାଏ । ତା'ର କାରଣ ସେମାନେ ପିଲାଦିନେ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟଠାରୁ ବଞ୍ଚିତ ହୋଇଥା'ନ୍ତି ।

୨. ପିଲାଟି ଯେତେବେଳେ ବଡ଼ ହୁଏ ସେତେବେଳେ ଆମର ତା' ପ୍ରତି ଶ୍ରଦ୍ଧା ଆସ୍ତେ ଆସ୍ତେ ବିରକ୍ତିରେ ପରିଣତ ହୁଏ । କାରଣ ସାନ ଥିବାବେଳେ ତା'ର ଦୁଷ୍ଟାମି ଆମେ ଉପଭୋଗ କରୁଥିଲୁ, ମାତ୍ର ଟିକେ ବଡ଼ ହେବା ପରେ ତା'ର ଦୁଷ୍ଟାମିକୁ ନେଇ ଆମେ ବିରକ୍ତ ହେବା ଆରମ୍ଭ କଲୁ । ପିଲାଟି ବିଚରା ବୁଝିପାରେ ନାହିଁ । ସେଇ ଦୁଷ୍ଟାମି ସେ ବର୍ଷକ ତଳେ କରୁଥିବାବେଳେ ତାକୁ ଆକଟ କରାଯାଉ ନଥିଲା, ମାତ୍ର ଏବେ ସେଇ ଦୁଷ୍ଟାମି କଲେ ସମସ୍ତେ ଆକଟ କରୁଛନ୍ତି, ବିରକ୍ତ ହେଉଛନ୍ତି, କେହି କେହି ଗାଳି ଦେଉଛନ୍ତି, ଏପରିକି ମାରୁଛନ୍ତି ମଧ୍ୟ । ପିଲାଟାର ବୟସ ବଢ଼ିବା ତ ତା'ର ଆଦୌ ଭୁଲ୍ ନୁହେଁ । ତେଣୁ ସେ କାହିଁକି ଗାଳି ମାଡ଼ ଭୋଗିବ ? ଏଇଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ (Crucial point) । ଏତିକିବେଳେ ପିଲାଟି ବୟସ୍କମାନଙ୍କ ପାଖରୁ ଦୂରକୁ ଯିବାକୁ ଆରମ୍ଭ କରେ । ସେମାନଙ୍କ ସହିତ ତା'ର ଦୂରତ୍ୱ ବଢ଼ିବା ଆରମ୍ଭ କରେ । ଏବେ ବୟସ୍କମାନେ ଭାବିବେ ତାଙ୍କର କ'ଣ କରିବା ଉଚିତ । ପିଲାର ଭଲ ପାଇଁ ଯଦି ଆକଟ କରିବେ ସେତେବେଳେ ତା'ର ମନୋଭାବକୁ ବୁଝିବାକୁ ପଡ଼ିବ । ତା' ସହିତ ମିଶି ତାକୁ ଆକଟ କରିବାକୁ ହେବ । ପିଲା ନିଶ୍ଚୟ ଅନୁଭବ କରିବ ଯେ ମୋତେ ମାଆବାପା ଆଗେ ଯେମିତି ଭଲ ପାଉଥିଲେ ସେଥିରେ ଆଦୌ ଊଣା ହୋଇ ନାହିଁ । ତା'ହେଲେ ସେମାନଙ୍କ ଭିତରେ ଆଦୌ ଦୂରତ୍ୱ ବଢ଼ିବ ନାହିଁ ।

୩. ଏଇ ସମୟରେ ପିଲାଟି ତା'ର ବନ୍ଧୁ ସହିତ ଅତ୍ୟଧିକ ସାଙ୍ଗ ହୁଏ । ତା'ଠାରୁ ଭିନ୍ନ ଭିନ୍ନ ପ୍ରକାରର କଥା ଶୁଣେ । ତା' ସହିତ ଭିନ୍ନ ଭିନ୍ନ ପ୍ରକାରର କଥା ହୁଏ । ଆଉ ଠିକ୍ ଏତିକିବେଳେ ସେ ମାଆବାପା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିକଟରେ ଆଗ ଭଳି ସହଜ ହୋଇପାରେ ନାହିଁ । ତା'ର ବନ୍ଧୁମାନେ ତା'ର ବେଶୀ ନିଜର ହୋଇଯାଆନ୍ତି । ଏତିକିବେଳେ ଏକମାତ୍ର ସମାଧାନ ହେଉଛି ତା'ର ବନ୍ଧୁର ସ୍ଥାନ ନେବା । ସେ ବନ୍ଧୁକୁ ଯେପରି ଏକାନ୍ତ ବିଶ୍ୱାସ କରୁଛି, ଭଲ ପାଉଛି, ମନ ଖୋଲି ସବୁ କହିପାରୁଛି, ବଡ଼ମାନେ ମଧ୍ୟ ସେହିଭଳି ଆଚରଣ କରି ତା'ର ବିଶ୍ୱସ୍ତ ହେବେ । ସେ ଯେପରି ସେମାନଙ୍କ ମଧ୍ୟରେ ତା'ର ବନ୍ଧୁକୁ ଦେଖି ପାରୁଥିବ । ଆମେ ସମସ୍ତେ ଜାଣିଛୁ ଚାଣକ୍ୟଙ୍କର ଶ୍ଳୋକ – ''ପ୍ରାପ୍ତେଷୁ ଷୋଡ଼ଶ ବର୍ଷେ, ପୁତ୍ରଂ ମିତ୍ର ମିବାଚରେତ୍'' ।

ମାତ୍ର ଏବେ ଯଦି ଚାଣକ୍ୟ ଥା'ନ୍ତେ ତେବେ ସେ ପ୍ରୟାସ କରି ଏ ବୟସକୁ ଆହୁରି କମାଇ ଦିଅନ୍ତେ । ''ପ୍ରାପ୍ତେଷୁ ଦଶମ ବର୍ଷେ ପୁତ୍ରଂ ମିତ୍ର ମିବାଚରେତ୍ ।'' ଅର୍ଥାତ୍ ଦଶ ବର୍ଷରେ ପିଲା ଆଜିକାଲି ଓଳିଆରୁ ପଡ଼ି ଗଜା । ଚାରିବର୍ଷରୁ ପିଲା ମୋବାଇଲରେ ପୋଖତ । ଏସବୁର ଅର୍ଥ ହେଉଛି ପିଲା କେବେହେଲେ ମାଆବାପା ବା ବୟସ୍କଙ୍କୁ ନିଜର ମାଲିକ ବୋଲି ଭାବିବ ନାହିଁ । ସେ ଯଦି ସେମାନଙ୍କୁ ସାଙ୍ଗ ଭଳି ଅନୁଭବ କରିବ ତେବେ ପରିବାରର ଭଲମନ୍ଦରେ, ସୁଖ ଦୁଃଖରେ ସାଥି

ହୋଇପାରିବ । ସେ ଆଉ ସମସ୍ୟା ନ ହୋଇ ସମାଧାନ ହୋଇପାରିବ । ଆମ୍ଭେମାନେ ଏଇଆ ଚେଷ୍ଟା କରିବା । ଏବେ ପିଲାମାନଙ୍କ ପାଇଁ ଆମେ ଅତିଷ୍ଠ ହୋଇ ପଡୁଛୁ କିଂବା ଅସହାୟ ହୋଇ ପଡୁଛୁ କିନ୍ତୁ ସେତେବେଳେ ପିଲାମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା । ଏଇ ଭଳି ପିଲାମାନେ ପ୍ରକୃତରେ ମାଆବାପାଙ୍କର ସମସ୍ତ ଦାୟିତ୍ୱ ନେବେ, କେବେହେଲେ ନେଇ ଜରାଶ୍ରମରେ ସେମାନଙ୍କୁ ଛାଡ଼ିବେ ନାହିଁ କିଂବା ବିଦେଶ ଯାଇ ସେଠାରେ ବିବାହ କରି ସନ୍ତାନସନ୍ତତି ସହ ସେଇଠାରେ ସ୍ଥାୟୀ ଭାବେ ରହିଯିବେ ନାହିଁ ।

ତେଣୁ ଅସଲ ସମସ୍ୟା ହେଲା, ଯେତେବେଳେ ଆମେ ପିଲାମାନଙ୍କଠାରୁ ଟିକେ ବି ଦୂରତ୍ୱ ଅନୁଭବ କରୁ, ଅର୍ଥାତ୍ ପିଲା କିଛି କଥା ଲୁଚାଇଲେ କିଂବା ପାଖକୁ ଆସିବାକୁ ସଙ୍କୋଚ କରୁଥିଲେ ସେତେବେଳେ ବଡ଼ମାନେ ନିଜେ ପିଲାଙ୍କ ଆଡ଼କୁ ଲାଗିଯିବେ । ସେମାନେ ଦୂରତ୍ୱ କମାଇବେ । ସମ୍ପର୍କ ବଢ଼ାଇବେ ।

ଆମେ ଜାଣିଛୁ ମା'ଙ୍କୁ ପ୍ରାର୍ଥନା କରି ଯଦି ସନ୍ତାନଟିଏ ପାଇଛୁ, ସେତେବେଳେ ମା'ଙ୍କ ଛଡ଼ା ଆଉ କାହାର ତା' ଉପରେ ଅଧିକାର ନଥିବ । ତେଣୁ ମା'ଙ୍କ ନିକଟରେ ଅନବରତ ତାକୁ ସମର୍ପିତ କରୁଥିବା ।

ପରିବାର ଖାଲି କ୍ଷୁଦ୍ର ହେଲେ ହେବ ନାହିଁ ବରଂ ଏହା ଏକ ଆନନ୍ଦର ପରିବେଶ ହୋଇଥିବ । ନୀରବରେ, ଶାନ୍ତ ଭାବରେ ପରିବାରର ସମସ୍ତେ ମା' ନାମଜପ କରୁଥିବେ । ତାହାହେଲେ ପରିବାରଟି ପ୍ରକୃତରେ ବୈକୁଣ୍ଠ ଭଳି ଲାଗିବ ।

''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
'ନାମଜପ' ଯେଉଁ ଘରେ ହୁଏ ନିରନ୍ତର ।''

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଆକସ୍ମିକ ନୁହେଁ ଅଲୌକିକ

## ସନ୍ତୋଷ ରଥ

ଜନସମାଗମ ବଢ଼ିବାଟା ଅଜଣା ନଥିଲା, ମାତ୍ର ଜଣା ନଥିଲା ଏମିତି ଏକ ଅଲୌକିକ ସକାଳକୁ ଅପେକ୍ଷା କରି ରହିଥିଲା ସେଦିନର ସନ୍ଧ୍ୟା । ଆଶ୍ରମ ଲୋକାରଣ୍ୟ, ରାତି ପାହିଲେ ସୁବର୍ଣ୍ଣ ଦିବସ – ଫେବ୍ରୁଆରୀ ୨୯ ତାରିଖ ୨୦୨୪ ମସିହାର । କାହିଁ କେତେ ଜାଗାରୁ ମାତୃଭକ୍ତମାନଙ୍କ ଆଗମନ, ଅତିଥିଶାଳା ନିଅଣ୍ଟ ପଡୁଥାଏ ଥଇଥାନ ନିମନ୍ତେ । ତଥାପି ସମସ୍ତେ ମଗ୍ନ, ଉଲ୍ଲସିତ ଏଇଥିପାଇଁ ଯେ ଦୀର୍ଘ ୪ ବର୍ଷ ପରେ ପୁଣି ଥରେ ମିଳୁଥିବା ସୁଯୋଗର ସେମାନେ ହେବେ ଭାଗୀଦାର । ମିଳିବ ଶ୍ରୀମାଶ୍ରୀଅରବିନ୍ଦଙ୍କ କକ୍ଷ ଦର୍ଶନର ସୌଭାଗ୍ୟ । ଏଇ ଦର୍ଶନ ଦିବସର ଉଦ୍ଦେଶ୍ୟ ପଶ୍ଚାତରେ ରହିଛି ଏକ ଅଲୌକିକତା, ଯାହାର ରହସ୍ୟମୟ ବର୍ଣ୍ଣନା ଏହିପରି :

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖ ବୁଧବାରର ସନ୍ଧ୍ୟା, ଆଶ୍ରମ ଅନ୍ତେବାସୀ ଓ ଭକ୍ତମାନେ ମା'ଙ୍କ ଗହଣରେ ଧ୍ୟାନସ୍ଥ, ପ୍ଲେ-ଗ୍ରାଉଣ୍ଡ ପରିସର ମଧ୍ୟରେ । ସୂକ୍ଷ୍ମ ଜଗତରୁ ମା'ଙ୍କୁ ନିର୍ଦ୍ଦେଶ ମିଳିଲା 'ସମୟ ସମାଗତ' । ମା ସଙ୍ଗେ ସଙ୍ଗେ ଗୋଟିଏ ସୁବର୍ଣ୍ଣ ହାତୁଡ଼ିରେ ପ୍ରତିବନ୍ଧକ ସାଜିଥିବା ସୁବର୍ଣ୍ଣ କବାଟକୁ ଭାଙ୍ଗି ଚୂର୍ମାର କରି ଦେଲେ ଏବଂ ଅବରୁଦ୍ଧ ଥିବା ଅତିମାନସ ଶକ୍ତି ସ୍ୱର୍ଣ୍ଣାଭ ଲାଭା ସଦୃଶ ଭୌତିକ ସ୍ତରକୁ ଓହ୍ଲାଇ ଆସିଲା । ରୂପାନ୍ତର ଯୋଗର ସବୁ ଅସମ୍ଭବ ସମ୍ଭବ ହେବାର ଧାର୍ଯ୍ୟ ପ୍ରତିଶ୍ରୁତି ସେହି ଦିନହିଁ ମିଳିଲା । ଏହାର ଠିକ୍ ୪ ବର୍ଷ ପରେ ଅର୍ଥାତ୍ ଫେବ୍ରୁଆରୀ ୨୯ ତାରିଖ ୧୯୬୦ ମସିହାରେ ଆଶ୍ରମରେ ପାଳିତ ହେଲା ସୁବର୍ଣ୍ଣ ଦିବସ, ଯେଉଁଦିନ ଶ୍ରୀକୃଷ୍ଣଙ୍କ ଉପସ୍ଥିତରେ ମା' ସମାଗତ ସାଧକ ତଥା ଦର୍ଶନାର୍ଥୀମାନଙ୍କୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରତୀକ ଥିବା ସ୍ୱତନ୍ତ୍ର ଭାବେ ନିର୍ମିତ ପଦକ ବିତରଣ କରିଥିଲେ । ସେଦିନ ସମଗ୍ର ଆଶ୍ରମ ପରିସରର ସାଜସଜ୍ଜା ଥିଲା ଅଭୂତପୂର୍ବ, ସୁବର୍ଣ୍ଣ ରଙ୍ଗର କପଡ଼ାରେ ଆଚ୍ଛାଦିତ ଚତୁର୍ଦିଗ ସୁବର୍ଣ୍ଣପୁରୀର ଶୋଭା ଧାରଣ କରୁଥିଲା ।

ସେକଥା ଆଜି ବିସ୍ମୃତ ହୋଇନି ଭକ୍ତଙ୍କ ମନରୁ ବରଂ ଏହି ବିଶେଷ ଦିବସରେ ଯୋଗ ଦେବାର ଆକାଂକ୍ଷାହିଁ ସେମାନଙ୍କୁ ଟାଣି ଆଣିଛି ଆଶ୍ରମକୁ, ଦର୍ଶନ ସ୍ରୋତରେ ସାମିଲ ହେବା ପାଇଁ । ସଭିଏଁ ଆତୁର । ମାତ୍ର ବଡ଼ ନିଆରା ଥିଲା ଜଣଙ୍କର ଆତୁରତା । ଯାହା ଗୁମୁରୁ ଥିଲା ଭିତରେ ଭିତରେ ଫଲ୍‌ଗୁ ସଦୃଶ । କିଏ ବା କାହିଁ ଜାଣିବ ସେଦିନ ସେ ସ୍ରୋତ ମୁହାଣ ପାରି ହେବ, ମିଶିଯିବ ସମୁଦ୍ରରେ । ସମାଧି ଦର୍ଶନହିଁ ହେବ ମିଳନର ସୁବର୍ଣ୍ଣ ସେତୁ; ଅପେକ୍ଷାର ଅନ୍ତିମ ମୁହୂର୍ତ୍ତ ।

ଅବଗୁଣ୍ଠନର ସମୟ ଏବେ ଅତିକ୍ରାନ୍ତ । ଘଟ ମୁହଁର ଘୋଡ଼ଣୀ ଉଗାରିଲେ କଥାଟା ସ୍ପଷ୍ଟ ହେବ । ମା'ଙ୍କ ଦିବ୍ୟ ଦର୍ଶନ ଓ ସ୍ଥୂଳ ସାନ୍ନିଧ୍ୟ ପାଇଥିବା ମାମୁଁ (ଗଦାଧର ମିଶ୍ର, ବୟସ ୮୧ ବର୍ଷ)ଙ୍କର ଏଥରର ପଣ୍ଡିଚେରୀ ଯାତ୍ରା ଗତାନୁଗତିକ ଥିଲେ ବି ପ୍ରସ୍ତୁତିରେ ଥିଲା ଟିକେ ତତ୍ପରତା, ବ୍ୟସ୍ତତା ନୁହେଁ । ଅବଶ୍ୟ ଏକଥାକୁ ସେତେବେଳେ କେହି ବି ଏତେ ଗୁରୁତ୍ୱ ଦେଇ ନଥିଲେ । ବିମାନ ଯାତ୍ରା ସମୟରେ ସହଯାତ୍ରୀମାନଙ୍କ ସହ ଆଳାପ ଆଲୋଚନା ଥିଲା ଖୁବ୍ ସ୍ୱାଭାବିକ । ଅପରାହ୍ଣରେ ପଣ୍ଡିଚେରୀରେ ପହଞ୍ଚି ଆଶ୍ରମ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ମାମୁଁ । ଯାତ୍ରାଜନିତ କ୍ଳାନ୍ତି ତାଙ୍କର ସହଗାମୀ ନଥିଲା । ଧ୍ୟାନ ପାଇଁ ଆଶ୍ରମ ପରିସର ସେଦିନ ଭରପୂର, ସତେ ଯେମିତି ଶାନ୍ତ ସମାହିତ, ଜନ ସମୁଦ୍ର । ତାହାରି ଭିତରେ ଥା'ନ୍ତି ମାମୁଁ । କୌଣସି ପ୍ରକାରର ଅସ୍ୱାଭାବିକତା ସେପର୍ଯ୍ୟନ୍ତ ତାଙ୍କୁ ଛୁଇଁ ନଥାଏ । ମାତ୍ର ଧ୍ୟାନ ସାରି ଫେରିବା ବେଳକୁ ଅଣନିଃଶ୍ୱାସୀ ଭାବଟା ଟିକିଏ ବାରି ହେଲା ।

''ମାମୁଁ ପାଣି ଟିକିଏ ପିଇବେ, ଏଇଠି (ଆଶ୍ରମ ଭିତରର ସିମେଣ୍ଟ ବେଞ୍ଚ) ଟିକିଏ ବସି ପଡ଼ନ୍ତୁ'' – ପ୍ରଶ୍ନ ଓ ଶୁଭେଚ୍ଛା ସହ ପାଣି ଗ୍ଲାସଟିଏ ବଢ଼ାଇ ଦେଲେ ଆଶ୍ରମର ପୁରୁଣା, ପରିଚିତ ସାଧକ ଜଣେ । ସାମାନ୍ୟ ସାହାରା ନେଇ ମାମୁଁ ବାହାରକୁ ବାହାରି ଆସିଲେ ଏବଂ ଉପସ୍ଥିତ ପରିଚିତ ବନ୍ଧୁମାନଙ୍କ ସହ ଫଟୋ ଉଠାଇଲେ ଆଶ୍ରମ ପାଚେରିର ପାଖଲଗା ହୋଇ । ସେତେବେଳକୁ ଫଟୋ ଉଠାଳି ବୋଧହୁଏ ଜାଣି ନଥିଲେ ଏଇଟାହିଁ ହେବ ସମସ୍ତଙ୍କ ପାଇଁ ଶେଷ ସନ୍ତକ ଏବଂ ସେହିଁ ହେବେ ତାଙ୍କ ପାଇଁ ଶେଷ ଫଟୋଗ୍ରାଫର ।

ରାତି ୧୦ଟା ବେଳକୁ ଛାତିର ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ଆଶ୍ରମ ନର୍ସିଂହୋମ ନିଆଗଲା । ସାମାନ୍ୟ ପରୀକ୍ଷା ପରେ ଅବସ୍ଥା ଗୁରୁତର ଥିବାରୁ G. H. (General Hospital)କୁ

ସ୍ଥାନାନ୍ତରିତ କରି ଦିଆଗଲା । ଅଳ୍ପ କେତେଜଣଙ୍କ ବ୍ୟତୀତ ଅନ୍ୟମାନେ ଏକଥା ଜାଣି ନଥା'ନ୍ତି । ରାତି ସେତେବେଳକୁ ଦୁଇଟା, ଅବସ୍ଥାରେ କୌଣସି ପ୍ରକାର ଉନ୍ନତି ଦେଖା ଦେଲା ନାହିଁ । ବରଂ କ୍ଷଣକୁ କ୍ଷଣ ଅବସ୍ଥା ଅଣାୟତ୍ତ । ଡାକ୍ତରମାନେ ସ୍ଥିର ନିଶ୍ଚିତ ହୋଇ ଗଲେଣି । ମାମୁଁଙ୍କୁ I.C.U.କୁ ନିଆଗଲା, ମୁହଁରେ ଅକ୍ସିଜେନ୍‌ର ମୁଖା । ରୋଗୀ କିନ୍ତୁ ସଚେତନ ଓ ସ୍ୱାଭାବିକ କଥାବାର୍ତ୍ତା କରୁଥା'ନ୍ତି । ''ମାମୁଁ, ମୋତେ ଏଥର ବାହାରକୁ ଯିବା ପାଇଁ ନର୍ସମାନେ ବାଧ କଲେଣି, ଆପଣ ଜୋର୍ ଜୋର୍‌ରେ ମା'ଙ୍କୁ ଡାକନ୍ତୁ, ସବୁ ଠିକ୍ ହୋଇଯିବ'' – କହିଲେ ଆଶ୍ରମ ଚିକିତ୍ସା ବିଭାଗର ସାଧକ ଜଣେ । ଏତିକି ବେଳେ ଉପସ୍ଥିତ ତାଙ୍କର ଆତ୍ମୀୟା ଜଣକ ତାଙ୍କ ମୁଣ୍ଡ ତଳେ ମା'ଙ୍କ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍‌ଟି ରଖି ଦେଲେ । ମାମୁଁଙ୍କ ମୁଖମଣ୍ଡଳ ଆହୁରି ପ୍ରସନ୍ନ ଓ ପ୍ରଫୁଲ୍ଲିତ ହୋଇ ଉଠିଲା । ହାତ ଦୁଇଟା ଆଶୀର୍ବାଦ ମୁଦ୍ରାରେ ଉଠି ଆସିଲା ବିଦାୟୀ ସାଧକଙ୍କ ଆଡ଼କୁ । I.C.U.ରୁ ବାହାରି ଆସିଲେ ସାଧକ ଜଣକ ।

ସୁବର୍ଣ୍ଣ ଦିବସର ସିନ୍ଦୂରା ଫାଟିବାର ପୂର୍ବ ମୁହୂର୍ତ୍ତ । ସମସ୍ତ ଦେବଦେବୀଙ୍କ ସମେତ ସୂର୍ଯ୍ୟଦେବ ମଧ ପ୍ରସ୍ତୁତ ମା'ଙ୍କ ଦର୍ଶନ ନିମନ୍ତେ; ଫେରିଲେ ଉଇଁବେ ସମୁଦ୍ର ଉହାଡ଼ରୁ । ଭୋର ଚାରିଟାରେ ଖୋଲିଲା ମା'ଙ୍କ ରୁମ୍ । ଦିବ୍ୟ ଦର୍ଶନ, ଦିବ୍ୟ ଅନୁଭୂତି ଆଶାରେ ଶିଡ଼ିରେ ପାଦ ଥାପିଲେ ଆଶ୍ରମ ସାଧକ ବୃନ୍ଦ । ଶିଡ଼ି ନୁହେଁ, ଚେତନାର ଉର୍ଦ୍ଧ୍ୱାରୋହଣ, ପାବଚ୍ଛ ପରେ ପାବଚ୍ଛ, ରୁମ୍ ଦର୍ଶନର ପ୍ରତୀକାତ୍ମକ ଅନୁଭୂତି । ମାମୁଁ ଏ ଅବସର ଛାଡ଼ିବେ କାହିଁକି, ଯେଉଁଥିପାଇଁ ତ ଏତେ ଦିନର ପ୍ରତୀକ୍ଷା, ମୁହୂର୍ତ୍ତ ମୁହୁର୍ତ୍ତର ପ୍ରସ୍ତୁତି, ପୁଣି ଓଡ଼ିଶାରୁ ପଣ୍ଡିଚେରୀ ଯାତ୍ରା, ଅପେକ୍ଷା ସୁବର୍ଣ୍ଣ ଦିବସକୁ – "The day of the Lord." I.C.U.ର ସାମାନ୍ୟ କାଚ କବାଟ କ'ଣ ତାଙ୍କୁ ଅଟକାଇ ଦେଇ ପାରିବ ! ବିଜ୍ଞାନ କାହୁଁ ବୁଝିବ ଏକଥା ।

ସେଇ ଦେବ ମୁହୂର୍ତ୍ତରେ ଡାକ୍ତରଖାନାରୁ ଖବର ଆସିଲା ମାମୁଁ ଆଉ ନାହାନ୍ତି ।

ଚାରିଆଡ଼େ ଚହଳ ପଡ଼ିଗଲା । ଅନେକେ ଆଶ୍ଚର୍ଯ୍ୟ ହେଲେ ଓ ଅବିଶ୍ୱାସ କଲେ । ଥୋକେ ଭାବିଲେ ବଡ଼ ଆକସ୍ମିକ ଏ ମୃତ୍ୟୁ, ଏମିତି ଏକ ଦିନରେ ଏ ଏକ ଅଘଟଣ । ମାତ୍ର ଆଶ୍ରମବାସୀମାନେ ସ୍ତମ୍ଭୀଭୂତ, କୃତାର୍ଥ ମଣିଲେ ତାଙ୍କ ପ୍ରଚେଷ୍ଟାକୁ । ''ଏହା ଏକ ଇଚ୍ଛା ମୃତ୍ୟୁ । ଆଶ୍ରମ ଇତିହାସରେ ଏହା ଆଉ ଏକ ଅଭିନବ ପୃଷ୍ଠା ।'' – ଆତ୍ମସ୍ଥ ବିଜ୍ଞ ସାଧକ ଜଣେ ଭାବବିହ୍ୱଳ ହୋଇ ବର୍ଣ୍ଣନା କଲେ । ସେ ପୁଣି କହିଲେ, – ''ତୁମେମାନେ ଜାଣ ପବିତ୍ର ଦା' (Phillippe Barbier Saint Hilaire) ୧୯୬୯ରେ ଯେତେବେଳେ ଶରୀର ଛାଡ଼ିଲେ ତାଙ୍କ ଶରୀରର ସମସ୍ତ ସତ୍ତା ଧାପେ ଧାପେ କରି ମା'ଙ୍କ ସହିତ ବିଲୀନ ହୋଇଯାଇଥିଲା । ମା' ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ଆଜିର ଘଟଣା ମଧ କିଛି କମ୍ ନୁହେଁ । ଏତେ ଦୂରରୁ ଗଦାଧର ମା'ଙ୍କ କୋଳକୁ ଫେରି ଆସିଲେ, ଯେଉଁଠି ତାଙ୍କୁ ସଶରୀରେ ସାକ୍ଷାତ୍ ଲାଭ କରିଥିଲେ । ପୁଣି ଏଭଳି ଏକ ଦୁର୍ଲଭ ଦିନରେ । ଏହା କେବଳ ଆତ୍ମାର ସିଦ୍ଧାନ୍ତ । ଏହା ଆକସ୍ମିକ ନୁହେଁ ବରଂ ଅଲୌକିକ ଏ ପୂର୍ଣ୍ଣାହୂତି ।''

ସାଧକଙ୍କ ସମେତ ଅନ୍ୟମାନେ ଦିବଂଗତ ଆତ୍ମା ଓ ମା'ଙ୍କ ପ୍ରତି ଅନ୍ତରର କୃତଜ୍ଞତା ଜଣାଇଲେ ଏବଂ ସ୍ଥିର ନିଶ୍ଚିତ ହେଲେ ଯେ ମାମୁଁଙ୍କର ଜୀବନ ବ୍ୟାପୀ ସମର୍ପିତ ସାଧନାର ଏଇଟାହିଁ ଶ୍ରେଷ୍ଠ ପୁରସ୍କାର ।

❑❑❑






ଗଦାଧର ମିଶ୍ର
(୧୬.୦୯.୧୯୪୩ – ୨୯.୦୨.୨୦୨୪)
ତାଙ୍କର ଦିବଂଗତ ଆତ୍ମା ପ୍ରତି ନବଜ୍ୟୋତି ପରିବାରର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।

# ନେତାଜୀଙ୍କ ଜୀବନଚର୍ଯ୍ୟାରେ ଶ୍ରୀଅରବିନ୍ଦଙ୍କ ପ୍ରଭାବ

## ରବୀନ୍ଦ୍ରନାଥ ଦାସ

ବର୍ଷ ଗଣନାରେ ନେତାଜୀ ଥିଲେ ଶ୍ରୀଅରବିନ୍ଦଙ୍କ ଠାରୁ ପଚିଶ ବର୍ଷ ସାନ । କଟକରେ ସ୍କୁଲ ପାଠ ସମାପନାନ୍ତେ ଅଧିକ ଅଧ୍ୟୟନ ଲାଗି ନେତାଜୀଙ୍କୁ ତାଙ୍କ ମାଆବାପା ୧୯୧୩ରେ କଲିକତା ପଠାଇଦେବା ବେଳକୁ ଶ୍ରୀଅରବିନ୍ଦ ସେଠାକାର ଜନମାନସରେ ଏକ ଅଲିଭା ତଥା ଅଭୂତପୂର୍ବ ପ୍ରଭାବ ଛାଡ଼ି ପଣ୍ଡିଚେରୀରେ ଏକାନ୍ତବାସକୁ ଚାଲିଯାଇଥା'ନ୍ତି । ତାଙ୍କ ବିଷୟରେ କେତେ ଆଚମ୍ଭିତ କଥାମାନ ଲୋକମୁଖରେ ଶୁଣାଯାଉଥାଏ । ନେତାଜୀଙ୍କ ବିପ୍ଳବୀ ମାନସକୁ ସେସବୁ ଅଦ୍ଭୁତ ଖୋରାକ ଯୋଗାଇଥିଲା ଏବଂ ଶ୍ରୀଅରବିନ୍ଦଙ୍କ କ୍ରାନ୍ତିକାରୀ ଚେତନା ଦ୍ୱାରା ଗ୍ରହୀଷ୍ଣୁ ଯୁବକ ସୁଭାଷ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଆପଣାର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ 'An Indian Pilgrim'ରେ ଏ ବିଷୟ ଉଲ୍ଲେଖ କରି ସେ ଲେଖିଛନ୍ତି :

''ମୋର ଅଣ୍ଡର ଗ୍ରାଜୁଏଟ୍ ସମୟରେ ଅରବିନ୍ଦ ଘୋଷ ବଙ୍ଗଳାର ସବୁଠାରୁ ଜନପ୍ରିୟ ନେତା ଥିଲେ । ୧୯୧୦ ସାଲରୁ ସ୍ୱେଚ୍ଛାକୃତ ନିର୍ବାସନରେ ସେ ଚନ୍ଦନନଗରରେ ରହିଥିଲେ ମଧ୍ୟ ତାଙ୍କର ଜନପ୍ରିୟତା ଅବ୍ୟାହତ ଥିଲା । ସେତେବେଳେ ଲୋକଙ୍କ ମୁହଁରେ ଖାଲି ତାଙ୍କରି ନାଆଁ । ରାଜନୀତି ପାଇଁ ସେ ଜୀବନର ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ ବିସର୍ଜନ ଦେଇଥିଲେ । କଂଗ୍ରେସର ଅନ୍ୟ ନେତାମାନଙ୍କର ଦୃଷ୍ଟି ଯେତେବେଳେ କେବଳ ଔପନିବେଶିକ ସ୍ୱାୟତ୍ତଶାସନ ମଧ୍ୟରେ ସୀମିତ, ଏକମାତ୍ର ସେହିଁ ନିର୍ଭୟରେ 'ପୂର୍ଣ୍ଣ ସ୍ୱରାଜ' ପାଇଁ ଦାବି ଜାହିର କରିଥିଲେ । ସେ ମୁକ୍ତକଣ୍ଠରେ ବାମପନ୍ଥୀ ଆଦର୍ଶ ପ୍ରଚାର କରିଥିଲେ । ହସ ହସ ମୁହଁରେ ସେ କାରାବରଣ ବି କରିଥିଲେ । ଲୋକମାନ୍ୟ ବାଲଗଙ୍ଗାଧର ତିଳକଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ସାରା ଭାରତରେ ତାଙ୍କର ଖ୍ୟାତି ବ୍ୟାପୀ ଯାଇଥିଲା । ଲୋକମାନ୍ୟ ତିଳକଙ୍କୁ ସମସ୍ତେ 'ବଡ଼ ଭାଇ' ଏବଂ ଅରବିନ୍ଦଙ୍କୁ 'ଛୋଟ ଭାଇ' ବୋଲି ମାନ୍ୟ କରୁଥିଲେ । ତିଳକ ବାମପନ୍ଥୀମାନଙ୍କର ନେତା ଥିଲେ । ଅରବିନ୍ଦଙ୍କ ସାନ ଭାଇ ବାରୀନ୍ଦ୍ର କୁମାର ଘୋଷ ସନ୍ତ୍ରାସବାଦୀ ଆନ୍ଦୋଳନର ଅଗ୍ରଦୂତ ଥିଲେ । ବାରୀନ୍ଦ୍ରଙ୍କ ସହ ଅରବିନ୍ଦଙ୍କର ଗୋପନ ଯୋଗାଯୋଗ ଅଛି ବୋଲି ପୁଲିସ ସନ୍ଦେହ କରୁଥିଲା । ଏ ସମ୍ପର୍କରେ ନାନାପ୍ରକାର ଜନରବ ଶୁଣା ଯାଉଥିଲା । ସୁତରାଂ ଅରବିନ୍ଦଙ୍କ ପ୍ରତି ଦେଶର ଯୁବ ସମାଜର ଶ୍ରଦ୍ଧା ଅତୁଳନୀୟ ଥିଲା । ତା'ଛଡ଼ା ତାଙ୍କ ମଧ୍ୟରେ ରାଜନୀତି ଓ ଆଧ୍ୟାତ୍ମିକତାର ଯେଉଁ ସମନ୍ୱୟ ଘଟିଥିଲା ସେଥିପାଇଁ ଧର୍ମଭାବାପନ୍ନ ଲୋକଙ୍କ ନିକଟରେ ବି ସେ ଅତି ଆଦରଣୀୟ ଥିଲେ । ୧୯୧୩ ସାଲରେ ମୁଁ କଲିକତା ଆସିଲା ବେଳକୁ ସମଗ୍ର ଦେଶ ଅରବିନ୍ଦଙ୍କୁ ମହାପୁରୁଷ ଭାବେ ସ୍ୱୀକାର କରିସାରିଥିଲା । ତାଙ୍କ ସମ୍ବନ୍ଧରେ ଜନସାଧାରଣଙ୍କ ମନରେ ଯେଉଁ ଉତ୍ସାହ, ଯେଉଁ ଶ୍ରଦ୍ଧା ଦେଖିଛି ସେ ପ୍ରକାର ଆଉ କେଉଁଠି ଦେଖିଛି ବୋଲି ମନେ ପଡୁ ନାହିଁ । ଅରବିନ୍ଦଙ୍କ ସମ୍ପର୍କରେ ସେତେବେଳେ କେତେ ରକମର ଜନଶ୍ରୁତି ଯେ ଶୁଣା ଯାଉଥିଲା ତା'ର ସୀମା ନାହିଁ । ତା' ମଧ୍ୟରୁ ହୁଏତ କେତେକ ସତ, କେତେକ ମିଛ । ଥରେ ଶୁଣିଲି, ଅରବିନ୍ଦ କୁଆଡ଼େ ପେନ୍‌ସିଲ ଧରି ଅର୍ଦ୍ଧ ସମାଧିସ୍ଥ ଅବସ୍ଥାରେ ନିଜ ସହ କଥୋପକଥନ କରି ଲିପିବଦ୍ଧ କରନ୍ତି । ଏହିସବୁ ସ୍ୱଗତୋକ୍ତିରେ ସେ ତାଙ୍କର ଦ୍ୱିତୀୟ ସତ୍ତାର ନାମ ଦେଇଥିଲେ 'ମାଣିକ' । ତାଙ୍କ ବିଚାର ସମୟରେ ଅନେକ କାଗଜପତ୍ରରେ ପୁଲିସ ଏଇ 'ମାଣିକ' ସହ କଥୋପକଥନର ପ୍ରତିଲିପି ପାଇଥିଲେ । ଯେଉଁ ପୁଲିସ ପ୍ରସିକ୍ୟୁଟର ପ୍ରଥମେ ଏହାକୁ ଆବିଷ୍କାର କଲେ ସେ ଦିନେ ହଠାତ୍ କୋର୍ଟରେ ଛିଡ଼ା ହୋଇପଡ଼ି ଅଧୀର ଉତ୍ତେଜନାରେ ଏହି ନବାବିଷ୍କୃତ ଷଡ଼ଯନ୍ତ୍ରକାରୀ (ମାଣିକ) ବିରୋଧରେ ଗିରଫ ପରୱାନା ଜାରି କରିବାକୁ ଦାବି କରିବାରୁ କୋର୍ଟରେ ସେଦିନ ପ୍ରବଳ ହାସ୍ୟରୋଳ ହୋଇଥିଲା । ସେତେବେଳେ ସମସ୍ତେ କୁହାକୁହି ହେଉଥିଲେ ଯେ ଅରବିନ୍ଦ ବାର ବର୍ଷ କାଳ ଧ୍ୟାନ କରିବା ପାଇଁ ପଣ୍ଡିଚେରୀ ଯାଇଛନ୍ତି । ବାର ବର୍ଷ ପୂର୍ଣ୍ଣ ହେବା ପରେ ଗୌତମବୁଦ୍ଧଙ୍କ ପରି ସିଦ୍ଧିଲାଭପୂର୍ବକ ସେ ପୁନର୍ବାର ଦେଶ ଉଦ୍ଧାର ନିମନ୍ତେ କର୍ମଜୀବନକୁ ଫେରି ଆସିବେ । ଅନେକେ ଏକଥା ବିଶ୍ୱାସ କରୁଥିଲେ । ଅଲୌକିକ ଶକ୍ତି ବିନା ଅନ୍ୟ କୌଣସି ପ୍ରକାରେ ଭାରତ ଇଂରେଜମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ପାରିବ ନାହିଁ ବୋଲି ଯେଉଁମାନେ ଭାବୁଥିଲେ ସେମାନଙ୍କ ନିକଟରେ ଏହା ଧ୍ରୁବସତ୍ୟ ବୋଲି ପ୍ରତୀୟମାନ ହେଉଥିଲା ।''

ସେତେବେଳେ ସୁଭାଷଚନ୍ଦ୍ରଙ୍କ ବିଦ୍ରୋହୀ ମନକୁ ଶ୍ରୀଅରବିନ୍ଦଙ୍କ ବୈପ୍ଳବିକ ଆହ୍ୱାନ ସତେ ଯେପରି ଗୋଟାପଣେ ଆବୋରି ପକାଇଥିଲା ଏବଂ ତାଙ୍କ କାର୍ଯ୍ୟଧାରାରେ ନୂତନ ଉତ୍ସାହ, ଉଦ୍ଦୀପନା ଭରି ଦେଇଥିଲା । ଏହି ମର୍ମରେ ଆପଣାର ସ୍ୱୀକାରୋକ୍ତିରେ ସେ ଉଲ୍ଲେଖ କରିଛନ୍ତି :

''କଲେଜରେ ପଢ଼ିଲା ବେଳେ ଅରବିନ୍ଦଙ୍କ ଲେଖା ଓ ଚିଠିପତ୍ର ପଢ଼ି ମୁଁ ତାଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲି । ସେ ସମୟରେ ଅରବିନ୍ଦ 'ଆର୍ଯ୍ୟ' ନାମକ ଏକ ପତ୍ରିକାର ସମ୍ପାଦକ ଥିଲେ । ଏହି ପତ୍ରିକା ମାଧ୍ୟମରେ ସେ ତାଙ୍କ ଆଦର୍ଶର ବିଷୟଗୁଡ଼ିକୁ ପ୍ରଚାର କରୁଥିଲେ । ବଙ୍ଗଳାର କେତେଜଣ ବିଶିଷ୍ଟ ଲୋକଙ୍କ ପାଖକୁ ସେ ଚିଠିପତ୍ର ଲେଖୁଥିଲେ । ସେ ଚିଠିସବୁ ଲୋକଙ୍କ ହାତରୁ ହାତକୁ ଘୂରି ବୁଲୁଥିଲା । ରାଜନୀତି ସହ ଆଧ୍ୟାତ୍ମିକତାର ସମନ୍ୱୟରେ ଯେଉଁମାନେ ବିଶ୍ୱାସ କରୁଥିଲେ ସେମାନଙ୍କ ନିକଟରେ ଏ ଚିଠିଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ଥିଲା । ଆମ ହାତକୁ ବି ବେଳେ ବେଳେ ଏ ଚିଠି ଆସୁଥିଲା । ସେ ଚିଠି ପଢ଼ି ସମସ୍ତଙ୍କୁ ଶୁଣା ହେଉଥିଲା । ଗୋଟିଏ ଚିଠିରେ ଅରବିନ୍ଦ ଲେଖିଥିଲେ, 'ଆମ ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ବିଦ୍ୟୁତ୍ ଶକ୍ତିର ଗୋଟିଏ ଗୋଟିଏ ଡାଇନାମୋ ହେବାକୁ ହେବ । ଆପେ ଉଠି ଛିଡ଼ା ହେଲେ ହଜାର ହଜାର ଲୋକଙ୍କ ମଧ୍ୟରେ ଆଲୋକ ବିଛାଡ଼ି ହୋଇ ପଡ଼ିବ । ସେମାନେ ସ୍ୱର୍ଗୀୟ ଆନନ୍ଦ ଲାଭ କରିବେ ।' ଚିଠି ପଢ଼ି ଆମେମାନେ ବିଶ୍ୱାସ କରିଥିଲୁ ଯେ ଦେଶର ସେବା କରିବାକୁ ହେଲେ ଆଧ୍ୟାତ୍ମିକ ଶକ୍ତିର ଏକାନ୍ତ ପ୍ରୟୋଜନ ।''

୧୯୦୯ ମସିହା ଜାନୁଆରୀ ମାସରେ ଦ୍ୱାଦଶ ବର୍ଷୀୟ କିଶୋର ସୁଭାଷ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇବା ପରେ ତଦାନୀନ୍ତନ ପ୍ରଧାନ ଶିକ୍ଷକ ବେଣୀମାଧବ ଦାସଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତାଙ୍କ ଭିତରେ ସୌନ୍ଦର୍ଯ୍ୟବୋଧ ଓ ନୈତିକ ସଂସ୍କାର ଜାଗ୍ରତ୍ କରି ତାଙ୍କ ଜୀବନକୁ ନୂତନ ଭାବରେ ପ୍ରଣୋଦିତ କରିଥିଲା ସିନା, ହେଲେ ସେ ତାଙ୍କ ସମଗ୍ର ସତ୍ତାକୁ ପ୍ରଭାବିତ କଲା ପରି ଆଦର୍ଶର ସନ୍ଧାନ ପାଇଥିଲେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଏବଂ ଜୀବନଚର୍ଯ୍ୟାରୁ । ବିବେକାନନ୍ଦଙ୍କର ବଜ୍ର ନିର୍ଘୋଷ ଉପନିଷଦୀୟ ଆହ୍ୱାନ 'ନାୟମାତ୍ମା ବଳହୀନେନ ଲଭ୍ୟଃ' ଏବଂ ଆଳସ୍ୟ ପରାୟଣ ସନ୍ନ୍ୟାସୀମାନଙ୍କୁ ଉଦ୍‌ବୋଧନ 'ଫୁଟବଲ ଖେଳ ଭିତରେ ମୁକ୍ତି ଆସିବ, ଗୀତା ପାଠରେ ନୁହେଁ'; 'ବେଦାନ୍ତର ସମ୍ପୂର୍ଣ୍ଣ ବୈଜ୍ଞାନିକ ଦୃଷ୍ଟିକୋଣରୁ ବ୍ୟାଖ୍ୟା ସାହାଯ୍ୟରେ ସନାତନ ଧର୍ମରେ ଆସର ଜମାଇ ବସିଥିବା କୁସଂସ୍କାରର ବିଲୋପ' ଆଦି ଅଜସ୍ର ବାଣୀ ଏହି ପଞ୍ଚଦଶ ବର୍ଷୀୟ ନବଯୁବକଙ୍କୁ ଆନମନା କରି ଆତ୍ମ-ଜାଗୃତି ଲାଗି ପ୍ରସ୍ତୁତ କରିବା ପରେ ସୌଭାଗ୍ୟବଶତଃ ସେ ଶ୍ରୀଅରବିନ୍ଦଙ୍କ ପ୍ରଭାବ ଦ୍ୱାରା ଆବିଷ୍ଟ ହୋଇ ପଡ଼ିଥିଲେ । କଲିକତାର ପ୍ରେସିଡ଼େନ୍ସି କଲେଜରେ ଦର୍ଶନ ଶାସ୍ତ୍ର ଅଧ୍ୟୟନରତ ସୁଭାଷ ଶଙ୍କରାଚାର୍ଯ୍ୟଙ୍କ ମାୟାବାଦ କବଳରୁ ସହଜରେ ମୁକୁଳି ପାରୁ ନଥିବା ବେଳେ ରାମକୃଷ୍ଣ ପରମହଂସ ଏବଂ ବିବେକାନନ୍ଦଙ୍କର 'ଏକ ସଙ୍ଗେ ଅନେକଙ୍କର, ବ୍ରହ୍ମ ସଙ୍ଗେ ବ୍ରହ୍ମାଣ୍ଡର' ଏକାତ୍ମକତାର ଦର୍ଶନ ଦ୍ୱାରା କେତେକାଂଶରେ ମୋହମୁକ୍ତ ହୋଇଥିଲେ ମଧ୍ୟ ତାଙ୍କୁ ଏସବୁ ଦ୍ୱନ୍ଦ୍ୱରୁ ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରିଥିଲା ବୋଲି ସ୍ୱୀକାର କରିଛନ୍ତି । ତା'ଙ୍କ ଉପଲବ୍ଧିକୁ ସେ ଭାଷା ଦେଇଛନ୍ତି :

''ଏହି ସମୟରେ ଅରବିନ୍ଦ ଆସିଲେ ମୁକ୍ତିର ବାର୍ତ୍ତା ବହନ କରି । ସେତେବେଳେ ଜଡ଼ ଓ ଚୈତନ୍ୟ, ବ୍ରହ୍ମ ଓ ବ୍ରହ୍ମାଣ୍ଡର ଏକାତ୍ମତା ପ୍ରମାଣ କରି ସେ କ୍ଷାନ୍ତ ହେଲେ ନାହିଁ, ବିଭିନ୍ନ ଯୋଗର ଏକ ସମନ୍ୱୟ ସାଧନ କରି ପରମ ଜ୍ଞାନ ଲାଭର ପଥ ପ୍ରଦର୍ଶନ କଲେ । ... ବିଭିନ୍ନ ଯୋଗର କିପରି ଶ୍ରେଷ୍ଠ ସମନ୍ୱୟ ସାଧନ କରାଯାଇ ପାରିବ ସେଦିଗରେ ଅରବିନ୍ଦଙ୍କ ଚିନ୍ତାଧାରାରେ ବେଶ୍ ଅଭିନବତ୍ୱ ଥିଲା । ବିଭିନ୍ନ ଯୋଗ ସାହାଯ୍ୟରେ କିପରି ଧୀରେ ଧୀରେ ଉନ୍ନତି ପଥରେ ଯାଇ ପରମସତ୍ୟ ଉପଲବ୍ଧି କରିହେବ, ତାହା ସେ ବୁଝାଇବାକୁ ଚେଷ୍ଟା କରିଥିଲେ । ବଙ୍ଗଳାର ତତ୍କାଳୀନ ବୈଷ୍ଣବମାନଙ୍କର କର୍ମ ଏବଂ ଜ୍ଞାନ ବିମୁଖତା ତୁଳନାରେ ଅରବିନ୍ଦଙ୍କର ଏହି ନୂତନ ଦର୍ଶନ ମୋତେ ବେଶୀ ଗ୍ରହଣୀୟ ମନେ ହୋଇଥିଲା । ମୁଁ ଯେପରି ପ୍ରକୃତ ସତ୍ୟର ସନ୍ଧାନ ପାଇଲି । ସେସମୟରେ ଅରବିନ୍ଦ ଯଦି କର୍ମଜୀବନକୁ ଫେରି ଆସି ଥାଆନ୍ତେ ମୁଁ ତାଙ୍କୁ ବିନା ଦ୍ୱିଧାରେ ମାନବଜାତିର ଆଦର୍ଶ ଗୁରୁ ବୋଲି ମାନି ନେଇଥା'ନ୍ତି ।''

ସେତେବେଳେ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ବଙ୍ଗଳାର ମୁକୁଟବିହୀନ ସମ୍ରାଟ ବୋଲି ଲୋକେ କହୁଥିଲେ । ତାଙ୍କର ଅସାଧାରଣ ବାଗ୍ମିତାରେ ସମଗ୍ର ଦେଶ ମୁଗ୍ଧ ହୋଇ ଯାଉଥିଲା; ହେଲେ ଶ୍ରୀଅରବିନ୍ଦଙ୍କଠାରେ ଯେଉଁ ଆଦର୍ଶ, ଯେଉଁ ଦେଶପ୍ରେମ ଏବଂ ମହାନତା ସେ ଲକ୍ଷ୍ୟ କରିଥିଲେ ତାହା ସୁରେନ୍ଦ୍ରନାଥଙ୍କ ଠାରେ ନଥିଲା ବୋଲି ଉଲ୍ଲେଖ କରି ଅନ୍ୱେଷୁ ସୁଭାଷ ଲେଖିଛନ୍ତି :

''କିନ୍ତୁ ଏତେ ଭଲ ବକ୍ତା ହେଲେ ମଧ୍ୟ ଅରବିନ୍ଦଙ୍କର ସାଧାରଣ କଥାରେ ଯେଉଁ ପ୍ରାଣର ସ୍ପର୍ଶ ଥିଲା ସୁରେନ୍ଦ୍ରନାଥଙ୍କ ବକ୍ତବ୍ୟରେ ତାହା ନଥିଲା । ଅରବିନ୍ଦ କହୁଥିଲେ, 'ମୁଁ ଚାହେଁ ତୁମେମାନେ ବଡ଼ ହୁଅ, – ତୁମ ନିଜର ସ୍ୱାର୍ଥ ପାଇଁ ନୁହେଁ, ସ୍ୱଦେଶ ପାଇଁ । ତୁମରି ପାଇଁ ପୃଥିବୀରେ ଅନ୍ୟସବୁ ସ୍ୱାଧୀନ ଦେଶ ମଧ୍ୟରେ ଭାରତବର୍ଷ ମଧ୍ୟ ସଗର୍ବେ ମଥାଟେକି ଠିଆ ହୋଇ ପାରିବ । ତୁମମାନଙ୍କ ମଧ୍ୟରେ ଯେଉଁମାନେ ଦୀନ, ଦରିଦ୍ର, ମୁଁ ଚାହେଁ ସେମାନେ ଶତ ଦୁଃଖ ଦାରିଦ୍ର୍ୟ ଭିତରେ ବି ଦେଶସେବା କରିବାକୁ ଭୁଲି ନ ଯାଆନ୍ତୁ । ତୁମରିମାନଙ୍କ କାର୍ଯ୍ୟରେ ଦେଶର ଉନ୍ନତି, ତୁମରିମାନଙ୍କ ବେଦନାରେ ଦେଶର ମୁକ୍ତି ।' ''

ନେତାଜୀ ତାଙ୍କ ଜୀବଦ୍ଦଶାରେ ଶ୍ରୀଅରବିନ୍ଦଙ୍କୁ କେବେ ହେଲେ ଦେଖି ନଥିଲେ ମଧ୍ୟ ତାଙ୍କ ଜୀବନ-ଦର୍ଶନ ଏବଂ ପ୍ରଭାବ ଦ୍ୱାରା ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ ତାଙ୍କ ଆପଣାର ଜୀବନଚର୍ଯ୍ୟାରେ ତାହା ଅବିକଳ ପ୍ରତିଫଳିତ ହୋଇଥିଲା । ପୁରୋଗାମୀ ସତ୍ୟସନ୍ଧ ଶ୍ରୀଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି ଆଜୀବନ ବାଟ ଚାଲିବାକୁ ସୁଭାଷଚନ୍ଦ୍ର ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ । ସେଥିଲାଗି ଉଭୟଙ୍କ ଜୀବନାୟନରେ ଏକ ଅଦ୍ଭୁତ ସାମଞ୍ଜସ୍ୟ ଲକ୍ଷ୍ୟ କରିହୁଏ । ଆପଣାର ଦୁର୍ଦ୍ଦମନୀୟ ଜ୍ଞାନପିପାସାକୁ ଚରିତାର୍ଥ କରିବା ଲାଗି ଶ୍ରୀଅରବିନ୍ଦ ତଦାନୀନ୍ତନ ପୃଥିବୀରେ ସଦ୍ୟ ପ୍ରକାଶିତ ପୁସ୍ତକଗୁଡ଼ିକୁ ମଗାଇ ନିରବଚ୍ଛିନ୍ନ ଭାବରେ ପଢ଼ି ଚାଲୁଥିଲେ । ସେଥିଲାଗି ତାଙ୍କର ବରୋଦା ନିବାସ ବେଳେ ଟ୍ରଙ୍କ୍ ଟ୍ରଙ୍କ୍ ବହି ତାଙ୍କ ପାଖକୁ ଅନବରତ କିଣା ହୋଇ ଆସୁଥିଲା । ସେହିପରି ସୁଭାଷଚନ୍ଦ୍ର ମଧ୍ୟ ଅଧିକ ଅଧିକ ପଢ଼ି ନବାବିଷ୍କୃତ ଜ୍ଞାନ ହାସଲ କରିବାରେ ଥିଲେ ପ୍ରଚଣ୍ଡ ପ୍ରୟାସୀ । ଏହି ପିପାସାକୁ ସେ ବ୍ୟକ୍ତ କରି ଲେଖିଛନ୍ତି : ''ନୂଆ ବହି କିଣିବା ପାଇଁ ମୋର ସେତେବେଳେ ପ୍ରବଳ ଝୁଙ୍କ ଥିଲା । ନୂଆ ବହି ଦେଖିଲା ମାତ୍ରେ ମୁଁ ଅସ୍ଥିର ହୋଇ ପଡୁଥିଲି । ହାତକୁ ବହିଟି ନ ଆସିବାଯାଏ ଘରକୁ ଫେରୁ ନଥିଲି ।''

ଶ୍ରୀଅରବିନ୍ଦ ଏବଂ ସୁଭାଷଚନ୍ଦ୍ର ଉଭୟେ ଥିଲେ ପ୍ରଚଣ୍ଡ ଦେଶପ୍ରେମୀ । ତୋଷାମଦୀ ଅଥବା ସାଲିସ ନୁହେଁ, ବିପ୍ଳବ ମାଧ୍ୟମରେ ସୁପ୍ତ ଶକ୍ତିକୁ ଜାଗ୍ରତ୍ କରି ଦେଶ ମାତୃକାର ସେବା କରିବା ଲାଗି ଉଭୟେ ଥିଲେ ସଂକଳ୍ପବଦ୍ଧ । ମାତ୍ର ଚାରିବର୍ଷର ସକ୍ରିୟ ରାଜନୈତିକ କାର୍ଯ୍ୟକଳାପ ମାଧ୍ୟମରେ ଜାତୀୟ କଂଗ୍ରେସକୁ ସମୁଚିତ ଦିଗ୍‌ଦର୍ଶନ ଦେଇ ମୋହମୁକ୍ତ କରିବାକୁ ଶ୍ରୀଅରବିନ୍ଦ ପ୍ରଚେଷ୍ଟା କରିଥିବା ବେଳେ ସୁଭାଷଚନ୍ଦ୍ର ଦୁଇ ଦୁଇ ଥର କଂଗ୍ରେସର ଅଧ୍ୟକ୍ଷପଦ ବରଣ କରି କଂଗ୍ରେସ ରଥକୁ ଦୃପ୍ତ ପଦରେ ଆଗେଇ ନେବାକୁ ପ୍ରବଳ ଚେଷ୍ଟା କରିଥିଲେ । ଦେଶବାସୀଙ୍କର ପ୍ରସ୍ତୁତି ଏବଂ ଗ୍ରହଣଶୀଳତାର ଅଭାବରୁ ଉଭୟେ ଭିନ୍ନ ଭିନ୍ନ ପଥ ଅନୁସରଣ କରିଥିଲେ । ଅନ୍ତର୍ଭେଦୀ ଆଧ୍ୟାତ୍ମିକତାହିଁ ଉଭୟଙ୍କୁ ଆଗୁସାର କରାଇନେଇ ଯାଇଥିଲା । ଏକ ଉନ୍ନତ ପୁରୋଦୃଷ୍ଟି ସମ୍ପନ୍ନ ଶିକ୍ଷା ବ୍ୟବସ୍ଥାହିଁ ଭାରତବର୍ଷକୁ ଆଗକୁ ନେଇଯାଇ ପାରିବ ବୋଲି ଉଭୟଙ୍କର ବୋଧଗମ୍ୟ ହୋଇଥିଲା । ସେଥିଲାଗି ଶ୍ରୀଅରବିନ୍ଦ ବରୋଦା କଲେଜର ଅଧ୍ୟକ୍ଷ ପଦ ଛାଡ଼ି ଅତି ଅଳ୍ପ ପାରିଶ୍ରମିକରେ କଲିକତାରେ ନବ ପ୍ରତିଷ୍ଠିତ ନ୍ୟାସନାଲ କଲେଜରେ ଆସି ଯୋଗଦାନ କରିଥିଲେ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାର ରୂପରେଖ ଏବଂ ପ୍ରୟୋଗ ବିଷୟରେ ଅଭିନବ ପଦକ୍ଷେପ ମାନ ଗ୍ରହଣ କରିଥିଲେ । ଠିକ୍ ସେହିଭଳି ସୁଭାଷଚନ୍ଦ୍ର ମଧ୍ୟ ତାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଶିକ୍ଷା ସଂସ୍କାରରେ ସଂପୂର୍ଣ୍ଣ ବିଶ୍ୱାସ କରି କଲିକତାରେ ଦଳଟିଏ ଗଢ଼ି ଏ ବିଷୟରେ ଆଲୋଚନାମାନ କରିବା ସହିତ କେତେକ ପଦକ୍ଷେପ ନେଇଥିଲେ । ତାଙ୍କ ନିଜ ଭାଷାରେ : ''ଅନେକ ଆଲୋଚନା ପରେ ଭାବିଚିନ୍ତି ଆମେ ଠିକ୍ କଲୁ – ପ୍ରକୃତ ଭଲ ଶିକ୍ଷାନୁଷ୍ଠାନଟିଏ ଆମେ ଗଢ଼ିବୁ । ଚାରିଆଡ଼େ ଏହି ପ୍ରତିଷ୍ଠାନର ଶାଖାମାନ ରହିବ । ଏହି ଉଦ୍ଦେଶ୍ୟରେ ଦଳର କେତେଜଣ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନ ଏବଂ ଉତ୍ତର ଭାରତର ଗୁରୁକୁଳ ବିଶ୍ୱବିଦ୍ୟାଳୟ ପରି ସମସାମୟିକ ବିଭିନ୍ନ ପ୍ରତିଷ୍ଠାନରେ ଶିକ୍ଷା ବ୍ୟବସ୍ଥା ଅନୁଶୀଳନ କରିବା ଆରମ୍ଭ କରିଦେଲେ ।''

ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରି ଆପଣାର ସ୍ୱଧର୍ମ ତଥା ସ୍ୱଭାବ ସଂଜାତ ସ୍ୱାଧୀନତାକୁ ବଳି ନ ଦେବା ଉଦ୍ଦେଶ୍ୟରେ ଜାଣି ଜାଣି ଘୋଡ଼ାଚଢ଼ା ପରୀକ୍ଷାରେ ହାଜର ନ ହୋଇ ଶ୍ରୀଅରବିନ୍ଦ ସେକାଳର ଲୋଭନୀୟ ଆଇ.ସି.ଏସ୍. ଚାକିରିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅନୁରୂପ ଭାବରେ ଆଇ.ସି.ଏସ୍. ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଚାରିଆଡ଼ୁ ସୁଭାଷଚନ୍ଦ୍ରଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟୁଥିବା ବେଳେ ସେ କିନ୍ତୁ ଚାକିରି କାଳର ମୋଟା ଦରମା ଏବଂ ଅବସର ପରେ ମୋଟା ପେନ୍‌ସନ ବଦଳରେ ଇଂରେଜ ସରକାରଙ୍କଠାରେ ଦାସତ୍ୱକୁ ସ୍ୱୀକାର ନକରି ସେଥିରେ ଯୋଗଦାନ ନକରିବା

ଲାଗି ଅନୁମତି ଦେବାକୁ ଏବଂ ତାଙ୍କ ମାଆବାପାଙ୍କୁ ଏଥିଲାଗି ରାଜି କରାଇବାକୁ ଅନୁରୋଧ ଜଣାଇ ତାଙ୍କ ଭାଇଙ୍କ ପାଖକୁ ଲେଖିଥିବା ପତ୍ରରେ ଲେଖିଥିଲେ : ''ଯଦି ଏଇ ବୟସରେ ଚିତ୍ତରଞ୍ଜନ ଜୀବନର ସବୁକିଛି ତ୍ୟାଗ କରି ଅନିଶ୍ଚିତ ପଥରେ ପାଦ ଦେଇ ପାରନ୍ତି ତେବେ ମୋର ସାଂସାରିକ ସମସ୍ୟାବିହୀନ ତରୁଣ ଜୀବନରେ ଏ କ୍ଷମତା ଆହୁରି ଅଧିକ ହେବା ଉଚିତ । ଚାକିରି ଛାଡ଼ିଦେଲେ ମୋ ପାଇଁ କାମର କିଛି ଅଭାବ ହେବ ନାହିଁ । ଶିକ୍ଷକତା, ସମାଜ-ସେବା, ସମବାୟ ପ୍ରତିଷ୍ଠାନାଦି, ସାମ୍ବାଦିକତା, ଗ୍ରାମ ସଙ୍ଗଠନ ଆଦି ବହୁତ କାମ ଅଛି । ସେଥିରେ ହଜାର ହଜାର କର୍ମଠ ତରୁଣଙ୍କୁ ନିୟୋଗ କରାଯାଇପାରେ । ବ୍ୟକ୍ତିଗତ ଭାବରେ ମୁଁ ବର୍ତ୍ତମାନ ଶିକ୍ଷକତା ଓ ସାମ୍ବାଦିକତା ପ୍ରତି ଆକୃଷ୍ଟ ହୋଇଛି । ନ୍ୟାସନାଲ କଲେଜ ଓ ନୂତନ ସମ୍ବାଦପତ୍ର 'ସ୍ୱରାଜ' ସହ ମୁଁ ଏବେ କିଛିଦିନ କଟାଇ ପାରିବି । ଆତ୍ମତ୍ୟାଗର ଆଦର୍ଶରେ ଜୀବନ ଆରମ୍ଭ କରିବାକୁ ଚାହେଁ । ଅନାଡ଼ମ୍ବର ଜୀବନ ଓ ଉଚ୍ଚ ଚିନ୍ତାହିଁ ମୋର ଲକ୍ଷ୍ୟ । ବିଦେଶୀ ଶାସକଙ୍କ ଅଧୀନରେ ଚାକିରି କରିବାକୁ ମୁଁ ଘୃଣା କରେ । ରମେଶ ଦତ୍ତଙ୍କ ପ୍ରଦର୍ଶିତ ପଥ ଅପେକ୍ଷା ଅରବିନ୍ଦଙ୍କ ପଥ କଣ୍ଟକାକୀର୍ଣ୍ଣ ହେଲେ ସୁଦ୍ଧା ତାହା ମୋ ପାଇଁ ମହତ୍ ନିଃସ୍ୱାର୍ଥପର ଅନୁପ୍ରେରଣାର ପଥ । ... ବିଦେଶୀ ଅମଲାତନ୍ତ୍ରର ପ୍ରଭୁତ୍ୱକୁ ମାନିନେବା ନୈତିକତା ଦୃଷ୍ଟିରୁ ମୋ ପକ୍ଷେ ଅସମ୍ଭବ । ଜନସେବାର ପ୍ରଥମ ଆବଶ୍ୟକତା ହେଲା ସାଂସାରିକ ଉଚ୍ଚାକାଂକ୍ଷା ତ୍ୟାଗ କରିବା । ସାଂସାରିକ ଉନ୍ନତିର ପଥ ସମ୍ପୂର୍ଣ୍ଣ ପରିତ୍ୟାଗ କରିଲେ ଯାଇ ଜାତୀୟ କର୍ମରେ ଆତ୍ମୋତ୍ସର୍ଗ କରିବା ସମ୍ଭବ । ମୋର ମାନସ ଚକ୍ଷୁରେ ଅରବିନ୍ଦ ଘୋଷଙ୍କର ଦୃଷ୍ଟାନ୍ତ ସର୍ବଦା ଦେଦୀପ୍ୟମାନ ହୋଇ ରହିଛି । କ୍ରମଶଃ ମୁଁ ହୃଦ୍‌ବୋଧ କରୁଛି ଯେ ତାଙ୍କରି ପଥ ଅନୁସରଣ କରି ମୁଁ ତାଙ୍କ ପରି ଆତ୍ମୋତ୍ସର୍ଗ କରିପାରିବି । ମୋର ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ସେଥିପାଇଁ ଅନୁକୂଳ ।''

ବିଶ୍ୱକବି ରବୀନ୍ଦ୍ରନାଥ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଗି ବିକଳ ହୋଇ ତାଙ୍କୁ ପତ୍ର ଲେଖି ଅନୁମତି ପ୍ରାପ୍ତ ହେବାପରେ ପଣ୍ଡିଚେରୀ ଯାଇ ୧୯୨୮ ମସିହା ମେ ମାସ ୯ ତାରିଖରେ ତାଙ୍କ ସାନ୍ନିଧ୍ୟ ଲାଭ କରିଥିବା ବେଳେ ସୁଭାଷଚନ୍ଦ୍ର ୧୯୧୮ରେ ଶାନ୍ତିନିକେତନ ଯାଇ ରବୀନ୍ଦ୍ରନାଥଙ୍କୁ ଭେଟି ତାଙ୍କ ଦର୍ଶନେଚ୍ଛା ଚରିତାର୍ଥ କରିଥିଲେ । ପରନ୍ତୁ, ୧୯୦୮ ମସିହା ମେ ମାସରୁ ବର୍ଷେକାଳ ଆଲିପୁର ଜେଲରେ ଅବସ୍ଥାନ କାଳରେ ଶ୍ରୀଅରବିନ୍ଦ ବିବେକାନନ୍ଦଙ୍କ ଆତ୍ମା ସହିତ ସାକ୍ଷାତ୍ ଲାଭ କରି ଊର୍ଦ୍ଧ୍ୱମାନସିକ ସ୍ତରର ଚେତନା ବିଷୟରେ ଆଦିଷ୍ଟ ହୋଇଥିଲେ । ଠିକ୍ ସେହିଭଳି ସୁଭାଷଚନ୍ଦ୍ର ମଧ୍ୟ ଛାତ୍ରାବସ୍ଥାରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣା ଦ୍ୱାରା ଅନୁପ୍ରେରିତ ହୋଇ ଆପଣାର ଜୀବନ ତରୀ ଆଗକୁ ବାହି ନେଇ ଯାଇଥିଲେ । ପ୍ରିୟତମା ପତ୍ନୀଙ୍କ ପାଖକୁ ଆପଣାର ପାଗଳାମିତ୍ରୟ ବିଷୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ଶ୍ରୀଅରବିନ୍ଦ ଲେଖିଥିଲେ; ''ମୋର ଦୃଢ଼ବିଶ୍ୱାସ ଭଗବାନ୍ ଯେଉଁ ଗୁଣ, ଯେଉଁ ପ୍ରତିଭା, ଯେଉଁ ଉଚ୍ଚଶିକ୍ଷା ଓ ବିଦ୍ୟା, ଯେଉଁ ଧନ ଦେଇଛନ୍ତି, ସବୁକିଛି ଭଗବାନଙ୍କର । ଯାହା ପରିବାର ଭରଣପୋଷଣରେ ଲାଗେ, ଆଉ ଯାହା ନିତାନ୍ତ ଆବଶ୍ୟକ ତାହାହିଁ ନିଜ ନିମିତ୍ତ ଖର୍ଚ୍ଚ କରିବାର ଅଧିକାର ଅଛି; ଆଉ ଯାହା ବାକି ରହିଲା ତାହା ଭଗବାନଙ୍କୁ ଫେରାଇ ଦେବା ଉଚିତ । ମୁଁ ଯଦି ସବୁକିଛି ନିଜ ନିମିତ୍ତ, ନିଜର ସୁଖ ଓ ବିଳାସ ନିମିତ୍ତ ଖର୍ଚ୍ଚ କରେ ତାହା ହେଲେ ମୁଁ ଚୋର ।'' ଅନୁରୂପ ଭାବରେ ତାଙ୍କ ମାଆଙ୍କ ପାଖକୁ ଲେଖିଥିବା ପତ୍ରରେ ଷୋଡ଼ଶ ବର୍ଷୀୟ ସୁଭାଷଚନ୍ଦ୍ର ଉଲ୍ଲେଖ କରିଛନ୍ତି : ''ଆମେ ବୃଥାରେ 'ଧନ' 'ଧନ' କହି ହାହାକାର କରୁ । ଥରେ ବି ଭାବୁନା ପ୍ରକୃତ ଧନୀ କିଏ ? ଯାହାର ଭଗବତ୍ ପ୍ରେମ, ଭଗବତ୍ ଭକ୍ତି ପ୍ରଭୃତି ଧନ ଅଛି ସେଇ ତ ଜଗତରେ ଧନୀ । ତା' ତୁଳନାରେ ମହାରାଜାଧିରାଜ ମାନେ ମଧ୍ୟ ଦୀନ ଦରିଦ୍ର । ବଡ଼ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏ ପ୍ରକାର ଅମୂଲ୍ୟ ଧନ ହରେଇବା ପରେ ମଧ୍ୟ ଆମେମାନେ ଜୀବିତ ଅଛୁ । ... ଭଗବାନଙ୍କ ଶ୍ରୀଚରଣରେ ଜୀବନ ସମର୍ପଣ କରି ଯିଏ ନିଜ ଜୀବନ ତରୀ ଭସେଇ ଦେଇପାରେ ସେଇହିଁ ଧନ୍ୟ, ତା' ଜୀବନ ସାର୍ଥକ, ତା'ର ମାନବ ଜୀବନ ସଫଳ । କିନ୍ତୁ ହାୟ ! ଆମେମାନେ ଏହି ମହାସତ୍ୟକୁ ବୁଝି ମଧ୍ୟ ବୁଝି ପାରୁନା । ଆମେ ଏପରି ଅନ୍ଧ, ଏପରି ଅବିଶ୍ୱାସୀ ଓ ଏପରି ମୂର୍ଖ ଯେ କୌଣସି ମତେ ଆମର ଜ୍ଞାନଚକ୍ଷୁ ଉନ୍ମୀଳିତ ହୁଏ ନାହିଁ । ଆମେ ମଣିଷ ନୋହୁଁ – କଳିଯୁଗର ରାକ୍ଷସ ।''

ନେତାଜୀ ସୁଭାଷଚନ୍ଦ୍ରଙ୍କ ଆତ୍ମଜୀବନୀ 'ଭାରତ ପଥିକ' ନାମରେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ଦ୍ୱାରା ୨୦୧୪ରେ ପ୍ରକାଶିତ । ଏହି ମହାର୍ଘ୍ୟ ପୁସ୍ତକଟିର ଛତ୍ରେ ଛତ୍ରେ ଭରି ରହିଛି ନେତାଜୀଙ୍କର ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଏବଂ ଆନୁଗତ୍ୟ । ଏହାକୁ ନେତାଜୀଙ୍କର ଜୀବନଚର୍ଯ୍ୟାରେ ଶ୍ରୀଅରବିନ୍ଦଙ୍କର ପ୍ରଭାବର ଏକ ସ୍ୱୀକାରୋକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ❑

କାହାଣୀ :

# ନୈକଟ୍ୟର ବିପଦ

## ମନୋଜ ଦାସ

ତୁରସ୍କ ରାଜ୍ୟର ପାଖାପାଖି ଥିଲା ବେଶ୍ କେତେଗୁଡ଼ିଏ ଛୋଟ ଛୋଟ ରାଜ୍ୟ । ତହିଁରୁ ଗୋଟାଏ ରାଜ୍ୟରେ ଥିଲେ ଆବୁଲ୍ ତମାମ୍ ନାମକ ଜଣେ ଯୁବକ । ବ୍ୟବସାୟରେ ସେ ଆଶାତୀତ ଉନ୍ନତି କରିଥିଲେ । ତା'ର କାରଣ ସେ ଥିଲେ ଅତ୍ୟନ୍ତ ସାଧୁ ଏବଂ ବିନୟୀ । ଅନ୍ୟ ବ୍ୟବସାୟୀମାନେ ତଥା ଜନସାଧାରଣ ତାଙ୍କୁ ବିଶ୍ୱାସ କରୁଥିଲେ ।

ତାଙ୍କ ଖ୍ୟାତି ଶୁଣିଲେ ରାଜା ଆଲ୍ୟାନ୍ ଶାହ । ଆଲ୍ୟାନ୍ ଶାହ ଥିଲେ ଜଣେ ସୁଶାସକ ତଥା ବୁଦ୍ଧିମାନ୍ ରାଜା । ସେ ଆବୁଲ୍ ତମାମ୍‌ଙ୍କୁ ରାଜଦରବାରକୁ ଡକାଇଲେ । କଥାବାର୍ତ୍ତା ଭିତରେ ଯୁବକ ରାଜା ବୁଝିପାରିଲେ ଯେ ଆବୁଲ୍ ତମାମ୍ ଖାଲି ସାଧୁ ଓ ବିନୟୀ ନୁହନ୍ତି, ସେ ବେଶ୍ ଜ୍ଞାନୀ ଏବଂ ବୁଦ୍ଧିମାନ୍ ମଧ୍ୟ । ତାଙ୍କ ଦରବାରରେ ସେଭଳି ନାନାଦି ସୁଗୁଣସମ୍ପନ୍ନ ଅମାତ୍ୟ ଆଉ କେହି ନଥିଲେ ।

ରାଜା ତେଣିକି ବାରଂବାର ଆବୁଲ୍‌ଙ୍କୁ ଡକାଇଲେ ଓ ନାନା ବିଷୟରେ ତାଙ୍କ ପରାମର୍ଶ ଲୋଡ଼ିଲେ । ଆବୁଲ୍ ରାଜାଙ୍କୁ କେତେଥର କହିଲେ, ''ଆଜ୍ଞା, ମୋତେ ବେଶୀ ଆଦର କରନ୍ତୁ ନାହିଁ । ଆପଣଙ୍କଠାରୁ କିଛିଟା ଦୂରତା ବଜାୟ ରଖିବା ମୋ ପାଇଁ ମଙ୍ଗଳଜନକ ।''

ରାଜା ତାଙ୍କ କଥା ହସି ଉଡ଼ାଇ ଦେଉଥା'ନ୍ତି ।

ଆବୁଲ୍ ତମାମ୍‌ଙ୍କ ସନ୍ଦେହ ଅମୂଳକ ନଥିଲା । ରାଜାଙ୍କର ଥିଲେ ତିନି ଜଣ ମନ୍ତ୍ରୀ । ସେମାନେ ପରସ୍ପର ଈର୍ଷା କରୁଥିଲେ ସତ, କିନ୍ତୁ ଆବୁଲ୍‌ଙ୍କୁ ସଭିଏଁ ଏକତ୍ର ଈର୍ଷା କରିବାକୁ ଆରମ୍ଭ କଲେ । ଦିନେ ତିନିହେଁ ଏକତ୍ର ହୋଇ ଆବୁଲ୍‌ଙ୍କୁ କେମିତି ରାଜାଙ୍କଠାରୁ ଦୂରେଇ ଦେବେ ସେ ବିଷୟରେ ଆଲୋଚନା କଲେ ।

ସେତେବେଳେ ସେ ବିଶାଳ ମୁଲକବ୍ୟାପୀ ଗୋଟାଏ କଥା ଖୁବ୍ ଚାଞ୍ଚଲ୍ୟ ସୃଷ୍ଟି କରିଥାଏ । ତୁରସ୍କ ରାଜାଙ୍କର ଏକମାତ୍ର ସନ୍ତାନ ଅତ୍ୟନ୍ତ ସୁନ୍ଦରୀ କନ୍ୟାଟିଏ । ଯିଏ ତାକୁ ବିଭା ହେବ, ସେ ତା' ନିଜ ରାଜ୍ୟ ସହ ସମୃଦ୍ଧ ତଥା ବିରାଟ ତୁରସ୍କ ରାଜ୍ୟର ରାଜା ବନିଯିବ । ଆଖପାଖର ପାଞ୍ଚ ଛ' ଜଣ ରାଜା ବା ରାଜପୁତ୍ରଙ୍କ ପ୍ରସ୍ତାବ ନେଇ ଦୂତମାନେ ତୁରସ୍କ ରାଜପୁରୀକୁ ଯାଇଥିଲେ । କିନ୍ତୁ କେହି ଫେରିଲେ ନାହିଁ । କୌଣସି ଅଜଣା କାରଣରୁ ସେମାନେ ସେଠାରେ ବନ୍ଦୀ ହୋଇ ରହିଥା'ନ୍ତି ବୋଲି ଖବର ପ୍ରଚାର ହୋଇଥାଏ । ତୁରସ୍କ ସବୁଠାରୁ କ୍ଷମତାଶାଳୀ ରାଜ୍ୟ । ଆଖପାଖର ସବୁ ରାଜାଙ୍କ ସୈନ୍ୟବାହିନୀର ଯୋଗଫଳର ଦୁଇଗୁଣ ବଡ଼ ତୁରସ୍କ ରାଜାଙ୍କ ସୈନ୍ୟବାହିନୀ । ତେଣୁ କୌଣସି ରାଜା ତାଙ୍କ ଦୂତକୁ ମୁକ୍ତ କରି ଆଣିବା ଦିଗରେ ଚେଷ୍ଟା ନକରି ଚୁପ୍‌ଚାପ୍ ଅପମାନ ଟିକକ ହଜମ କରି ରହିଥା'ନ୍ତି ।

ତିନି ମନ୍ତ୍ରୀ ଏକମତ ଏବଂ ଏକଜୁଟ ହୋଇ ରାଜା ଆଲ୍ୟାନ୍ ଶାହଙ୍କୁ ଯାଇ କହିଲେ, ''ହଜୁର ! ଆପଣ ଯଦି ତୁରସ୍କର ରାଜକନ୍ୟାଙ୍କୁ ବିଭା ହୁଅନ୍ତେ ତେବେ ଆପଣଙ୍କର ତଥା ଆମ ରାଜ୍ୟର ଗୌରବ କେତେ ବଢ଼ି ଯାଆନ୍ତା ।''

''ବୁଝୁଛି । ସେ କଥା ଭାବିଛି ମଧ୍ୟ । କିନ୍ତୁ ସେ ଦେଶର ରାଜାଙ୍କ ବ୍ୟବହାର ତ ଅଦ୍ଭୁତ । ସେ ରାଜଦୂତମାନଙ୍କୁ ଅଟକାଇ ରଖୁଛନ୍ତି । ବିବାହ ପ୍ରସ୍ତାବ ଧରି ତୁମମାନଙ୍କ ଭିତରୁ କିଏ ସେ ସମ୍ଭାବ୍ୟ ବିପଦ ଭିତରକୁ ଯିବାକୁ ପ୍ରସ୍ତୁତ ?'' ଆଲ୍ୟାନ୍ ଶାହ ପ୍ରଶ୍ନ କଲେ ।

''ଆମେ ସଭିଏଁ ପ୍ରସ୍ତୁତ । ଆପଣଙ୍କ ପାଇଁ ଆମେ ସବୁ ବିପଦକୁ ତୁଚ୍ଛ କରିପାରୁ । କିନ୍ତୁ ଆପଣ ଆମମାନଙ୍କ ଯୋଗ୍ୟତା କଥା ଜାଣନ୍ତି । ଆମଠୁଁ ଅଧିକ ଯୋଗ୍ୟ କ'ଣ କେହି ନାହିଁ ?'' ମନ୍ତ୍ରୀମାନେ ପରସ୍ପରକୁ ଚାହିଁ ପ୍ରଶ୍ନଟି କଲେ – ସତେ ଯେପରି ସେମାନେ ମଧ୍ୟ ସେ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ।

''ଅବଶ୍ୟ ଅଛନ୍ତି'', କହିଲେ ବୟସ୍କ ମନ୍ତ୍ରୀଜଣକ । ''ସେ ହେଲେ ଆବୁଲ୍ ତମାମ୍ ।''

''ଠିକ୍, ଠିକ୍ !'' ଅନ୍ୟ ଦୁଇ ମନ୍ତ୍ରୀ ପ୍ରସ୍ତାବଟିକୁ ସମର୍ଥନ କଲେ ।

ରାଜାଙ୍କର ମଧ୍ୟ ଆବୁଲ୍‌ଙ୍କ ବୁଦ୍ଧି ଓ କୂଟନୀତିକ ଆଚରଣ ଉପରେ ଥାଏ ଗଭୀର ଆସ୍ଥା । ସେ ସେହିଦିନ ତାଙ୍କୁ ଡକାଇ ନିଜ ମନୋଭାବ ବ୍ୟକ୍ତ କଲେ ।

''ବେଶ୍ ! ମୁଁ ଆପଣଙ୍କ ଦୂତଭାବେ ତୁରସ୍କ ଯିବାକୁ ପ୍ରସ୍ତୁତ ।'' ଆବୁଲ୍ ଜଣାଇଲେ ।

ରାଜା ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ, ''ଯଦି ତୁରସ୍କର ରାଜା ତୁମକୁ ଅଟକାଇ ରଖନ୍ତି, ତେବେ ମୁଁ ଯୁଦ୍ଧାଭିଯାନ କରି ତୁମକୁ ମୁକୁଳାଇ ଆଣିବି ।''

ଆବୁଲ୍ ହସିଲେ ଓ ଧନ୍ୟବାଦ ଦେଲେ । ହସିବାର କାରଣ ସେ ଜାଣିଥିଲେ ଯେ ରାଜା ଭାବପ୍ରବଣ ହୋଇ ଏକଥା କହୁଛନ୍ତି ସିନା, କିନ୍ତୁ ତୁରସ୍କ ବିରୋଧରେ ସେ ଯୁଦ୍ଧାଭିଯାନ କରିବା ଅର୍ଥ ନିଜ ଜୀବନ ଏବଂ ରାଜ୍ୟ ଉଭୟ ହରାଇବା । କିନ୍ତୁ ସେ ନିଜେ ରାଜାଙ୍କ ପ୍ରସ୍ତାବରେ ଅସମ୍ମତ ହେବେ କିପରି ? ଅସମ୍ମତ ହେବା ଅର୍ଥ ରାଜାଙ୍କ ବିରାଗଭାଜନ ହେବା । ଯେକୌଣସି ରାଜାଙ୍କ ରୀତି ହେଲା ବନ୍ଧୁଟିଏ ଯଦି ତାଙ୍କ ବିରାଗଭାଜନ ହେବ, ତେବେ ସେ ବନ୍ଧୁର ସର୍ବନାଶ ନ କରି ଛାଡ଼ିବେ ନାହିଁ ।

ଯଥା ସମୟରେ ସୌଜନ୍ୟମୂଳକ ଉପହାରରାଶି ଧରି ଆବୁଲ୍ ତମାମ୍ ତୁରସ୍କର ରାଜପ୍ରାସାଦରେ ଉପସ୍ଥିତ ହେଲେ । ରାଜା ତାଙ୍କୁ ସ୍ୱାଗତ କଲେ । ପରଦିନ ତାଙ୍କୁ ରାଜକନ୍ୟାଙ୍କ ସହ ସାକ୍ଷାତ୍ କରିବାକୁ କୁହାଗଲା ।

ସେ ଯଥାସମୟରେ ରାଜକୁମାରୀଙ୍କ ଅନ୍ତଃପୁରରେ ପହଞ୍ଚିଲେ ଏବଂ ରାଜକୁମାରୀଙ୍କୁ ଅଭିବାଦନ କରି ଆସନ ଗ୍ରହଣ କଲେ; କିନ୍ତୁ କିଛି କହିଲେ ନାହିଁ କି ମୁହଁକୁ ଅନାଇଲେ ନାହିଁ । କିଛି ସମୟ ନୀରବରେ ବିତିଗଲା । ରାଜକୁମାରୀଙ୍କ ଇଙ୍ଗିତରେ ତାଙ୍କର ଜଣେ ସେବିକା ଗୋଟାଏ ସୁବର୍ଣ୍ଣ ପାତ୍ରରେ କିଛି ମୂଲ୍ୟବାନ୍ ରତ୍ନ ଆଣି ଆବୁଲ୍‌ଙ୍କ ଆଗରେ ଥୋଇଲେ ।

''ଦୂତ ମହାଶୟ, ଏସବୁ ଆପଣଙ୍କ ପାଇଁ ଉପହାର !'' ରାଜକୁମାରୀ କହିଲେ ।

କିନ୍ତୁ ଆବୁଲ୍ ଖାଲି ଗୋଟାଏ ମାତ୍ର ଶବ୍ଦ କହିଲେ, ''ଧନ୍ୟବାଦ !''

ଆହୁରି କିଛି ସମୟ ନୀରବରେ କଟିଗଲା । ରାଜକନ୍ୟା ଉଠି ପଡ଼ିଲେ । ଆବୁଲ୍ ମଧ୍ୟ ଉଠିଲେ, କିନ୍ତୁ ସେ ଉପହାର ସ୍ପର୍ଶ ନ କରି ନିଜ ଅତିଥି-ନିବାସକୁ ଫେରି ଆସିଲେ ।

ସନ୍ଧ୍ୟାବେଳେ ତାଙ୍କୁ ଦରବାରକୁ ନିଆଗଲା । ରାଜା ଗମ୍ଭୀର ଭାବରେ କହିଲେ, ''ଦୂତ ! ମୋ ଝିଅ କହୁଛି ତୁମେ ତା' ସହ ଅନ୍ଧବତ୍, କାଲବତ୍ ଏବଂ ମୂକବତ୍ ଆଚରଣ କଲ ! କଥା କ'ଣ ?'' ''ମହାରାଜ ! ମୁଁ ମୋ ରାଜାଙ୍କ ଦୂତ ରୂପେ ଆପଣଙ୍କ ପାଖକୁ ଆସିଛି । ଆପଣଙ୍କ ନିର୍ଦ୍ଦେଶରେ ମୁଁ ରାଜକୁମାରୀଙ୍କୁ ଅଭିନନ୍ଦନ ଜଣାଇବାକୁ ଗଲି ଏବଂ ତାହା କଲି । ତା'ପରେ ସିଏ ଯାହା କହିଲେ, ଶୁଣିଲି । କଥାବାର୍ତ୍ତା ଭିତରେ ଧନ୍ୟବାଦ ଦେବା ଛଡ଼ା ମୋର ଅନ୍ୟ କିଛି କହିବାର କାରଣ ନଥିଲା, କାରଣ ମୋର କଥାବାର୍ତ୍ତା ହେବ ଆପଣଙ୍କ ସହ ।

ତାଙ୍କ ମୁହଁକୁ ଅନାଇ ରହିବା ମୋର ଔଦ୍ଧତ୍ୟ ହୁଅନ୍ତା । ମୁଁ ତାହା ନ କଲି ବୋଲି ସେ ମୋତେ ଅନ୍ଧପ୍ରାୟ କହିଛନ୍ତି । ମୁଁ ଗୁଡ଼ାଏ କଥା କହିଲି ନାହିଁ ବୋଲି ସେ ମୋତେ ମୂକପ୍ରାୟ କହିଛନ୍ତି । ମୁଁ ତାଙ୍କ ପ୍ରଦତ୍ତ ଉପହାର ଗ୍ରହଣ କଲି ନାହିଁ ବୋଲି ସେ ଧରି ନେଲେ ମୁଁ ତାଙ୍କ କଥା ଶୁଣିପାରି ନାହିଁ – ଅତଏବ ମୁଁ କାଲପ୍ରାୟ ।'' କହିଲେ ଆବୁଲ୍ ତମାମ୍ ।

''କିନ୍ତୁ ତୁମେ ଉପହାର ଗ୍ରହଣ କଲ ନାହିଁ କାହିଁକି ?'' ରାଜା ପଚାରିଲେ ।

''ମହାରାଜ ! ଆପଣ ଯଦି ମୋ ପ୍ରସ୍ତାବ ଗ୍ରହଣ କରିବେ, ତେବେ ତାହାହିଁ ହେବ ମୋ ପାଇଁ ଉପହାର । ରାଜକୁମାରୀଙ୍କ ପ୍ରଦତ୍ତ ରତ୍ନ କଥା ପରେ ଆସିବ; ଆନୁଷଙ୍ଗିକ ଉପହାର ରୂପେ ତାକୁ ମୁଁ ନେଇପାରେ । କିନ୍ତୁ ମୋ ପ୍ରସ୍ତାବ ଆପଣ ଗ୍ରହଣ କଲେ କି ନାହିଁ ଜାଣିବା ପୂର୍ବରୁ ମୁଁ ଉପହାରତକ ଗୋଟାଇ ନେଇଥା'ନ୍ତି କେଉଁ ବିବେକରେ ?'' ଉତ୍ତର ଦେଲେ ଆବୁଲ୍ ।

ରାଜା ଆନନ୍ଦରେ ଆବୁଲ୍‌ଙ୍କୁ ଅଭିନନ୍ଦନ ଜଣାଇଲେ ଏବଂ କହିଲେ, ''ଦୂତବର ! ତୁମ ଭଳି ବିବେକୀ ଅମାତ୍ୟ ମୋ ଦରବାରରେ ହେଲେ ଆଉ ଜଣେ ଦୁଇ ଜଣ ଥା'ନ୍ତେ କି ! ତୁମ ପୂର୍ବରୁ ଯେଉଁ ଦୂତମାନେ ଆସୁଥିଲେ, ପ୍ରତ୍ୟେକେ ରାଜକୁମାରୀଙ୍କ ମୁହଁକୁ ନିର୍ଲଜ୍ଜ ଭାବେ ଚାହିଁ ରହୁଥା'ନ୍ତି; ସେ ଦେଉଥିବା ପୁରସ୍କାର ଯେତେ ଶୀଘ୍ର ସମ୍ଭବ ଟେକି ନେଉଥା'ନ୍ତି । ତୁମେ ପ୍ରଥମ ବ୍ୟତିକ୍ରମ । ଆଉ ଗୋଟାଏ କଥା, ମୁଁ ତୁମ ରାଜାଙ୍କର ବହୁତ ପ୍ରଶଂସା ଶୁଣିଛି । ମୁଁ ମନେ ମନେ ଭାବୁଥିଲି ତାଙ୍କ ପାଖକୁ ମୋ ପକ୍ଷରୁ ହିଁ ପ୍ରସ୍ତାବ ପଠାଇବି । ମୁଁ ବହୁତ ଖୁସି ଯେ ତୁମେ ପ୍ରସ୍ତାବ ଧରି ଆସିଲ ।''

ଏହା ପରେ ସେ ପୂର୍ବରୁ ବନ୍ଦୀ ହୋଇଥିବା ଦୂତମାନଙ୍କୁ ମୁକ୍ତି ଦେଲେ । ଆବୁଲ୍ ତମାମ୍ ସହ ତାଙ୍କ ନିଜର ପ୍ରଧାନମନ୍ତ୍ରୀଙ୍କୁ ପଠାଇଲେ ଓ ବିବାହର ବ୍ୟବସ୍ଥା ପକ୍କା ହୋଇଗଲା । ଆବୁଲ୍ ତମାମ୍ ରାଜାଙ୍କର ଆହୁରି ଅଧିକ ପ୍ରିୟପାତ୍ର ହୋଇ ଉଠିଲେ ।

ଆଲ୍ୟାନ୍ ଶାହାଙ୍କ ତିନି ମନ୍ତ୍ରୀ ଦେଖିଲେ ସେମାନଙ୍କ ଯୋଜନାର ଫଳ ହେଲା ବିପରୀତ । ସେମାନେ ପୁଣି ଏକ ଖଳ ଷଡ଼ଯନ୍ତ୍ର କଲେ ।

ରାଜା ଆଲ୍ୟାନ୍ ଶାହଙ୍କର ଅଭ୍ୟାସ ଥିଲା, — ଦୁଇ ଜଣ ଚାକର ପିଲା ରାତିରେ ତାଙ୍କ ଗୋଡ଼ରେ ତେଲ ମାଲିସ କରୁଥା'ନ୍ତି । ରାଜା ପ୍ରାୟ ନିଦରେ ଶୋଇ ଯାଇଥା'ନ୍ତି ।

ଦିନେ ରାତିରେ ରାଜା ଶୋଇ ନାହାନ୍ତି ଜାଣି ମଧ ଜଣେ ଚାକର ପିଲା ଅନ୍ୟଜଣକୁ ମୃଦୁକଣ୍ଠରେ କହୁଥାଏ, ''ଶୁଣିଲୁଣି ତ ସେ ବାହାପିଆର ବାହାଦୁରି କଥା ?''

''କଣ୍ଠସ୍ୱର ଆହୁରି ତଳକୁ କର । ରାଜା ଯେମିତି ଶୁଣି ନ ପାରିବେ ।'' ଦ୍ୱିତୀୟ ଚାକର ପ୍ରଥମକୁ ସତର୍କ କରିଦେବା ଭଙ୍ଗିରେ କହିଲା ଏବଂ ପଚାରିଲା, ''ତୁ ଆବୁଲ୍ ତମାମ୍ କଥା କହୁଛୁ ତ ?''

''ହଁ, ବାହାପିଆ ଆଉ କିଏ ! ସେ କହୁଛି କି ତୁରସ୍କର ରାଜକୁମାରୀ ତାହାରି ପ୍ରେମରେ ପଡ଼ିଯାଇଥିବା ଯୋଗୁଁ ଆମ ରାଜାଙ୍କୁ ବିଭା ହେବାକୁ ରାଜି ହେଲେ । ସେ କୁଆଡ଼େ ଆବୁଲ୍ ତମାମ୍‌ଠୁଁ ଦୂରେଇ ରହିପାରିବେ ନାହିଁ ।'' ପ୍ରଥମ ଚାକର ମୃଦୁ କଣ୍ଠରେ କହିଲା ।

''ଆବୁଲ୍ ତମାମ୍ ସଇତାନ ବୋଲି ଆମ ଭଲ ମଣିଷ ରାଜାଙ୍କ ଛଡ଼ା ଆଉ କିଏ ବା ନ ଜାଣେ । କିନ୍ତୁ ସେ ଏଡ଼େ ଔଦ୍ଧତ୍ୟପୂର୍ଣ୍ଣ ଗୁଜବ ପ୍ରଚାର କରିବ ଏକଥା ମୁଁ ଭାବିପାରି ନଥିଲି ।'' କହିଲା ଅନ୍ୟଜଣକ ।

ରାଜା ଆଲ୍ୟାନ୍ ଶାହ ରାତିଯାକ ଶୋଇ ପାରିଲେ ନାହିଁ । ପ୍ରଭାତ ହେବା ମାତ୍ରେ ତାଙ୍କ ଆଦେଶରେ ଆବୁଲ୍ ତମାମ୍‌ଙ୍କୁ ରାଜପ୍ରହରୀମାନେ ତାଙ୍କ ଘରୁ ଧରି ଆଣି କାରାଗାରରେ ନିକ୍ଷେପ କଲେ ।

ରାଜାଙ୍କ ମନରେ କିନ୍ତୁ ସୁଖ ନଥାଏ । ସେଦିନ ରାତିରେ ସେ ନିଜ ପ୍ରାସାଦର ଛାତ ଉପରେ ଏକାକୀ ପଦଚାରଣା କରୁଥା'ନ୍ତି । ହଠାତ୍ ଚାକରମାନଙ୍କ ଖଞ୍ଜାରୁ ଦୁଇ ଜଣ କଳିଗୋଳ କରୁଥିବାର ଆବାଜ ତାଙ୍କ କାନରେ ପଡ଼ିଲା । ସେ ତଳକୁ ଓହ୍ଲାଇ ଧୀରେ ଧୀରେ ସେ ଖଞ୍ଜା ଆଡ଼କୁ ଯାଇ କାନ ଡେ଼ରିଲେ । ତାଙ୍କରି ଖାସ୍ ଦୁଇ ଚାକର ପିଲାଙ୍କ ଭିତରେ ବିବାଦ ଲାଗିଛି । ଜଣେ କହୁଛି, ''ମୁଁ ପ୍ରଥମେ କଥା ଆରମ୍ଭ କରି ନଥିଲେ ତୁ ସେମିତି ଉତ୍ତର ଦେବାକୁ ସାହସ କରିଥା'ନ୍ତୁ ? ଶେଷଥର ପାଇଁ କହୁଛି, ଶହେ ସୁନା ମୋହରରୁ ମୁଁ ନେବି ଷାଠିଏ, ତୁ ନେବୁ ଚାଳିଶ ।''

''କଦାପି ନୁହେଁ । ପଚାଶ ପଚାଶ । କାଲି ମନ୍ତ୍ରୀମାନଙ୍କୁ ପଚାରିବା !'' ଦ୍ୱିତୀୟ ଜଣକ କହୁଥାଏ ।

ରାଜା ସେମାନଙ୍କ କୋଠରି ଭିତରକୁ ପଶିଗଲେ । ଦୁଇ ଟୋକା ଚମକି ପଡ଼ି ଦୁଇଟା ପ୍ରାଣହୀନ ମୂର୍ତ୍ତି ଭଳି ଠିଆ ହୋଇ ରହିଲେ । ରାଜା ଜଣକୁ ଝିଙ୍କି ଦେଇ ପଚାରିଲେ, ''ସତ କହ ! ମନ୍ତ୍ରୀମାନଙ୍କୁ କ'ଣ ପଚାରିବୁ ?''

ଦୁହେଁ ଡରରେ ଡରିମରି ସ୍ୱୀକାର କଲେ କି ଶହେ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଆଶାରେ ଦୁହେଁ ପୂର୍ବଦିନ ଆବୁଲ୍ ତମାମ୍‌ଙ୍କ ବିରୋଧରେ ମିଛରେ ସେମିତି କହୁଥିଲେ । ମନ୍ତ୍ରୀ ତିନି ଜଣହିଁ ସେତକ କହିବାକୁ ଶିଖାଇ ଥିଲେ । ତତ୍‌କ୍ଷଣାତ୍ ରାଜା ପ୍ରହରୀମାନଙ୍କୁ ଡକାଇ ଦୁଇ ଟୋକାଙ୍କୁ ବନ୍ଦି କଲେ । ସ୍ୱୟଂ ଯାଇ କାରାଗାର ଖୋଲି ଆବୁଲ୍ ତମାମ୍‌ଙ୍କୁ ଆଲିଙ୍ଗନ କରି କ୍ଷମା ପ୍ରାର୍ଥନା କଲେ ।

''ମହାରାଜ ! ମୁଁ ଆପଣଙ୍କ ଠାରୁ କିଛି ଦୂରତା ବଜାୟ ରଖି ଚଳିବା ଯେ ମୋ ପାଇଁ ମଙ୍ଗଳଜନକ ହେବ ବୋଲି କହୁ ନଥିଲି ?'' ଆବୁଲ୍ ତମାମ୍ ହସି ହସି ରାଜାଙ୍କୁ ମନେ ପକାଇ ଦେଲେ ।

''କୌଣସି ଦୂରତା ନ ରହିବାହିଁ ହେବ ମୋ ପକ୍ଷରେ ତଥା ରାଜ୍ୟ ପକ୍ଷରେ ମଙ୍ଗଳଜନକ !'' ମନ୍ତବ୍ୟ ଦେଲେ ରାଜା ।

ସେ ତିନି ମନ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ବରଖାସ୍ତ କରି କାରାରୁଦ୍ଧ କଲେ ଏବଂ ସକାଳ ହେବା ମାତ୍ରେ ଆବୁଲ୍ ତମାମ୍ ତେଣିକି ତାଙ୍କର ଏକମାତ୍ର ମନ୍ତ୍ରୀ ରୂପେ କାମ ତୁଲାଇବେ ବୋଲି ଘୋଷଣା କଲେ ।

ଯଥା ସମୟରେ ତୁରସ୍କର ରାଜକନ୍ୟାଙ୍କ ସହ ରାଜା ଆଲ୍ୟାନ୍ ଶାହଙ୍କ ଶୁଭ ପରିଣୟ ସମ୍ପନ୍ନ ହେଲା । ନୂତନ ମନ୍ତ୍ରୀ ଆବୁଲ୍ ତମାମ୍‌ଙ୍କ ଅନୁରୋଧ କ୍ରମେ ସେହି ଉତ୍ସବ ଉପଲକ୍ଷେ ତିନି ବନ୍ଦୀ ମନ୍ତ୍ରୀ ଏବଂ ଚାକର ଟୋକା ଦୁହିଁଙ୍କୁ ମୁକ୍ତି ଦିଆଗଲା ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ
ସଂଗୃହୀତ, ପୃଷ୍ଠା. ୬୭୩ - ୬୭୬)

❑❑❑

ଯେଉଁ ସମ୍ପତ୍ତି ଦିବ୍ୟପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

— ଶ୍ରୀମା

# କୃତଜ୍ଞତାର ଅଶ୍ରୁ
## ବନମାଳୀ ଆଚାର୍ଯ୍ୟ

ଶିକ୍ଷକ ଶ୍ରେଣୀରେ କାହାଣୀଟିଏ କହୁଥିଲେ । କାହାଣୀଟିର ବିଷୟବସ୍ତୁ ଥିଲା 'କୃତଜ୍ଞତା' । ଛାତ୍ରଛାତ୍ରୀମାନଙ୍କର କୋମଳ ମନରେ କୃତଜ୍ଞତା ବିଷୟରେ କିଛି ଧାରଣା ଓ ଅନୁଭବ ସୃଷ୍ଟି କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ଅନ୍ତରର ଏହି ଦିବ୍ୟ ଭାବଟି କେବଳ ମନୁଷ୍ୟ ଭିତରେ ନୁହେଁ, ବେଳେ ବେଳେ ପଶୁ ମଧ୍ୟରେ ବି ଅନୁଭବ କରାଯାଇଥାଏ । କାହାଣୀଟି ଏହିପରି ଥିଲା ।

ନୁଆଁଣିଆ ନଡ଼ାଛପର ତଳ ଦେଇ ଟିକନ ଗାଈଗୁହାଳ ଭିତରକୁ ପ୍ରବେଶ କଲା । ତାହାର ସ୍ତ୍ରୀ ଟିକିଲି ବି ପେଜତୋରାଣି ଥିବା ବାଲଟିକୁ ହାତରେ ଧରି ତା' ପଛରେ ଆସିଲା । ସେମାନଙ୍କର ଏକମାତ୍ର ଗାଈ ସୁଭାଗୀ । ତା'ର ଛୁଆ ଜନ୍ମ କରିବାର ସମୟ ହୋଇଥିଲା । ସେ ପ୍ରସବକାଳୀନ ଯେଉଁ କଷ୍ଟ ଓ ଯନ୍ତ୍ରଣା ପାଉଥିଲା, ତାହା ଟିକିଲି ନିଜ ଭିତରେ ଅନୁଭବ କରି ପାରୁଥିଲା । ଏହାର ସ୍ଥୂଳ ପ୍ରତିକ୍ରିୟା ତାହାର ଶାନ୍ତ, ସରଳ ମୁଖ ମଣ୍ଡଳରେ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଟିକନ ସାମାନ୍ୟ ବିଚଳିତ ଜଣା ପଡୁଥିଲା । ସେ ଭାବୁଥିଲା, ବିଚାରୀ ସୁଭାଗୀର ଅବସ୍ଥା ବିଗିଡ଼ି ଯାଇପାରେ । ମାତ୍ର ସୌଭାଗ୍ୟବଶତଃ ସେପରି କିଛି ଘଟିଲା ନାହିଁ । ସୁଭାଗୀ ଅଣ୍ଡିରା ବାଛୁରୀଟିଏ ଜନ୍ମ ଦେଲା । ଦୁଇଜଣ ମିଶି ଗୁହାଳ ପରିଷ୍କାର କରିବା କାମରେ ମନ ଦେଲେ । ତା'ପରେ ସେମାନେ ଗାଈକୁ ନଡ଼ା ଓ କୁଣ୍ଡା ମିଶା ଗରମ ତୋରାଣି ଓ ପେଜ ପିଇବାକୁ ଦେଲେ । ବାଛୁରୀଟିର ରଙ୍ଗ କଳା ଥିବାରୁ ତା'ର ନାମ କାଳୁ ରଖିଲେ ।

ରାମୁ ଟିକନର ସାଙ୍ଗ ଓ ପଡ଼ୋଶୀ । ବାଛୁରୀକୁ ଭଲ ଭାବରେ ନିରୀକ୍ଷଣ କରିବା ପରେ ସେ ଟିକନକୁ ଜଣେ ବିଜ୍ଞ ବ୍ୟକ୍ତି ଭଳି କହିଲା, ''ଈଶ୍ୱରଙ୍କୁ ଧନ୍ୟବାଦ । ବାଛୁରୀଟି ସୁସ୍ଥ ଓ ବିପଦ ମୁକ୍ତ ଅଛି । ତା' ମଥାରେ ଥିବା ଗୋଲାକାର ଧଳାଚିତାଟି ମାଲିକ ପାଇଁ ଶୁଭଙ୍କର । ଏହା ତୁମର ଭାଗ୍ୟ ବଦଳାଇ ଦେବ । ଟଙ୍କା ଲୋଭରେ ତୁମେ ଏହାକୁ କେବେ ହେଲେ ବିକ୍ରି କରିବ ନାହିଁ । ସମସ୍ତ ପଶୁ, ସେମାନେ ବଣୁଆ ବା ଗୃହପାଳିତ ହୁଅନ୍ତୁ, ମନୁଷ୍ୟର ସାହାରା ଆବଶ୍ୟକ କରନ୍ତି । ସେମାନେ ମଣିଷ ଛୁଆଙ୍କ ଭଳି ଆଦର ଓ ଯତ୍ନ ପାଇବାର ସମୟ ଆସିଛି । ବର୍ତ୍ତମାନ ଯୁଗରେ ଜୀବନ ବଞ୍ଚିବାର ସଂଜ୍ଞା ହେଲା ଯଥାର୍ଥ ଭଲ ପାଇବାର ବାତାବରଣ ମଧ୍ୟରେ ବାସ କରିବା । ତୁମ ଗାଈର ପ୍ରଥମ ଆବଶ୍ୟକତା ଆଦର ଓ ଯତ୍ନ । ଏଥିରେ ପଇସା ଖର୍ଚ୍ଚ ହେବ ନାହିଁ । ଆଜି କାଲି ପଶୁମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କୁ ଅର୍ଥ ଲୋଭରେ ବିକ୍ରି କରି ଦିଆଯାଉଛି ବା ହତ୍ୟା କରାଯାଉଛି । ମୃତ୍ୟୁ ସମୟ ଆସିବା ପର୍ଯ୍ୟନ୍ତ ଆମେ ସେମାନଙ୍କର ଯତ୍ନ ନେବା ଉଚିତ ନୁହେଁ କି ? ତୁମେ ନିଶ୍ଚୟ ତୁମ ଗାଈ ଓ ବାଛୁରୀକୁ ପରିବାରର ଜଣେ ବୋଲି ମନେ କରିବ । ସେମାନଙ୍କର ଯତ୍ନ ନେବ ।'' ଏହାପରେ ଦୁଇଜଣ ଗାଈର ସ୍ୱାସ୍ଥ୍ୟରକ୍ଷା ଉପରେ ଗମ୍ଭୀର ଆଲୋଚନା କଲେ । ଶୁଖିଲା ପାଉଁଶ ବୁଣି ଗୁହାଳକୁ ଶୁଷ୍କ ଓ ଜୀବାଣୁମୁକ୍ତ ରଖିବା ସକାଶେ ରାମୁ ଟିକନକୁ ପରାମର୍ଶ ଦେଲା ।

ଟିକନ ନୀରବରେ ରାମୁର କଥାଗୁଡ଼ିକୁ ମଗଜ ଭିତରେ ଭର୍ତ୍ତି କରୁଥିଲା । ଅତୀତର ଅଭିଜ୍ଞତାଯୁକ୍ତ ସ୍ମୃତିଗୁଡ଼ିକ ତା' ମନ ଭିତରେ ଜାଗି ଉଠିଲା । ସେ କହିବାକୁ ଆରମ୍ଭ କଲା, ''ଏହି ହାତରେ ମୁଁ ସୁଭାଗୀର ଛୁଆଗୁଡ଼ିକୁ ବଢ଼ାଇ ଆଣିଛି । ତା'ର ନବଜାତ ବାଛୁରୀଗୁଡ଼ିକୁ ପରିଷ୍କାର କରୁଥିବା ବେଳେ ସେ ଅନେକଥର ତା'ର ଲମ୍ବା ଜିଭରେ ମୋ ଦେହକୁ ଚାଟି ପକାଏ । ସେକଥା ମନେ ପଡ଼ିଲେ ମୋ ଦେହରେ ଶିହରଣ ଆସେ । ସତରେ କେଡ଼େ ଆନନ୍ଦଦାୟକ ଅନୁଭୂତି ! ଏହି ମୂକ ପଶୁଟାର କେତେ ବଡ଼ ମମତାଭରା ହୃଦୟଟିଏ ! ମୋ ଦେହକୁ ଚାଟିବା ବେଳେ ସେ ମୋତେ ନିଶ୍ଚୟ ତା'ର ଆଉ ଏକ ଛୁଆ ବୋଲି ଧରି ନେଇଥିବ ।'' ଦୁଇବନ୍ଧୁ ଉଚ୍ଚ କଣ୍ଠରେ ହସି ଉଠିଲେ ।

ଟିକିଲିର କଥା ରଖି ଟିକନ କାଳୁ ବେକରେ ଛୋଟ ଘଣ୍ଟିଟିଏ ବାନ୍ଧି ଦେଲା । ଏହା ନିଶ୍ଚୟ ମମତାର ଏକ ପ୍ରତୀକ ଥିଲା । ବାଛୁରୀଟି ଏଣେ ତେଣେ ଦୌଡ଼ିବା ବେଳେ ଘଣ୍ଟିର ଯାଦୁକରୀ ଶବ୍ଦ ସେମାନଙ୍କ ହୃଦୟରେ ଖୁସିର ତରଙ୍ଗ ସୃଷ୍ଟି କରୁଥିଲା । କାଳୁକୁ ଖୁଆଇବା ବେଳେ ତା' କାନ ପାଖରେ ଟିକିଲିର ଅବୁଝା, ଅସ୍ପଷ୍ଟ ସ୍ନେହବୋଳା ଶବ୍ଦଗୁଡ଼ିକ ହୃଦୟକୁ ଏକ କରି ଦେଉଥିଲା । ମନୁଷ୍ୟ ଓ ପଶୁ ମଧ୍ୟରେ ରହିଥିବା ଶାରୀରିକ ବିଭେଦର ପ୍ରାଚୀର ସେମାନଙ୍କ ହୃଦୟର ଭଲ

ପାଇବା ନିକଟରେ ଅର୍ଥହୀନ ଥିଲା । ଗ୍ରୀଷ୍ମ ରାତିର ଖୋଲା ଆକାଶ ତଳେ ମନୁଷ୍ୟ ଓ ପଶୁ ପରସ୍ପରଠାରୁ ବ୍ୟବଧାନ ରଖି ଅଗଣାରେ ନିଦ୍ରା ଯାଇଥିବା ବେଳେ, ରାତ୍ରିର ଶେଷ ପ୍ରହର ଆଡ଼କୁ କାଲୁ ମନୁଷ୍ୟ ଦଳରେ ଆରାମରେ ଶୋଇଥିବାର ଦେଖିବାକୁ ମିଳୁଥିଲା । ମନୁଷ୍ୟର ଆନ୍ତରିକ ଭଲ ପାଇବାରେ ପଶୁ ଆଉ ପଶୁ ହୋଇ ରହେ ନାହିଁ । ଗୋଟିଏ ବର୍ଷ ନପୂରୁଣୁ କାଲୁ ବଡ଼ ଓ ଶକ୍ତିଶାଳୀ ହୋଇ ଉଠିଲା ।

ଦିନେ ଟିକିଲି ଟିକନକୁ କହିଲା, ''ଭଗବାନ୍ ଶିବଙ୍କ ମନ୍ଦିରରେ ମୁଁ କାଲୁକୁ ଷଣ୍ଢ ହେବାକୁ ଛାଡ଼ି ଦେବି । ଛଅ ମାସ ତଳେ ତୁମେ ବେମାର ପଡ଼ିଥିଲ । ଯେତେ ଔଷଧ ଖାଇଲେ ବି ତୁମେ ସୁସ୍ଥ ହେଲ ନାହିଁ । ଏକଥା ତୁମର ମନେ ଥିବ । ମୁଁ ପ୍ରତିଦିନ ଶିବ ମନ୍ଦିରକୁ ଯାଉଥିଲି ଏବଂ ତୁମର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଥିଲି । ଦିନେ ରାତିରେ ଏକ ବଡ଼ ଧଳା ଷଣ୍ଢକୁ ସ୍ୱପ୍ନରେ ଦେଖିଲି । ଆଶ୍ଚର୍ଯ୍ୟର କଥା, ପରଦିନ ତୁମେ ସୁସ୍ଥ ହୋଇ ଉଠିଲ । ଏହା ନିଃସନ୍ଦେହରେ ଭଗବାନ୍ ଶିବଙ୍କର କୃପା ଥିଲା । ମୋର ଅନ୍ତର କହୁଛି, ଭଗବାନ୍ ଚାହାନ୍ତି, କାଲୁ ଷଣ୍ଢ ହୋଇ ତାଙ୍କ ମନ୍ଦିରରେ ତାଙ୍କ ସହ ରହିବ ।'' ଟିକନ ମନରେ ବିଚାର ଆସିଲା – ଟିକିଲି ସତ୍ୟହିଁ କହୁଛି । କାଲୁ ଭଗବାନ୍ ଶିବଙ୍କର ହୋଇଯିବା ହୁଏତ ତାଙ୍କର ଇଚ୍ଛା । ପରଦିନ ଟିକନ ଓ ଟିକିଲି କାଲୁ ଓ ପୂଜକଙ୍କୁ ନେଇ ମନ୍ଦିରରେ ପହଞ୍ଚିଲେ । କାଲୁ ବେକରେ ଫୁଲମାଳ ପଡ଼ିଲା । ପୂଜାର୍ଚ୍ଚନା ହେଲା । କାଲୁ ଭଗବାନଙ୍କର ହୋଇଗଲା ବୋଲି ପୂଜକ ଘୋଷଣା କଲେ । ସେହିଦିନ ଠାରୁ କାଲୁର ମାଲିକ ଘରକୁ ଆସିବା ବନ୍ଦ ହୋଇଗଲା । ସେ ଏକ ବୁଲା ପଶୁ ଭାବରେ ବାହାରେ ବିଚରଣ କଲା ।

କିଛିଦିନ ବିତିଗଲା । ଶ୍ରାବଣ ମାସରେ ଦିନେ ଅବିରାମ ବର୍ଷା ଲାଗି ରହିଲା । ଅପରାହ୍ଣରେ ବର୍ଷା ଥମିଗଲା । ନିଜର ଶସ୍ୟକ୍ଷେତ୍ର ଉପରେ ଦୃଷ୍ଟି ବୁଲାଇ ଆଣିବା ଉଦ୍ଦେଶ୍ୟ ରଖି ଟିକନ ଘରୁ ଗୋଡ଼ କାଢ଼ିଲା । ଉଚ୍ଛୁଳା କେନାଲର ଆରପଟେ ତା'ର ଚାଷ ଜମି । କେନାଲ କୂଳେ କୂଳେ ଆଣ୍ଠୁଏ ପାଣିରେ ସେ ଆଗକୁ ବଢ଼ିଲା । ଲମ୍ବା ଘାସ ଓ ଛୋଟ ବୁଦାଗୁଡ଼ିକ ତା' ଖୋଲା ପାଦରେ ଛନ୍ଦି ହେଉଥିଲା । ଦୁର୍ଭାଗ୍ୟବଶତଃ କାଦୁଅରେ ତା'ର ଗୋଡ଼ ଖସିଗଲା ଏବଂ ସେ ପ୍ରଖର ଜଳସ୍ରୋତ ଭିତରେ ପଡ଼ିଗଲା । ଅଣନିଃଶ୍ୱାସୀ ହୋଇ ଏବଂ ଅସହାୟ ଅବସ୍ଥାରେ ସେ କିଛି ବାଟ ପାଣି ସୁଅରେ ଭାସିଗଲା । କୌଣସି ପ୍ରକାରେ ଜୀବନ ବଞ୍ଚାଇବାକୁ ଉଦ୍ୟମ କରି ଏକ ତେନ୍ତୁଳି ଗଛର ଭାସମାନ ମୂଳକୁ ଧରି ନେଲା ଏବଂ ଧୀରେ ଧୀରେ ବନ୍ଧ ଉପରକୁ ଉଠି ଆସିଲା । ଅତ୍ୟଧିକ କ୍ଳାନ୍ତି ଓ ଭୟ କାରଣରୁ ସେହି ଜନଶୂନ୍ୟ ଅନ୍ଧକାର ଇଲାକାରେ ସେ ଅଚେତ ହୋଇ ପଡ଼ି ରହିଲା । ରାତି ବଢ଼ିଲା । ଟିକନ ଘରକୁ ଫେରିଲା ନାହିଁ । ଟିକିଲିର ଚିନ୍ତା ବଢ଼ିଗଲା । ଅନ୍ୟ ଉପାୟ ନପାଇ ଚାରିଜଣ ପଡ଼ୋଶୀଙ୍କ ସହିତ ହାତରେ ଲଣ୍ଠନ ଓ ଠେଙ୍ଗା ଧରି ସେ ସ୍ୱାମୀଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲା । ମୂଷଳ ବୃଷ୍ଟି କାରଣରୁ ରାତ୍ରି ଭୟଙ୍କର ଲାଗୁଥିଲା । ମାତ୍ର ସେଥିପ୍ରତି ତା'ର ଦୃଷ୍ଟି ନଥିଲା । ସେମାନେ ଟିକନର ନାମ ଧରି ବାରଂବାର ବଡ଼ ପାଟିରେ ଡାକୁଥିଲେ । ନୀରବତା ମଧ୍ୟ ଦେଇ ସେମାନଙ୍କର ଡାକ ବହୁ ଦୂରକୁ ଶୁଭୁଥିଲା । ମାତ୍ର କୌଣସି ଉତ୍ତର ମିଳୁ ନଥିଲା । ଟିକିଲି ହତାଶ ହୋଇ ପଡ଼ିଲା । ହଠାତ୍ ଦୂରରୁ ଗୋଟିଏ ଷଣ୍ଢର କର୍କଶ ସ୍ୱର ସେମାନଙ୍କୁ ଶୁଭିଲା । ସ୍ୱରଟି ଟିକିଲିର ଅତି ପରିଚିତ ଥିଲା । ଏହା କାଲୁର କଣ୍ଠ ସ୍ୱର ବୋଲି ସେ ନିଶ୍ଚିତ ହେଲା । ସେମାନେ ତରବରରେ ସେହି ଆଡ଼କୁ ଆଗେଇ ଚାଲିଲେ । ସେଠାରେ ସେମାନଙ୍କୁ ଏକ ବିସ୍ମୟକର ଦୃଶ୍ୟ ଅପେକ୍ଷା କରୁଥିଲା । ଟିକନ ତେନ୍ତୁଳି ଗଛ ତଳେ ମାଟି ଉପରେ ଶୋଇ ରହିଥିଲା ଏବଂ କାଲୁ ତାହାକୁ ଜଗି ରହିଥିଲା । ଟିକିଲି କାଲୁର ଓଦା ଦେହକୁ ଆଉଁସି ଚାଲିଲା । ତା' ଆଖିରୁ ଝରି ପଡୁଥିବା ଟୋପା ଟୋପା କୃତଜ୍ଞତାର ଅଶ୍ରୁ କାଲୁର କଳା ଦେହ ଉପରେ ପଡୁଥିଲା । କାଲୁ ପୁନର୍ବାର ଟିକନର ଜୀବନ ବଞ୍ଚାଇଥିଲା !

ଗାଁ ସନ୍ନିକଟ ଜାତୀୟ ରାଜପଥର ପୋଲ ତଳେ କାଲୁ କେତେକ ବୁଲା ଗୋରୁଙ୍କ ମେଳରେ ରାତି କଟାଉ ଥିଲା । ଦିନକର କଥା । ଗ୍ରାମବାସୀମାନେ ସନ୍ଧ୍ୟାକାଳୀନ ଗ୍ରାମ ସଭାରେ ବ୍ୟସ୍ତ ଥିଲେ । ସେମାନଙ୍କୁ ଗୋଟିଏ ଖବର ମିଳିଲା ଯେ କେତେଜଣ ପଶୁ-ଚୋର ପୋଲ ତଳେ ଶୋଇଥିବା ଗୋରୁଗୁଡ଼ିକୁ ଟ୍ରକ ଉପରକୁ ଉଠାଇ ନେଉଛନ୍ତି । ଅବିଳମ୍ବେ ସମସ୍ତେ ଏକତ୍ର ହୋଇ ସେ ସ୍ଥାନରେ ପହଞ୍ଚିଲେ ଏବଂ ପଶୁ-ଚୋରଙ୍କୁ ଧରି ନେଲେ । ପୋଲିସ ପହଞ୍ଚି ଚୋରମାନଙ୍କୁ ଗିରଫ କଲେ । ଗୋରୁଗୁଡ଼ିକୁ ଉଦ୍ଧାର କଲେ । ଅନ୍ୟ ଗୋରୁଙ୍କ ଭଳି କାଲୁ ସେ ସ୍ଥାନ ପରିତ୍ୟାଗ କଲା ନାହିଁ । ସେ ଟିକନ ନିକଟକୁ ଆଗେଇ ଆସିଲା ଏବଂ ତା'ର ହାତକୁ ଚାଟିବାରେ ଲାଗିଲା । କାଲୁକୁ ଜାବୁଡ଼ି ଧରି ଟିକନ ଆବେଗ ଭରା କଣ୍ଠରେ କହିଲା, ''ତୁ

କ'ଣ ଭାବୁଛୁ, ମୁଁ ତୋ' ସହିତ ନାହିଁ, ତୋ'ଠାରୁ ଦୂରେଇ ଯାଇଛି ?'' କାଲୁ କେବଳ ଟିକନର ହାତ ଉପରେ ମୁଣ୍ଡକୁ ରଖି ଠିଆ ହୋଇ ରହିଲା । ସଜଳ ଆଖିରେ ତା'ର ଶ୍ରଦ୍ଧା, କୃତଜ୍ଞତା ଓ ସମର୍ପଣର ଭାବ । ପଶୁ ହେଲେ ବି ସେ ଟିକନର ଭଲ ପାଇବାକୁ ବୁଝି ପାରୁଥିଲା । ହୃଦୟ ହୃଦୟର ଭାଷାକୁ ଜାଣୁଥିଲା । କୌଣସି ଶବ୍ଦର ପ୍ରୟୋଜନ ନଥିଲା । ସେହିଦିନଠାରୁ ପ୍ରତିଦିନ ରାତିରେ କାଲୁ ତା' ମାଲିକର ଲୁହା ଫାଟକ ବାହାରେ ଥିବା ଟିଣ ଛପର ତଳେ ଶୋଇ ରହୁଥିବାର ଦେଖିବାକୁ ମିଳିଥିଲା ।

କାହାଣୀଟିରେ ଟିକିଲିର ସରଳ ମନ ଓ ସ୍ୱଚ୍ଛ ହୃଦୟରେ କାଲୁ ପ୍ରତି ଅନାବିଳ ପ୍ରେମ ରହିଛି । କାଲୁର ତ୍ୟାଗ ଓ ବିଶ୍ୱସ୍ତତା ଯୋଗୁଁ ତା'ର ସ୍ୱାମୀ ଦୁଇଥର ଜୀବନ ପାଇଛି । ସେଥିପାଇଁ ଟିକିଲି ଆଖିରୁ କାଲୁ ପ୍ରତି କୃତଜ୍ଞତାର ଅଶ୍ରୁ ବୋହିଛି । ପଶୁ ହେଲେ ବି କାଲୁ ତା'ର ମାଲିକ ଓ ଉଦ୍ଧାରକର୍ତ୍ତା ପ୍ରତି କୃତଜ୍ଞତା ଭାବ ପ୍ରକାଶ କରିଛି ।

ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଓ ମୋଡ଼ରେ ଦିବ୍ୟଜନନୀ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପ୍ରତି ଅନ୍ତରର କୃତଜ୍ଞତା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ସାଧନାର ଅଗ୍ରଗତିରେ ସହାୟକ ହୋଇଥାଏ । ମା'ଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ସମର୍ପଣ ଭାବ ବୃଦ୍ଧିପାଏ । ଚେତନା ସମ୍ପ୍ରସାରିତ ହୁଏ, ଅହଂ ଅପସାରିତ ହୁଏ, ଆଧାର ଶୁଦ୍ଧ ହୁଏ । ଶ୍ରୀମା ପୂର୍ଣ୍ଣାଙ୍ଗ କୃତଜ୍ଞତା ବିଷୟରେ କହିଛନ୍ତି, ''ଆମର ସମୁଦାୟ ସତ୍ତା ପରମ ବିଶ୍ୱାସର ସହିତ ପରମପ୍ରଭୁଙ୍କ ନିକଟରେ ନେଇ ନିଜକୁ ଅର୍ପଣ କରିଦିଏ ।''

❑❑❑

## ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର – ୨୦୨୪

୭୯ତମ ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷ ମଇ ମାସ ୨୨.୦୫.୨୦୨୪ ତାରିଖଠାରୁ ୩୧.୦୫.୨୦୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପିନାଥପୁର, ଜିଲ୍ଲା : କଟକ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୨.୦୫.୨୦୨୪ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'ଦିବ୍ୟ ଜୀବନ' ଗ୍ରନ୍ଥ (Life Divine)ର ଦ୍ୱିତୀୟ ଭାଗ ଅଧ୍ୟୟନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକଶତ)ଟଙ୍କା ରଖାଯାଇଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :**

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭାଇଅପାମାନେ ବସ୍ ବା ଟ୍ରେନ୍ ଯୋଗେ କଟକ ଆସି ସେଠାରୁ ଜଗତ୍‌ପୁର ବାଟେ କେନ୍ଦ୍ରପଡ଼ା ରାସ୍ତାରେ ବସ୍ ଯୋଗେ ଆସି ପାଗାଛକରେ ଓହ୍ଲାଇ ଗୋପିନାଥପୁରକୁ ଅଟୋ ଯୋଗେ ଆସି ପାରିବେ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।

ବୀରବର ସାହୁ – ୯୪୩୭୭ ୪୧୫୫୫; ଦୁର୍ଯ୍ୟୋଧନ ସାହୁ – ୯୪୩୮୧୨୩୬୫୫;
ବିପିନ୍ ବିହାରୀ ବାରିକ – ୯୪୩୮୭୩୪୯୭୫

# ହାର

ଝିଅଟିର ଚେହେରା ଖୁବ୍ ସୁନ୍ଦର, ସ୍ୱପ୍ନ ରାଇଜର ପ୍ରତିମାଟିଏ ସେ । କିନ୍ତୁ ଜନ୍ମ ତା'ର ଗରିବ ଘରେ । ଯୌତୁକ ଦେବା ଲାଗି ଘରେ ସମ୍ବଳ ନାହିଁ । ତେଣୁ ବଡ଼ ଘରେ ବିବାହ ବା କିପରି ହେବ ? ଶେଷରେ ଶିକ୍ଷା ବିଭାଗର ଜଣେ କିରାନିଙ୍କ ସଙ୍ଗେ ତା'ର ବିବାହ ହୋଇଗଲା । ନାମ ତାଙ୍କର ଲଏଜେଲ୍ ।

ମାତ୍ର ତା' ଜୀବନର ସ୍ୱପ୍ନ ଅପୂର୍ଣ୍ଣ ରହିଗଲା । ସେ ତା' ନୂଆ ଘରେ ଶାନ୍ତି ପାଇପାରିଲା ନାହିଁ । ସବୁବେଳେ ସାଧାସିଧା ବେଶ, ଆଡ଼ମ୍ବରହୀନ ବୈଠକଖାନା — ଏହାହିଁ କ'ଣ ତା' ଭାଗ୍ୟରେ ଥିଲା ? ଭଗବାନ୍ ନିଶ୍ଚୟ ତା' ପ୍ରତି ଅବିଚାର କରିଛନ୍ତି । ତାଙ୍କ ପ୍ରତି ତା' ମନରେ କ୍ଷୋଭ ଆସିଲା । ସେ ଏଡ଼େ ସୁନ୍ଦରୀ ! ସୁନ୍ଦର ଦାମୀ ବେଶଭୂଷା ପିନ୍ଧି ଉଚ୍ଚ ମହଲରେ ଚଲାବୁଲା କରିବା ପାଇଁ ସେ ସମ୍ପୂର୍ଣ୍ଣ ଯୋଗ୍ୟା । ସେ ବଡ଼ ବଡ଼ ସଭାକୁ ଯାଆନ୍ତା । ତା'ର ରୂପ ଓ ପୋଷାକରେ ବିଶିଷ୍ଟ ଲୋକମାନଙ୍କର ଆଖି ଝଲସି ଉଠନ୍ତା । ତେବେ ସିନା ତା'ର ଜୀବନ ସାର୍ଥକ ହୁଅନ୍ତା ! କିନ୍ତୁ ...?

ମନର ଆଶା ମନରେ ମରେ । ସେ ତା'ର ବନ୍ଧୁମାନଙ୍କୁ ଟିକିଏ ନିଜ ଘରକୁ ନିମନ୍ତ୍ରଣ ବି କରିପାରେ ନାହିଁ । ସବୁବେଳେ ଦୈନ୍ୟ ଓ ଅଭାବ । ସ୍ୱାମୀ ତା'ର ସବୁ କଥା ବୁଝିପାରନ୍ତି । କିରାନି ହେଲେ ବି ସିଏ ତ ପୁଣି ମଣିଷ ! ହେଲେ ଉପାୟ ବା କ'ଣ ?

ଦିନେ ଲଏଜେଲ୍ ହସ ହସ ମୁହଁରେ ଅଫିସରୁ ଫେରିଲେ । ହାତରେ ଖଣ୍ଡେ ଲଫାପା । ପତ୍ନୀଙ୍କ ହାତକୁ ବଢ଼ାଇ ଦେଇ କହିଲେ, ''ମାତିଲ୍ଦା, ତୁମ ପାଇଁ ଗୋଟିଏ ସୁସମ୍ବାଦ ଆଣିଛି । ଏଇ ନିଅ ।'' ସେ ଲଫାପାରେ ଥିଲା ଗୋଟିଏ ନିମନ୍ତ୍ରଣ ପତ୍ର । ଶିକ୍ଷା ମନ୍ତ୍ରୀ ଓ ଉଚ୍ଚ କର୍ମକର୍ତ୍ତାମାନଙ୍କର ଏକ ଭୋଜିସଭାକୁ ଦୁହିଁଙ୍କୁ ନିମନ୍ତ୍ରଣ କରାହୋଇଛି ।

କିନ୍ତୁ ଏ କ'ଣ ହେଲା ? ମାତିଲ୍ଦା ଚିଠିଟିକୁ ରାଗରେ ଟେବୁଲ ଉପରକୁ ଫିଙ୍ଗି ଦେଲେ । ଲଏଜେଲ୍ କହିଲେ, ''ମୁଁ ଭାବିଥିଲି ତୁମେ ଖୁସୀ ହେବ ବୋଲି । ସାଧାରଣତଃ ଏଭଳି ସଭାକୁ ଯିବା ପାଇଁ ତୁମକୁ ସୁବିଧା ମିଳେ ନାହିଁ । କିରାନିମାନଙ୍କ ଲାଗି ଅଳ୍ପ କେତେଖଣ୍ଡ ମାତ୍ର ନିମନ୍ତ୍ରଣ ପତ୍ର ଥିଲା । ବହୁ କଷ୍ଟରେ ମୁଁ ଏ ଖଣ୍ଡକ ଯୋଗାଡ଼ କରିଛି ।''

''ସେଭଳି ସଭାକୁ ମୁଁ କ'ଣ ପିନ୍ଧି କରି ଯିବି ?''

ଲଏଜେଲ୍ ସେ କଥା ଭାବି ନ ଥିଲେ । କହିଲେ, ''ଥିଏଟରକୁ ଗଲାବେଳେ ଯାହା ପିନ୍ଧି କରି ଯାଅ, ସେଇ ତ ଖୁବ୍ ସୁନ୍ଦର ଦିଶେ । ଆଉ କ'ଣ ?''

ମାତିଲ୍ଦାଙ୍କ ଆଖି ଲୁହରେ ଛଳ ଛଳ । ବହୁ ବୁଝାମଣା ପରେ କଥା ହେଲା ନୂଆ ପୋଷାକଟିଏ କିଣାଯିବ । ମୂଲ୍ୟ ୪୦୦ ଫ୍ରାଙ୍କ୍ । ଲଏଜେଲ୍‌ଙ୍କର ସମସ୍ତ ସଞ୍ଚୟ ସେତିକି । ତା' ବି ସେ ଦେବାକୁ ରାଜି ହେଲେ । ପୋଷାକ ବରାଦ ଦିଆଗଲା । ତଥାପି ମାତିଲ୍ଦା ସୁଖୀ ନୁହନ୍ତି — ''କି ଅଳଙ୍କାର ପିନ୍ଧି କରି ଯିବି ? ସାମାନ୍ୟ ବ୍ରୁଚ୍‌ଟାଏ ବି ତ ନାହିଁ ।''

''ମୁଣ୍ଡରେ ଫୁଲ ଖୋଷି ଦେବ । ଆଠ, ଦଶ ଫ୍ରାଙ୍କ୍ ଦେଇ ଭଲ ଫୁଲ ନେଇ ଆସିବା ।'' କିନ୍ତୁ ମାତିଲ୍ଦା ବୁଝିବାକୁ ପ୍ରସ୍ତୁତ ନୁହନ୍ତି । ସେ କହିଲେ, ''ଏପରି ହୀନିମାନିଆ ବେଶରେ ସେଠାକୁ ଯିବା ଅପେକ୍ଷା ମୋଟେ ନ ଯିବାହିଁ ଭଲ ।''

ଲଏଜେଲ୍ ଟିକିଏ ଭାବିଲେ । ତା'ପରେ କହିଲେ, ''ଆଚ୍ଛା, ତୁମେ ତ ତୁମ ବନ୍ଧୁ ମାଦାମ୍ ଫର୍ଷ୍ଟିୟାଙ୍କ ପାଖରୁ ଗୋଟାଏ ଦୁଇଟା ଦାମିକା ଅଳଙ୍କାର ମାଗି ଆଣିପାରିବ । ସେ ତୁମକୁ ଭଲ ପାଆନ୍ତି । କ'ଣ ଦେବେ ନାହିଁ ?''

ପ୍ରସ୍ତାବଟି ମାତିଲ୍ଦାଙ୍କ ମନକୁ ପାଇଲା । ତାଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା । ସେ ଯାଇ ଫର୍ଷ୍ଟିୟାଙ୍କ ବାକ୍ସରୁ ନିଜେ ବାଛି ବାଛି ଗୋଟିଏ ହୀରାର ହାର ପାଇଲେ । କିନ୍ତୁ ଭରସି କରି ମାଗୁ ନ ଥା'ନ୍ତି । ଏତେ ସୁନ୍ଦର ଦାମିକା ହାରଟାଏ ! ମାଗିଲେ କ'ଣ ଦେବେ ?

ଶେଷରେ ମାଗିଲେ ଏବଂ ତାଙ୍କର ବନ୍ଧୁ ଆନନ୍ଦରେ ହାରଟି ଦେଲେ । ମାତିଲ୍ଦାଙ୍କ ଆନନ୍ଦ ବର୍ଣ୍ଣନାତୀତ । ବେଶଭୂଷାରେ ସଜ୍ଜିତ ହୋଇ ସ୍ୱାମୀଙ୍କ ସହ ସେ ଭୋଜିସଭାକୁ ଗଲେ । ରାତି ଅଧଯାଏ ସେଠାରେ ନାଚଗୀତ ଆମୋଦ-ପ୍ରମୋଦରେ ସେ ନିଜକୁ ହଜାଇ ଦେଲେ । ଜୀବନର ସ୍ୱପ୍ନ ଏତେ ଦିନେ ସଫଳ ହେଲା । ରାତି ୪ଟା ବେଳକୁ ସ୍ୱାମୀଙ୍କ ସଙ୍ଗେ ଗୋଟିଏ ଘୋଡ଼ା ଗାଡ଼ିରେ ବସି ଘରକୁ ଫେରିଲେ ।

ଲଏଜେଲ୍ ରାତିସାରା ଅନିଦ୍ରା ରହି ଅସୁଖ ବୋଧ କରୁଥା'ନ୍ତି । ଭାବୁଥାନ୍ତି କାଲି ୧୦ଟାକୁ ପୁଣି ଅଫିସକୁ ଯିବାକୁ ପଡ଼ିବ । ମାତିଲ୍ଦା ଘରେ ପଶିବା ମାତ୍ରେ ସିଧା ଦର୍ପଣ ପାଖକୁ ଯାଇ ନିଜ ଚେହେରାଟାକୁ ଦେଖି ନେଲେ ଏବଂ ହଠାତ୍ ଚିତ୍କାର କରି ଉଠିଲେ ।

''ଘଟଣା କ'ଣ ?''

''ହୀରା ହାରଟା ... ମୋ ବେକରେ ନାହିଁ !''

ଅନେକ ଖୋଜାଖୋଜି ହେଲା । ଲଏଜେଲ୍ ଚାଲିଚାଲି ପୁଣି ଭୋଜିସଭା ଯାଏ ଗଲେ । ବାଟଯାକ ଖୋଜି ଖୋଜି ସକାଳ ୭ଟାକୁ ଫେରିଲେ । ହାର ମିଳିଲା ନାହିଁ ।

ପୋଲିସରେ ଖବର ଦିଆଗଲା । ଖବର କାଗଜରେ ବିଜ୍ଞାପନ ଦିଆଗଲା । ଲଏଜେଲ୍ ସ୍ତ୍ରୀଙ୍କୁ କହିଲେ, ''ବନ୍ଧୁ ଫର୍ଷ୍ଟିୟାଙ୍କୁ ଲେଖିଦିଅ, ହାରର ନାଡ଼ଟା ଭାଙ୍ଗିଯାଇଛି । ସଜାଡ଼ି-ସାରି ପଠାଇ ଦେଉଛୁ । ଏତକ କଲେ ଭାବିଚିନ୍ତି କିଛି ଗୋଟାଏ ଉପାୟ ବାହାର କରିବାକୁ ସମୟ ମିଳିବ ।'' ତାହାହିଁ ହେଲା । ସ୍ୱାମି-ସ୍ତ୍ରୀ ଉଭୟେ ବିଚାର କରି ସ୍ଥିର କଲେ ବନ୍ଧୁଙ୍କୁ ଠିକ୍ ସେହିପରି ଗୋଟିଏ ହୀରା ହାର କିଣି କରି ଦେବେ । ଅନେକ ଅଳଙ୍କାର ଦୋକାନ ଖୋଜାଖୋଜି କଲାପରେ ସେଇପରି ହାରଟିଏ ପାଇଲେ । ମୂଲ୍ୟ ୪୬ ହଜାର ଫ୍ରାଙ୍କ୍ ।

କିରାନିଙ୍କ ହାତରେ ଏତେ ଧନ ନଥିଲା । ପୈତୃକ ସମ୍ପତ୍ତିର ମୋଟ ମୂଲ୍ୟ ହେଲା ୧୮ ହଜାର ଫ୍ରାଙ୍କ୍ । ଅବଶିଷ୍ଟ ପାଞ୍ଚ ସାତ ଜାଗାରୁ ଧାର ଉଧାର କରି ଲଏଜେଲ୍ ବଣିଆକୁ ୪୬ ହଜାର ଫ୍ରାଙ୍କ୍ ଦେଇ ହାରଟି କିଣିଆଣି ସ୍ତ୍ରୀଙ୍କୁ ଦେଲେ ।

ମାତିଲ୍‌ଦା ହାର ବାକ୍ସଟି ନେଇ ଫର୍ଷ୍ଟିୟାଙ୍କୁ ଦେବାମାତ୍ରେ ସେ ସାମାନ୍ୟ ବିରକ୍ତ ହୋଇ କହିଲେ, ''ଏତେ ଡେରି କଲୁ ! ଯଦି ଏହା ଭିତରେ ମୋର ଦରକାର ହୋଇଥା'ନ୍ତା !'' ଯୋଗକୁ ସେ ବାକ୍ସ ଖୋଲି ଦେଖିଲେ ନାହିଁ । ସେହିପରି ନେଇ ରଖିଦେଲେ ।

ଏହାପରେ ଆରମ୍ଭ ହେଲା କିରାନି ଦମ୍ପତିଙ୍କର ଦୁର୍ବହ ଜୀବନ । ମାତିଲ୍‌ଦା ହଜାଇଥିବା ହୀରା ହାରର ମୂଲ୍ୟ ବାବଦ ଯାହା କରଜ ହୋଇଛି, ତାକୁ ତ ପୁଣି ଆସ୍ତେ ଆସ୍ତେ ଶୁଝିବାକୁ ହେବ । ଲଏଜେଲ୍ ଅଫିସରୁ ଆସି ରାତିରେ ପୁଣି ଗୋଟିଏ ଦୋକାନରେ କିଛି ସମୟ କାମ କରନ୍ତି । ରାତିରେ ନଥି ନକଲ କରନ୍ତି । ମାତିଲ୍‌ଦା ମୂଲିଆଣୀ ପରି ଦିନରାତି ଖଟି ଖଟି ହାତରେ ସବୁ କାମଦାମ କରନ୍ତି । ପ୍ରତି ମାସରେ କିଛି କିଛି କରଜ ଶୁଝିବାକୁ ପଡ଼େ ।

ସବୁତକ ଧାର ଶୁଝିବାକୁ ଲାଗିଲା ଦୀର୍ଘ ୧୦ ବର୍ଷ ।

ଏହା ଭିତରେ ମାତିଲ୍‌ଦାଙ୍କ ଚେହେରା ଢେର ବଦଳି ଯାଇଛି । ସେ ବୁଢ଼ୀ ପରି ଦିଶୁଛନ୍ତି । ଖାଇବା ପିଇବାର ଠିକଣା ନାହିଁ, ବେଶଭୂଷାକୁ ନଜର ନାହିଁ, ଅକ୍ଳାନ୍ତ ଖଟଣି ।

ହାରଟା ହଜିଯାଇ ନ ଥିଲେ, ତାଙ୍କ ଭାଗ୍ୟରେ କ'ଣ ଥିଲା, କିଏ କହିବ ? ଗୋଟାଏ ଛୋଟ ଜିନିଷ ଜୀବନର ଗତିକୁ କେତେ ବଦଳାଇ ଦେଇପାରେ !

ଦିନେ ରବିବାର ହୋଇଥାଏ । ମାତିଲ୍‌ଦା ଟିକିଏ ବୁଲି ବାହାରିଲେ । ଦୂରରୁ ଫର୍ଷ୍ଟିୟାଙ୍କୁ ଦେଖି ଭାବିଲେ, ''ଏଥର ତାଙ୍କୁ ସବୁ କଥା କହି ଦେଲେ କ୍ଷତି କ'ଣ ? ଟଙ୍କା ତ ଶୁଝା ସରିଲାଣି । ନ କହିବି କାହିଁକି ?'' ତାଙ୍କ ପାଖକୁ ଯାଇ ନମସ୍କାର କଲେ ।

ଫର୍ଷ୍ଟିୟା ପ୍ରଥମେ ବନ୍ଧୁଙ୍କୁ ଚିହ୍ନି ପାରିଲେ ନାହିଁ । କହିଲେ, ''ଭଉଣୀ, ମୁଁ ତୁମକୁ ଚିହ୍ନି ପାରୁ ନାହିଁ । ତୁମେ ବୋଧହୁଏ ଭୁଲ୍‌ରେ ମୋତେ ଆଉ କିଏ ବୋଲି ଭାବିଛ ।''

''ନା, ମୁଁ ପରା ମାତିଲ୍‌ଦା ।''

ଫର୍ଷ୍ଟିୟା ଆଶ୍ଚର୍ଯ୍ୟ ହୋଇଗଲେ । ''ମାତିଲ୍‌ଦା ! ତୋ' ଚେହେରା କେତେ ଖରାପ ହୋଇଗଲାଣି !''

''ହଁ, ଏହା ଭିତରେ ବହୁତ ଦୁଃଖରେ ପଡ଼ିଯାଇଥିଲି, ଏସବୁ ତୁମରି ଲାଗି ।''

''ମୋର ଲାଗି ! କ'ଣ କହୁଛୁ ତୁ ?''

''ତୁମର ମନେଥିବ, ୧୦ ବର୍ଷ ତଳେ ମୁଁ ତୁମଠାରୁ ଗୋଟିଏ ହୀରା ହାର ମାଗି ନେଇଥିଲି ।''

''ହଁ, ବେଶ୍ ମନେ ଅଛି ।''

''ସେ ହାରଟି ହଜିଗଲା ।''

''ମୁଁ କିଛି ବୁଝି ପାରୁ ନାହିଁ । ତୁ ତ ସେ ହାରଟି ଆଣି ମୋତେ ଫେରାଇ ଦେଇଥିଲୁ ।''

''ମୁଁ ଯେଉଁଟା ଦେଇଥିଲି, ସେଇଟା ଆଉ ଗୋଟାଏ ହାର, ଠିକ୍ ତା'ରି ପରି । ଗଲା ଦଶ ବର୍ଷ ଧରି ଆମେ ସେଇ କରଜ ଶୁଝୁଛୁ । ତୁମେ ତ ଜାଣି ପାରୁଥିବ ଆମ ପରି ଗରିବ ଲୋକଙ୍କ ପକ୍ଷରେ ଏହା କେଡ଼େ କଷ୍ଟ ।''

ମାଦାମ୍ ଫର୍ଷ୍ଟିୟା ଜଡ଼ ପାଲଟିଗଲେ ।

''ଆଚ୍ଛା, ତୁମେ କ'ଣ ସେକଥା ଜାଣିପାରି ନାହଁ ? ହାର ଦୁଇଟା ଠିକ୍ ଏକାପରି ଦିଶୁଥିଲା ।'' ମାତିଲ୍‌ଦାଙ୍କ ମୁହଁରେ ସନ୍ତୋଷର ହସ ଫୁଟି ଉଠିଲା ।

ଫର୍ଷ୍ଟିୟା ମନ ଦୁଃଖରେ ଛଟପଟ ହୋଇ ମାତିଲ୍‌ଦାଙ୍କ ହାତ ଧରି ପକାଇ କହିଲେ, ''ହାୟ ! ତୁ କ'ଣ କରିଛୁ ମାତିଲ୍‌ଦା ? ସେଇଟା ତ ମୋର ଇମିଟେସନ୍ ହାରଟାଏ ! ଖୁବ୍ ହେଲେ ମୋଟେ ୫୦୦ ଫ୍ରାଙ୍କ୍ ଦାମ୍ ହେବ ।''

[ପ୍ରସିଦ୍ଧ ଫରାସୀ କଥାକାର ମୋପାସାଁ (୧୮୫୦-୧୮୯୩)ଙ୍କର ଅନବଦ୍ୟ ସୃଷ୍ଟି ''**The Necklace**'' କଥାବସ୍ତୁର ଅବଲମ୍ବନରେ]

❑❑❑

# ନୂତନ ସୃଷ୍ଟି

**ଜ୍ୟୋତ୍ସ୍ନାରାଣୀ ଦାଶ**

ଆସୁଛି ନୂତନ ସୃଷ୍ଟି ଧରାବକ୍ଷେ ଛୁଟି ଉଲ୍କାସମ
ସବୁକିଛି ଯାଉଛି ବଦଳି ଧରା ସାଜେ ନିତ୍ୟ ଅନୁପମ ।

ବଦଳୁଛି ପ୍ରେମ, ଜ୍ଞାନ, ଆନନ୍ଦର ସଂଜ୍ଞା
ବଦଳି ଯାଏ ଜୀବନ
ମହତ୍ତର ସତ୍ୟ ଅଭିମୁଖେ ହୁଏ ଧାବମାନ ।

ସମୁଜ୍ଜ୍ୱଳ ସୌରଦୀପ୍ତ ପଥ ଏକ
ବିସ୍ତାରିତ ହୋଇଯାଏ ପରମଙ୍କ ଦିଗେ ।
ଧୂସର ମାଟିର ବୁକେ ଅମ୍ଳାନ ଜ୍ୟୋତିର ଶିଖା
ହୁଏ ସଂଦୀପିତ
ନିଶ୍ଚେତନା – ଗହନ ଗହ୍ୱରୁ ଆତ୍ମା ହୁଏ ଉତ୍ତିଷ୍ଠ, ଜାଗ୍ରତ୍ ।

ମନର-ମନ୍ଦିରେ ଶୁଭେ ପରମଙ୍କ ଅଖଣ୍ଡ କୀର୍ତ୍ତନ
ସ୍ଥୂଳ ଦେହ ଅଭୀପ୍ସା କରୁଛି ହେବା ପାଇଁ
ସଂବୋଧିର ଯନ୍ତ୍ର ।
ପରାଶକ୍ତି ପ୍ରଖର-ପ୍ଳାବନେ
ଦିବ୍ୟ ଜୀବନର ଧାରା ହୁଏ ଦୃଶ୍ୟମାନ
ଅପଶକ୍ତିମାନେ ଏବେ ମାନିନେବେ ଐଶୀ ଶାସନକୁ
ସଂଗୁପ୍ତ ପରମ ସତ୍ୟ ପ୍ରକଟିତ ହେବ ସର୍ବଭୂତେ
ମୃତ୍ୟୁର ବି ମୃତ୍ୟୁ ହେବ, ମୃତ୍ୟୁ ହେବ ମିଥ୍ୟା ପ୍ରପଞ୍ଚର ।



ମନୁଷ୍ୟର ପ୍ରକୃତିରେ ରୂପ ନେବା ପାଇଁ ଚାହେଁ
ଏକ ବିପୁଳ ବିସ୍ତୃତି
ପରମଙ୍କ ଶ୍ରୀଚରଣେ ଜୀବନର କାର୍ଯ୍ୟସବୁ ହେଉ ସମର୍ପିତ ।
ପ୍ରକୃତି ଅଭୀପ୍ସା କରେ
ପ୍ରକଟିତ କରିବାକୁ ଗୁପ୍ତ ଭଗବାନେ
ମାନୁଷୀ ଲୀଳାର ଭାର ଗ୍ରହଣ କରିବା ପାଇଁ
ଦିବ୍ୟ ପରମ କରନ୍ତି ଅସୀମ ଯୋଜନା
ପାର୍ଥିବ ଜୀବନ କରେ ନିରତ ପ୍ରୟାସ
ରୂପାୟିତ ହେବା ପାଇଁ ଦିବ୍ୟ ଜୀବନରେ । ❑

ଚେତନାର ଦିଗ୍‌ବଳୟ :

# ମୋକ୍ଷ ମାର୍ଗର ସନ୍ଧାନ

***ପ୍ରଶ୍ନ :*** *ମୋକ୍ଷ ପାଇବାର ସରଳ ମାର୍ଗ କ'ଣ ?*

**ଉତ୍ତର :** ସେ ଦିଗରେ ବ୍ୟକ୍ତିଗତ ଅଭିଜ୍ଞତା-ବିହୀନ ଏ ଲେଖକ ଏକାଧିକ ମୋକ୍ଷପ୍ରାପ୍ତଙ୍କ ସାନ୍ନିଧ୍ୟ ଲାଭ କରିଛି ମାତ୍ର । ପ୍ରଶ୍ନଟିର ଉତ୍ତର ସେ ନିଜର ଯତ୍‌ସାମାନ୍ୟ ଜ୍ଞାନ କିନ୍ତୁ ପୂର୍ଣ୍ଣ ବିଶ୍ୱାସ ଭିତ୍ତିରେ ଦେଉଛି । 'ସରଳ' ମାର୍ଗର ସନ୍ଧାନ ନିମନ୍ତେ ଏକଦା ଏ ଲେଖକ ମଧ୍ୟ ଆଗ୍ରହୀ ଥିଲା । ପ୍ରଥମେ ସେ ହତାଶ ହେଲା; ତା'ପରେ ବୁଝିଲା ଯେ ହତାଶ ହେବା ଏକ ପ୍ରକାର ଅଜ୍ଞାନତା । କାରଣ ପ୍ରତ୍ୟେକ ମଣିଷ ଭିତରେ ମୋକ୍ଷପ୍ରାପ୍ତିର ଶକ୍ତି ରହିଛି, କାହା ଭିତରେ ସୁପ୍ତ ଭାବରେ, କାହା ଭିତରେ ବା ଜାଗ୍ରତ୍ ଭାବରେ । ମୋକ୍ଷର ଅର୍ଥ ସମ୍ପର୍କରେ ଆପଣଙ୍କର ଧାରଣା କ'ଣ ଜାଣେନା । ଆଶା କରେ ସାଧାରଣତଃ ଗୃହୀତ ଅର୍ଥରେହିଁ ଆପଣ ଏହା ବ୍ୟବହାର କରୁଛନ୍ତି । ବୌଦ୍ଧ-ନିର୍ବାଣ ଅଥବା ଅଦ୍ୱୈତ, ବୈଦାନ୍ତିକ ମୋକ୍ଷ ଇତ୍ୟାଦି ଭିତରେ ଥିବା ତାତ୍ତ୍ୱିକ ପାର୍ଥକ୍ୟ ଏଠାରେ ଆଲୋଚ୍ୟ ନୁହେଁ ।

ମୋକ୍ଷର ସାଧାରଣ ଅର୍ଥ ହେଲା ସମସ୍ତ ଆସକ୍ତିରୁ ଚେତନାର ମୁକ୍ତି । ଏହା ଦୁରୂହ ସାଧନା-ସାପେକ୍ଷ । ମାର୍ଗ ସୁଗମ କରିବା ନିମନ୍ତେ ଆଗ୍ରହୀମାନେ ସଂସାରଠାରୁ ଦୂରେଇ ଯାଇ ରହନ୍ତି । ନିର୍ଜନ ନିବାସରେ ଆସକ୍ତ ହେବା ଭଳି କିଛି ଆକର୍ଷଣ ନଥିବା ଯୋଗୁଁ ସେଥିରୁ ମୁକ୍ତି ମିଳିବାର ଧାରଣା ସୃଷ୍ଟି ହୁଏ । କିନ୍ତୁ ତାହା ଭ୍ରାନ୍ତ ଧାରଣା । ସଂସାର ଭିତରେ ରହି ଯଦି ବିନା ବିଜ୍ଞାପନରେ, ସମ୍ପୂର୍ଣ୍ଣ ନୀରବରେ, ନିଜ କର୍ତ୍ତବ୍ୟ କର୍ମ ଯଥାବିଧ ସମାହିତ କରି ମଧ୍ୟ ଜଣେ କର୍ମ ବା କର୍ମଫଳ ପ୍ରତି ଆସକ୍ତି ଉପରେ ବିଜୟ ଲାଭ କରିପାରିବ, ପ୍ରଶଂସାରେ ନୁହେଁ କି ନିନ୍ଦାରେ ମଧ୍ୟ କୌଣସି ପ୍ରତିକ୍ରିୟା ଅନୁଭବ କରିବ ନାହିଁ, କୌଣସି ସ୍ଥୂଳ ବସ୍ତୁ ବା ବିଶେଷ ପରିବେଶ ପ୍ରତି ଲାଳାୟିତ ହେବ ନାହିଁ କି ସେମିତି କିଛି ଆପଣାଛାଏଁ ମିଳିଲେ ତାକୁ ବର୍ଜନ କରିବା ନିମନ୍ତେ ବ୍ୟଗ୍ର ହେବ ନାହିଁ, ସେତେବେଳେ ସେ ଅହଂମୁକ୍ତ ଏବଂ ମୋକ୍ଷପ୍ରାପ୍ତିର ଯୋଗ୍ୟ । (ଆସକ୍ତିରୁ ମୁକ୍ତିର ଅର୍ଥ କିନ୍ତୁ ବିତୃଷ୍ଣା ନୁହେଁ ।) ସମସ୍ତ ଆସକ୍ତି ତ୍ୟାଗ କରିବା ସତ୍ତ୍ୱେ ସେ କୌଣସି ଅଭାବ ଅନୁଭବ କରୁ ନଥିବ, ସ୍ଥୂଳ ପରିସ୍ଥିତି ବା ସଂସର୍ଗରୁ ଆନନ୍ଦ ଆହରଣ କରୁ ନଥିଲେ ମଧ୍ୟ ସେ ନିଜ ଭିତରେ ଆନନ୍ଦରେହିଁ ରହୁଥିବ । ପୁନର୍ଜନ୍ମ ମୋକ୍ଷପ୍ରାପ୍ତ ବ୍ୟକ୍ତିର ଇଚ୍ଛାସାପେକ୍ଷ । ଜନ୍ମ ହେବା ପରେ ସେ ଆନ୍ତର ଚେତନାରେ ମୋକ୍ଷସ୍ଥିତ ରହିଥିବା ସତ୍ତ୍ୱେ ବହିର୍ଚେତନାରେ ସେ ସମ୍ପର୍କରେ ଅଧିକାଂଶ ସମୟରେ ବିସ୍ମୃତ ରହିପାରେ ।

'ସରଳ' ଏକ ଆପେକ୍ଷିକ ଅଭିବ୍ୟକ୍ତି । ଜଣକ ଜୀବନରେ ସେଭଳି ଆସ୍ପୃହା ସଦ୍ୟ ଜାଗରିତ ହୋଇ ଥାଇପାରେ, ଅନ୍ୟ ଜଣକ ଜୀବନରେ ତାହା ତା' ପୂର୍ବଜନ୍ମର ଆସ୍ପୃହାର ପୁନରୁଜ୍ଜୀବନ ହୋଇପାରେ, ଜଣକର ଆନ୍ତରିକତା ତୀବ୍ର ହୋଇପାରେ, ଆଉ ଜଣକର ନହୋଇପାରେ – ଏଭଳି ପ୍ରଶ୍ନସବୁ ଉପରେ ମୋକ୍ଷ ଦିଗରେ ଯାତ୍ରାପଥ କେତେ ସରଳ ହେବ ତାହା ନିର୍ଭର କରେ । କିନ୍ତୁ ପ୍ରଥମରୁ ସରଳ ମାର୍ଗ ସକାଶେ ବ୍ୟଗ୍ରତାକୁ ଆମର କେହି ଦିଗ୍‌ଦର୍ଶକ ଅନୁମୋଦନ କରିବେ ନାହିଁ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୫୬ - ୫୭)

❑❑❑

tarika

**AYURVEDIC HERBAL REMEDIES**

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Statement about ownership and other particulars about the newspaper (NAVAPRAKASH) to be published in the first issue of every year after the last day of February.

## Form–IV

(See Rule 8)

| | | | |
|---|---|---|---|
| 1. | Place of Publication | ... | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ... | Monthly |
| 3. | Printer's Name | ... | Swadhin Chatterjee |
| | Nationality | ... | Indian |
| | Address | ... | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ... | Manoj Das Gupta |
| | Nationality | ... | Indian |
| | Address | ... | Sri Aurobindo Ashram, Pondicherry - 605 002 |
| 5. | Editor's Name | ... | Gopal Chandra Mahana |
| | Nationality | ... | Indian |
| | Address | ... | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ... | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.


(Sd/) Manoj Das Gupta

*Date : 8.3.2024* *Signature of Publisher*

**Vol. LV, No. 4** **R.N.I. No. 18163/70.**
Navaprakash (Monthly), April, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**